# ଧରିତ୍ରୀ DHARITRI

ଭୁବନେଶ୍ୱର, ରବିବାର, ଅକ୍ଟୋବର ୫/୨୦୨୫ (୧୪ ପୃଷ୍ଠା+ଛୁଟିଦିନ) | Bhubaneswar, Sunday, October 5/2025 | Page 14 | ₹ 7.00 | SAMBALPUR

୫୧ଶ ଭାଗ ୩୦୯ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 51 ISSUE 309 | ମୂଲ୍ୟ ₹୭/-






Celebrating
60
Years of
Anokha Swad
KP GROUP
DIAMOND JUBILEE
KAMLA PASAND®
Celebrating
60
YEARS
अनोखा स्वाद
• Not recommended for minors
• Chewing of pan masala is injurious to health
No Tobacco, No Nicotine

ଧରିତ୍ରୀ 51 Years
DHARITRI
ଭୁବନେଶ୍ୱର, ରବିବାର, ଅକ୍ଟୋବର ୫/୨୦୨୫ | Bhubaneswar, Sunday, October 5/2025 | ପୃଷ୍ଠା-୧




# ଫିଟୁଛି ଗୁମର, ବଢୁଛି ସନ୍ଦେହ

ଓଡ଼ିଶା ପୋଲିସ ଏସ୍ଆଇ ନିଯୁକ୍ତି ପରୀକ୍ଷା ଜାଲିଆତି ମାମଲାର ଗୁମର ଧୀରେ ଧୀରେ ଫିଟିବାରେ ଲାଗିଛି। ଏଥିରେ ଅନେକ ବଡ଼ବଡ଼ିଆଙ୍କ ସମ୍ପୃକ୍ତି ରହିଥିବା ଜଣାପଡ଼ିଛି। ଓଡ଼ିଶା ପୋଲିସ ନିଯୁକ୍ତି ବୋର୍ଡ(ଓପିଆର୍‌ବି) ଦ୍ୱାରା ପରିଚାଳିତ ହେବାକୁ ଥିବା ଏହି ପରୀକ୍ଷାକୁ ସମ୍ପୂର୍ଣ୍ଣ ଭାବେ ଘରୋଇ ସଂସ୍ଥା ଆଇଟିଆଇକୁ ଦିଆଯାଇଥିଲା। ଆଇଟିଆଇ ଏହାକୁ ସିଲିକନ୍ ଟେକ୍‌ଲାବ୍ ପ୍ରାଇଭେଟ୍ ଲିମିଟେଡ୍‌କୁ ସବ୍ କଣ୍ଟ୍ରାକ୍ଟ ଦେଇଥିଲା। କେଉଁ ଉଦ୍ଦେଶ୍ୟରେ ଘରୋଇ ସଂସ୍ଥାକୁ ପରୀକ୍ଷା ପରିଚାଳନା ଦାୟିତ୍ୱ ଦିଆଗଲା, ଏଥିରେ ଓପିଆର୍‌ବିର କେଉଁ ଅଧିକାରୀଙ୍କ ସମ୍ପୃକ୍ତି ରହିଛି, ତାକୁ ନେଇ ଏବେ ସନ୍ଦେହ ବଢ଼ିବାରେ ଲାଗିଛି। ଅପରପକ୍ଷରେ ଏହି ଘଟଣାର ତଦନ୍ତ ଦାୟିତ୍ୱ କ୍ରାଇମ୍ ବ୍ରାଞ୍ଚ ଡିଏସ୍‌ପି ରତ୍ନପ୍ରଭା ଶତପଥୀଙ୍କୁ ଦିଆଯାଇଥିବାବେଳେ ଓପିଆର୍‌ବି ଅଧ୍ୟକ୍ଷ ସୁଶାନ୍ତ କୁମାର ନାଥ ଶନିବାର ଜରୁରୀ ବୈଠକ କରିଛନ୍ତି। ସେପଟେ ଏହି ଘଟଣାର ଅନ୍ୟତମ ମଧ୍ୟସ୍ଥ କଟକ ବାରଙ୍ଗ ଥାନା ଅନ୍ତର୍ଗତ ବିଦ୍ୟାଧରପୁରର ବିଶ୍ୱରଞ୍ଜନ ବେହେରା(୨୯)ଙ୍କୁ ଗିରଫ ପରେ ବ୍ରହ୍ମପୁର ଜେଏମ୍‌ଏଫ୍‌ସି(ରୁରାଲ୍) କୋର୍ଟରେ ହାଜର କରାଯାଇଥିଲା। ସେଠାରେ ଜାମିନ ନାମଞ୍ଜୁର ହେବାରୁ ବିଶ୍ୱରଞ୍ଜନଙ୍କୁ ବ୍ରହ୍ମପୁର ମଣ୍ଡଳ କାରାଗାରକୁ ପଠାଇ ଦିଆଯାଇଛି। ଏହି ମାମଲାରେ ଗିରଫଦାରି ସଂଖ୍ୟା ୧୧୮ରେ ପହଞ୍ଚିଛି। ବିଶ୍ୱରଞ୍ଜନ ଆଶାୟୀ ପ୍ରାର୍ଥୀଙ୍କ ସହ ନିୟମିତ ଯୋଗାଯୋଗରେ ରହୁଥିଲେ। ଏପରିକି ଆଶାୟୀ ପ୍ରାର୍ଥୀଙ୍କଠାରୁ ସେମାନଙ୍କ ଓରିଜିନାଲ୍ ଶିକ୍ଷାଗତ ପ୍ରମାଣପତ୍ର ଏବଂ ବ୍ଲାଙ୍କ୍ ଚେକ୍ ସଂଗ୍ରହ କରିଥିଲେ ବୋଲି ଜଣାପଡ଼ିଛି। ଏହି ପ୍ରସଙ୍ଗରେ ଏବେ ବିରୋଧୀ ଦଳଗୁଡ଼ିକ ସରକାରଙ୍କୁ ଘେରିଛନ୍ତି।

## ଏସ୍ଆଇ ପରୀକ୍ଷା ଜାଲିଆତି

- କ୍ରାଇମ୍‌ବ୍ରାଞ୍ଚ ଡିଏସ୍‌ପି ରତ୍ନପ୍ରଭାଙ୍କୁ ତଦନ୍ତ ଦାୟିତ୍ୱ
- ଓପିଆର୍‌ବି ଅଧ୍ୟକ୍ଷ ଡାକିଲେ ଜରୁରୀ ବୈଠକ
- ବନ୍ଧାହେଲେ ମଧ୍ୟସ୍ଥ ବିଶ୍ୱରଞ୍ଜନ

**ଭୁବନେଶ୍ୱର/କଟକ/ବ୍ରହ୍ମପୁର, ୪।୧୦(ସତ୍ୟଜିତ ରାଉତ/ କାର୍ତ୍ତିକ ସାହୁ/ସୁବାସ ଚନ୍ଦ୍ର ପାଢ଼ୀ)**

ଏସ୍ଆଇ ନିଯୁକ୍ତି ପରୀକ୍ଷା ଜାଲିଆତି ଘଟଣା ଜଣାପଡ଼ିବାର ୪ ଦିନ ପରେ ଶନିବାର ଓପିଆର୍‌ବି ପକ୍ଷରୁ ବୈଠକ ଡକାଯାଇ ଏନେଇ ତନାଘନା ଆରମ୍ଭ ହୋଇଛି। ଓପିଆର୍‌ବି ଅଧ୍ୟକ୍ଷ ସୁଶାନ୍ତ କୁମାର ନାଥଙ୍କ ଅଧ୍ୟକ୍ଷତାରେ ଜରୁରୀ ବୈଠକ ଅନୁଷ୍ଠିତ ହୋଇଥିବାବେଳେ ଏଥିରେ ବୋର୍ଡର ଅନ୍ୟାନ୍ୟ କର୍ମଚାରୀମାନେ ମଧ୍ୟ ଉପସ୍ଥିତ ଥିଲେ। ପ୍ରାୟ ୨ ଘଣ୍ଟାର ବୈଠକ ପରେ ଓପିଆର୍‌ବି ଅଧ୍ୟକ୍ଷ ନାଥ ଗଣମାଧ୍ୟମକୁ କହିଛନ୍ତି, ଯାହା ଘଟଣା ଘଟିଛି ତାହା କ୍ରାଇମବ୍ରାଞ୍ଚକୁ ଲିଖିତ ଭାବେ ଜଣାଇଛୁ। ସେମାନେ ମାମଲା ରୁଜୁ କରି ତଦନ୍ତ କରୁଛନ୍ତି। ଏହାର ଫଳାଫଳକୁ ଆମେ ଅପେକ୍ଷା କରିଛୁ। ରିପୋର୍ଟ ଆସିବା ପରେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ହେବ। ଠିକ୍ ସମୟରେ ସ୍ୱଚ୍ଛ ଓ ଭଲ ଭାବେ ପରୀକ୍ଷା ହେବ ବୋଲି ସୁଶାନ୍ତ କହିଛନ୍ତି। ଏସ୍ଆଇ ଆଶାୟୀମାନଙ୍କୁ ବ୍ୟସ୍ତ ନ ହେବାକୁ ସେ ପରାମର୍ଶ ଦେଇଛନ୍ତି। ସେପଟେ କ୍ରାଇମବ୍ରାଞ୍ଚ ଏହି ଘଟଣାରେ ଡିଏସ୍‌ପି ରତ୍ନପ୍ରଭା ଶତପଥୀଙ୍କୁ ମାମଲାର ତଦନ୍ତ ଦାୟିତ୍ୱ ଦେଇଛି। ଏଥିସହ ସୁପରଭାଇଜିଂ ଅଫିସର ଭାବେ କ୍ରାଇମବ୍ରାଞ୍ଚ ଏସ୍‌ପି ଅନୀଲ ବେଉରିଆଙ୍କୁ ମଧ୍ୟ ଦାୟିତ୍ୱ ଦିଆଯାଇଛି।


ବିଶ୍ୱରଞ୍ଜନ ବେହେରା

ଅନ୍ୟପକ୍ଷରେ ଏହି ମାମଲାରେ କ୍ରାଇମବ୍ରାଞ୍ଚ ଆଉ ଜଣେ ମଧ୍ୟସ୍ଥ ବିଶ୍ୱରଞ୍ଜନଙ୍କୁ ଶୁକ୍ରବାର ଗିରଫ ପରେ ବ୍ରହ୍ମପୁର ଜେଏମ୍‌ଏଫ୍‌ସି(ଆର୍) କୋର୍ଟକୁ ଚାଲାଣ କରାଯାଇଥିଲା। କ୍ରାଇମବ୍ରାଞ୍ଚର ସୂଚନା ଅନୁଯାୟୀ, ବିଶ୍ୱରଞ୍ଜନ ଏହି ଘଟଣାରେ ମଧ୍ୟସ୍ଥ ଭାବରେ କାମ କରିବା ସହ ତାଙ୍କର ସକ୍ରିୟ ଭୂମିକା ରହିଥିଲା। ସିଣ୍ଡିକେଟର ମୁଖ୍ୟଙ୍କ ନିର୍ଦ୍ଦେଶ ଅନୁଯାୟୀ ସେ ଆଶାୟୀ ପ୍ରାର୍ଥୀଙ୍କ ସହ ନିୟମିତ ଯୋଗାଯୋଗରେ ରହିଥିଲେ। ପ୍ରଶ୍ନପତ୍ର ଯୋଗାଇବାକୁ କହି ଆଶାୟୀ ପ୍ରାର୍ଥୀଙ୍କ ଠାରୁ ବିଶ୍ୱରଞ୍ଜନ ଅରିଜିନାଲ୍ ସାର୍ଟିଫିକେଟ୍ ଏବଂ ବ୍ଲାଙ୍କ୍ ଚେକ୍ ନେଉଥିଲେ। ଆଶାୟୀମାନଙ୍କ ଠାରୁ ନେଉଥିବା କାଗଜପତ୍ରଗୁଡ଼ିକୁ ସେ ସିଣ୍ଡିକେଟର ଅନ୍ୟ ସଦସ୍ୟଙ୍କୁ ଦେଉଥିଲେ। ଏହି ମାମଲାର ମୁଖ୍ୟ ଷଡ଼ଯନ୍ତ୍ରକାରୀଙ୍କୁ ଗିରଫ କରିବା ପାଇଁ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇ ଚଢ଼ାଉ ଜାରି ରହିଥିବା କ୍ରାଇମବ୍ରାଞ୍ଚ କହିଛି। ତେବେ ଶୁକ୍ରବାର ଭୁବନେଶ୍ୱରସ୍ଥିତ ହରେକୃଷ୍ଣ ମହତାବ ରାଜ୍ୟ ଗ୍ରନ୍ଥାଗାର ସମ୍ମୁଖରେ ଏସ୍ଆଇ ଆଶାୟୀମାନେ ପ୍ରତିବାଦ କରିଥିବା ବେଳେ ଶନିବାର କଟକ ବିଶ୍ୱନାଥ ପଣ୍ଡିତ ପାଠାଗାର ସମ୍ମୁଖରେ ବହୁ ଆଶାୟୀ ଧାରଣା ଦେଇଥିଲେ। ଘଟଣାରେ ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ କରାଯିବା ସହ ଶୀଘ୍ର ପରୀକ୍ଷା କରାଯାଉ ବୋଲି ସେମାନେ ଦାବି କରିଛନ୍ତି।

ଏହି ଘଟଣାରେ ଓପିଆର୍‌ବି ଅଧିକାରୀଙ୍କ ହାତ ଥିବା ଅଭିଯୋଗ ଆସୁଥିବାବେଳେ କ୍ରାଇମ୍‌ବ୍ରାଞ୍ଚ ସେମାନଙ୍କୁ ତଦନ୍ତ ପରିସରଭୁକ୍ତ କରିବ କି ନାହିଁ ପ୍ରଶ୍ନ ଉଠିଛି। ଏସ୍ଆଇ ପରୀକ୍ଷାର ପ୍ରଥମେ ଲିଖିତ, ଦ୍ୱିତୀୟ ପର୍ଯ୍ୟାୟରେ ଶାରୀରିକ ଏବଂ ଶେଷରେ ମୌଖିକ ପରୀକ୍ଷା ହୋଇଥାନ୍ତା। ଲିଖିତ ପରୀକ୍ଷା କରିବାକୁ ଘରୋଇ ସଂସ୍ଥାକୁ ଟେଣ୍ଡର ଦିଆଯାଇଥିବାବେଳେ ଓପିଆର୍‌ବି ଶାରୀରିକ ଓ ମୌଖିକ ପରୀକ୍ଷା କରିଥାନ୍ତା। ପରୀକ୍ଷାରେ ଉତ୍ତୀର୍ଣ୍ଣ କରାଇବାକୁ ୨୫ ଲକ୍ଷର ଡିଲ୍ ହୋଇଥିବା କୁହାଯାଉଥିବାବେଳେ ଏଥିରେ କାହାର ଭାଗ କେତେ ସେନେଇ ଚର୍ଚ୍ଚା ହେଉଛି। ଏହି ଘଟଣାରେ ବଡ଼ ପୋଲିସ ଅଧିକାରୀଙ୍କ ହାତ ଥିବା ଚର୍ଚ୍ଚା ହେଉଥିବା ବେଳେ କ୍ରାଇମବ୍ରାଞ୍ଚ ସେମାନଙ୍କୁ ଜେରା କରିବ କି ନାହିଁ ପ୍ରଶ୍ନ ଉଠିଛି। ତେବେ ଏହି ଜାଲିଆତି ଘଟଣାରେ ବ୍ରହ୍ମପୁରସ୍ଥିତ ପଞ୍ଚସଫ୍ଟ ସଂସ୍ଥାର ସମ୍ପୃକ୍ତି ଥିବା ଜଣାପଡ଼ିବା ପରେ ଏହାର ମୁଖ୍ୟ ଶଙ୍କର ପୃଷ୍ଟି ଫେରାର ଅଛନ୍ତି।

# ୩ ଦିନର ଶିଶୁକନ୍ୟା ବିକ୍ରି

## ମା' ବାପା ଫେରାର

**ବାସୁଦେବପୁର, ୪।୧୦ (ନାରାୟଣ ପ୍ରସାଦ ବାରିକ୍)**

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଖରିଦା ବିନାୟକପୁର ପଞ୍ଚାୟତର ବଡ଼ମଲିକସାହି ଗ୍ରାମରେ ଏକ ୩ ଦିନର ଶିଶୁକନ୍ୟାଙ୍କୁ ତାଙ୍କ ବାପା ବିକ୍ରି କରିଦେଇଥିବା କୁହାଯାଉଛି। ଶନିବାର ଜିଲା ଶିଶୁ ସୁରକ୍ଷା ବିଭାଗ ଓ ଚାଇଲ୍ଡ ଲାଇନ କର୍ମଚାରୀ ବଡ଼ମଲିକସାହିରେ ଏହାର ତଦନ୍ତ କରିଛନ୍ତି। ☞ପୃଷ୍ଠା-୨




No.T-

**ଓଡ଼ିଶା ସରକାର**
**ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ**
**ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ**

**ଜନସାଧାରଣଙ୍କ ନିମନ୍ତେ ବିଶେଷ ସୂଚନା**

ଏତଦ୍ଦ୍ୱାରା ରାଜ୍ୟର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଆସନ୍ତା ସୋମବାର, ଇଂରାଜୀ ତା06.10.2025ରିଖ ଦିନ ମୁଖ୍ୟମନ୍ତ୍ରୀଙ୍କ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଥିବାରୁ ଅଭିଯୋଗ ଶୁଣାଣି ବନ୍ଦ ରହିବ। ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ଜନସାଧାରଣଙ୍କୁ ସମ୍ବାଦପତ୍ର ମାଧ୍ୟମରେ ଜଣାଇ ଦିଆଯିବ।

ଅତିରିକ୍ତ ମୁଖ୍ୟ ଶାସନ ସଚିବ
ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ
OIPR-09014/11/0196/2526

# ଗିଲ୍ ଦିନିକିଆ କ୍ରିକେଟ ଅଧିନାୟକ

**ଅହମଦାବାଦ,୪।୧୦(ପି.ଟି.)**

ଆସନ୍ତା ୧୯ ତାରିଖରୁ ଆରମ୍ଭ ହେବାକୁ ଥିବା ଅଷ୍ଟ୍ରେଲିଆ ବିପକ୍ଷ ୩ ମ୍ୟାଚ୍‌ବିଶିଷ୍ଟ ଦିନିକିଆ କ୍ରିକେଟ ସିରିଜ୍ ଲାଗି ଶନିବାର ଘୋଷିତ ଭାରତୀୟ ଦଳରେ ବଡ଼ ଧରଣର ପରିବର୍ତ୍ତନ କରାଯାଇଛି। ଭାରତୀୟ ଚୟନକର୍ତ୍ତା ଭେଟେରାନ ଓପନର ରୋହିତ ଶର୍ମାଙ୍କ ବଦଳରେ ଟେଷ୍ଟ ଅଧିନାୟକ ଶୁବମନ ଗିଲ୍‌ଙ୍କୁ ଦଳର ନେତୃତ୍ୱ ଦାୟିତ୍ୱ ଦେଇଛନ୍ତି। ମହେନ୍ଦ୍ର ସିଂ ଧୋନୀଙ୍କ ପରେ ରୋହିତ ଦ୍ୱିତୀୟ ଅଧିନାୟକ ଭାବେ ୩ ଆଇସିସି ହ୍ୱାଇଟ୍ ବଲ କ୍ରିକେଟ୍ ଟୁର୍ନାମେଣ୍ଟ ଫାଇନାଲରେ ଭାରତୀୟ ଦଳର ନେତୃତ୍ୱ ନେଇଥିଲେ। ରୋହିତଙ୍କ ନେତୃତ୍ୱରେ ଦଳ ଗତ ବର୍ଷ ଟି୨୦ ବିଶ୍ୱକପ୍ ଓ ଚଳିତ ବର୍ଷ ମାର୍ଚ୍ଚରେ ଚାମ୍ପିୟନ୍ସ ଟ୍ରଫି ଜିତିବା ସହ ୨୦୨୩ ଦିନିକିଆ ବିଶ୍ୱକପ୍‌ରେ ରନର୍ସଅପ୍


ଶୁବମନ ଗିଲ୍

ହୋଇଥିଲା। ରୋହିତଙ୍କ ନେତୃତ୍ୱରେ ଭାରତୀୟ ଦିନିକିଆ ଦଳ ୫୬ରୁ ୪୨ ମ୍ୟାଚ୍ ଜିତିଥିଲା। ଏହାର ଅର୍ଥ ତାଙ୍କ ନେତୃତ୍ୱରେ ଦଳର ବିଜୟ ହାର ୭୬ ପ୍ରତିଶତ ଥିଲା, ଯାହାକି ଭାରତୀୟ ଅଧିନାୟକଙ୍କ ମଧ୍ୟରେ ସର୍ବାଧିକ। ତେବେ ଘୋଷିତ ୧୫ ଜଣିଆ ଦଳରେ ରୋହିତ ସ୍ଥାନ ପାଇଛନ୍ତି। ଦଳର ନେତୃତ୍ୱ ☞ପୃଷ୍ଠା-୨

# ଜୀବନ ନେଉଛି କଫ୍ ସିରପ୍

## କେନ୍ଦ୍ରୀୟ ଡ୍ରଗ୍ସ ନିୟନ୍ତ୍ରକଙ୍କ ତଦନ୍ତ ଆରମ୍ଭ

**ନୂଆଦିଲ୍ଲୀ/ଭୋପାଳ/ଭୁବନେଶ୍ୱର, ୪।୧୦(ପି.ଟି./ରଏଟର୍ସ/ସୁନିତ୍ ମିଶ୍ର)**

ମଧ୍ୟପ୍ରଦେଶ ଓ ରାଜସ୍ଥାନରେ ନକଲି କଫ୍ ସିରପ୍ ଖାଇ ଅନ୍ୟୂନ ୧୦ ଶିଶୁଙ୍କ ମୃତ୍ୟୁ ଘଟିବା ପରେ କେନ୍ଦ୍ରୀୟ ଡ୍ରଗ୍ସ ନିୟନ୍ତ୍ରକଙ୍କ ଚେତା ପଶିଛି। ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଆଡ୍‌ଭାଇଜରି ଜାରି କରିବା ପରେ ୬ ରାଜ୍ୟର ୧୯ଟି କଫ୍ ସିରପ୍ ମାନୁଫାକ୍ଚରିଂ ୟୁନିଟ୍ ଉପରେ ଚଢ଼ାଉକରି ତଦନ୍ତ ଆରମ୍ଭ କରିଥିବା ଶନିବାର ସେଣ୍ଟ୍ରାଲ ଡ୍ରଗ୍ସ ଷ୍ଟାଣ୍ଡାର୍ଡ କଣ୍ଟ୍ରୋଲ ଅର୍ଗାନାଇଜେଶନ୍ (ସିଡିଏସ୍‌ସିଓ) ପକ୍ଷରୁ ସୂଚନା ଦିଆଯାଇଛି। କଫ୍ ସିରପ୍ ନମୁନା ପରୀକ୍ଷାରୁ ସେଥିରେ ବିପଜ୍ଜନକ ମାତ୍ରାରେ ଡାଇଇଥାଇଲିନ୍ ଗ୍ଲାଇକୋଲ (ଡିଇଜି) ଥିବା ଜଣାପଡ଼ିଛି। ଏହି ରାସାୟନିକ




ପଦାର୍ଥ ଅନୁମୋଦିତ ମାତ୍ରରୁ ଅଧିକ ପରିମାଣର ରହିଲେ ତାହା ଛୋଟପିଲାଙ୍କ କିଡ୍‌ନୀ ସଂକ୍ରମଣର କାରଣ ସାଜୁଥିବା କୁହାଯାଉଛି। ଇତିମଧ୍ୟରେ ମଧ୍ୟପ୍ରଦେଶ ସରକାର ରାଜ୍ୟରେ କୋଲ୍ଡରିଫ୍ ସିରଫ୍ ବିକ୍ରି ଉପରେ ନିଷେଧାଦେଶ ଜାରି କରିଛନ୍ତି। ଓଡ଼ିଶାରେ ମଧ୍ୟ ନକଲି କଫ୍ ସିରପ୍ ବିକ୍ରି ଉପରେ କଡ଼ା ନଜର ରଖାଯାଇଥିବା ରାଜ୍ୟ ଡ୍ରଗ୍ସ ନିୟନ୍ତ୍ରକ ମାମିନା ପଟ୍ଟନାୟକ ଶନିବାର ସୂଚନା ଦେଇଛନ୍ତି। ବିଶେଷକରି ବରଗଡ଼ ଜିଲାକୁ ଗତ ଅଗଷ୍ଟରେ ପଠାଯାଇଥିବା ୧୩୦ ବୋତଲ କଫ୍ ସିରପ୍‌କୁ ଜବତ କରାଯାଇଛି। ସେଗୁଡ଼ିକ ବ୍ୟବହାର ହୋଇ ନ ଥିଲା ବୋଲି ସେ କହିଛନ୍ତି। ☞ପୃଷ୍ଠା-୨

## ଆଜିର ମନ୍ତବ୍ୟ

"ଆର୍‌ଜେଡି ଶାସନ କାଳରେ ବିହାର ଶିକ୍ଷା ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିଥିଲା। ବହୁ ସଂଖ୍ୟାରେ ବିହାରୀ ଯୁବକ ବାହାର ରାଜ୍ୟକୁ ଚାଲିଯିବାର ଏହା ମୁଖ୍ୟ କାରଣ।
-ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ




# ନିର୍ମାଣ ହେବ ଅତ୍ୟାଧୁନିକ ବିପର୍ଯ୍ୟୟ ପ୍ରଶମନ କାର୍ଯ୍ୟାଳୟ

**ଭୁବନେଶ୍ୱର, ୪।୧୦(ସୁନିତ୍ ମିଶ୍ର)**

ଭୁବନେଶ୍ୱରଠାରେ ଏକ ଅତ୍ୟାଧୁନିକ ବିପର୍ଯ୍ୟୟ ପ୍ରଶମନ କାର୍ଯ୍ୟାଳୟ ଖୋଲାଯିବା ନେଇ ନିଷ୍ପତ୍ତି ହୋଇଛି। ଏହା ଲୋକସେବା ଭବନ ପାଖପାଖି ସ୍ଥାନରେ ଖୋଲିବାକୁ ଯାଉଛି। ଏଥିପାଇଁ ସ୍ଥାନ ନିରୂପଣ ସରିଥିବା ବେଳେ ସର୍ଭେଇ କାର୍ଯ୍ୟ ମଧ୍ୟ ଆରମ୍ଭ ହୋଇଗଲାଣି। ଏଥିପାଇଁ ପ୍ରଥମ ପର୍ଯ୍ୟାୟରେ ରାଜସ୍ୱ ବିଭାଗ ପକ୍ଷରୁ ୨୦୦ କୋଟି ଟଙ୍କା ମଞ୍ଜୁର କରାଯାଇଛି ବୋଲି ମନ୍ତ୍ରୀ ସୁରେଶ ପୂଜାରୀ ସୂଚନା ଦେଇଛନ୍ତି। ଗଣମାଧ୍ୟମକୁ ଶନିବାର ସୂଚନା ଦେଇ ମନ୍ତ୍ରୀ ☞ପୃଷ୍ଠା-୨


## ଆଜିର ସମ୍ପାଦକୀୟ

**ମାନବାଧିକାର କ୍ଷୁଣ୍ଣ**

# ମଦ ଉପରେ ୨୦% ଗୋ ଶୁଳ୍କ

**ଯୋଧପୁର, ୪।୧୦**

ରାଜସ୍ଥାନର ଯୋଧପୁରସ୍ଥିତ ପାର୍କ ପ୍ଲାଜା ହୋଟେଲ ଜିଓଫ୍ରେ ବାର୍‌ର ଏକ ବିଲ୍ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଏହି ବିଲ୍‌ରେ ମଦ ପାଇଁ ଗୁଡ୍ସ ଆଣ୍ଡ୍ ସର୍ଭିସେସ୍ ଟାକ୍ସ (ଜିଏସ୍‌ଟି) ଏବଂ ଭାଲ୍ୟୁ ଆଡେଡ୍ ଟାକ୍ସ (ଭାଟ) ବ୍ୟତୀତ ୨୦% ଅତିରିକ୍ତ କାଓ ସେସ୍ ବା ଗୋ ଶୁଳ୍କ ଆଦାୟ କରାଯାଇଛି। ଗୋ ସୁରକ୍ଷା ଏବଂ ଗୋ ଆଶ୍ରୟସ୍ଥଳଗୁଡ଼ିକର ରକ୍ଷଣାବେକ୍ଷଣ ପାଇଁ ଏହି କାଓ ସେସ୍ ଆଦାୟ କରାଯାଇଛି। ଗତ ସେପ୍ଟେମ୍ବର ୩୦ରେ ଜିଓଫ୍ରେ ବାର୍‌ରେ ଜଣେ ଗ୍ରାହକ କିଛି ଆମେରିକାନ୍ କର୍ନ ଫ୍ରିଟର୍ସ ଏବଂ ୬ଟି ବିଅର ଅର୍ଡର କରିଥିଲେ। ଗ୍ରାହକଙ୍କୁ ୨,୬୫୦ ଟଙ୍କାର ବିଲ୍ ଆସିଥିବାବେଳେ ଜିଏସ୍‌ଟି, ଭାଟ୍ ଏବଂ କାଓ ସେସ୍ ବାବଦକୁ ତାଙ୍କୁ ସମୁଦାୟ ୩,୨୬୨ ଟଙ୍କା ପୈଠ କରିବାକୁ ପଡ଼ିଥିଲା। ଏହି ବିଲ୍ ଭାଇରାଲ ହେବା ପରେ ସୋସିଆଲ ମିଡିଆରେ ଏହାକୁ ନେଇ ବିତର୍କ ସୃଷ୍ଟି ହୋଇଛି। ଘଟଣାକୁ ନେଇ ପାର୍କ ପ୍ଲାଜାର ମ୍ୟାନେଜର ନିଖିଲ ପ୍ରେମ କହିଛନ୍ତି, ରାଜସ୍ଥାନ ସରକାରଙ୍କ ଆଇନ ଅନୁଯାୟୀ ମଦ ବିକ୍ରୟ ପାଇଁ


Park Plaza
(A Unit of Shaina Builders Pvt Ltd.)
Jhalamand House, Airport Road,Ratanada,Jodhpur (Raj.)342011
Tel:-0291-2510500 Email :jpp@sarovarhotels.com
www.sarovarhotels.com
GSTIN :-08AABCS6751Q1ZO CIN: U45201RJ1991PTC006133
VAT NO : 08622652240, FSSAI NO. 12217032000338
GeoffreyS
GST INVOICE

Bill No. : 3084 | Table : 3A
Date&Time : 30/09/25 22.52 | Kot Nos : 2903
Steward : Ajay | Covers : 2

| Item Name | Qty | Rate | Value |
|---|---|---|---|
| AMERICAN CORN FRITTERS | 1 | 400.00 | 400.00 |
| BUDWISER BUDW 330ML | 4 | 400.00 | 1200.00 |
| CARLSBERG 330 / 650ML CARLSB 650 | 2 | 525.00 | 1050.00 |
| Sub Total | | | 2650.00 |
| CGST @ 9.00% | | | 36.00 |
| COW CESS @ 20.00% | | | 90.00 |
| SGST @ 9.00% | | | 36.00 |
| VAT @ 20.00% | | | 450.00 |
| Sub Total | | | 0.00 |
| Net Amount | | ₹ | 3262.00 |

GUEST SIGNATURE | User ID: AJAYN | Cashier Signature
Room No :
GSTN Gst. Name :

ବିଲ୍‌ରେ ଉଲ୍ଲେଖ ଥିବା ଗୋ ଶୁଳ୍କ।

ଏହି ସେସ୍ ଲାଗୁ କରିବାକୁ ରାଜ୍ୟର ସମସ୍ତ ହୋଟେଲ ଏବଂ ବାର୍ ବାଧ୍ୟ। ଏନେଇ ୨୦୧୮ରେ ସରକାରୀ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ତେଣୁ ମଦ ଉପରେ କାଓ ସେସ୍ ଲଗାଯିବା ଘଟଣାରେ କୌଣସି ନୂତନତ୍ୱ ନାହିଁ। କାଓ ସେସ୍ କେବଳ ମଦ ବିକ୍ରି ଉପରେ ଲାଗୁ ହୋଇଥାଏ, ଖାଦ୍ୟ ଉପରେ ଏହା ଲାଗୁ ହୁଏ ନାହିଁ ବୋଲି ସେ କହିଛନ୍ତି। ଆଇନ ଅନୁଯାୟୀ, ଭାଟ ପରିମାଣ ଉପରେ ୨୦% କାଓ ସେସ୍ ଲାଗୁ ହୋଇଥାଏ। ନିଖିଲ କହିଛନ୍ତି, ହୋଟେଲଗୁଡ଼ିକ ପକ୍ଷରୁ ଏହି ଅତିରିକ୍ତ ଟଙ୍କାକୁ ଗୋ ସୁରକ୍ଷା ଓ ସଂରକ୍ଷଣ ପାଇଁ ପ୍ରୋତ୍ସାହନ ସେସ୍ ଭାବରେ ସରକାରୀ ପୋର୍ଟାଲରେ ଅନ୍‌ଲାଇନ ଭାବେ ଜମା କରାଯାଇଥାଏ। ଅନେକ ହୋଟେଲ ସେମାନଙ୍କ ବିଲ୍‌ରେ କେବଳ ସର୍‌ଚାର୍ଜ ଲେଖି ଏହି ଶୁଳ୍କ ଆଦାୟ କରୁଥିବାବେଳେ ପାର୍କ ପ୍ଲାଜା ପକ୍ଷରୁ ଦିଆଯାଉଥିବା ବିଲ୍‌ରେ ଉକ୍ତ ଶୁଳ୍କକୁ କାଓ ସେସ୍ ଭାବେ ସ୍ପଷ୍ଟ ଭାବେ ଉଲ୍ଲେଖ କରାଯାଉଥିବା ସେ କହିଛନ୍ତି। ପ୍ରକାଶ ଯେ, ୨୦୧୮ରେ ରାଜସ୍ଥାନର ତତ୍କାଳୀନ ବସୁନ୍ଧରା ରାଜେଙ୍କ ନେତୃତ୍ୱାଧୀନ ସରକାର ପକ୍ଷରୁ ମଦ ବିକ୍ରି ଉପରେ କାଓ ସେସ୍ ଲଗାଇବା ପାଇଁ ଏକ ବିଜ୍ଞପ୍ତି ଜାରି କରାଯାଇଥିଲା।

# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଶହୀଦ ବାଜି ରାଉତଙ୍କ ଜୟନ୍ତୀ ଅବସରରେ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ସ୍ଥାନ: ବିଧାନସଭା ୧ ନଂ ଗେଟ୍, ସମୟ: ସକାଳ୯ଟା ୪୦।
- ନୂଆଁଖାଇ ଭେଟଘାଟ୍ କାର୍ଯ୍ୟକ୍ରମ, ସ୍ଥାନ: ରମାଦେବୀ ବିଶ୍ୱବିଦ୍ୟାଳୟ , ସମୟ: ପୂର୍ବାହ୍ନ ୧୦ଟା।
- ଆର୍ଟ ଅଫ୍ ପିସ୍ ପକ୍ଷରୁ ଆଲୋଚନା ଚକ୍ର ( ଶାନ୍ତି ଓ ସମାଜ ସେବା), ସ୍ଥାନ: ଗୀତଗୋବିନ୍ଦ ସଦନ, ସମୟ: ପୂର୍ବାହ୍ନ ୧୦ଟା ୩୦।
- କମ୍ୟୁନିଷ୍ଟ ପାର୍ଟିର ପ୍ରତିଷ୍ଠାତା ପ୍ରାଣନାଥ ପଟ୍ଟନାୟକଙ୍କ ୫୫ତମ ରାଜ୍ୟସ୍ତରୀୟ ସ୍ମୃତି ସମାରୋହ, ସ୍ଥାନ: ଭଗବତୀ ଭବନ, ଅଶୋକ ନଗର, ସମୟ: ପୂର୍ବାହ୍ନ ୧୧ଟା।
- ଭିଙ୍ଗାରପୁର ଅଞ୍ଚଳରେ ନିର୍ମିତ ମେଢ଼ ସମୂହର ଭସାଣି ଉତ୍ସବ, ସ୍ଥାନ: ବାଲିଅନ୍ତା ବ୍ଲକ ଭିଙ୍ଗାରପୁର ବଜାର ଛକସ୍ଥିତ ମା' ଦୁର୍ଗାଙ୍କ ମଣ୍ଡପ ସମ୍ମୁଖ, ସମୟ: ଅପରାହ୍ନ ୩ଟା।
- ଉତ୍କଳ ଡ୍ୟାନ୍ସ ଆଣ୍ଡ ରିସର୍ଚ୍ଚ ଏକାଡେମୀ ପକ୍ଷରୁ ୨୨ତମ କୁମାର ଉତ୍ସବ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ଅପରାହ୍ନ ୫ଟା।

## କଟକ

- ରେଭେନ୍ସା କଲିଜିଏଟ୍ ସ୍କୁଲ ୨୦୦୦ ବ୍ୟାଚ୍ ପୁରାତନ ଛାତ୍ରୀଛାତ୍ରଙ୍କ ପକ୍ଷରୁ ବିଶ୍ୱ ଶିକ୍ଷକ ଦିବସ ପାଳନ, ସ୍ଥାନ: ନେତାଜୀ ଅଡିଟୋରିୟମ, ବିଦ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା।

## ବାଲେଶ୍ୱର

- 'ମୋ ଅନୁଷ୍ଠାନ ସାହିତ୍ୟ ସଂସଦ ପକ୍ଷରୁ ଅସହାୟଙ୍କୁ କମ୍ବଳ ବଣ୍ଟନ, ସ୍ଥାନ: ଖଇରା ଶିକ୍ଷକ ଭବନ, ସମୟ: ସକାଳ ୯ଟା।
- ସହାୟକ'ର ବାର୍ଷିକ ଉତ୍ସବ ଓ ସମ୍ବର୍ଦ୍ଧନା ପର୍ବ, ସ୍ଥାନ: ଆତିଥ୍ୟ ଭବନ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଖବରଦାତା ସମ୍ମିଳନୀ ଓ ବାଲେଶ୍ୱର ମହାମଣ୍ଡଳ ବୈଠକ, ସ୍ଥାନ: ଗାନ୍ଧୀ ସ୍ମୃତିଭବନ, ସମୟ: ପୂର୍ବାହ୍ନ ୧୧ଟା।
- ନାରୀ ନିର୍ଯାତନା ଓ ନିରାକରଣ ସମ୍ପର୍କିତ ଆଲୋଚନାଚକ୍ର, ସ୍ଥାନ: ଚନ୍ଦନେଶ୍ୱର ପବ୍ଲିକ ଲାଇବ୍ରେରୀ ହଲ, ଭୋଗରାଇ, ସମୟ: ଅପରାହ୍ନ ୪ଟା।
- ଅଲ ଓଡ଼ିଶା ବ୍ୟାଡମିଣ୍ଟନ୍ ଟୁର୍ନାମେଣ୍ଟର ଉଦ୍‌ଯାପନୀ ଦିବସ, ସ୍ଥାନ: ଇନ୍‌ଡୋର ଷ୍ଟାଡିୟମ୍, ବାଲେଶ୍ୱର, ସମୟ: ସନ୍ଧ୍ୟା ୬ଟା।
- ରାବଣ ପୋଡ଼ି ଉତ୍ସବ, ସ୍ଥାନ: ଆଙ୍କୋ ରାବଣପୋଡ଼ି ପଡ଼ିଆ, ରୂପସା, ବାଲେଶ୍ୱର, ସମୟ: ସନ୍ଧ୍ୟା ୭ଟା।

## ଭଦ୍ରକ

- ଗୁରୁ ସମ୍ମାନ ଓ ବନ୍ଧୁମିଳନ ଉତ୍ସବ, ସ୍ଥାନ: ମତୋ କଲ୍ୟାଣ ମଣ୍ଡପ, ଚାନ୍ଦବାଲି, ସମୟ: ପୂର୍ବାହ୍ନ ୧୦ଟା।
- ବିଶିଷ୍ଟ ସାହିତ୍ୟିକ ନରହରି ବେହେରା ଟ୍ରଷ୍ଟ ପକ୍ଷରୁ ୫ମ ବାର୍ଷିକ ଉତ୍ସବ, ସ୍ଥାନ: ନୂଆବଜାର ଭାଗବତ କଲ୍ୟାଣ ମଣ୍ଡପ, ଭଦ୍ରକ, ସମୟ: ଅପରାହ୍ନ ୪ଟା।

## କେନ୍ଦୁଝର

- ସାଂସଦ କ୍ରୀଡା ମହୋତ୍ସବର ଦ୍ୱିତୀୟ ଦିବସ, ସ୍ଥାନ: ପାଟଣା ବ୍ଲକ କେନ୍ଦେଇପଶି ଷ୍ଟାଡିୟମ ସମୟ: ପୂର୍ବାହ୍ନ ୧୦ଟା।

## ମୟୂରଭଞ୍ଜ

- ହସ୍ତତନ୍ତ ଓ ହସ୍ତଶିଳ୍ପ ମେଳା, ସ୍ଥାନ: ଛଉପଡ଼ିଆ, ବାରିପଦା, ସମୟ: ପୂର୍ବାହ୍ନ ୧୧ଟା।
- ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ତାଳପଦା ଦୁର୍ଗାପୂଜା ମଣ୍ଡପ, ବଡ଼ସାହି, ସମୟ: ସନ୍ଧ୍ୟା ୭ଟା।
- ଡ୍ୟାନ୍ସ ଆଣ୍ଡ ମେଲୋଡ଼ି ନାଇଟ୍ସ, ସ୍ଥାନ: ତୁଳସୀଚଉରା ଦୁର୍ଗାପୂଜା ମଣ୍ଡପ, ବାରିପଦା, ସମୟ: ସନ୍ଧ୍ୟା ୭ଟା।

## ଗଞ୍ଜାମ

- ଇସ୍ଅଫ ଗଞ୍ଜାମ ଜିଲା ସମ୍ମିଳନୀ, ସ୍ଥାନ: ଛତ୍ରପୁର ପବ୍ଲିକ ସ୍କୁଲ, ସମୟ: ପୂର୍ବାହ୍ନ ୧୦ ଟା।

## କନ୍ଧମାଳ

- ଆରଏସଏସ ପକ୍ଷରୁ ବିଜୟା ଦଶମୀ ପାଳନ ଉତ୍ସବ, ସ୍ଥାନ: ସିମନବାଡ଼ି ଶିବମନ୍ଦିର ଦାରିଙ୍ଗବାଡ଼ି, ସମୟ: ପୂର୍ବାହ୍ନ ୧୦ ଟା।

## ଢେଙ୍କାନାଳ

- ଶହୀଦ ବାଜି ରାଉତଙ୍କ ଶତବାର୍ଷିକ ଜୟନ୍ତୀ ଅବସରରେ ଶୋଭାଯାତ୍ରା, ସ୍ଥାନ: ବୁଦ୍ଧେଶ୍ୱର ମନ୍ଦିର, ଭୁବନ, ସମୟ: ସକାଳ ୬ଟା ୪୫ ।
- ଶହୀଦ ବାଜି ରାଉତ ଜନ୍ମ ଶତବାର୍ଷିକୀ ସମାରୋହ, ସ୍ଥାନ: ନୀଳକଣ୍ଠପୁର, ଭୁବନ, ସମୟ: ପୂର୍ବାହ୍ନ ୧୧ଟା୩୦।

## କେନ୍ଦ୍ରାପଡ଼ା

- କେନ୍ଦ୍ରାପଡା ସାଇକେଲ କ୍ଲବ ପକ୍ଷରୁ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ:ପୁରୁଣା ବସ୍‌ଷ୍ଟାଣ୍ଡ, ସମୟ:ସକାଳ ୬ଟା ।
- ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ, ସ୍ଥାନ:ଓସ୍ତପୁର, କେନ୍ଦ୍ରାପଡା, ସମୟ:ପୂର୍ବାହ୍ନ ୧୦ଟା ।

## ନୟାଗଡ଼

- ସତ୍ୟସାଇ ବାବାଙ୍କର ଦିବ୍ୟ ପାଦୁକା ଯାତ୍ରା, ସ୍ଥାନ: ନୟାଗଡ ସହର ଓ ନୟାଗଡ ବ୍ଲକ କଇଥଗାଡିଆ ଗାଁ, ସମୟ: ସକାଳ ୮ଟାରୁ ରାତି ୯ଟା ୩୦ ।
- ୩୭ତମ ବାର୍ଷିକ ଚାଲେଞ୍ଜ କପ୍ କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚରେ ଖୋର୍ଦ୍ଧା ପଙ୍ଗାରସିଂହ ବନାମ ଭୁବନେଶ୍ୱର ତମାଣ୍ଡୋ, ସ୍ଥାନ:ଖଣ୍ଡପଡା ବ୍ଲକ ବନମାଳିପୁର ହାଇସ୍କୁଲ ପଡିଆ, ସମୟ:ପୂର୍ବାହ୍ନ ୧୧ଟା ।

## ରାୟଗଡ଼ା

- ଦୁର୍ଗା ପୂଜା ଭସାଣି ଉତ୍ସବ, ସ୍ଥାନ: ଗୁଡାରି, ସମୟ: ସନ୍ଧ୍ୟା ୬ଟା।

## ନବରଙ୍ଗପୁର

- ମାଁ ଦୁର୍ଗାଙ୍କ ଭସାଣି, ସ୍ଥାନ: ଡାବୁଗାଁ, ସମୟ: ଅପରାହ୍ନ ୫ଟା।
- କାଳୀପୂଜା ପ୍ରସ୍ତୁତି ବୈଠକ, ସ୍ଥାନ: ଉମରକୋଟ ଡିଏନ୍‌କେ କାଳିବାଡ଼ି, ସମୟ: ସନ୍ଧ୍ୟା ୭ଟା।

## ମାଲକାନଗିରି

- ବନ ବିଭାଗର ଏକ ଦିବସୀୟ ତାଲିମ, ସ୍ଥାନ: ଚିତ୍ରକୋଣ୍ଡା ଡ୍ୟାମ ଘାଟ, ସମୟ: ପୂର୍ବାହ୍ନ ୧୧ଟା।

## ସମ୍ବଲପୁର

- ଯୋଗ ପରିବାର ଆୟୋଜନରେ ନିଃଶୁଳ୍କ ଯୋଗ ଶିବିର, ସ୍ଥାନ: ଗାନ୍ଧୀ ପାର୍କ ପରିସର, ସମୟ: ସକାଳ ୬ଟା।
- ପଶ୍ଚିମାଞ୍ଚଳ ଏକତା ମଞ୍ଚର ବୈଠକ, ସ୍ଥାନ: ସମ୍ବଲପୁରୀ ଡେରା, ସମୟ: ପୂର୍ବାହ୍ନ ୧୦ଟା।
- ବରିଷ୍ଠ ବୁଦ୍ଧିଜୀବୀ ପକ୍ଷରୁ ସମ୍ବଲପୁରୀ ସମଲେଇ ସଂସ୍କୃତିର ବିକାଶ ଶୀର୍ଷକ ଆଲୋଚନାଚକ୍ର, ସ୍ଥାନ: ସର୍କିଟ ହାଉସ ସଭାକକ୍ଷ, ସମୟ: ଅପରାହ୍ନ ୧ଟା।
- କୁଲତା ସମାଜ ଆୟୋଜନରେ ରାମଚଣ୍ଡି ଦିବସ କାର୍ଯ୍ୟକ୍ରମ, ସ୍ଥାନ: ଦାନୀପାଲି ସ୍ଥିତ ରଣେଶ୍ୱର ରାମଚଣ୍ଡି ପୀଠ, ସମୟ: ଅପରାହ୍ନ ୪ଟା।

## ବଲାଙ୍ଗୀର

- ୮୧ତମ ଶ୍ରୀମଦ୍ ଭାଗବତ କଥାମୃତ ମହୋତ୍ସବ ଦ୍ୱିତୀୟ ଦିବସ, ସ୍ଥାନ: ଜଗନ୍ନାଥ ମନ୍ଦିର ଯୋଗୀସର୍ଡା, ଲୋଇସିଂହା ବ୍ଲକ, ସମୟ: ସକାଳ ୯ଟା।
- ନୂଆଖାଇ ଭେଟଘାଟ କାର୍ଯ୍ୟକ୍ରମ, ସ୍ଥାନ: ଯାଦବ ଭବନ, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୦ଟା।
- ଫୁଟବଲ ଟୁର୍ନାମେଣ୍ଟର ଦ୍ୱିତୀୟ ଦିବସ, ସ୍ଥାନ: ନଅଗାଁ(ଖ)ଆଗଲପୁର ବ୍ଲକ, ସମୟ : ଅପରାହ୍ନ ୨ଟା ୩୦ ।

## ରାଉରକେଲା

- ଦେଶପ୍ରେମୀ ସଙ୍ଗଠନ ପକ୍ଷରୁ ବୃକ୍ଷରୋପଣ, ସ୍ଥାନ: କାଳୀ ମନ୍ଦିର ପଡିଆ, ବାସନ୍ତୀ କଲୋନି, ସମୟ: ସକାଳ ୭ଟା ୩୦।
- ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ପଦଯାତ୍ରା, ସ୍ଥାନ:ସିଭିଲଟାଉନ୍‌ସିପ୍, ସମୟ: ସକାଳ ୮ଟା ୩୦।
- ଦୁର୍ଗାପୂଜା ଭସାଣି ଉତ୍ସବ, ସ୍ଥାନ: ସେକ୍ଟର-୧, ସମୟ: ଅପରାହ୍ନ ୫ଟା।
- ଇସ୍ପାତ ସାହିତ୍ୟ ସଂସଦର ୫୫ତମ ବାର୍ଷିକୋତ୍ସବର ଉଦ୍‌ଯାପନୀ ସମାରୋହ, ସ୍ଥାନ: ସେକ୍ଟର-୭ ଅନୁଷ୍ଠାନ କାର୍ଯ୍ୟାଳୟ, ସମୟ: ଅପରାହ୍ନ ୫ଟା।
- ପ୍ରଫେସର ଚିତ୍ତରଞ୍ଜନ ଦାସଙ୍କ ୧୦୩ତମ ଜୟନ୍ତୀ, ସ୍ଥାନ: ସେକ୍ଟର-୭ ପ୍ରଗତି ଉତ୍କଳ ସଂଘ, ସମୟ: ସନ୍ଧ୍ୟା ୬ଟା ୪୫।
- ଲକ୍ଷ୍ମୀପୂଜା ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ସେକ୍ଟର-୭ ମାର୍କେଟ କମିଟି, ସମୟ: ସନ୍ଧ୍ୟା ୭ଟା।

## ସୁନ୍ଦରଗଡ଼

- ସୁନ୍ଦରଗଡ଼ ବନ୍ୟପ୍ରାଣୀ ସପ୍ତାହ ପାଳନ, ସ୍ଥାନ: ତିଲଡେଗା, ବାଲିଶଙ୍କରା, ସମୟ: ପୂର୍ବାହ୍ନ ୧୧ଟା।

## ବରଗଡ଼

- ଆନିମିଆ ଓ କ୍ୟାନସର ଚିହ୍ନଟ ଶିବିର,ସ୍ଥାନ: ଅଗ୍ରଗାମୀ ଯୁବକ ସଂଘ, ବରଗଡ଼,ସମୟ: ସକାଳ ୯ଟା।
- ସୁପ୍ରିୟା ସ୍ମାରକୀ ଫୁଟବଲ,ସ୍ଥାନ: ଲେଙ୍ଗୁ ମିଶ୍ର ଷ୍ଟାଡିୟମ, ବରଗଡ଼,ସମୟ:ଅପରାହ୍ନ ୨ଟା।

## କଳାହାଣ୍ଡି

- ମା'ଲଙ୍କେଶ୍ୱରୀଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ସମାରୋହ, ସ୍ଥାନ: ଜୁନାଗଡ଼ ବ୍ଲକ ପିଲିକିଆ ଗ୍ରାମ, ସମୟ: ସକାଳ ୯ଟା।
- ଜାତୀୟ ସ୍ତରୀୟ ନୃତ୍ୟ ପ୍ରତିଯୋଗିତା, ସ୍ଥାନ: ଭବାନୀପାଟଣା ଟାଉନ ହଲ, ସମୟ: ପୂର୍ବାହ୍ନ ୧୦ଟା।

## ଦେବଗଡ଼

- ସତ୍ୟସାଇ ମନ୍ଦିର କମିଟି ପକ୍ଷରୁ ନଗର କୀର୍ତ୍ତନ ପରିକ୍ରମା, ସ୍ଥାନ: ଦେବଗଡ଼ ସହର, ସମୟ: ପ୍ରାତଃ ୪ଟା।
- ବିଧାୟକଙ୍କ ଅଭିଯୋଗ ଶୁଣାଣି, ସ୍ଥାନ: ବାରକୋଟ ବ୍ଲକ ବିଜେଡ଼ି କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଜିଲା ଯୁବ ଏକତା ମଞ୍ଚ ପକ୍ଷରୁ ପୁରୁଣା ମୁଖ୍ୟ ଚିକିତ୍ସାଳୟରେ ୨୪ ଘଣ୍ଟିଆ ସେବା ପ୍ରଦାନ ଦାବି ପ୍ରସଙ୍ଗ ନେଇ ଆଗାମୀ କାର୍ଯ୍ୟପନ୍ଥା ସକାଶେ ଆଲୋଚନା, ସ୍ଥାନ: ଦେବଗଡ଼ ଗୋପାଳଜୀ ମନ୍ଦିର ପରିସର, ସମୟ: ଅପରାହ୍ନ ୫ଟା।
- ତ୍ରିନାଥ ମେଳା, ସ୍ଥାନ: ଦେବଗଡ଼ ସହରସ୍ଥିତ ବାବୁ ସାହି, ସମୟ: ସନ୍ଧ୍ୟା ୬ଟା।
- ମା' କନକଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ଦେବଗଡ଼ ମଠସାହିସ୍ଥିତ ମା' କନକଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର

- ବ୍ଲକ ଛକ ଦୁର୍ଗା ମୂର୍ତ୍ତିଙ୍କ ଭସାଣି ଉତ୍ସବ ରାଲି, ସ୍ଥାନ: ସୋନପୁର ବ୍ଲକ ଛକ, ସମୟ: ପୂର୍ବାହ୍ନ ୧୧ଟା।
- ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ପକ୍ଷରୁ ବିଜୟା ଦଶମୀ ଉତ୍ସବ, ସ୍ଥାନ: ସୋନପୁର ରୟାଲ ପଡିଆ, ସମୟ: ଅପରାହ୍ନ ୫ଟା।

## ନୂଆପଡ଼ା

- ବଞ୍ଜାରୀ ଦେବୀ ଶାରଦୀୟ ଦ୍ୱିତୀୟ ଦିବସ ପୂଜା, ସ୍ଥାନ: କୋମନା ବ୍ଲକ ତରବୋଡ ପଞ୍ଚାୟତ ବଞ୍ଜାରି ମନ୍ଦିର, ସମୟ: ସକାଳ ୮ଟା।
- ମିଶନ ଶକ୍ତି କମ୍ୟୁନିଟି ସପୋର୍ଟ ଷ୍ଟାଫ ଧାରଣା ଏକାଦଶ ଦିବସ, ସ୍ଥାନ: ବ୍ଲକ ମିଶନ ଶକ୍ତି କାର୍ଯ୍ୟାଳୟ ନୂଆପଡା, ସମୟ: ପୂର୍ବାହ୍ନ ୧୦ଟା।
- ସାର୍ବଜନୀନ ଲକ୍ଷ୍ମୀପୂଜା ଉପଲକ୍ଷେ କଳସ ଶୋଭାଯାତ୍ରା, ସ୍ଥାନ: କୋମନା ବ୍ଲକ ମାନିଗୁଡ଼ା ଗାଁ, ସମୟ: ପୂର୍ବାହ୍ନ ୧୦ଟା ୩୬।
- ମା' ସୁନାଦେଈଙ୍କ ନୂତନ ମନ୍ଦିର (ଗୁଡ଼ି) ଉଦ୍‌ଘାଟନ, ସ୍ଥାନ: କୋମନା ବ୍ଲକ ସୁନାବେଡ଼ା ପୁରୁଣା ମନ୍ଦିର ପ୍ରାଙ୍ଗଣ, ସମୟ: ପୂର୍ବାହ୍ନ ୧୦ଟା ୪୫।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** — ଆଜି ଭାଗ୍ୟାଧିପତି ଭାଗ୍ୟସ୍ଥାନକୁ ଦେଖୁଥିବାରୁ କୌଣସି କାମରେ ପଛକୁ ଫେରିବେ ନାହିଁ। କିନ୍ତୁ ଚତୁର୍ଥାଧିପତି ପାପାକ୍ରାନ୍ତ ଯୋଗୁ ପାରିବାରିକ କ୍ଷେତ୍ର ଶୃଙ୍ଖଳିତ ରହି ନ ପାରେ। ସାମାଜିକ ଜୀବନରେ ପାରିପାର୍ଶ୍ୱିକ ପରିସ୍ଥିତି ଭଲ ରହିବ। ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରଣାଧୀନ ରହିବ ଓ ଆର୍ଥିକ ଉନ୍ନତି ଘଟିବାର ଆଶା ରହିଛି।

**ବୃଷ** — ପରିବାରରେ ମତଭେଦ କିମ୍ବା ଅସୁସ୍ଥତା ଭଳି ସମସ୍ୟାର ସମ୍ମୁଖୀନ ହେବେ। ବ୍ୟବସାୟ, ଯାତ୍ରା, ପ୍ରତିଦ୍ୱନ୍ଦ୍ୱିତା ପ୍ରଭୃତିରେ ବିଶେଷ ଖର୍ଚ୍ଚାନ୍ତ ହୋଇପାରନ୍ତି। ଘରକୁ ବହୁତ ଦିନରୁ ଇଚ୍ଛା କରି ମଧ୍ୟ ଆଣି ପାରି ନଥିବା ଜିନିଷଟି ଆଜି ଆଣିବେ। ଦୀର୍ଘଦିନରୁ ରହିଥିବା ବ୍ୟାଙ୍କ କିମ୍ବା ସୋସାଇଟିର ଋଣ ପରିଶୋଧ କରିବାରେ ସଫଳ ହେବେ।

**ମିଥୁନ** — ଆଜି ପରିସ୍ଥିତିବଶତଃ ଆପଣଙ୍କୁ ନିଜର ଘର କାମ ସାଙ୍ଗକୁ ବନ୍ଧୁଙ୍କ କାମକୁ ମଧ୍ୟ ଅଗ୍ରାଧିକାର ଦେବେ। ପ୍ରଶାସନିକ ସ୍ତରରେ ଗୁରୁତ୍ୱପୂର୍ଣ୍ଣ ଆଲୋଚନାରେ ଅଂଶ ଗ୍ରହଣ କରିପାରନ୍ତି। ପ୍ରତ୍ୟୁଷ ଯାତ୍ରାରେ ସଫଳତା ପାଇବେ, କିନ୍ତୁ ବିଭିନ୍ନ ସମସ୍ୟା ଦେଇ ଯିବାକୁ ହେବ। ଉପରିସ୍ଥଙ୍କ ଆଦେଶ ପ୍ରାପ୍ତ ହୋଇ କର୍ମକ୍ଷେତ୍ରରେ ନୂତନ ଦାୟିତ୍ୱ ନେବେ।

**କର୍କଟ** — କାର୍ଯ୍ୟଭାରର ବୋଝ ଆପଣଙ୍କୁ ଅତିଷ୍ଠ କରିପାରେ। ନୂତନ ସ୍ଥାନ, ନୂଆ କାମ, ଅଜଣା ଲୋକଙ୍କ ସଂସ୍ପର୍ଶରେ ଆସି ନିଜକୁ ସାମାନ୍ୟ ସଂକୁଚିତ ବୋଧ କରିପାରନ୍ତି। କର୍ମକ୍ଷେତ୍ରରେ ଫାଇଲ୍ କାମ, ଯାନ୍ତ୍ରିକ ତ୍ରୁଟି, ମିଟିଂ ପ୍ରଭୃତିରେ ଜଞ୍ଜାଳ ବୃଦ୍ଧି ପାଇବ। ପରିବାର ପ୍ରତି ବିମୁଖ କିମ୍ବା ଉଦାସୀନତା ଯୋଗୁ ବିତର୍କର ଆଶଙ୍କା ରହିଛି।

**ସିଂହ** — ଈର୍ଷା ଓ ଅସୂୟାଜନିତ ଅନ୍ୟମାନେ ପଛରେ ସମାଲୋଚନା କରିପାରନ୍ତି। କେତେକ ପରିସ୍ଥିତିରେ ମନ କଥା ଅପ୍ରକାଶ୍ୟ ରହିଯାଇପାରେ। ନିଜର ବ୍ୟବହାର୍ଯ୍ୟ ଜିନିଷ ପରକୁ ଦେଇ ଆବଶ୍ୟକ ସମୟରେ ନ ପାଇବାରୁ କ୍ଷୋଭ ପ୍ରକାଶ କରିବେ। ନିର୍ମାଣାଧୀନ କାର୍ଯ୍ୟ, ପ୍ରତିଯୋଗିତା, ଆନୁଷ୍ଠାନିକ କାମରେ ପ୍ରଶଂସା ସାଉଁଟିବେ।

**କନ୍ୟା** — କାର୍ଯ୍ୟଦକ୍ଷତା ସାଙ୍ଗକୁ ଶାଳୀନତାପୂର୍ଣ୍ଣ ବ୍ୟବହାର ଯୋଗୁ ସାମାଜିକ ପ୍ରତିଷ୍ଠା ଲାଭ କରିବେ। ଶିଳ୍ପ, ବାଣିଜ୍ୟ ଓ ପରିବହନରେ ପ୍ରତିବନ୍ଧକ ଦେଖାଦେବ। ଯାହା ବିଷୟରେ ଆଲୋଚନା କରୁଥିବେ, ତାହାକୁ ନିକଟରେ ଦେଖି ହଡ଼ବଡ଼େଇ ଯିବେ। ଆଜିର ଯାତ୍ରା, ସଭାସମିତି, ପ୍ରଶାସନ ଓ ରାଜନୈତିକ ସ୍ଥିତି ସନ୍ତୋଷଜନକ ରହିବ।

**ତୁଳା** — କର୍ମକ୍ଷେତ୍ରରେ ବନ୍ଧୁଙ୍କ ପ୍ରତି ଅତିରିକ୍ତ ଆନ୍ତରିକତା ନିଜ ଆଡ଼କୁ ଅଙ୍ଗୁଳି ଉଠାଇପାରେ। ଆର୍ଥିକ ଅଭାବ ଇଚ୍ଛା ପୂରଣରେ ବାଧା ସୃଷ୍ଟି କରିବାର ସୂଚନା ରହିଛି। ରାଜନୀତି, ନିର୍ମାଣ ଓ ସାହିତ୍ୟ କ୍ଷେତ୍ରରେ ସୁନାମ ଅର୍ଜନ କରିବେ। ଆଲୋଚନାରେ, ସଭାସମିତିରେ କିମ୍ବା ଆନୁଷ୍ଠାନିକ କାମ ସକାଶେ କୌଣସି ଅସୁବିଧା ରହିବ ନାହିଁ।

**ବିଛା** — ଆଜିର କର୍ମକ୍ଷେତ୍ର, ଆର୍ଥିକ ସ୍ଥିତି, ସଭାସମିତି, ପ୍ରଶାସନ ଓ ଜମିଜିମା କାରବାର ପାଇଁ ଦିନଟି ଭଲ। ଭଲ ପଡୁନଥିବା ନିଜ ପରିସରର ଲୋକ ଅପଯଶ ଗାଇ ବୁଲିପାରନ୍ତି। କେତେକ କ୍ଷେତ୍ରରେ ଶୀଘ୍ର ନିଷ୍ପତ୍ତି ନେବାକୁ ବାଧ ହୋଇ ଦ୍ୱନ୍ଦ୍ୱରେ ପଡ଼ିବେ। ଅବଶ୍ୟ ଦ୍ରବ୍ୟଲାଭ, ଭ୍ରମଣ ଓ କାର୍ଯ୍ୟସିଦ୍ଧି ଯୋଗୁ ମନ ଏକ ପ୍ରକାର ଖୁସି ରହିବ।

**ଧନୁ** — ଆର୍ଥିକ ସ୍ଥିତି ମଜଭୁତ ରହିବ। ଦୁଃସାହସିକ ପଦକ୍ଷେପ କର୍ମକ୍ଷେତ୍ରର ପ୍ରତିବନ୍ଧକକୁ ହଟାଇଦେବ। ଆଗାମୀ ଦିନର ମାଙ୍ଗଳିକ କାର୍ଯ୍ୟ କିମ୍ବା ଆନୁଷ୍ଠାନିକ ସକାଶେ ବନ୍ଧୁଙ୍କ ସହ ଆଲୋଚନା କରିପାରନ୍ତି। ମାଲି ମକଦ୍ଦମାରେ ବିଳମ୍ବଜନିତ ମାନସିକ ଅସ୍ଥିରତା ବୃଦ୍ଧି ପାଇବ। କଚେରି ମାମଲାରେ ଅଦାଲତର ରାୟ ଆପଣଙ୍କ ସପକ୍ଷରେ ଯିବାର ସୂଚନା ରହିଛି।

**ମକର** — କର୍ମକ୍ଷେତ୍ରରେ ନୂତନ ଦାୟିତ୍ୱ ହାତକୁ ନେଇ ବନ୍ଧୁଙ୍କର ଶ୍ରଦ୍ଧା ଓ ସମ୍ମାନର ଅଧିକାରୀ ହେବେ। ବନ୍ଧୁମାନଙ୍କ ସହ ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରିପାରନ୍ତି। ଆର୍ଥିକ ସ୍ଥିତି ମନ୍ଦ ନ ହେଲେ ମଧ୍ୟ ଖର୍ଚ୍ଚଭାର ବୃଦ୍ଧି ମାନସିକ ଅଶାନ୍ତିର କାରଣ ହୋଇପାରେ। ଶିଳ୍ପ, ବ୍ୟବସାୟ ଓ ପରିବହନରେ ସମସ୍ୟା ଦେଖାଦେଇପାରେ।

**କୁମ୍ଭ** — ଆଜି ସମସ୍ୟାର ସମାଧାନ ସାଙ୍ଗକୁ ଋଣ ପରିଶୋଧ କରି ଆଶ୍ୱସ୍ତି ଲାଭ କରିବେ। ପାରସ୍ପରିକ ଆଲୋଚନାରେ ବିବାଦୀୟ ଘଟଣା ଅମୀମାଂସିତ ରହିଯାଇପାରେ। ଶିଳ୍ପ, ବାଣିଜ୍ୟ, ଶେୟାର ବଜାର କ୍ଷେତ୍ରରେ ସମସ୍ୟା ଦୂର ହେବାର ପୂର୍ଣ୍ଣ ସୂଚନା ରହିଛି। ସାହିତ୍ୟ, ସାମ୍ବାଦିକତା କ୍ଷେତ୍ରରେ ଉଲ୍ଲେଖନୀୟ ଅଗ୍ରଗତି କରିବେ।

**ମୀନ** — କର୍ମକ୍ଷେତ୍ରରେ ସମସ୍ୟା ଆପଣାଛାଏଁ ସୁଧୁରି ଯିବାରୁ ଆଶ୍ୱସ୍ତି ଲାଭ କରିବେ। ପ୍ରତ୍ୟେକ କ୍ଷେତ୍ରରେ କୌଶଳ ପ୍ରୟୋଗ କରି ଅନ୍ୟମାନଙ୍କ ମନକୁ ମନେଇ କିମ୍ବା ପିଠି ଥାପୁଡ଼େଇ କାମ ହାସଲ କରିବେ। ସାହିତ୍ୟ ପ୍ରତି ଅନୁରାଗ ବଢ଼ିବ ଓ ପ୍ରଶଂସିତ ମଧ୍ୟ ହେବେ। କିନ୍ତୁ ବନ୍ଧୁଙ୍କ ସହାୟତାରେ ପାଇଥିବା ସୁଯୋଗର ସଦ୍‌ବ୍ୟବହାର କରିପାରିବେ ନାହିଁ।

ଆଜି ଅକ୍ଟୋବର ୫ ତାରିଖ, ବିଶ୍ୱ ଶିକ୍ଷକ ଦିବସ, ଆଶ୍ୱିନ ଶୁକ୍ଳପକ୍ଷର ତ୍ରୟୋଦଶୀଯୁକ୍ତ ଚତୁର୍ଦ୍ଦଶୀ ରବିବାର, ଶିବ ଚତୁର୍ଦ୍ଦଶୀ ଉପବାସ ଓ ବେଢ଼ା ପରିକ୍ରମା, ରାଶିନକ୍ଷତ୍ର-ଦିବା ଘ.୦୮।୦୦ମି. ଗତେ ପୂର୍ବଭାଦ୍ର/କୁମ୍ଭ, ତ୍ରୟୋଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଏବଂ ଚତୁର୍ଦ୍ଦଶୀର ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୬।୨୯ ଗତେ ଘ.୦୮।୫୦ ମଧ୍ୟେ ଘ.୦୧।୦୩ ଗତେ ଘ.୦୩।୦୬ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୩।୫୯ ଗତେ ଘ.୦୫।୨୭ ମଧ୍ୟେ ରାହୁକାଳ ॥



ରଶ୍ମିକା ମନ୍ଦାନା ଓ ବିଜୟ ଦେବରକୋଣ୍ଡା

# ରଶ୍ମିକା-ବିଜୟ ନିର୍ବନ୍ଧ

ହାଇଦ୍ରାବାଦ: ପ୍ରଶଂସକଙ୍କଠାରୁ ନ୍ୟାଶନାଲ କ୍ରଶର ଟ୍ୟାଗ୍ ପାଇଥିବା ଅଭିନେତ୍ରୀ ରଶ୍ମିକା ମନ୍ଦାନା ଓ ସାଉଥ୍ ଷ୍ଟାର୍ ବିଜୟ ଦେବରକୋଣ୍ଡାଙ୍କର ନିର୍ବନ୍ଧ ଶୁକ୍ରବାର ଅନୁଷ୍ଠିତ ହୋଇଛି। ବିଭିନ୍ନ ଜାତୀୟ ଗଣମାଧ୍ୟମରେ ପ୍ରକାଶିତ ରିପୋର୍ଟ ଅନୁଯାୟୀ, ଏହି ଷ୍ଟାର୍ କପଲ୍‌ଙ୍କର ନିର୍ବନ୍ଧ ସମାରୋହ ଶୁକ୍ରବାର ଅଳ୍ପ କିଛି ବନ୍ଧୁବାନ୍ଧବ, ସମ୍ପର୍କୀୟଙ୍କ ଉପସ୍ଥିତିରେ ହୋଇଛି। ତେବେ କେଉଁଠାରେ ଉକ୍ତ ନିର୍ବନ୍ଧ ଅନୁଷ୍ଠିତ ହୋଇଛି ସେ ସମ୍ପର୍କରେ ଜଣାପଡ଼ିନାହିଁ। ଆସନ୍ତା ବର୍ଷ ଫେବୃଆରୀରେ ଏହି ଷ୍ଟାର୍ ଦମ୍ପତି ପରସ୍ପରକୁ ବିବାହ କରିବେ ବୋଲି ବିଜୟଙ୍କ ଟିମ୍ ପକ୍ଷରୁ ସୂଚନା ଦିଆଯାଇଥିବା ନେଇ ରିପୋର୍ଟରେ କୁହାଯାଇଛି। ତେବେ ନିର୍ବନ୍ଧକୁ ନେଇ ରଶ୍ମିକା କିମ୍ବା ବିଜୟଙ୍କ ପକ୍ଷରୁ ବର୍ତ୍ତମାନ ସୁଦ୍ଧା ଘୋଷଣା କରାଯାଇନାହିଁ। ରଶ୍ମିକା ଏବଂ ବିଜୟ ଅନେକ ବର୍ଷ ଧରି ପରସ୍ପରକୁ ଡେଟ୍ କରି ଆସୁଥିବା ନେଇ ସୋସିଆଲ ମିଡିଆରେ ଅନେକ ଆଲୋଚନା ହେବା ସହ ବିଭିନ୍ନ ରିପୋର୍ଟ ପ୍ରକାଶ ପାଇଥିଲା। ଏହି ସମ୍ପର୍କକୁ ନେଇ ଉଭୟ ବିଜୟ ଏବଂ ରଶ୍ମିକା ପୂର୍ବରୁ ଅନେକବାର କାହାରି ନାଁ ନ ନେଇ ପରୋକ୍ଷରେ ସହମତି ଜଣାଇଥିଲେ। ୨୦୧୮ରେ ରିଲିଜ୍ ହୋଇଥିବା 'ଗୀତ ଗୋବିନ୍ଦମ' ଫିଲ୍ମ ଏବଂ ୨୦୧୯ରେ ରିଲିଜ୍ ହୋଇଥିବା 'ଡିଅର କମ୍ରେଡ୍' ଫିଲ୍ମରେ ଏହି ଷ୍ଟାର୍ ଯୋଡ଼ି ଏକାଠି ନଜରକୁ ଆସିଥିଲେ। ସେବେଠାରୁ ଉଭୟେ ପରସ୍ପରକୁ ଡେଟ୍ କରୁଥିବା ନେଇ ଚର୍ଚ୍ଚା ହୋଇଆସୁଥିଲା।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଅରକ୍ଷ ରକ୍ଷକ ପତିତ ପାବନ**
**ଅନ୍ଧର ରକ୍ଷକ ବାଡ଼ି**
**ଶୀତକୁ ରକ୍ଷକ ବହଳ କମ୍ବଳ,**
**ଘରକୁ ରକ୍ଷକ ବୁଢ଼ୀ।**

ଅସହାୟ ବ୍ୟକ୍ତିର ହରି ରକ୍ଷକ ହୋଇଥାନ୍ତି। ଅନ୍ଧ ବ୍ୟକ୍ତିଙ୍କର ଚଳପ୍ରଚଳରେ ବାଡ଼ି ସୁରକ୍ଷା ଯୋଗାଇଦେଇଥାଏ। ଶୀତର ଦାଉରୁ ରକ୍ଷା ପାଇବା ପାଇଁ କମ୍ବଳର ଆବଶ୍ୟକତା ପଡ଼ିଥାଏ। ସେହିପରି ସାଂସାରିକ ଅଭିଜ୍ଞତା ଦୃଷ୍ଟିରୁ ଘରର ରକ୍ଷକ ପୁରୁଖା ଲୋକ ହେଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଅନ୍ଧାର ରାତି**
**କେହି ନ ଜାଣନ୍ତି କାହାର ଜାତି ।**

ଅନ୍ଧକାରରେ ଆଖିକୁ କିଛି ସ୍ପଷ୍ଟ ଦିଶି ନ ଥାଏ। ଅନ୍ଧାରରେ ଯେମିତି ଜଣେ ଅନ୍ୟ ଜଣକୁ ଜାଣିବା ମୁସ୍କିଲ, ଉପର ଠାଉରିଆ ଭାବେ ସେମିତି ଜଣେ ଅନ୍ୟର ସ୍ୱଭାବ ଅବା ମନୋଭାବ ଠିକ ଭାବେ କଳନା କରିବା କଷ୍ଟକର ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ - ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ



ଶନିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ପ୍ରଥମ ପୃଷ୍ଠାରୁ...

### ଜୀବନ ନେଉଛି କଫ୍ ...

ସେପ୍ଟେମ୍ବର ୭ରୁ ଅଦ୍ୟାବଧି ନକଲି କଫ୍ ସିରପ୍ ସେବନକରି ମଧ୍ୟପ୍ରଦେଶର ଛିନ୍ଦୱାଡ଼ାରେ ୭ ଶିଶୁଙ୍କ ମୃତ୍ୟୁ ଘଟିଥିବାବେଳେ ରାଜସ୍ଥାନରେ ୩ ପିଲା ଆଖି ବୁଜି ଦେଇଥିବା ଅଭିଯୋଗ ହୋଇଛି। ସେହିପରି ଅନ୍ୟ କେତେକ ରାଜ୍ୟରେ ମଧ୍ୟ ଏଭଳି ସ୍ଥିତି ଉପୁଜିଥିବା କୁହାଯାଉଛି। ଅଭିଯୋଗ ଆସିବା ପରେ ପ୍ରଥମେ ରାଜ୍ୟଗୁଡ଼ିକର ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏହାକୁ ଖଣ୍ଡନ କରାଯାଇଥିଲା। ତେବେ ତାମିଲନାଡୁର ସ୍ରେସାନ୍ ଫାର୍ମା ପକ୍ଷରୁ ପ୍ରସ୍ତୁତ କୋଲ୍ଡ୍‌ରିଫ୍ ସିରପ୍‌ରେ ଡିଇଜି ମାତ୍ରା ଅତ୍ୟଧିକ ରହିଥିବା ଯାଞ୍ଚରୁ ଜଣାପଡ଼ିଥିବା ବିଷୟ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଶନିବାର ସ୍ପଷ୍ଟ କରିଛି। ଡିଇଜି ହେଉଛି ଏଭଳି ଏକ ବିଷାକ୍ତ ଉପାଦାନ, ଯାହାକୁ ଶିଳ୍ପ ଉତ୍ପାଦ ରୂପେ ବ୍ୟବହାର କରାଯାଇଥାଏ। ମଧ୍ୟପ୍ରଦେଶରେ ଉପଲବ୍ଧ କଫ୍ ସିରପ୍‌ରେ ଡିଇଜିର ମାତ୍ରା ଯାଞ୍ଚ କରିବା ପାଇଁ ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଭାଇରୋଲୋଜି, ଇଣ୍ଡିଆନ୍ କାଉନ୍‌ସିଲ ଅଫ୍ ମେଡିକାଲ ରିସର୍ଚ୍ଚ, ନ୍ୟାଶନାଲ ଏନ୍‌ଭାଇରନ୍‌ମେଣ୍ଟାଲ ଇଞ୍ଜିନିୟରିଂ ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ୍, ସିଡିଏସ୍‌ସିଓ ଏବଂ ଏମ୍ସ ନାଗପୁରର ଅଧିକାରୀମାନଙ୍କୁ ନେଇ ଗଠିତ ଏକ ଟିମ୍ ଛିନ୍ଦୱାଡ଼ା ଶିଶୁ ମୃତ୍ୟୁର ତଦନ୍ତ ଚଳାଇଛି। ଉଲ୍ଲେଖଯୋଗ୍ୟ, ଭାରତୀୟ କଫ୍ ସିରପ୍ ଏହା ପୂର୍ବରୁ ମଧ୍ୟ ସନ୍ଦେହ ଘେରକୁ ଆସିଥିଲା। ୨୦୨୨ରେ ଆଫ୍ରିକୀୟ ରାଷ୍ଟ୍ର ଗାମ୍ବିଆରେ ଡିଇଜି ମାତ୍ରା ଅଧିକ ଥିବା ଭାରତୀୟ କଫ୍ ସିରପ୍ ସେବନକରି ୭୦ ପିଲାଙ୍କ ମୃତ୍ୟୁ ଘଟିଥିବା ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ (ଡବ୍ଲ୍ୟୁଏଚ୍‌ଓ) ସ୍ପଷ୍ଟ କରିଥିଲା। ଅନ୍ୟପକ୍ଷେ ନୂଆଦିଲ୍ଲୀ ଏହି ଅଭିଯୋଗକୁ ସେତେବେଳେ ଖଣ୍ଡନ କରିଥିଲା।

### ନିର୍ମାଣ ହେବ ଅତ୍ୟାଧୁନିକ ...

ପୂଜାରୀ କହିଛନ୍ତି, ଭୁବନେଶ୍ୱର ମଧ୍ୟ ଭୂମିକମ୍ପ ପ୍ରବଣ ଅଞ୍ଚଳ। ଭଗବାନ କରନ୍ତୁ କିଛି ନ ହେଉ। ହେଲେ କିଛି ଯଦି ହୋଇଯାଏ ତେବେ ବର୍ତ୍ତମାନ ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ଲାଗି ଯେଉଁସବୁ ସଂସ୍ଥା କାମ କରୁଛନ୍ତି ସେଗୁଡିକ ପ୍ରଭାବିତ ହେବେ। ତେଣୁ ସେସବୁକୁ ଦୃଷ୍ଟିରେ ରଖି ରାଜ୍ୟରେ ଏକ ଅତ୍ୟାଧୁନିକ ବିପର୍ଯ୍ୟୟ ପ୍ରଶମନ କାର୍ଯ୍ୟାଳୟ ଖୋଲିବାକୁ ନିଷ୍ପତ୍ତି ହୋଇଛି। ଯେଉଁ ନୂଆ ବିପର୍ଯ୍ୟୟ ପ୍ରଶମନ କାର୍ଯ୍ୟାଳୟ ହେବ ତାହା ମଲ୍ଟି ଷ୍ଟୋରିଏଡ୍ ଏବଂ ଭୂତଳ ବିଲ୍ଡିଂ ହେବ। ଯଦି ଭୁବନେଶ୍ୱରରେ କେବେ ବିପର୍ଯ୍ୟୟ ଆସେ ତାକୁ କଣ୍ଟ୍ରୋଲ କଲାଭଳି ଦପ୍ତର, କଣ୍ଟ୍ରୋଲ ରୁମ୍ ରହିବ। ବିପର୍ଯ୍ୟୟ ମୁକାବିଲା ଲାଗି ଯେଉଁସବୁ ସଂସ୍ଥା କାର୍ଯ୍ୟ କରୁଛନ୍ତି ସେଗୁଡିକ ଭିନ୍ନ ଭିନ୍ନ ସ୍ଥାନରେ ରହିଛନ୍ତି। ବିପର୍ଯ୍ୟୟ ପରିଚାଳନା ବିଭାଗ ଲୋକସେବା ଭବନ ଭିତରେ ରହିଛି। ଅଗ୍ନିଶମ ବିଭାଗ ଲୋକସେବା ଭବନଠାରୁ ୫ କି.ମି. ଆଗକୁ ପୁରୀ ରୋଡ୍‌ରେ ରହିଛି। ସେହିପରି ଏନ୍‌ଡିଆର୍‌ଏଫ୍, ଏସ୍‌ଡିଆର୍‌ଏଫ୍, ଜଙ୍ଗଲ ବିଭାଗ, ପାଣିପାଗ ବିଭାଗ ପ୍ରାକୃତିକ ବିପର୍ଯ୍ୟୟ ଆସିଲେ ମୂଳଦୁଆ କାମ କରିଥାଆନ୍ତି। ସେହିସବୁ ବିଭାଗକୁ ସମାହିତ କରି ଗୋଟିଏ

**■ ୨ ବର୍ଷରେ ସରିବ କାର୍ଯ୍ୟ, ପ୍ରଥମ ପର୍ଯ୍ୟାୟରେ ୨୦୦ କୋଟି ମଞ୍ଜୁର**
**■ ବିପର୍ଯ୍ୟୟ ମୁକାବିଲା କରୁଥିବା ସବୁ କାର୍ଯ୍ୟାଳୟ ଗୋଟିଏ ଜାଗାରେ ରହିବ**
**■ ଲୋକସେବା ଭବନ ପାଖରେ ହେବ ଏବି ମଲ୍ଟି ଷ୍ଟୋରିଏଡ୍ , ଭୂତଳ ବିଲ୍ଡିଂ**

ସ୍ଥାନରେ କାର୍ଯ୍ୟ କରାଯିବ। ସେସବୁ ସଂସ୍ଥାର କାର୍ଯ୍ୟ ଗୋଟିଏ ଦପ୍ତରରେ ଚାଲିବ। ସେହିସବୁ ସଂସ୍ଥାର କର୍ମଚାରୀମାନଙ୍କୁ ଯୋଡ଼ିବା ଲାଗି ଆଧୁନିକ କାରିଗରିର ବ୍ୟବସ୍ଥା ରହିବ। ଜିଲାପାଳମାନଙ୍କ ସହ ବିଜୁଳି ଏବଂ ଟେଲିକମ୍ୟୁନିକେଶନ ବ୍ୟବସ୍ଥା ପ୍ରଭାବିତ ହେଲେ ମଧ୍ୟ ସେମାନଙ୍କ ସହ ଯୋଡ଼ିହେବା ଲାଗି ଆଧୁନିକ ବ୍ୟବସ୍ଥା କରାଯିବ। ସେମାନଙ୍କ ଠାରୁ ସବିଶେଷ ବିବରଣୀ ନିଆଯିବ ଏବଂ ସେମାନଙ୍କୁ ନିର୍ଦ୍ଦେଶ ଦେଲାଭଳି କାର୍ଯ୍ୟାଳୟ ହେବାକୁ ଯାଉଛି। ସେହି କାର୍ଯ୍ୟାଳୟର କାମ ଶେଷ ହେବା ପାଇଁ ୨ ବର୍ଷ ସମୟ ଲାଗିବ। କିଛିଦିନ ତଳେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କ ସହ ଭେଟି ଆଲୋଚନା କଲାବେଳେ ରାଜ୍ୟ ପାଖରେ ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା କରିବା ଲାଗି ଥିବା ଅତ୍ୟାଧୁନିକ ବ୍ୟବସ୍ଥା ବିଷୟରେ କହିଥିଲେ। କେନ୍ଦ୍ର ପାଖରେ ନିଶ୍ଚିତ କିଛି ଅଧିକ ଅତ୍ୟାଧୁନିକ ବ୍ୟବସ୍ଥା ରହିଥାଇପାରେ, ସେଥିଲାଗି ତଥ୍ୟ ଦେବା ପାଇଁ ଏବଂ ସହଯୋଗ କରିବାକୁ ଅନୁରୋଧ କରିଥିଲେ ବୋଲି ମନ୍ତ୍ରୀ ପୂଜାରୀ କହିଛନ୍ତି।

### ୩ ଦିନର ଶିଶୁକନ୍ୟା ...

ଏହି ଟିମ୍ ପହଞ୍ଚିବା ପୂର୍ବରୁ ଶିଶୁକନ୍ୟାଙ୍କ ବାପା ଫେରାର ହୋଇଯାଇଥିବା ବେଳେ ମା' ତାଙ୍କ ବାପଘର ଚାନ୍ଦବାଲି ବ୍ଲକ ତେନ୍ତୁଲିଡିହ ଗ୍ରାମକୁ ପଳାଇ ଯାଇଥିବା ଜଣାପଡ଼ିଛି। ଜଣେ ବ୍ୟକ୍ତିଙ୍କ ପୂର୍ବରୁ ଏକ କନ୍ୟା ସନ୍ତାନ ଥିଲା। ଗତ ୩୦ ତାରିଖରେ ଆଉ ଏକ କନ୍ୟା ସନ୍ତାନ ବାସୁଦେବପୁର ଡାକ୍ତରଖାନାରେ ଜନ୍ମ ନେଇଥିଲା। ଶିଶୁକନ୍ୟା ଜନ୍ମ ହେବା ପରେ ବ୍ୟକ୍ତିଜଣକ ତାଙ୍କ ସ୍ତ୍ରୀଙ୍କୁ ନିର୍ଯାତନା ଦେଇଥିଲେ। ଏହାସହ ସେହି ଶିଶୁକନ୍ୟାଙ୍କୁ କାହାକୁ ଦେଇଦେବା ପାଇଁ ଯୋଜନା କରିଥିଲେ। ଡାକ୍ତରଖାନାରୁ ଡିସ୍‌ଚାର୍ଜ ହୋଇ ମହିଳାଜଣକ ଘରକୁ ଆସିବା ପରେ ଶନିବାର ଶିଶୁକନ୍ୟାଙ୍କୁ ତିହିଡ଼ି ବ୍ଲକ ପୀରହାଟ ଥାନା ଅଞ୍ଚଳର ଜଣେ ବ୍ୟକ୍ତିଙ୍କୁ ବେଆଇନ ଭାବେ ହସ୍ତାନ୍ତର କରିଥିବା ଜଣାପଡ଼ିଛି। ଏ ସମ୍ପର୍କରେ କୌଣସି ସୂତ୍ରରୁ ଖବର ପାଇ ରାଜ୍ୟ ଶିଶୁ ସୁରକ୍ଷା ଡେସ୍କର ନିର୍ଦ୍ଦେଶକ୍ରମେ ଜିଲା ଶିଶୁ ସୁରକ୍ଷା ବିଭାଗ ଖୋଳତାଡ଼ କରିଛି। ତଦନ୍ତ ବେଳେ ସ୍ଥାନୀୟ ଅଙ୍ଗନୱାଡ଼ି କର୍ମୀଙ୍କ କହିବା ଅନୁଯାୟୀ, ନବଜାତ ଶିଶୁର ପ୍ରାଥମିକ ସ୍ୱାସ୍ଥ୍ୟପରୀକ୍ଷା ପାଇଁ ଶନିବାର ତାଙ୍କ ଘରକୁ ଯାଇଥିଲେ। ହେଲେ ଶିଶୁକନ୍ୟା ଓ ତାଙ୍କ ମା' ଘରେ ନ ଥିଲେ। ଏଣୁ ତାଙ୍କ ମନରେ ସନ୍ଦେହ ସୃଷ୍ଟି ହୋଇଛି। ଏହି ଘଟଣାରେ ଆଉ କେଉଁମାନେ ସମ୍ପୃକ୍ତ ଅଛନ୍ତି ଓ କେତେ ଟଙ୍କାରେ ଶିଶୁକନ୍ୟାଙ୍କୁ ବିକ୍ରି କରାଯାଇଛି ସେନେଇ ଶିଶୁ ସୁରକ୍ଷା ବିଭାଗ ତଦନ୍ତ ଆରମ୍ଭ କରିଛି। ବିଭାଗର ବାହ୍ୟ କର୍ମୀ ଦମୟନ୍ତୀ ଦାସ, ମାମଲା କର୍ମୀ ଚନ୍ଦ୍ରକାନ୍ତ ଗୋଛାୟତ, ସୁପରଭାଇଜର ଦିଗ୍‌ବିଜୟ ମହାନ୍ତି, ପରାମର୍ଶଦାତା ଲକ୍ଷ୍ମଣ କୁମାର ଜେନା ଅନୁସନ୍ଧାନ କରିଛନ୍ତି। ଶିଶୁକନ୍ୟାଙ୍କ ମା' ବାପା ଅନୁପସ୍ଥିତ ଥିବାରୁ ଘଟଣାର ତଦନ୍ତ ଆଗେଇ ପାରି ନ ଥିବାବେଳେ ସମସ୍ତ ଦିଗକୁ ଗୁରୁତ୍ୱ ଦିଆଯିବ ବୋଲି ଜିଲା ଶିଶୁ ସୁରକ୍ଷା ବିଭାଗର ବାହ୍ୟ କର୍ମୀ ଦାସ କହିଛନ୍ତି।

### ଗିଲ୍ ଦିନିକିଆ କ୍ରିକେଟ ...

ପରିବର୍ତ୍ତନ ସମ୍ପର୍କରେ ମୁଖ୍ୟ ଚୟନକର୍ତ୍ତା ଅଜିତ ଅଗରକର କହିଛନ୍ତି ଯେ, ନେତୃତ୍ୱରେ ପରିବର୍ତ୍ତନ କରାଯିବା ପୂର୍ବରୁ ରୋହିତଙ୍କୁ ଯୋଗାଯୋଗ କରାଯାଇଥିଲା। ଆମେ ଅଧିକ ଦିନିକିଆ ମ୍ୟାଚ୍ ଖେଳୁନାହୁଁ। ଦଳର ନେତୃତ୍ୱ ସମ୍ଭାଳିବାକୁ ଯାଉଥିବା ପରବର୍ତ୍ତୀ ଖେଳାଳିଙ୍କୁ ବିଶ୍ୱକପ୍ ପୂର୍ବରୁ ଯଥେଷ୍ଟ ସମୟ ଦିଆଯିବା ଦରକାର, ଯାହା ଫଳରେ ସେ ପ୍ରସ୍ତୁତ ହୋଇପାରିବେ। ନେତୃତ୍ୱରେ ପରିବର୍ତ୍ତନ କରିବା ଏକ କଷ୍ଟକର ନିଷ୍ପତ୍ତି ଥିଲା। ରୋହିତ ଅଧିନାୟକ ଭାବେ ଚାମ୍ପିୟନ୍ସ ଟ୍ରଫି ଜିତି ନ ଥିଲେ ମଧ୍ୟ ତାଙ୍କୁ ବଦଳାଇବା ନିଷ୍ପତ୍ତି ନେବା କଷ୍ଟକର ହୋଇଥାନ୍ତା। କିନ୍ତୁ ବେଳେବେଳେ ତୁମକୁ ଆଗକୁ ଦେଖିବାକୁ ପଡ଼େ। ଦଳର ହିତ ଓ ଭବିଷ୍ୟତକୁ ଦୃଷ୍ଟିରେ ରଖି ଏହି ନିଷ୍ପତ୍ତି ନିଆଯାଇଛି।

## ବିଜେଡି ଛାଡ଼ିଲେ ଅନ୍ତର୍ଯାମୀ ଗମାଙ୍ଗ



ପାରଳାଖେମୁଣ୍ଡି,୪।୧୦(ଗିରିଧାରୀ ପରିଚ୍ଛା): ୨୦୨୪ ସାଧାରଣ ନିର୍ବାଚନରେ ମୋହନାର ବିଜେଡି ବିଧାୟକ ପ୍ରାର୍ଥୀ ହୋଇଥିବା ଅନ୍ତର୍ଯାମୀ ଗମାଙ୍ଗ ଶନିବାର ବିଜେଡି ଛାଡ଼ିଛନ୍ତି। ସେ ନିଜ ବ୍ୟକ୍ତିଗତ କାରଣ ପାଇଁ ଇସ୍ତଫା ଦେଉଥିବା ପ୍ରଦତ୍ତ ଇସ୍ତଫା ପତ୍ରରେ ଉଲ୍ଲେଖ କରିଥିବା ବେଳେ ବିଜେଡିରେ ବିଶୃଙ୍ଖଳା ଯୋଗୁ ଦଳରୁ ଇସ୍ତଫା ଦେବାକୁ ପଡିଲା ବୋଲି କହିଛନ୍ତି। ଅନ୍ତର୍ଯାମୀ ୨୦୦୯ରେ ଭାଜପାରୁ ମୋହନା ନିର୍ବାଚନମଣ୍ଡଳୀରୁ ବିଧାୟକ ପ୍ରାର୍ଥୀ ହୋଇଥିଲେ। ମାତ୍ର ୨୦୧୪ରେ ସେ ଭାଜପା ଛାଡ଼ି ବିଜେଡିରେ ସାମିଲ ହୋଇଥିଲେ। ତାଙ୍କ ଯୋଗଦାନ ପରେ ମୋହନାରେ ବିଜେଡି ସଶକ୍ତ ହୋଇଥିଲା। ତାଙ୍କ ସ୍ତ୍ରୀ ପୂର୍ଣ୍ଣବାସୀ ନାୟକଙ୍କୁ ବିଜେଡି ପ୍ରାର୍ଥୀ କରିଥିଲା। ୨୦୨୪ରେ ଅନ୍ତର୍ଯାମୀ ବିଜେଡିରୁ ପ୍ରାର୍ଥୀ ହୋଇଥିଲେ। ମାତ୍ର ସେ ଜିତି ପାରି ନ ଥିଲେ। ସେ ୨୦୧୭ରୁ ୨୦୧୯ ଯାଏ ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଜିଲା ଅଧ୍ୟକ୍ଷ ଥିଲେ।





ନୂଆଦିଲ୍ଲୀରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶନିବାର ଉପରାଷ୍ଟ୍ରପତି ସି.ପି. ରାଧାକ୍ରିଷ୍ଣନ୍ ଓ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ତଥା କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜେ.ପି. ନଡ୍ଡାଙ୍କ ସହ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି।

# ନଡ୍ଡା, ରାଧାକ୍ରିଷ୍ଣନ୍‌ଙ୍କୁ ଭେଟିଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୪।୧୦(ସୁନିତ୍ ମିଶ୍ର)

**ସାଙ୍ଗଠନିକ ବିଷୟ ଓ ରାଜନୈତିକ ସ୍ଥିତି ଉପରେ ଆଲୋଚନା ହୋଇଥିବା କହିଲେ**

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶନିବାର ତାଙ୍କର ଦିନିକିଆ ନୂଆଦିଲ୍ଲୀ ଗସ୍ତ ଶେଷକରି ସନ୍ଧ୍ୟା ସୁଦ୍ଧା ଓଡ଼ିଶା ଫେରି ଆସିଛନ୍ତି। ପୂର୍ବରୁ ତାଙ୍କର ୨ ଦିନିଆ ନୂଆଦିଲ୍ଲୀ ଗସ୍ତ କାର୍ଯ୍ୟକ୍ରମ ଥିବାବେଳେ ପରବର୍ତ୍ତୀ ସମୟରେ ଏଥିରେ ପରିବର୍ତ୍ତନ କରାଯାଇଥିଲା। ଏହି ଅବସରରେ ସେ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ତଥା କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜେ.ପି. ନଡ୍ଡାଙ୍କୁ ଭେଟି ତାଙ୍କ ସହ ଆଲୋଚନା କରିଛନ୍ତି। ଏନେଇ ମୁଖ୍ୟମନ୍ତ୍ରୀ ତାଙ୍କ ଏକ୍ସରେ ପୋଷ୍ଟକରି କହିଛନ୍ତି, ରାଷ୍ଟ୍ରୀୟ ଅଧ୍ୟକ୍ଷଙ୍କ ସହ ସୌଜନ୍ୟମୂଳକ ସାକ୍ଷାତ କରିବାର ସୁଯୋଗ ପ୍ରାପ୍ତ ହେଲା। ଏହି ସମୟରେ ବିଭିନ୍ନ ସାଙ୍ଗଠନିକ ବିଷୟ, ରାଜନୈତିକ ପରିସ୍ଥିତି ଏବଂ ଭବିଷ୍ୟତର କାର୍ଯ୍ୟପନ୍ଥା ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଛି। ରାଷ୍ଟ୍ରୀୟ ଅଧ୍ୟକ୍ଷଙ୍କ ଦୃଷ୍ଟିଭଙ୍ଗୀ ଓ ପରାମର୍ଶ ଆଗକୁ ଅଧିକ ସକ୍ରିୟ ଭାବେ କାର୍ଯ୍ୟ କରିବାକୁ ପ୍ରେରିତ କରିବ ବୋଲି ମୁଖ୍ୟମନ୍ତ୍ରୀ ଉଲ୍ଲେଖ କରିଛନ୍ତି। ଅନ୍ୟପଟେ ମୁଖ୍ୟମନ୍ତ୍ରୀଙ୍କ ସହ ଏହି ଅବସରରେ ଭାଜପା ରାଜ୍ୟ ପ୍ରଭାରୀ ବିଜୟପାଲ ସିଂ ତୋମାର ଉପସ୍ଥିତ ଥିଲେ। କିଛିଦିନ ହେବ ଦଳର ସାଙ୍ଗଠନିକ ନିଯୁକ୍ତି, ବୋର୍ଡ ଓ ନିଗମରେ ନିଯୁକ୍ତି ,ଏହା ସହ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ନେଇ ଚର୍ଚ୍ଚା ହୋଇଆସୁଛି। ତେଣୁ ଏହିସବୁ କାର୍ଯ୍ୟ କରିବା ଉପରେ କିଛି ଆଲୋଚନା ହୋଇଥାଇପାରେ ବୋଲି ଚର୍ଚ୍ଚା ହେଉଛି। ସେହିପରି ମୁଖ୍ୟମନ୍ତ୍ରୀ ଏହି ଦିନିକିଆ ଗସ୍ତ ଅବସରରେ ଉପରାଷ୍ଟ୍ରପତି ସି.ପି. ରାଧାକ୍ରିଷ୍ଣନ୍‌ଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି। ଏହି ଅବସରରେ ସେ ରାଜ୍ୟର ବିକାଶମୂଳକ କାର୍ଯ୍ୟ, ଜନକଲ୍ୟାଣକାରୀ ଯୋଜନା ଓ ଭବିଷ୍ୟତ କାର୍ଯ୍ୟପନ୍ଥା ଉପରେ ଆଲୋଚନା କରିଛନ୍ତି। ଓଡ଼ିଶା ଭିଜନ ୨୦୩୬ ଏବଂ ୨୦୪୭ ସମ୍ପର୍କିତ ବହି ପ୍ରଦାନ କରି ଦୀର୍ଘମିଆଦୀ ଲକ୍ଷ୍ୟ ସମ୍ପର୍କରେ ଅବଗତ କରାଇଥିବା କଥା କହିଛନ୍ତି। ଉପରାଷ୍ଟ୍ରପତିଙ୍କ ପ୍ରେରଣା ଓ ମାର୍ଗଦର୍ଶିକା ପାଇଁ କୃତଜ୍ଞ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ଅବସରରେ ମଧ୍ୟ ବିଜୟପାଲ ସାଙ୍ଗରେ ଯାଇଥିଲେ।

# ୧,୦୮୫ଟି ଦୁର୍ଗାମେଢ଼କୁ ୭.୦୧ କୋଟି ଅନୁଦାନ ମିଳିବ

ଭୁବନେଶ୍ୱର,୪।୧୦ (ସୌମ୍ୟରଞ୍ଜନ ରାଉତ)

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିର୍ଦ୍ଦେଶକ୍ରମେ ଚଳିତବର୍ଷ ପ୍ରଥମଥର ପାଇଁ ରାଜ୍ୟର ଦଶହରା ଦୁର୍ଗାମେଢ଼ଗୁଡ଼ିକୁ ଆର୍ଥିକ ଅନୁଦାନ ଦିଆଯିବ। ଏଥିପାଇଁ ୧,୦୮୫ଟି ଦୁର୍ଗାମେଢ଼ ଯୋଗ୍ୟ ବିବେଚିତ ହୋଇଥିବାବେଳେ ଏ ବାବଦକୁ ମୋଟ ୭ କୋଟି ୧ ଲକ୍ଷ ୪୦ ହଜାର ଟଙ୍କା ଅନୁଦାନ ରାଶି ପ୍ରଦାନ କରାଯିବ ବୋଲି ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଶନିବାର ସୂଚନା ଦିଆଯାଇଛି। ଦୁର୍ଗାମେଢ଼ଗୁଡ଼ିକୁ ୩ ବର୍ଗରେ ବିଭକ୍ତ କରାଯାଇ ଏହି ଆର୍ଥିକ ସହାୟତା ପ୍ରଦାନ କରାଯିବ। 'କ' ବର୍ଗରେ ଥିବା ଐତିହ୍ୟସମ୍ପନ୍ନ ୨୧୫ଟି ଦୁର୍ଗାମେଢ଼କୁ ୧ ଲକ୍ଷ ୧ ହଜାର ଟଙ୍କା ଲେଖାଏ ମୋଟ ୨ କୋଟି ୧୭ଲକ୍ଷ ୧୫ ହଜାର ଟଙ୍କା ପ୍ରଦାନ କରାଯିବ। 'ଖ' ବର୍ଗରେ ଥିବା ୭୫ ବର୍ଷ ପୁରୁଣା ୧୯୭ଟି ମେଢ଼କୁ ୭୫ହଜାର ଟଙ୍କା ଲେଖାଏ ମୋଟ ୧ କୋଟି ୪୭ ଲକ୍ଷ ୭୫ ହଜାର ଟଙ୍କା ପ୍ରଦାନ କରାଯିବ। 'ଗ' ବର୍ଗରେ ଥିବା ୫୦ ବର୍ଷ ପୁରୁଣା ୬୭୩ଟି ମେଢ଼କୁ ୫୦ହଜାର ଟଙ୍କା ଲେଖାଏ ମୋଟ ୩ କୋଟି ୩୬ ଲକ୍ଷ ୫୦ହଜାର ଟଙ୍କାର ଅନୁଦାନ ରାଶି ପ୍ରଦାନ କରାଯିବ।

# 'ସୁସ୍ଥ ନାରୀ, ସଶକ୍ତ ପରିବାର ଅଭିଯାନ'ରେ ଓଡ଼ିଶା ଅଗ୍ରଣୀ

ଭୁବନେଶ୍ୱର,୪।୧୦(ବନ୍ଦନା ସେଠୀ)

- ୧ କୋଟିରୁ ଅଧିକ ମହିଳାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା, ଦେଶରେ ଦ୍ୱିତୀୟ ସର୍ବାଧିକ
- ୮୫ହଜାରରୁ ଅଧିକ ସ୍ୱାସ୍ଥ୍ୟ ଶିବିର ଆୟୋଜନ କରି ଚତୁର୍ଥ ସ୍ଥାନ ହାସଲ

'ସୁସ୍ଥ ନାରୀ, ସଶକ୍ତ ପରିବାର' ଅଭିଯାନରେ ଜାତୀୟସ୍ତରରେ ଓଡ଼ିଶା ଅଗ୍ରଣୀ ରହିବା ସହ ବହୁବିଧ ସ୍ୱାସ୍ଥ୍ୟ କ୍ଷେତ୍ରରେ ପ୍ରଶଂସା ହାସଲ କରିଛି। ମହିଳାଙ୍କ ସ୍ୱାସ୍ଥ୍ୟ ମାଧ୍ୟମରେ ପରିବାରକୁ ସଶକ୍ତ କରିବା ଲକ୍ଷ୍ୟରେ ସେପ୍ଟେମ୍ବର ୧୭ରୁ ଅକ୍ଟୋବର ୨ ଯାଏ ଚାଲିଥିବା ଏହି ଅଭିଯାନ ଅଂଶଗ୍ରହଣ, ସ୍କ୍ରିନିଂ ଏବଂ ଗୋଷ୍ଠୀ ସମ୍ପୃକ୍ତିରେ ମାନଦଣ୍ଡ ସ୍ଥାପନ କରିଛି। ସମସ୍ତ ଗ୍ରାମୀଣ ଓ ସହରାଞ୍ଚଳରେ ଆରୋଗ୍ୟ ମନ୍ଦିର, ପ୍ରାଥମିକ ଏବଂ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ୮୫ ହଜାରରୁ ଅଧିକ ସ୍ୱାସ୍ଥ୍ୟ ଶିବିର ଆୟୋଜନ କରାଯାଇଥିଲା। ଏ କ୍ଷେତ୍ରରେ ଓଡ଼ିଶା ଚତୁର୍ଥ ସ୍ଥାନରେ ରହିଛି। ଏହି ସମୟ ମଧ୍ୟରେ ପ୍ରାୟ ୧କୋଟିରୁ ଊର୍ଦ୍ଧ୍ୱ ମହିଳାଙ୍କ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଛି, ଯାହା ଦେଶରେ ଦ୍ୱିତୀୟ ସର୍ବାଧିକ ବୋଲି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।



ଆୟୋଜିତ ଏକ ସ୍ୱାସ୍ଥ୍ୟ ଶିବିରରେ ମହିଳାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଉଛି।

ପ୍ରମୁଖ ସ୍ୱାସ୍ଥ୍ୟ ପରୀକ୍ଷାଗୁଡ଼ିକରେ ୧୨ଲକ୍ଷ ରକ୍ତଚାପ ସ୍କ୍ରିନିଂ, ୧୨.୨ ଲକ୍ଷ ମଧୁମେହ ସ୍କ୍ରିନିଂ, ୩.୨ଲକ୍ଷ ମୁଖ କର୍କଟ ସ୍କ୍ରିନିଂ, ୩.୩ଲକ୍ଷ ସ୍ତନକର୍କଟ ସ୍କ୍ରିନିଂ, ୪୦ହଜାର ଗର୍ଭାଶୟ କର୍କଟ ସ୍କ୍ରିନିଂ, ୬.୫ଲକ୍ଷ କିଶୋରୀ ଝିଅଙ୍କ ମାସିକଧର୍ମ ସ୍ୱଚ୍ଛତା ସ୍କ୍ରିନିଂ ଉପରେ ପରାମର୍ଶ ଅନ୍ତର୍ଭୁକ୍ତ ଥିଲା। ଏହାବ୍ୟତୀତ ବିଭିନ୍ନ ଜିଲାରେ ଆୟୋଜିତ ୫୨୩ ସ୍ୱେଚ୍ଛାସେବୀ ରକ୍ତଦାନ ଶିବିର ମାଧ୍ୟମରେ ୩୨,୮୬୫ ରକ୍ତ ୟୁନିଟ ସଂଗ୍ରହ କରାଯାଇଛି।

ଜାତୀୟ ଡାଟା ପୋର୍ଟାଲ ଅନୁଯାୟୀ, ମଧ୍ୟପ୍ରଦେଶ, ମହାରାଷ୍ଟ୍ର ଏବଂ ରାଜସ୍ଥାନ ଭଳି ଉଚ୍ଚ ପ୍ରଦର୍ଶନକାରୀ ରାଜ୍ୟ ସହିତ ଓଡ଼ିଶାର ସଫଳତା ଉଚ୍ଚ ରହିଛି। ମୋଟ ଶିବିର ଓ ସ୍କ୍ରିନିଂରେ ମଧ୍ୟପ୍ରଦେଶ ଆଗରେ ଥିବାବେଳେ ଓଡ଼ିଶା ଲିଙ୍ଗ-ସମ୍ବେଦନଶୀଳ ପ୍ରସାର ଏବଂ କିଶୋର ସ୍ୱାସ୍ଥ୍ୟ ପଦକ୍ଷେପରେ ଭଲ ପ୍ରଦର୍ଶନ କରିଛି। କର୍କଟ ସ୍କ୍ରିନିଂ ଏବଂ ମାସିକ ରକ୍ତସ୍ରାବ ପରିଚ୍ଛନ୍ନତା ପରାମର୍ଶରେ ସଫଳତା ଓଡ଼ିଶାକୁ ଅନେକ ବଡ଼ ରାଜ୍ୟ ତୁଳନାରେ ଆଗରେ ରଖିଥିବା ନେଇ ସୂଚନା ରହିଛି।

# ସହଯୋଗର ଗୁରୁତ୍ୱ

ଶିକ୍ଷକମାନଙ୍କର ସମାଜ ପ୍ରତି ରହିଛି ଗୁରୁତ୍ୱପୂର୍ଣ୍ଣ ଅବଦାନ। ଏଥିସକାଶେ ସେମାନଙ୍କୁ ସମ୍ମାନିତ କରିବା ପାଇଁ ୧୯୯୪ରେ ଅକ୍ଟୋବର ୫ତାରିଖକୁ ବିଶ୍ୱ ଶିକ୍ଷକ ଦିବସ ଭାବରେ ପାଳନ ଲାଗି ୟୁନେସ୍କୋ ଘୋଷଣା କରିଥିଲା। ପୃଥିବୀର ୧୦୦ ରୁ ଅଧିକ ଦେଶ ଉକ୍ତ ଦିନ ବିଶ୍ୱ ଶିକ୍ଷକ ଦିବସ ପାଳନ କରିଆସୁଛନ୍ତି। ଆମ ଦେଶରେ ମହାନ୍ ଶିକ୍ଷକ ତଥା ପୂର୍ବତନ ରାଷ୍ଟ୍ରପତି ସର୍ବପଲ୍ଲୀ ରାଧାକ୍ରିଷ୍ଣନ୍‌ଙ୍କ ଜନ୍ମଦିନ (ସେପ୍ଟେମ୍ବର ୫)କୁ ଗୁରୁ ଦିବସ ଭାବରେ ପାଳନ କରାଯାଉଛି। ତେବେ ଚଳିତ ବର୍ଷ ବିଶ୍ୱ ଶିକ୍ଷକ ଦିବସ ଲାଗି ବିଷୟବସ୍ତୁ ରହିଛି 'ଶିକ୍ଷାଦାନକୁ ଏକ ସହଯୋଗୀ ବୃତ୍ତି ଭାବରେ ପୁନଃ ସ୍ଥାପନ କରିବା'। ଏହା ଶିକ୍ଷକ, ଛାତ୍ର, ସମ୍ପ୍ରଦାୟ ଓ ନୀତି ନିର୍ଦ୍ଧାରକଙ୍କ ମଧ୍ୟରେ ଦଳଗତ କାର୍ଯ୍ୟ ଏବଂ ସହଯୋଗର ଗୁରୁତ୍ୱକୁ ପ୍ରାଧାନ୍ୟ ଦିଏ, ଯାହାଦ୍ୱାରା ବୃତ୍ତିଗତ ଅଭିବୃଦ୍ଧି ଓ ଶିକ୍ଷାଗତ ଫଳାଫଳକୁ ଉନ୍ନତ କରାଯାଇପାରିବ।

**ଆଜି ବିଶ୍ୱ ଶିକ୍ଷକ ଦିବସ**



# ଜାନୁଆରୀ ୨୨ରୁ ୩ ଦିନିଆ କୃଷି ଓଡ଼ିଶା ୨୦୨୫-୨୬

ଭୁବନେଶ୍ୱର,୪।୧୦(ସୁନିତ୍ ମିଶ୍ର)

କୃଷି ଓଡ଼ିଶା ୨୦୨୫-୨୬ ନିମନ୍ତେ ପ୍ରସ୍ତୁତି ବୈଠକ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓଙ୍କ ଅଧ୍ୟକ୍ଷତାରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ଜାନୁଆରୀ ୨୨ରୁ ୨୪ ତାରିଖ ପର୍ଯ୍ୟନ୍ତ କୃଷି ଓଡ଼ିଶା ସମାବେଶ ଖୁବ୍ ଉତ୍ସାହର ସହ ପାଳନ କରାଯିବ। ବୈଠକର ନିଷ୍ପତ୍ତି ଅନୁଯାୟୀ ଚଳିତବର୍ଷଠାରୁ ପ୍ରତିବର୍ଷ ଜାନୁଆରୀର ଏହିଦିନରେ ହିଁ କୃଷି ଓଡ଼ିଶା ସମାବେଶର ଆୟୋଜନ କରାଯିବ। ଦେଶ ତଥା ରାଜ୍ୟର ବିଭିନ୍ନ କୋଣ ଅନୁକୋଣରୁ ବୁଦ୍ଧିଜୀବୀ, ସଫଳ ଚାଷୀ, ବୈଜ୍ଞାନିକ, କୃଷି ଉତ୍ପାଦକମାନେ ଯୋଗଦେବେ। କୃଷି ଉଦ୍ୟୋଗୀ, ସ୍ୱୟଂ ସହାୟିକା ଗୋଷ୍ଠୀ, ମିଶନ ଶକ୍ତି ସଦସ୍ୟସଦସ୍ୟାଙ୍କ ଦ୍ୱାରା ୨୫୦ରୁ ଊର୍ଦ୍ଧ୍ୱ ଷ୍ଟଲ୍‌ର ପ୍ରଦର୍ଶନ କରାଯିବ। ପ୍ରାୟ ୧୦ ହଜାରରୁ ଊର୍ଦ୍ଧ୍ୱ ଚାଷୀଙ୍କ ସମାବେଶ ହେବ। କୃଷି ଯାନ୍ତ୍ରିକୀକରଣ ତଥା ଅତ୍ୟାଧୁନିକ ଯନ୍ତ୍ରପାତିର ସ୍ୱତନ୍ତ୍ର ପ୍ରଦର୍ଶନ କରାଯିବା ଯୋଜନା ମଧ୍ୟ ରହିଛି। ଦୂରଦୂରାନ୍ତରୁ ଆସୁଥିବା ଚାଷୀ ଭଉଣୀଭାଇଙ୍କ ରହିବା ତଥା ଆନୁଷଙ୍ଗିକ ବ୍ୟବସ୍ଥା ଉପରେ ମଧ୍ୟ ବୈଠକରେ ଆଲୋଚନା ହୋଇଛି। ଏହି ପ୍ରସ୍ତୁତି ବୈଠକରେ ବିଭାଗୀୟ ପ୍ରମୁଖ ଶାସନ ସଚିବ ଅରବିନ୍ଦ ପାଢ଼ୀ, କୃଷି ନିର୍ଦ୍ଦେଶକ ଶୁଭମ ସକ୍ସେନା, ମୃତ୍ତିକା ସଂରକ୍ଷଣ ଓ ଜଳବିଭାଜିକା ନିର୍ଦ୍ଦେଶକ ସୁବ୍ରତ କୁମାର ପଣ୍ଡା, ବିଭାଗୀୟ ବରିଷ୍ଠ ଅଧିକାରୀବୃନ୍ଦ ବୈଠକର ପ୍ରସ୍ତୁତି ବିଷୟରେ ବିସ୍ତୃତ ଆଲୋଚନା କରିଛନ୍ତି। ଏହାର ସଫଳ ଆୟୋଜନ ନିମନ୍ତେ ନିଜ ନିଜର ସୁଚିନ୍ତିତ ମତାମତ ପ୍ରଦାନ କରିଛନ୍ତି।

# ନିର୍ବାହୀ ଅଧିକାରୀଙ୍କୁ ପ୍ରମୁଖ ଶାସନ ସଚିବଙ୍କ ପ୍ରଶଂସାପତ୍ର

ଅନୁଗୋଳ,୪।୧୦(ଦିବ୍ୟଶାନ୍ତନୁ ନାଥ)

ଓଡ଼ିଶା ସରକାରଙ୍କ ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ଅନୁଗୋଳ ପୌରପାଳିକାର କାର୍ଯ୍ୟନିର୍ବାହୀ ଅଧିକାରୀ ସତ୍ୟ ପ୍ରକାଶ ତ୍ରିପାଠୀଙ୍କୁ ପ୍ରଶଂସା କରାଯାଇଛି। ଅନୁଗୋଳ ପୌରପାଳିକାର ସଫେଇ କର୍ମଚାରୀ ଲକ୍ଷ୍ମଣ ଗୋଚ୍ଛାୟତଙ୍କ ଅବସର ଦିବସକୁ ନିର୍ବାହୀ ଅଧିକାରୀ ଏକ ସ୍ନେହ, ସମ୍ମାନ ଓ ଗରିମାର ସ୍ପର୍ଶ ଦେଇ ସ୍ମୃତିମୟ ଅନୁଭବରେ ପରିଣତ କରିଥିବାରୁ ବିଭାଗ ପକ୍ଷରୁ ଏହି ପ୍ରଶଂସାପତ୍ର ଜାରି କରାଯାଇଛି। ବିଭାଗୀୟ ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ ଗତ ୩ ତାରିଖରେ ଏହି ପ୍ରଶଂସାପତ୍ର ଜାରି କରିବା ସହ ସେଥିରେ ଲେଖିଛନ୍ତି, ନିର୍ବାହୀ ଅଧିକାରୀ ସତ୍ୟପ୍ରକାଶଙ୍କ ଏପରି ଉଦ୍ୟମ କେବଳ ଏକ ଔପଚାରିକତା ନୁହେଁ; ଏହା ଦୟା, ସମାନତା ଓ ମାନବିକ ଶାସନର ପ୍ରତୀକ। ଏହା ସମସ୍ତ ସହରର ସ୍ଥାନୀୟ ସଂସ୍ଥାଗୁଡ଼ିକ ପାଇଁ ଏକ ପ୍ରେରଣାର ସୂତ୍ର। ଏହି ଘଟଣା ମାନବିକତା ଓ ସେବାଭାବ ଆଧାରିତ ଶାସନର ଏକ ଉଦାହରଣ ହୋଇ ସରକାରୀ ଅଧିକାରୀମାନଙ୍କ ମଧ୍ୟରେ ସେବା ଓ ସମ୍ମାନର ମୂଲ୍ୟବୋଧକୁ ଅଧିକ ସୁଦୃଢ଼ କରିବ। ସୂଚନାଯୋଗ୍ୟ, ଦୀର୍ଘ ୩୧ ବର୍ଷ ଧରି ଅନୁଗୋଳ ପୌରପାଳିକାରେ ନିଷ୍ଠାପର ଭାବେ ସେବା କରିଥିବା ସଫେଇ କର୍ମଚାରୀ ଲକ୍ଷ୍ମଣଙ୍କୁ ଗତ ୩୦ ତାରିଖରେ ଏକ ନିଆରା ଅବସର ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ନିର୍ବାହୀ ଅଧିକାରୀ ତ୍ରିପାଠୀ ଏହାର ଆୟୋଜନ ସହ ବ୍ୟକ୍ତିଗତ ଭାବେ ୫ ହଜାର ଟଙ୍କା ପ୍ରଦାନ କରିଥିଲେ। ଏଥିସହ ଆଗାମୀ ଦିନରେ ପୁନଃ ନିଯୁକ୍ତି ଦିଗରେ ଉଦ୍ୟମ କରିବାକୁ ଆଶ୍ୱାସନା ଦେଇଥିଲେ। ଏପରି କି ଲକ୍ଷ୍ମଣଙ୍କ ଇଚ୍ଛା ପଚାରି ତାଙ୍କୁ କାର୍‌ରେ ନେଇ ଏକ ଷ୍ଟାର ହୋଟେଲରେ ଖୁଆଇବା ସହ ଘରେ ଛାଡ଼ିଥିଲେ।

**ଅନୁଗୋଳ ପୌର ସଫେଇ କର୍ମଚାରୀଙ୍କୁ ନିଆରା ଅବସର ସମ୍ବର୍ଦ୍ଧନା ଘଟଣା**



Usha Padhee, IAS

Housing and Urban Development Department
Government of Odisha

COMMENDATION

The Department proudly acknowledges the noble gesture of Shri Satya Prakash Tripathy, Executive Officer, Angul Municipality, who, on the occasion of the retirement of Sri Laxman Gochhayat, Safai Karmachari, infused the moment with warmth, dignity, and respect-transforming a routine farewell into a cherished memory.

Such an act is more than ceremonial; it is a testament to the values of compassion, inclusiveness, and humane governance. By honouring a frontline worker with genuine empathy, Shri Tripathy has reaffirmed that true leadership is reflected not only in policy and delivery, but also in the ability to recognise and celebrate human dignity at every level.

The Department commends this inspiring display of sensitivity and values-driven leadership and believes it will serve as a guiding light for officers across Urban Local Bodies-strengthening the spirit of service, humanity, and respect that defines good governance in a progressive Odisha.

Best wishes,

(Usha Padhee)

3rd Floor, Kharavel Bhawan, Bhubaneswar, Odisha

ଗୃହ ଓ ନଗର ଉନ୍ନୟନ ବିଭାଗ ପ୍ରମୁଖ ଶାସନ ସଚିବଙ୍କ ପ୍ରଶଂସାପତ୍ର।

# ୧୫୨ ସ୍ପେଶାଲ ସ୍କୁଲର ୮୪୫୯ ପିଲାଙ୍କ ଆଖି ପରୀକ୍ଷା ନିର୍ଦ୍ଦେଶ

ଭୁବନେଶ୍ୱର,୪।୧୦(ସୁଚିସ୍ମିତା ସାହୁ)

ରାଜ୍ୟ ସରକାର ସୁରେନ୍ଦ୍ର ସାଏ ଦିବ୍ୟ ଦୃଷ୍ଟି ଯୋଜନା ମାଧ୍ୟମରେ ସ୍ପେଶାଲ ସ୍କୁଲ ପିଲାଙ୍କ ଆଖିର ସୁରକ୍ଷା ପାଇଁ ପଦକ୍ଷେପ ନେଉଛନ୍ତି। ଏହିକ୍ରମରେ ବିଭିନ୍ନ ବିଭାଗର ମିଳିତ ସହଯୋଗରେ ଚଳିତବର୍ଷ ମୋଟ ୧୫୨ଟି ସ୍ପେଶାଲ ସ୍କୁଲରେ ପଢୁଥିବା ମୋଟ ୮୪୫୯ଜଣ ପିଲାଙ୍କ ଆଖି ପରୀକ୍ଷା କରାଯିବ। ଅକ୍ଟୋବରରୁ ସମ୍ପୃକ୍ତ ସ୍ପେଶାଲ ସ୍କୁଲଗୁଡ଼ିକରେ ସ୍ୱତନ୍ତ୍ର ଶିବିର ଆୟୋଜନ କରାଯାଇ ଛାତ୍ରୀଛାତ୍ରଙ୍କ ଆଖି ପରୀକ୍ଷା କରାଯିବା ସହିତ ଆସନ୍ତା ଫେବୃଆରୀ ସୁଦ୍ଧା ଚଷମା ବଣ୍ଟନ କରାଯିବାକୁ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ସମେତ ବିଭିନ୍ନ ବିଭାଗ ଏବଂ ଓସେପା କର୍ତ୍ତୃପକ୍ଷଙ୍କୁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ନିର୍ଦ୍ଦେଶ ଦେଇଛି।

ପ୍ରତିବର୍ଷ ରାଜ୍ୟ ସରକାରଙ୍କ ପକ୍ଷରୁ ପିଲାଙ୍କ ଆଖି ପରୀକ୍ଷା କରିବା ପାଇଁ ସ୍ୱତନ୍ତ୍ର କ୍ୟାମ୍ପର ବ୍ୟବସ୍ଥା କରାଯାଇଛି। ଚଳିତ ବର୍ଷ ୩୦ ଜିଲାର ୧୦୩ ସ୍ପେଶାଲ ସ୍କୁଲ୍‌ର ୬୦୮୯ଜଣ ଏବଂ ୪୯ଟି ଆବାସିକ ସ୍ପେଶାଲ ସ୍କୁଲ୍‌ର ୨୩୭୦ଜଣ ପିଲାଙ୍କ ଚକ୍ଷୁ ପରୀକ୍ଷା କରାଯିବ। ଖୋର୍ଦ୍ଧା ଜିଲାର ସର୍ବାଧିକ ୧୯ଟି ସ୍କୁଲ ରହିଛି। ସେହିପରି ସର୍ବନିମ୍ନ ଭାବେ ନବରଙ୍ଗପୁର, ନୂଆପଡା ଏବଂ ସୋନପୁରରେ ଗୋଟିଏ ଲେଖାଏ ସ୍କୁଲରେ ଆଖି ପରୀକ୍ଷା କରାଯିବ। ଖୋର୍ଦ୍ଧା ଜିଲାର ସର୍ବାଧିକ ୧୧୩୧ ଜଣ ପିଲା ରହିଥିବା ବେଳେ ସୋନପୁରରେ ସର୍ବନିମ୍ନ ୩୦ଜଣ ପିଲା ରହିଛନ୍ତି। ଗୋଟିଏ କ୍ୟାମ୍ପରେ ୫୦ଜଣ ପିଲାଙ୍କ ପରୀକ୍ଷା କରାଯିବ। ପିଲାଙ୍କ ସଂଖ୍ୟାକୁ ଦେଖି ଅଧିକ ସଂଖ୍ୟାକ କ୍ୟାମ୍ପ କରାଯିବାର ଯୋଜନା ରହିଛି ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।


DADLS-52

ଶହୀଦ ବାଜି ରାଉତଙ୍କ
ରାଜ୍ୟସ୍ତରୀୟ ଶତବାର୍ଷିକୀ ଜୟନ୍ତୀ ସମାରୋହ
ନୀଳକଣ୍ଠପୁର, ଭୁବନ, ଢେଙ୍କାନାଳ
୫ ଅକ୍ଟୋବର, ୨୦୨୫ | ଅପରାହ୍ନ ଘ. ୧୨.୦୫ ମିନିଟ୍

ମୁଖ୍ୟ ଅତିଥି
ଶ୍ରୀଯୁକ୍ତ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ଗରିମାମୟ ଉପସ୍ଥିତି
ଶ୍ରୀଯୁକ୍ତ ସୂର୍ଯ୍ୟବଂଶୀ ସୂରଜ, ମନ୍ତ୍ରୀ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି, ଓଡ଼ିଶା
ଶ୍ରୀଯୁକ୍ତ କୃଷ୍ଣ ଚନ୍ଦ୍ର ପାତ୍ର, ମନ୍ତ୍ରୀ, ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ, ଓଡ଼ିଶା
ଶ୍ରୀଯୁକ୍ତ ରୁଦ୍ର ନାରାୟଣ ପାଣି, ସାଂସଦ, ଢେଙ୍କାନାଳ
ଶ୍ରୀଯୁକ୍ତ ଶତ୍ରୁଘ୍ନ ଜେନା, ବିଧାୟକ, କାମାକ୍ଷାନଗର
ଶ୍ରୀମତୀ ସୀମାରାଣୀ ନାୟକ, ବିଧାୟିକା, ହିନ୍ଦୋଳ
ଶ୍ରୀଯୁକ୍ତ ବିଭୂତି ଭୂଷଣ ପ୍ରଧାନ, ବିଧାୟକ, ପର୍ଜଙ୍ଗ

ଓଡ଼ିଶା ବିଧାନ ସଭା ପାର୍ଶ୍ୱ ସ୍ଥିତ
ଶହୀଦ ବାଜି ରାଉତଙ୍କ ପ୍ରତିମୂର୍ତ୍ତିରେ
ସକାଳ ଘ. ୧୦.୧୦ ମିନିଟ୍‌ରେ
ମୁଖ୍ୟମନ୍ତ୍ରୀ, ବାଚସ୍ପତି, ବିଧାୟକ (ଏକାମ୍ର ଭୁବନେଶ୍ୱର)
ତଥା ବିଶିଷ୍ଟ ଅତିଥିମାନଙ୍କ ଦ୍ୱାରା ମାଲ୍ୟାର୍ପଣ

ଆୟୋଜକ
ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ଜିଲ୍ଲା ପ୍ରଶାସନ, ଢେଙ୍କାନାଳ

ଏହି କାର୍ଯ୍ୟକ୍ରମରେ ଯୋଗ ଦେବାକୁ ବିନମ୍ର ଅନୁରୋଧ ।

– ସୌଜନ୍ୟ –
ସୂଚନା ଓ ଲୋକସମ୍ପର୍କ ବିଭାଗ, ଓଡ଼ିଶା ସରକାର

OIPR-15001/13/1209/2526

# ମାନବାଧିକାର କ୍ଷୁଣ୍ଣ



## ଆକାର ପଟେଲ

ମୁଁ ପ୍ରତିନିଧିତ୍ୱ କରୁଥିବା ସଙ୍ଗଠନ ପକ୍ଷରୁ ଭାରତରେ ମାନବ ଅଧିକାର ଉପରେ ପ୍ରସ୍ତୁତ ଏକ ରିପୋର୍ଟ ପ୍ରତିବର୍ଷ ଶେଷ ଆଡ଼କୁ ପ୍ରକାଶ ପାଇଥାଏ। ଏହି ରିପୋର୍ଟ ଆମ୍ନେଷ୍ଟି ଇଣ୍ଟରନ୍ୟାସନାଲର ବୈଶ୍ୱିକ ଆକଳନର ଏକ ଅଂଶ। ଏହି ଆକଳନ ବିଶ୍ୱର ଦେଶଗୁଡ଼ିକରେ ହେଉଥିବା ମାନବ ଅଧିକାର ଉଲ୍ଲଂଘନ ଉପରେ ଧ୍ୟାନ ଦେଇଥାଏ। ଚଳିତବର୍ଷ ସେପ୍ଟେମ୍ବରରେ ପ୍ରକାଶିତ ରିପୋର୍ଟରୁ ପାଠକମାନେ ଦେଶର ସ୍ଥିତି ସମ୍ପର୍କରେ ଜାଣିବା ପାଇଁ ଆଗ୍ରହୀ ହେବେ। ଜାନୁଆରୀରେ ଉତ୍ତରାଖଣ୍ଡ ଆଇନଗୁଡ଼ିକରେ ପାସ୍ କରିଥିଲା, ଯାହା କପଟପୂର୍ଣ୍ଣ ବିବାହ ମାଧ୍ୟମରେ ହେଉଥିବା ଧର୍ମାନ୍ତରୀକରଣକୁ ରୋକିବା ପାଇଁ ଲିଭ୍-ଇନ୍-ରିଲେସନସିପ୍ ପଞ୍ଜୀକରଣକୁ ବାଧ୍ୟତାମୂଳକ କରିଛି। ଆଇନଗତ ଭାବେ ସରକାରଙ୍କ ଦ୍ୱାରା ନିଯୁକ୍ତ ୯ ସଦସ୍ୟ ବିଶିଷ୍ଟ କମିଟିର ରିପୋର୍ଟକୁ ବିଚାରକୁ ନ ନିଆଯାଇ ଏହିସବୁ ନିୟମ ପାସ୍ କରାଯାଇଥିଲା। ଫେବୃଆରୀରେ ଧର୍ମାନ୍ତରୀକରଣ ସହ ଜଡ଼ିତ ତଥା ସହମତିଭିତ୍ତିରେ ହେଉଥିବା ଆନ୍ତଃଧର୍ମୀୟ ବିବାହକୁ ଅପରାଧୀକରଣ କରିବାରେ ରାଜସ୍ଥାନ ଏକ ବିଲ୍ ପାସ୍ କରିଥିଲା। ମହାରାଷ୍ଟ୍ର ମଧ୍ୟ ଆନ୍ତଃଧର୍ମୀୟ ବିବାହକୁ ରୋକିବା ଲାଗି ଏକ ପ୍ରସ୍ତାବ ପାସ୍ କରିଥିଲା ଏବଂ ସେହି ଏକା ମାସରେ ମାଲଭାନ ମ୍ୟୁନିସିପାଲ କର୍ପୋରେସନ ଜଣେ ନାବାଳକର ବାପାଙ୍କ ସ୍କ୍ରାପ୍ ଦୋକାନକୁ ଭାଙ୍ଗି ଦେଇଥିଲା। କାରଣ ସେହି ବାଳକ ଚାମ୍ପିଅନ୍ସ ଟ୍ରଫି କ୍ରିକେଟରେ ପାକିସ୍ତାନ ବିରୋଧରେ ଭାରତର ବିଜୟ ପରେ କିଛି କହିଥିବାର ଅଭିଯୋଗ ହୋଇଥିଲା। ମାର୍ଚ୍ଚରେ 'ନୂଆ ଭାରତ'କୁ ନେଇ ପ୍ରଦର୍ଶନ କରିଥିବା କମେଡ଼ି ଶୋ ସହିତ ଜଡ଼ିତ ଥିବା କୁଣାଲ କାମରାଙ୍କ ବିରୋଧରେ ମହାରାଷ୍ଟ୍ର ପୋଲିସ ଏକ ଏଫ୍ଆଇଆର୍ ଦାଏର କରିଥିଲା, ଯାହା ଅଭିବ୍ୟକ୍ତିର ସ୍ୱାଧୀନତା, ଏକ ମୌଳିକ ଅଧିକାର ଉପରେ ଆକ୍ରମଣକୁ ଦର୍ଶାଇଥିଲା। ଏହାର ପୂର୍ବ ମାସରେ ଦିଲ୍ଲୀ ପୋଲିସ ଜାମିଆ ମିଲିଆ ଇସଲାମିଆ ବିଶ୍ୱବିଦ୍ୟାଳୟର ୧୭ ଜଣ ଛାତ୍ରଙ୍କୁ ଅଟକ ରଖିଥିଲା। ୨୦୧୪ରେ ବିନା ଅନୁମତିରେ ଜିନ୍ଦ ବିଶ୍ୱବିଦ୍ୟାଳୟ ଅଧିକାରୀଙ୍କୁ ନ ଜଣାଇ ସ୍ଲୋଗାନ ଦେଉଥିବା ଦୁଇଜଣ ପିଏଚ୍ଡି ଛାତ୍ରଙ୍କୁ ଜାରି କରାଯାଇଥିବା କାରଣ ଦର୍ଶାଅ ନୋଟିସ ବିରୋଧରେ ଏହି ଛାତ୍ରମାନେ ପ୍ରତିବାଦ କରୁଥିଲେ। ମାର୍ଚ୍ଚ ମାସରେ ମଧ୍ୟ ଆସାମ ସରକାରଙ୍କ ଦ୍ୱାରା ପରିଚାଳିତ ଏକ ବ୍ୟାଙ୍କରେ ଆର୍ଥିକ ଅନିୟମିତତାକୁ ନେଇ ହୋଇଥିବା ଏକ ଆନ୍ଦୋଳନ ଉପରେ ଖବର ପ୍ରକାଶ କରିଥିବାରୁ ସାମ୍ବାଦିକ ଦିଲ୍ୱାର ହୁସେନ ମଜୁମଦାରଙ୍କୁ ଆସାମ ପୋଲିସ ଗିରଫ କରିଥିଲା। ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ଉପରେ ମନ୍ତବ୍ୟ ଦେଇ ଲୋକଗାୟିକା ନେହା ସିଂ ରାଠୋରଙ୍କ ବିରୋଧରେ ଲକ୍ଷ୍ନୌରେ ଏକ ଏଫ୍ଆଇଆର୍ ଦାଏର କରାଯାଇଥିଲା। ମେ'ରେ ଫଇଜ ଅହମ୍ମଦ ଫଇଜଙ୍କ 'ହମ ଦେଖେଙ୍ଗେ' କବିତାକୁ ଆବୃତ୍ତି କରିଥିବା ଆକ୍ଟିଭିଷ୍ଟ ବୀର ସାଥୀଦାରଙ୍କ ସ୍ତ୍ରୀ ପୁଷ୍ପା ସାଥୀଦାରଙ୍କ ସମେତ ତିନି ଜଣଙ୍କ ବିରୋଧରେ ନାଗପୁର ପୋଲିସ ଏକ ଏଫ୍ଆଇଆର୍ ଦାଏର କରିଥିଲା। ଅପରେସନ ସିନ୍ଦୂର ସମ୍ପର୍କରେ ସୋସିଆଲ ମିଡ଼ିଆ ବା ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରିଥିବା ଅଶୋକା ବିଶ୍ୱବିଦ୍ୟାଳୟର ସହକାରୀ ପ୍ରାଧ୍ୟାପକ ଅଲି ଖାନ ମାମୁଦାବାଦଙ୍କ ବିରୋଧରେ ହରିୟାଣା ପୋଲିସ ପକ୍ଷରୁ ଦୁଇଟି ଏଫ୍ଆଇଆର୍ କରାଯାଇଥିଲା। ନାଗପୁର ପୋଲିସ ଅପରେଶନ ସିନ୍ଦୂରକୁ ଇନ୍ଷ୍ଟାଗ୍ରାମରେ ଅପମାନିତ କରିଥିବା ଅଭିଯୋଗରେ ୨୬ ବର୍ଷ ବୟସ୍କ ରେଜାଜ୍ ଏମ୍ ସିଦ୍ଦିକଙ୍କୁ ଗିରଫ କରିଥିଲା। ତାଙ୍କ ବିରୋଧରେ ଅନ୍ ଲ'ଫୁଲ ଆକ୍ଟିଭିଟିଜ(ପ୍ରିଭେନସନ) ଆକ୍ଟ ବା ବେଆଇନ କାର୍ଯ୍ୟକଳାପ(ନିରୋଧୀ) ଆଇନ ଲାଗୁ କରାଯାଇଥିଲା।

ପହଲଗାମ୍ ଆକ୍ରମଣ ପରେ ୨୨ ଏପ୍ରିଲରୁ ୮ ମେ' ମଧ୍ୟରେ ନାଗରିକ ଅଧିକାର ସୁରକ୍ଷା ସଙ୍ଗଠନ ମୁସଲମାନଙ୍କ ବିରୋଧରେ ଘଟିଥିବା ୧୮୪ଟି ଅପରାଧର ତାଲିକା ପ୍ରସ୍ତୁତ କରିଥିଲା। ଜୁନ୍‌ରେ ପାଲେଷ୍ଟାଇନ ସପକ୍ଷରେ ରାଲି କରିବାକୁ ଆଜାଦ ମଇଦାନରେ ଏକାଠି ହୋଇଥିବା ୧୯ ଜଣଙ୍କୁ ମୁମ୍ବାଇ ପୋଲିସ ଅଟକ ରଖିଥିଲା। ଜୁଲାଇରେ ଟ୍ୱିଟର ନ୍ୟୁଜର ଦୁଇଟି ଆକାଉଣ୍ଟ ସମେତ ୨୦୦୦ ଆକାଉଣ୍ଟକୁ ବନ୍ଦ କରିବା ପାଇଁ ଏକ୍ସ (ପୂର୍ବରୁ ଟୁଇଟର ଥିଲା)କୁ ସରକାର ନିର୍ଦ୍ଦେଶ ଦେଇଥିଲେ। ଅଗଷ୍ଟରେ ସାମ୍ବାଦିକ, ଐତିହାସିକ ଓ ମହିଳା ଅଧିକାର ପାଇଁ ଲଢୁଥିବା ବ୍ୟକ୍ତି ତଥା ଗବେଷକଙ୍କ ଦ୍ୱାରା ଲିଖିତ ୨୫ଟି ବହି ଉପରେ କଶ୍ମୀର ସରକାର ପ୍ରତିବନ୍ଧକ ଲଗାଇଥିଲେ। ଅଗଷ୍ଟରେ ଦେଶଦ୍ରୋହ ଅଭିଯୋଗରେ ଗୁଆହାଟି ପୋଲିସ ସାମ୍ବାଦିକ ସିଦ୍ଧାର୍ଥ ବର୍ଦ୍ଧରଞ୍ଜନ ଓ କରନ ଥାପାରଙ୍କୁ ଗିରଫ କରିଥିଲା। ତା'ପର ମାସ ଅର୍ଥାତ୍ ସେପ୍ଟେମ୍ବରରେ ଗାନ୍ଧୀନଗରର ଏକ କୋର୍ଟ ସାମ୍ବାଦିକ ଅଭିସାର ଶର୍ମା ଓ ରାଜୁ ପାରୁଲେକରଙ୍କୁ ନୋଟିସ୍ ଜାରି କରିଥିଲା। ଆସାମରେ ଖୁବ୍ କମ୍ ମୂଲ୍ୟରେ ବିରାଟ ଜମିକୁ ଆଦାନୀ ଗ୍ରୁପ୍‌କୁ ବିକ୍ରି କରାଯାଇଛି ବୋଲି ଏମାନେ ରିପୋର୍ଟିଂ କରିଥିଲେ। ଜୁଲାଇ ପ୍ରଥମାର୍ଦ୍ଧରେ ଗୋଆଲପଡ଼ାରେ ଆସାମ ସରକାର ଉଚ୍ଛେଦ ଅଭିଯାନ ଆରମ୍ଭ କରିବା ପରେ ପାଖାପାଖି ୧୮୦୦ ପରିବାର ଗୃହହୀନ ହୋଇଯାଇଥିଲେ, ଯେଉଁଥିରେ ଅଧିକାଂଶ ମୁସଲମାନ ପ୍ରଭାବିତ ହୋଇଥିଲେ। ଜୁଲାଇ ଦ୍ୱିତୀୟାର୍ଦ୍ଧରେ ଆସାମର ମୁସଲମାନ ବହୁଳ ଉରିୟାମଘାଟରେ ବ୍ୟାପକ ଉଚ୍ଛେଦ ଅଭିଯାନ ଆରମ୍ଭ ହୋଇଥିଲା। ହେଲେ ସୁପ୍ରିମକୋର୍ଟ ଏହି ଅଭିଯାନ ଉପରେ ପ୍ରତିବନ୍ଧକ ଲଗାଇଥିଲେ। ସେପ୍ଟେମ୍ବରରେ ଭାରତ ସରକାର ପୂର୍ବରୁ ଆଣିଥିବା ୪ଟି ଆଇନକୁ ରଦ୍ଦ କରି ଏବେ ଶରଣାର୍ଥୀଙ୍କୁ 'ଅବୈଧ ପ୍ରବାସୀ' ଭାବେ ବର୍ଗୀକୃତ କରିଛି। ଅକ୍ଟୋବରରେ ଆହୁରି ଅଧିକ ପଦକ୍ଷେପ ସାମ୍ନାକୁ ଆସିବ। ଅବଶ୍ୟ ଫେବୃଆରୀ ୨୦୨୦ରେ ଉତ୍ତରପୂର୍ବ ଦିଲ୍ଲୀରେ ଘଟିଥିବା ହିଂସାରେ ଜଡ଼ିତ ଥିବା ଅଭିଯୋଗରେ ଉମର ଖଲିଦ ଓ ଅନ୍ୟ ମୁସଲମାନ ଛାତ୍ର ଆକ୍ଟିଭିଷ୍ଟମାନେ ଏବେ ଜେଲରେ ରହିଛନ୍ତି।

ଜାତିସଂଘ ମାନବ ଅଧିକାର ଉଚ୍ଚାୟୁକ୍ତ ମଧ୍ୟ ତାଙ୍କ ରିପୋର୍ଟରେ କହିଛନ୍ତି ଯେ, ପ୍ରତିବନ୍ଧାତ୍ମକ ଆଇନଗୁଡ଼ିକର ବ୍ୟବହାର ଏବଂ ମାନବ ଅଧିକାର ପାଇଁ ଲଢୁଥିବା କର୍ମୀ ଓ ସ୍ୱାଧୀନ ଭାବେ କାମ କରୁଥିବା ସାମ୍ବାଦିକଙ୍କ ଉପରେ ହେଉଥିବା ନିର୍ଯାତନାକୁ ନେଇ ଚିନ୍ତିତ। କଶ୍ମୀର ସମେତ ବିଭିନ୍ନ ରାଜ୍ୟରେ ଲୋକଙ୍କୁ ମନଇଚ୍ଛା ଅଟକ ରଖାଯିବା ସହ ନାଗରିକ ଅଧିକାରକୁ କ୍ଷୁଣ୍ଣ କରୁଛି। ସେ ମଧ୍ୟ ହିଂସା ଓ ମଣିପୁରରେ ବିସ୍ଥାପନକୁ ଶାନ୍ତି ଆଲୋଚନା ଓ ମାନବ ଅଧିକାର ଆଧାରରେ ସମାଧାନ କରିବାକୁ ପଦକ୍ଷେପ ନେବା ଲାଗି ଆହ୍ୱାନ ଦେଇଛନ୍ତି। ଏଭଳି ଚିନ୍ତା ବା ମନ୍ତବ୍ୟର ପ୍ରତିକ୍ରିୟାରେ ଦୂରଦର୍ଶନରେ ଏକ ତଥ୍ୟ ପ୍ରକାଶ କରିଥିଲା, ଯାହାର ଶୀର୍ଷକ ଥିଲା 'ଜାତିସଂଘ ମାନବ ଅଧିକାରର କଶ୍ମୀର ଓ ମଣିପୁର ଉପରେ ବ୍ୟର୍ଥ ଏବଂ ନିରାଧାର ମନ୍ତବ୍ୟକୁ ଭାରତ ନିନ୍ଦା କରେ'।

Email:aakar.patel@gmail.com

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | 9 | | | | | 1 |
| | 9 | 2 | | | | | | |
| | | | 4 | 2 | 3 | | | |
| | 3 | | | | | | 5 | |
| | | | | | | 3 | | 2 |
| | | 6 | 1 | | | | | 7 |
| | 6 | 7 | | | | | | 4 |
| | | 9 | 5 | | | | | 6 |
| 8 | 2 | | 7 | | | | 1 | 5 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 4 | 2 | 7 | 8 | 6 | 3 | 5 | 1 | 9 |
| 8 | 9 | 3 | 4 | 5 | 1 | 2 | 7 | 6 |
| 1 | 6 | 5 | 2 | 9 | 7 | 3 | 4 | 8 |
| 3 | 7 | 6 | 5 | 1 | 4 | 8 | 9 | 2 |
| 9 | 8 | 1 | 3 | 7 | 2 | 6 | 5 | 4 |
| 2 | 5 | 4 | 6 | 8 | 9 | 1 | 3 | 7 |
| 7 | 3 | 9 | 1 | 2 | 8 | 4 | 6 | 5 |
| 5 | 1 | 8 | 9 | 4 | 6 | 7 | 2 | 3 |
| 6 | 4 | 2 | 7 | 3 | 5 | 9 | 8 | 1 |

ଗତକାଲିର ଉତ୍ତର

# ଦୟା ଅସ୍ତ୍ରଧାରୀ ଦାନବ



ଚିତ୍ର ଚରିତ୍ର

**ଅଧ୍ୟାପକ ନିରଞ୍ଜନ ପାଢ଼ୀ**

ସ୍ୱାର୍ଥସିଦ୍ଧିର ସଡ଼କରେ ପରସ୍ପରର ପ୍ରତିଯୋଗୀ ସାଜି ମଣିଷ ଯେତେ ଦ୍ରୁତଗତିରେ ଦୌଡ଼ିଲେ ବି ବେଳେବେଳେ ଏକ ଦିବ୍ୟ ମାନବୀୟ ଆହ୍ୱାନରେ ଆକର୍ଷିତ ହୋଇ ତା'ର ଗତି ଶିଥିଳ ହୋଇପଡ଼େ। କେଇ ମୁହୂର୍ତ୍ତ ପାଇଁ ପରାର୍ଥପ୍ରାଣତାର ଆତ୍ମିକ ଆକର୍ଷଣ ତା'ର ବ୍ୟକ୍ତି ସତ୍ତାକୁ କବଳିତ କରିନିଏ। କାହାର ଦୁଃଖପୂର୍ଣ୍ଣ ଦୁଃସ୍ଥିତି ତାକୁ ଦୁର୍ବଳ କରିଦିଏ ଓ ତା' ଭିତରେ ସୃଷ୍ଟିହୁଏ କେହି ଜଣେ ଅସହାୟ ସହଯାତ୍ରୀର ହାତଧରି ଆଗକୁ ବଢ଼ାଇ ନେବାର ଏକ ପ୍ରବଣତା। ସହଯାତ୍ରୀର ବିଷଣ୍ଣ ବଦନ ତାକୁ ଏମିତି ବ୍ୟତିବ୍ୟସ୍ତ କରିଦିଏ ଯେ, ତାହା ବାସ୍ତବ ବିଷଣ୍ଣତା କି ମଞ୍ଚର ପ୍ରଲେପମଖା ମୁହଁର ଅଭିନୟ, ତାହା ନିରେଖିବାକୁ ସେ ସମୟର ଅପଚୟ ଓ ମାନବତାର ଅପମାନ ବୋଲି ମନେକରେ। ବାସ୍, କେବଳ ତାହାର କିଛି କାମରେ ଆସିବାର ଏକ ମୁଗ୍ଧ ଅନୁଭବ ହିଁ ସେତେବେଳେ ଥାଏ ତା' ନିଷ୍ପତ୍ତିର ନିର୍ଣ୍ଣାୟକ। ପରିଣାମ ହୁଏ ଅତ୍ୟନ୍ତ ପ୍ରତ୍ୟାଶିତ, ଯେତେବେଳେ ଅଚିହ୍ନା ଅଜଣା କେହି ଦୁଃଖୀଜନର ମୁହଁରେ ହସ ଦେଖି ତା' ନିଜ ଓଠ କଡ଼ରୁ ଉକୁଟି ଆସେ ଏକ ସ୍ୱର୍ଗୀୟ ପରିତୃପ୍ତିର ହସଧାର।

ମାତ୍ର ଅସହାୟଙ୍କ ପ୍ରତି କୃପା, କରୁଣା ବା ଦୟା ସବୁବେଳେ ମାନବତାର ଆଧାର ହୋଇ ନ ଥାଏ। ଦୟା ମାଗୁଥିବା ଲୋକଟି ବି ଅଭିନୟ କରିପାରେ ଭିକ୍ଷୁ ବେଶଧାରୀ ରାବଣର ଅଭିନୟ ପରି। ନିଜର ଦୁଇଟିଯାକ ଅଚଳ ଗୋଡ଼କୁ ବଡ଼ କଷ୍ଟରେ ଘୋଷାଡ଼ି ଘୋଷାଡ଼ି ହାତରେ ଝାଡ଼ୁଟିଏ ଧରି ଡବାର ରେଳଯାତ୍ରୀମାନଙ୍କୁ ପରିଚ୍ଛନ୍ନ ପରିବେଶଟିଏ ଯୋଗାଇ ଦେଉଥିଲା ପନ୍ଦର ଷୋହଳ ବର୍ଷର ଭିନ୍ନକ୍ଷମ ତରୁଣଟିଏ। ବଗିଟିଯାକ ଝାଡ଼ୁ ମାରି ସାରି ସେଇମିତି ଘୋଷାଡ଼ି ହୋଇ ଯାତ୍ରୀଙ୍କ ପାଖରେ ହାତ ପାତୁଥାଏ ନିଜ କଷ୍ଟସାଧ୍ୟ ଶ୍ରମର ମୂଲ ମାଗି ମାଗି। କିଏ ଟଙ୍କେ ଦୁଇଟଙ୍କା ଟେକି ଦେଉଥା'ନ୍ତି ତ ଆଉ କିଏ 'ଖୁଚୁରା ନାହିଁ' କହି ମୁହଁ ଫେରାଇ ନେଉଥା'ନ୍ତି। ସେଇ ବଗିରେ ଯାତ୍ରା କରୁଥିବା ଜଣେ ପରାର୍ଥପ୍ରାଣ ଯାତ୍ରୀ ମନ୍ତବ୍ୟ ଦେଲେ- ''ଏଇ ବୟସର ମୋ ପୁଅ ନୂଆ ନୂଆ କଲେଜରେ ପାଦ ଦେଇଛି। ଏବେ ବିନା ବାଇକ୍‌ରେ କଲେଜ ଯିବ ନାହିଁ ବୋଲି ଅଡ଼ି ବସିଲାଣି। ଅଥଚ ଏଇ ପିଲାଟି ଦିବ୍ୟାଙ୍ଗ ହୋଇ ବଞ୍ଚିବା ପାଇଁ କେତେ କଷ୍ଟ ନ କରୁଛି ସତେ!'' ପକେଟରୁ ପଚାଶ ଟଙ୍କା କାଢ଼ି ସେ ପିଲାଟିକୁ ଦେଲେ। ଏତେ ମୋଟା ଅଙ୍କର ଅର୍ଥ ଅର୍ଜନ କରି ଖୁସିରେ କୁରୁଳି ଉଠିଲା ପିଲାଟି। ସେମିତି ଗୁରୁଣ୍ଡି ଗୁରୁଣ୍ଡି ଅନ୍ୟ ବଗି ଉଦ୍ଦେଶ୍ୟରେ ନିଷ୍କ୍ରାନ୍ତ ହୋଇଗଲା। ତା'ର ଏହି ଦୟନୀୟ ଦୁଃସ୍ଥିତି ଦେଖି ଦୟାରେ ବିଚଳିତ ହୋଇଥିବା ଏ ଲେଖକର ଆଖି ସେଦିନ ଆଶ୍ଚର୍ଯ୍ୟରେ ଖୋସି ହୋଇ ଯାଇଥିଲା, ଯେତେବେଳେ ସେ ଦେଖିଲା ଏକ ଅଭିଶପ୍ତ ଅଥର୍ବ ରୂପରେ ରେଳଯାତ୍ରୀଙ୍କଠୁଁ ସାହାଯ୍ୟ ସହ ସମବେଦନା ଗୋଟାଇଥିବା ପିଲାଟି ବଗିରୁ ଓହ୍ଲାଇ ଦୌଡ଼ି ଦୌଡ଼ି ପ୍ଲାଟଫର୍ମରେ ହଜି ଯାଇଥିଲା। ସତ ସମ୍ବେଦନା ଓ ମିଥ୍ୟା କାରୁଣ୍ୟ ଉପରୁ ପରଦା ହଟିଯାଇଥିଲା।

ଅନ୍ୟର ଦୟା ଅର୍ଜନ କରି ତାଙ୍କୁ ଲୁଟିବାର ଭିନ୍ନ ଏକ ଦୃଶ୍ୟପଟ। ରାସ୍ତାକଡ଼ରେ ଜଣେ ଦୃଷ୍ଟିହୀନ ଯୁବକ ଅସହାୟ ଭାବେ ଅନ୍ୟ କାହାର ଉଦାର ହାତର ସାହାଯ୍ୟକୁ ଅପେକ୍ଷା ରଖୁଥିଲା ବେଳେ ପରାର୍ଥପ୍ରାଣ ପ୍ରୌଢ଼ ଜଣେ ନିଜ ସ୍କୁଟରରୁ ଓହ୍ଲାଇ ତାକୁ କିଛି ସାହାଯ୍ୟ ଦେବାକୁ ନିଜ ପର୍ସ ଖୋଲୁଛନ୍ତି, ଅଚାନକ ଜଣେ ଦୁର୍ବୃତ୍ତ ତାଙ୍କ ପର୍ସଟିକୁ ଝାମ୍ପିନେଇ ଦୌଡ଼ିବାକୁ ଆରମ୍ଭ କଲା। ସ୍କୁଟରଚାଳକ ତା' ପଛେ ପଛେ ଦୌଡ଼ିବାର ଉପକ୍ରମ କରନ୍ତେ ସେଇ ତଥାକଥିତ ଦୃଷ୍ଟିହୀନ ଭିକାରି ନିମିଷକ ମଧ୍ୟରେ ତା' ଭିକ୍ଷାଥାଳ ଫିଙ୍ଗିଦେଇ ସ୍କୁଟରଟି ନେଇ ଉଭାନ୍ ହୋଇଗଲା। ଆମ ରାଜଧାନୀ ନଗରୀରେ ସଂଘଟିତ ଏହି ଦୁର୍ଭାଗ୍ୟପୂର୍ଣ୍ଣ ଦୃଶ୍ୟପଟର ନାୟକ, ଉଦାର ମାନବୀୟ ସଂସ୍କୃତିରେ ଅଭିମନ୍ତ୍ରିତ ସେଇ ହତଭାଗ୍ୟ ଦୟାଶୀଳ ଭଦ୍ରବ୍ୟକ୍ତି ଏକା ଏକା ରାସ୍ତା ଉପରେ ଛିଡ଼ାହୋଇ ରହିଥିଲେ।

ତୃତୀୟ ଘଟଣାଟି ଏ ଲେଖକର ଅଙ୍ଗେନିଭା ଅନୁଭୂତି। ପ୍ରାୟ ତିନିବର୍ଷ ତଳେ ଫୋନ୍ କଲ୍‌ଟିଏ ଆସିଲା ଗୋଟିଏ ଅଜଣା ନମ୍ବରରୁ। ସେପଟରୁ ଭାସି ଆସିଲା କାରୁଣ୍ୟର କୋହଭରା କଣ୍ଠର ଏକ ବିକଳଭାବ। ସେ କହୁଥିଲେ- ''ଆଜ୍ଞା, ଛଅମାସ ହେଲା ଭୟଙ୍କର ରକ୍ତ କର୍କଟରେ ପୀଡ଼ିତ ମୋର ଛଅବର୍ଷର ପୁଅକୁ ନେଇ କଟକର ଆଚାର୍ଯ୍ୟ ହରିହର କର୍କଟ କେନ୍ଦ୍ରରେ ପଡ଼ିଛି। ତା' ଚିକିତ୍ସାରେ ଜମିବାଡ଼ି ସବୁ ବିକିସାରି ଏବେ ମୁଁ କାଙ୍ଗାଳ। କାଲି ନେବାକୁ ଥିବା କେମୋ ପାଇଁ ମୋ ପାଖରେ ସମ୍ବଳ ନାହିଁ। କିଛି ସାହାଯ୍ୟ କଲେ ପୁଅ ମୋର ବଞ୍ଚିଯାଆନ୍ତା। ମୋ ଆକାଉଣ୍ଟ ନମ୍ବର ଆପଣଙ୍କୁ ମେସେଜ୍ କରିଦେବି।'' ନିମ୍ନତମ ମାନବିକତାର ଉତ୍ତାଳ ସମ୍ବେଦନାରେ ପ୍ରଭାବିତ ହୋଇ ତାଙ୍କୁ ପଚାରିଲି- ''ଆପଣ ମୋତେ ଜାଣିଲେ କିପରି? ମୋ ଫୋନ୍ ନମ୍ବର ପାଇଲେ କେଉଁଠୁ?'' ନିଜକୁ ସୁକାନ୍ତ ପୁହାଣ ବୋଲି ପରିଚୟ ଦେଇ ସେଇ ହତଭାଗ୍ୟ ଦରିଦ୍ର ବାପା ଜଣକ ଉତ୍ତରଦେଲେ- ''ଆଜି ଖବରକାଗଜରେ ପ୍ରକାଶ ପାଇଥିବା ଆପଣଙ୍କ ଲେଖା ତଳେ ଫୋନ୍ ନମ୍ବରଟି ପାଇ ଫୋନ୍ କରୁଛି।'' ପରେ ପରେ ଆଉ ଥରେ କାକୁସ୍ଥ କଣ୍ଠରେ କରୁଣ ଅନୁନୟ। ବିଶ୍ୱସ୍ତ ପ୍ରମାଣିତ ନ ହେବାଯାଏଁ ଅବିଶ୍ୱାସ କରି ଚାଲିବା ବା ଅବିଶ୍ୱସ୍ତ ପ୍ରମାଣିତ ନ ହେବା ପର୍ଯ୍ୟନ୍ତ ବିଶ୍ୱାସ କରି ଚାଲିବା ଭଳି ଦୁଇଟି ବିକଳ୍ପ ମଧ୍ୟରୁ ଦ୍ୱିତୀୟଟିକୁ ଗ୍ରହଣ କରିନେଇ ସେଦିନ ଏ ଲେଖକ ତା' ଆକାଉଣ୍ଟରେ କିଛି ଟଙ୍କା ଜମା କରି ନିଜ ମାନବୀୟ ଦାୟିତ୍ୱ ସମ୍ପନ୍ନ କରିଥିଲା।



ପରବର୍ତ୍ତୀ ପର୍ଯ୍ୟାୟରେ ସୁକାନ୍ତଙ୍କ ଅସୁସ୍ଥ ପୁଅର ସ୍ୱାସ୍ଥ୍ୟାବସ୍ଥା ବୁଝିବା ପାଇଁ ଫୋନ୍ କରି ଏ ଲେଖକ ନିରାଶ ହୋଇଛି। ତାଙ୍କ ମୋବାଇଲରେ ଧ୍ୱନି ସୃଷ୍ଟି ହୁଏ ସିନା, ତାଙ୍କ ସ୍ୱର ଶବ୍ଦ ଶୁଣିବାକୁ ମିଳେନା। ବୋଧହୁଏ ହତଭାଗ୍ୟ ଶିଶୁଟିର ଚିକିତ୍ସା ବିଫଳ ହୋଇଗଲା ଓ ସେଇ ଦୁଃଖରେ ସୁକାନ୍ତ ନିରବି ଯାଇଛନ୍ତି ଭାବି ଏ ଲେଖକ କଥାଟିକୁ ବିସ୍ମୃତିରେ ହଜାଇ ଦେଉଥିବା ବେଳେ ଦିନେ ଜଣେ ଲେଖକ ବନ୍ଧୁଙ୍କଠାରୁ ତାଙ୍କ ସମ୍ପର୍କରେ ଏକ ରୋଚକ ତଥ୍ୟ ଉପଲବ୍ଧ ହୋଇ ଚେତନାରେ ଭାବାନ୍ତର ସୃଷ୍ଟି ହୋଇଥିଲା। କ୍ୟାନ୍ସର ଆକ୍ରାନ୍ତ ପୁଅ କଥା କହି ମୁଖ୍ୟତଃ ଲେଖକମାନଙ୍କୁ ଟାର୍ଗେଟ କରୁଥିବା ସୁକାନ୍ତ ବାସ୍ତବରେ ବାହା ହୋଇଥିଲା କି ନାହିଁ ସନ୍ଦେହ। ଲେଖକମାନେ ବେଶି ଭାବ ଓ ଆବେଗରେ ବଞ୍ଚନ୍ତି ବୋଲି ଜାଣି ସେ ସେମାନଙ୍କ ଫୋନ୍ ନମ୍ବର ବିଭିନ୍ନ ସମ୍ବାଦପତ୍ର ଓ ପତ୍ରପତ୍ରିକାରୁ ସଂଗ୍ରହ କରୁଥିଲା ଓ କରୁଣ ସଂଳାପ କରି ସେମାନଙ୍କ ସୂକ୍ଷ୍ମ ତନ୍ତ୍ରୀକୁ ଦୋହଲାଇ ଦେଉଥିଲା। ଯେଉଁମାନେ ଥରକରେ ଦୋହଲୁ ନ ଥିଲେ, ସେମାନଙ୍କୁ ବାରମ୍ବାର ଫୋନ୍ କରୁଥିଲା ସୁକାନ୍ତ। ବେଳେବେଳେ ଏମିତି ବି କହୁଥିଲା- ବିନା ଚିକିତ୍ସାରେ ପୁଅଟି ଏବେ ଚାଲିଗଲା ଆଜ୍ଞା। ତା' ମୃତ ଶରୀରକୁ ଶେଷଥର ପାଇଁ ତା' ମାଆକୁ ଦେଖାଇବାକୁ ଗାଁକୁ ନେବା ପାଇଁ ମୋ ପାଖରେ ସମ୍ବଳ ନାହିଁ। କିଛି ସାହାଯ୍ୟ ନ କଲେ ତା' ଶବକୁ ଏଇଠି ଦାହ କରି ଗାଁକୁ ଫେରିଯିବି। ଆବେଗରେ ବଞ୍ଚୁଥିବା ଲେଖକମାନେ ଆଉ କେତେ ନିର୍ମମ ହୋଇପାରନ୍ତେ! ପ୍ରବଞ୍ଚନା ଓ ପ୍ରତାରଣାର ଭାଷା ଗୋଟିଏ ଦୟାଶୀଳ ହୃଦୟକୁ ସାଧାରଣ ହୃଦୟ ଅପେକ୍ଷା ଅଧିକ ସହଜରେ ବିଦ୍ଧ କରିବାର ସାମର୍ଥ୍ୟ ରଖିଥାଏ ପରା!

ଜଣେ ସନ୍ନ୍ୟାସୀ ଜମିଦାରଙ୍କଠାରୁ ଦାନସୂତ୍ରରେ ପାଇଥିବା ଏକ ଘୋଡ଼ା ଉପରେ ବସି ନିଜ ଆଶ୍ରମକୁ ଫେରୁଥିବା ବେଳେ ବାଟରେ ଜଣେ ଭିନ୍ନକ୍ଷମ ଭିକାରି ତାଙ୍କୁ କିଛି ସାହାଯ୍ୟ ମାଗିଲା। ଘୋଡ଼ାରୁ ଓହ୍ଲାଇ ଦୟାଶୀଳ ସାଧୁ ତା' ପାଖକୁ ଯିବାକୁ ବାହାରିଛନ୍ତି, ଅଚାନକ ଭିକ୍ଷୁକ ବେଶଧାରୀ ଦୁର୍ଦ୍ଦାନ୍ତ ଦସ୍ୟୁ ତାଙ୍କୁ ଧକ୍କା ମାରି ତଳେ ପକାଇଦେଲା ଓ ଘୋଡ଼ାଟି ଉପରେ ବସି ପଳାଇଯିବାକୁ ବସିଲା। ସନ୍ନ୍ୟାସୀ ଝାଡ଼ିଝୁଡ଼ି ହୋଇ ଉଠିଲେ ଓ କେବଳ ଏତିକି କହିଲେ- ''ମୋ' ଅପେକ୍ଷା ଏହି ଘୋଡ଼ାଟି ତୁମର ଅଧିକ କାମରେ ଆସିବ। ନେଇଯାଅ, ମନା ନାହିଁ। କିନ୍ତୁ କେବେ କାହା ପାଖରେ କହିବନି ଯେ ତୁମେ ଭିକ୍ଷୁକ ବେଶରେ ଏଇଟିକୁ ମୋଠୁଁ ଛଡ଼ାଇ ନେଇଛ। ସେଭଳି ହେଲେ ଏ ସଂସାରରେ କେହି କେବେ ଆଉ କୌଣସି ଭିକାରିଙ୍କୁ ଦୟା କରିବେ ନାହିଁ।'' ସେ ସୁକାନ୍ତ ପୁହାଣ ହୁଅନ୍ତୁ କି ଅନ୍ଧ ଭିକାରି ବେଶରେ ରାସ୍ତାଧାରରେ ବସି ବାଇକ୍ ଲୁଟୁଥିବା ସେ ଡକାୟତ; ଅବା ପୁଣି ହୋଇପାରେ ନିଜକୁ ପଙ୍ଗୁ ସଜାଇ ରେଳଡବା ଓଳାଉଥିବା ସେଇ ଠକ ତରୁଣ; କୃପା କରୁଣା ଦୟା ଓ ସମ୍ବେଦନା ଆଦି ମଣିଷର ଅନ୍ତର୍ନିହିତ ଦିବ୍ୟ ଗୁଣରାଜିକୁ ଅସ୍ତ୍ର କରି ମଣିଷକୁ ଶୋଷଣ କରିବା ଯେ ମାନବିକତା ବିରୋଧରେ ଏକ ବୀଭତ୍ସ ବିଦ୍ରୋହ। ଏ ସତ୍ୟକୁ କେବେ ବୁଝିବେ କେଜାଣି!

ପ୍ରଜ୍ଞା ନିଳୟ, ବିଦ୍ୟାପତି ନଗର,
ଚକେଇସିହାଣି, ଭୁବନେଶ୍ୱର-୧୦
ମୋ: ୮୮୯୫୬୨୪୧୦୫

# ଜାପାନ ନେତ୍ରୀ

**ବ୍ୟକ୍ତିତ୍ୱ**



ସାନେ ତାକାଇଚି

ପୂର୍ବ ଏସିଆର ଦ୍ୱୀପ ଦେଶ ଜାପାନ ଗତ କିଛି ବର୍ଷ ହେବ ରାଜନୈତିକ ଅସ୍ଥିରତା ଦେଇ ଗତି କରୁଛି। ଶିଗେରୁ ଇଶିବା ପ୍ରଧାନମନ୍ତ୍ରୀ ପଦବୀରୁ ଇସ୍ତଫା ଦେବା ପରେ ସେଠାରେ ରାଜନୈତିକ ସଙ୍କଟ ଦେଖା ଦେଇଥିଲା। ୧୮ ସେପ୍ଟେମ୍ବର ୨୦୨୫ରେ ଶାସକ ଦଳ ଲିବେରାଲ ଡେମୋକ୍ରାଟିକ ପାର୍ଟି (ଏଲଡିପି)ର ସଭାପତି ପଦ ଲାଗି ରାଜନେତ୍ରୀ ସାନେ ତାକାଇଚି ତାଙ୍କ ପ୍ରାର୍ଥିତ୍ୱ ଘୋଷଣା କରିଥିଲେ। ହେଲେ ତାଙ୍କ ସହ ଲଢ଼ିବା ଲାଗି ଆଗେଇ ଆସିଥିଲେ କୃଷି ମନ୍ତ୍ରୀ ଶିଞ୍ଜିର କୋଇଜୁମି। ୪ ଅକ୍ଟୋବରରେ ନିର୍ବାଚନ ହୋଇ ଫଳାଫଳ ଆସିବା ପରେ ତାକାଇଚି ଏଲଡିପିର ସଭାପତି ନିର୍ବାଚିତ ହୋଇଛନ୍ତି ଓ ପ୍ରଥମ ମହିଳା ଭାବେ ଏଭଳି ପଦବୀ ପାଇ ଇତିହାସ ରଚିଛନ୍ତି। ଶାସକ ଦଳର ନେତ୍ରୀ ହେବା ପରେ ସେ ଜାପାନର ପ୍ରଧାନମନ୍ତ୍ରୀ ହେବା ଆଶାକରାଯାଉଛି। ଏଥିସହିତ ସେ ଦେଶର ପ୍ରଥମ ମହିଳା ପ୍ରଧାନମନ୍ତ୍ରୀ ହୋଇପାରନ୍ତି ବୋଲି ଚର୍ଚ୍ଚା ହେଉଥିବାରୁ ତାଙ୍କ ବ୍ୟକ୍ତିତ୍ୱ ବିଷୟରେ ଜାଣିବା ଲାଗି ଆଗ୍ରହ ରହିବା ସ୍ୱାଭାବିକ।

ତାକାଇଚି ନାରା ସହରରେ ୭ ମାର୍ଚ୍ଚ ୧୯୬୧ରେ ଜନ୍ମଗ୍ରହଣ କରିଥିଲେ। ଟୟୋଟା ସହ ଅନୁବନ୍ଧିତ ଏକ ଅଟୋମୋବାଇଲ କମ୍ପାନୀରେ ତାଙ୍କ ପିତା କାର୍ଯ୍ୟ କରୁଥିଲେ ଓ ମାତା ନାରା ପ୍ରିଫେକ୍ଚୁରାଲ ପୋଲିସରେ ଥିଲେ ଜଣେ ଅଫିସର। ତାକାଇଚି କୋବେ ୟୁନିଭର୍ସିଟି ଅଧୀନ ଉନେବି ସିନିୟର ହାଇସ୍କୁଲରୁ ସ୍ନାତକ ଡିଗ୍ରୀ ଅର୍ଜନ କରିବା ସହ ମାତ୍ସୁଶିତା ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଗଭର୍ନମେଣ୍ଟ ଆଣ୍ଡ୍ ମ୍ୟାନେଜମେଣ୍ଟରୁ ଉଚ୍ଚ ଶିକ୍ଷା ଲାଭ କରିଥିଲେ। ୧୯୮୭ରେ ମାତ୍ସୁଶିତା ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଗଭର୍ନମେଣ୍ଟ ଆଣ୍ଡ୍ ମ୍ୟାନେଜମେଣ୍ଟ ତାଙ୍କୁ ଆମେରିକାର ଡେମୋକ୍ରାଟିକ୍ ପାର୍ଟିର ନେତ୍ରୀ ପାଟ୍ ସ୍କ୍ରେଏଡେରଙ୍କ ନିକଟରେ କାମ କରିବା ଲାଗି ପଠାଇଥିଲା। ରାଜନୀତିରେ ଅଭିଜ୍ଞତା ଅର୍ଜନ କରି ୧୯୮୯ରେ ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରିବା ପରେ ତାଙ୍କ ପ୍ରତିଭା ଗଣମାଧ୍ୟମର ଦୃଷ୍ଟି ଆକର୍ଷଣ କରିଥିଲା। ଆମେରିକା ରାଜନୀତି ଉପରେ ଜ୍ଞାନ ହାସଲ କରି ଲେଜିସଲେଟିଭ୍ ଆନାଲିଷ୍ଟ ଭାବେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଥିଲେ। ତାଙ୍କ ଅଭିଜ୍ଞତାକୁ ନେଇ ସେ ଲେଖିଲେ ଅନେକ ପୁସ୍ତକ। ୧୯୮୯ ମାର୍ଚ୍ଚରେ ଟେଲିଭିଜନ ଉପସ୍ଥାପିକା ଭାବେ ସେ ମଧ୍ୟ ଲୋକପ୍ରିୟତା ଅର୍ଜନ କରିଥିଲେ। ଲଲାଟରେ ଷଠୀ ଯାହା ଲେଖିଦେଇଥିବେ ତାହାକୁ ଲିଭାଇବାର ବଳ କାହା ପାଖରେ ନ ଥାଏ ବୋଲି କୁହାଯାଇଥାଏ। ତାକାଇଚି ୧୯୯୩ରେ ରାଜନୀତିକୁ କ୍ୟାରିୟର କରିବାକୁ ଆଗେଇ ଆସିଲେ। ସେହି ବର୍ଷ ସେ ଜାପାନ ସାଧାରଣ ନିର୍ବାଚନରେ ଜଣେ ସ୍ୱାଧୀନ ପ୍ରାର୍ଥୀ ଭାବେ ବିଜୟ ଲାଭ କରିଥିଲେ। ତା' ପରେ ତାଙ୍କ ବିଜୟ ଜାରି ରହିଥିଲା। ୨୦୦୩ରେ ସାଧାରଣ ନିର୍ବାଚନରେ ପରାଜିତ ହେବା ପରେ ସେଠାକାର ସଂସଦ (ଡାଏଟ୍) ବାହାରେ ରହିଥିଲେ। ଦୃଢ଼ମନା ତାକାଇଚି ପରେ କିନ୍‌କି ବିଶ୍ୱବିଦ୍ୟାଳୟରେ ଅର୍ଥନୀତି ବିଭାଗର ଫାକଲ୍ଟି ହୋଇଥିଲେ। ସେ ପୁନଶ୍ଚ ସଂସଦକୁ ନିର୍ବାଚିତ ହୋଇ ବିଜ୍ଞାନ ଓ ପ୍ରଯୁକ୍ତି ନୀତି, ଯୁବ ବ୍ୟାପାର ଓ ଲିଙ୍ଗ ସମାନତାଠାରୁ ଆରମ୍ଭ କରି ଦୁଇଥର ଆଭ୍ୟନ୍ତରୀଣ ବ୍ୟାପାର ଓ ଯୋଗାଯୋଗ ଏବଂ ଅର୍ଥନୈତିକ ସୁରକ୍ଷା ମନ୍ତ୍ରୀ ହେବାର ଗୌରବ ଅର୍ଜନ କରିଥିଲେ। ଦକ୍ଷିଣପନ୍ଥୀ ଚିନ୍ତାଧାରା ପାଇଁ ଜଣାଶୁଣା ହେଲେ ମଧ୍ୟ ସେ ଜଣେ ଉତ୍ତମ ନୀତି ପ୍ରଣେତା ଭାବେ ପରିଚିତ। ଜାପାନର ଅର୍ଥନୀତି ଓ ପ୍ରତିରକ୍ଷା ରଣନୀତିରେ ସେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛନ୍ତି। ତାଙ୍କର ରାଜନୈତିକ ପରିଚୟ ପାରମ୍ପରିକ ମୂଲ୍ୟବୋଧ ଏବଂ ବୈଷୟିକ ଉତ୍କର୍ଷର ଏକ ମିଶ୍ରଣ ବୋଲି କୁହାଯାଉଛି। ନିଜର ସ୍ପଷ୍ଟ ମତ ପ୍ରକାଶ କରୁଥିବାରୁ ସେ ଉଭୟ ଖାଣ୍ଟି ସମର୍ଥକ ଏବଂ ସମାଲୋଚକ ସୃଷ୍ଟି କରିଛନ୍ତି। ତାକାଇଚି ଦଶନ୍ଧି ଧରି କ୍ଷମତା ପାଇଁ ନିଜକୁ ପ୍ରସ୍ତୁତ କରିପାରିଥିବାରୁ ଆଜି ନିଜକୁ ଦକ୍ଷ ବୋଲି ପ୍ରମାଣିତ କରିଛନ୍ତି। କଠିନ ପରିଶ୍ରମ କରି ଏଲଡିପିରେ ଉଚ୍ଚ ପଦବୀ ଅର୍ଜନ କରିବା ସହ ପୂର୍ବତନ ପ୍ରଧାନମନ୍ତ୍ରୀ ଶିଞ୍ଜୋ ଆବେଙ୍କର ଘନିଷ୍ଠ ସହଯୋଗୀ ହୋଇଥିଲେ। ପୂର୍ବତନ ସହଯୋଗୀମାନେ ତାଙ୍କ ବ୍ୟକ୍ତିତ୍ୱକୁ ବର୍ଣ୍ଣନା କରିବାକୁ ଯାଇ କହିଛନ୍ତି ଯେ, ତାକାଇଚି କୌଣସି କାର୍ଯ୍ୟ କରିବା ପୂର୍ବରୁ ପ୍ରତିଟି କାଗଜପତ୍ରକୁ ପଢ଼ିଥାଆନ୍ତି ଓ ବୈଠକରେ ଯୋଗ ଦେବା ପୂର୍ବରୁ ପୂର୍ଣ୍ଣ ତଥ୍ୟ ଧାରଣ କରି ଉପସ୍ଥିତ ହୁଅନ୍ତି। ସ୍ୱୟଂ-ପ୍ରତିରକ୍ଷା ବାହିନୀର ଭୂମିକା ଓ ନାମକୁ ଶକ୍ତିଶାଳୀ କରି ଜାପାନର ଶାନ୍ତିବାଦୀ ସମ୍ବିଧାନର ଅନୁଚ୍ଛେଦ ୯କୁ ସଂଶୋଧନ କରିବା, ଗଣମାଧ୍ୟମର ନିରପେକ୍ଷତା ଉପରେ ସେ ଜୋର ଦେବା ତାଙ୍କ ଲକ୍ଷ୍ୟ ରହିଛି। ଏକ ସାକ୍ଷାତକାରରେ ସେ ଟ୍ରମ୍ପ୍ ଯୁଗର ଟାରିଫ୍‌କୁ ଜାପାନ ପାଇଁ 'ମଡର୍ନ ବ୍ଲାକ ଶିପ୍ ମୋମେଣ୍ଟ' ଭାବେ ଅଭିହିତ କରି ଏଭଳି ଆର୍ଥିକ କଟକଣା ଏକ ବାହ୍ୟ ଆଘାତ ହୋଇଥିଲେ ହେଁ ଆଭ୍ୟନ୍ତରୀଣ ସଂସ୍କାରର ଅପେକ୍ଷା ରଖେ ବୋଲି କହିଛନ୍ତି। ତାକାଇଚିଙ୍କ ବ୍ୟକ୍ତିତ୍ୱକୁ ଆହୁରି ତର୍ଜମା କଲେ ସେ ଜଣେ ଦକ୍ଷ ସମ୍ପର୍କ ସ୍ଥାପନକାରୀ ହୋଇଥିବାରୁ ସୋସିଆଲ ମିଡ଼ିଆ ଓ ଏପରିକି ୟୁଟ୍ୟୁବ ମାଧ୍ୟମରେ ଜନସାଧାରଣଙ୍କୁ ସିଧାସଳଖ ନୀତି ବିଷୟରେ ବୁଝାଇଥାଆନ୍ତି। ଏହା ସତ୍ତ୍ୱେ ଜାପାନ ରାଜନୀତି ଏବେ ଯେଉଁ ସଙ୍କଟରେ ଛିଡ଼ା ହୋଇଛି, ତାହାକୁ ସେ କିଭଳି ପରିଚାଳନା କରିବେ ଦାୟିତ୍ୱ ନେବା ପରେ ଜଣାପଡ଼ିବ।

ତାକାଇଚିଙ୍କ ବ୍ୟକ୍ତିଗତ ଜୀବନ କହିଲେ ପ୍ରତିନିଧି ସଭାର ସଦସ୍ୟ ଥିବା ଟାକୁ ୟାମାମୋଟୋଙ୍କୁ ସେ ୨୦୦୪ରେ ବିବାହ କରିଥିଲେ। ଉଭୟଙ୍କର କୌଣସି ପିଲା ନ ଥିଲା। ତାଙ୍କ ସ୍ୱାମୀଙ୍କ ପୂର୍ବ ବିବାହରୁ ଜନ୍ମିତ ୩ ସନ୍ତାନକୁ ସେ ପୌଷ୍ୟ କରି ଆଣିଥିଲେ। ୨୦୧୭ରେ ଉଭୟ ବିବାହ ବିଚ୍ଛେଦ କରିବାକୁ ରାଜି ହୋଇଥିଲେ। ରାଜନୈତିକ ମତାଦର୍ଶ ଏହି ବିଚ୍ଛେଦର କାରଣ ବୋଲି ସେ ଦର୍ଶାଇଥାଆନ୍ତି। କୌତୂହଳ କ୍ରମେ ୨୦୨୧ରେ ଉଭୟେ ପୁଣି ବିବାହ ବନ୍ଧନରେ ଆବଦ୍ଧ ହୋଇଥିଲେ।

**- ଜିତେନ୍ଦ୍ର କୁମାର ନାୟକ**

## ଏଇ ଭାରତରେ

ଉତ୍ତରାଖଣ୍ଡର ଦୁର୍ଗମ ପାହାଡ଼ିଆ ଅଞ୍ଚଳରେ ଅନେକ ପିଲା ଶିକ୍ଷାରୁ ଦୂରେଇ ରହୁଥିବାବେଳେ ଏଭଳି ସ୍ଥିତିରେ ପରିବର୍ତ୍ତନ ଆଣିବା ଲାଗି ଚେଷ୍ଟା କରୁଛନ୍ତି ଶ୍ରେୟ ଏବଂ ଜ୍ୟୋତି ରାୱତ। ସେମାନେ ମୁକ୍ତାକାଶ ସ୍କୁଲରେ ପିଲାମାନଙ୍କୁ ପଢ଼ାଉଛନ୍ତି। ଏକ ବିକଳ୍ପ ସ୍କୁଲ ଅଭିଯାନ 'ସୁର' ଆରମ୍ଭ କରି ଏବେ ପିଲାଙ୍କୁ ପଢ଼ାଉଛନ୍ତି। ସ୍କୁଲର ନାଁ ରଖିଛନ୍ତି ଓଲଟା ପୁଲଟା। ଏହାର କାନ୍ଥ କହିଲେ ପାହାଡ଼ କଡ଼ ଓ ଆକାଶ ହେଉଛି ଛାତ। ଡେରାଡୁନର କାଟପାଥର ଗାଁରେ ଏହି ସ୍କୁଲ ଚାଲିଛି। ଏଠାରେ ଏବେ ୭୦ ଜଣ ପିଲା ନର୍ସରିରୁ ୫ ଶ୍ରେଣୀ ଯାଏ ପଢୁଛନ୍ତି। ସେମାନେ ପୁସ୍ତକଗତ ଶିକ୍ଷା ପାଇବା ସହ ନାଟକ, କୃଷି ଓ ଜଙ୍ଗଲରେ ଭ୍ରମଣ କରି ଅନେକ ବିଷୟରେ ଶିକ୍ଷା ଲାଭ କରୁଛନ୍ତି। ଏହି ଚଟୁଇଁରା ଦମ୍ପତି ପିଲାମାନଙ୍କୁ ଅଧିକ ବାସ୍ତବବାଦୀ କରୁଛନ୍ତି। ଶ୍ରେୟଙ୍କ ବୟସ ୩୫ ହୋଇଥିବାବେଳେ ଜ୍ୟୋତିଙ୍କ ବୟସ ଏବେ ୩୧। ଶ୍ରେୟଙ୍କ ଜେଜେବାପା ସୁରେନ୍ଦ୍ର ସିଂ ରାୱତ ଜଣେ ସମାଜସେବୀ ଥିଲେ। ତାଙ୍କୁ ଶ୍ରଦ୍ଧାରେ ଲୋକେ ସୁର ଜୀ ଡାକୁଥିଲେ। ଏଣୁ ଶ୍ରେୟ ତାଙ୍କ ନାମରେ ଏହି ବିକଳ୍ପ ସ୍କୁଲ ଶିକ୍ଷା ଅଭିଯାନ ଆରମ୍ଭ କରିଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୫ ଅକ୍ଟୋବର ୧୯୭୬

- ପଶ୍ଚିମ ଜର୍ମାନୀର ସାଧାରଣ ନିର୍ବାଚନରେ ବାମପନ୍ଥୀ ଓ ଉଦାରପନ୍ଥୀ ମିଳିତ ଦଳର ସଂଖ୍ୟାଗରିଷ୍ଠତା ବଜାୟ ରହିବା ଯୋଗୁ ପୁନଃ କ୍ଷମତାସୀନ।
- ଜମି ପାଉଥିବା ଭୂମିହୀନଙ୍କୁ ଆର୍ଥିକ ସାହାଯ୍ୟ ନିମନ୍ତେ କେନ୍ଦ୍ର କୃଷି ଓ ଜଳସେଚନ ମନ୍ତ୍ରଣାଳୟ ପକ୍ଷରୁ ୮୯ ଲକ୍ଷ ୫୦ ହଜାର ଟଙ୍କା ମଞ୍ଜୁର।
- କେନ୍ଦ୍ର ସରକାରଙ୍କ ସ୍ୱେଚ୍ଛାମୂଳକ ଯୋଜନା ଅଧୀନରେ ରାଜ୍ୟର ୬୫ କଳକାରଖାନା ସମେତ ଦେଶର ୧୫ଶହ ଶିଳ୍ପ ସଂସ୍ଥାର ପରିଚାଳନାରେ ଶ୍ରମିକ ପ୍ରତିନିଧିଙ୍କୁ ସମ୍ପୃକ୍ତ କରାଯାଇଛି।

## ଚିରନ୍ତନୀ

ଚଳ ଅପାଙ୍ଗେ ଚାହିଁଦିଅ ଫେରି
ଚମକାଇ ଚଉଦିଶ
ଅମୃତ କର ଏ ଜୀବନେ ମମ
ଜମିଅଛି ଯେତେ ବିଷ!

-(ରୂପର ସ୍ତବ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

# ପାଠକ ଶ୍ରେଷ୍ଠ ବିଚାରକ

## ରାସ୍ତା ମରାମତି ଦାୟିତ୍ୱ କାହାର

ମହାଶୟ,

ଭୁବନେଶ୍ୱର ରେଳ ଷ୍ଟେଶନ ନିକଟ ମାଷ୍ଟରକ୍ୟାଣ୍ଟିନ ବସ୍‌ଷ୍ଟାଣ୍ଡର ପ୍ରବେଶ ପଥ ରାସ୍ତା ଖାଲଢିପ ହୋଇଯାଇଛି। ବିପଦପୂର୍ଣ୍ଣ ଯାତାୟାତର ବହୁ ପୁରୁଣା ଦିନର କଥା ମନେ ପଡ଼ିଯାଉଛି।। ଏବେ ବସ୍‌ଯାତ୍ରୀମାନେ ବଡ଼ କଷ୍ଟରେ ବର୍ଷାଦିନେ କାଦୁଅରେ ଯିବାଆସିବା କରୁଛନ୍ତି। ଏ କଥା ଖବର କାଗଜରେ ପ୍ରକାଶିତ ହୋଇଥିଲେ ବି କେହି ଏହାକୁ ଗୁରୁତ୍ୱର ସହ ନେଉ ନାହାନ୍ତି। ଏହି ରାସ୍ତା କିଏ ମରାମତି କରିବେ ସେ କଥା ସମସ୍ତଙ୍କୁ ଆନ୍ଦୋଳିତ କରୁଛି। ଉକ୍ତ ରାସ୍ତା ମରାମତି ନ ହେଲେ ଯାତ୍ରୀ ପରିବହନ ସମୟରେ ଦୁର୍ଘଟଣା ଯେ ନ ଘଟିବ ସେ ଆଶଙ୍କା ଏଡ଼ାଇ ଦିଆଯାଇ ନ ପାରେ। ସମ୍ପୃକ୍ତ ଅଞ୍ଚଳର ବିଧାୟକ, ମେୟର, ରେଳପଥ କର୍ତ୍ତୃପକ୍ଷ ଏବଂ ସାଂସଦ ଏହି ସମସ୍ୟା ପ୍ରତି ଦୃଷ୍ଟି ଦିଅନ୍ତୁ।

**- ଶ୍ରୀରାମଚନ୍ଦ୍ର ଦାସ, ବିଦ୍ୟାଧରପୁର, ସତ୍ୟବାଦୀ, ପୁରୀ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

**୮୧ ତମ ଶ୍ରୀମଦ ଭାଗବତ କଥାମୃତ**

ଲୋଇସିଂହା,୪।୧୦(ସୁଶାନ୍ତ ବାରିକ) ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଯୋଗୀସର୍ଡା ଗ୍ରାମର ତ୍ରିଦିବସୀୟ ୮୧ ତମ ଶ୍ରୀମଦ ଭାଗବତ କଥାମୃତ ମହୋତ୍ସବ ଶନିବାର ଆରମ୍ଭ ହୋଇଛି। ଗ୍ରାମର ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ପୁରୁଷୋତ୍ତମ ଦାସ ମହାରାଜଙ୍କ ଅଧକ୍ଷତାରେ ଭାଗବତ କଥାମୃତ ମହୋତ୍ସବ ଚାଲିଛି। ଏଥିରେ ପ୍ରବଚକ ସୁରେନ୍ଦ୍ର ଭୋଇ ଯୋଗଦାନ କରି ଭଗବତ ଆଲୋଚନା କରିଥିଲେ। ଗ୍ରାମବାସୀଙ୍କ ସମେତ ଆଖପାଖ ଗ୍ରାମର ଶ୍ରଦ୍ଧାଳୁ ଆସି ଭଗବତ କଥା ଜ୍ଞାନ ଆହରଣ କରୁଛନ୍ତି। କମିଟି ସଭାପତି ଦୁର୍ଯୋଧନ ତ୍ରିପାଠୀ ଓ କମିଟି ସଦସ୍ୟ ସହଯୋଗ କରୁଛନ୍ତି।

# ବିଭାଗୀୟ କାର୍ଯ୍ୟ ସମନ୍ୱୟ ଉପରେ ଗୁରୁତ୍ୱାରୋପ

## ବଲାଙ୍ଗୀର ବିଧାୟକ କଳିକେଶଙ୍କ ସମୀକ୍ଷା ବୈଠକ

**ବଲାଙ୍ଗୀର,୪।୧୦(ବୀରେନ୍ଦ୍ର କୁମାର ଝାଙ୍କର)**

ବଲାଙ୍ଗୀର ବିଧାୟକ କଳିକେଶ ନାରାୟଣ ସିଂଦେଓଙ୍କ ଅଧକ୍ଷତାରେ ସ୍ଥାନୀୟ ଡିଏଫ୍‌ଓ ସମ୍ମିଳନୀ କକ୍ଷରେ ଶନିବାର ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ସମୀକ୍ଷା ବୈଠକରେ ଅତିରିକ୍ତ ଜିଲାପାଳ ପବିତ୍ର ବେହେରା, ଅତିରିକ୍ତ ଜିଲାପାଳ ଡ. ବିଜୟାନନ୍ଦ ସେଠୀ, ପୌରାଧକ୍ଷା ଲିକା ସାହୁ ଉପସ୍ଥିତ ଥିଲେ। ବୈଠକରେ ବଲାଙ୍ଗୀର ନିର୍ବାଚନ ମଣ୍ଡଳୀର ବିଭିନ୍ନ ସ୍ଥାନରେ ବିଭିନ୍ନ ବିଭାଗ ପକ୍ଷରୁ ଚାଲିଥିବା ଏବଂ ହେବାକୁ ଥିବା ଉନ୍ନୟନ କାମ ଉପରେ ସମୀକ୍ଷା କରାଯାଇଥିଲା। ବିଧାୟକ ସିଂଦେଓ ପୂର୍ତ୍ତ , ଜଳସେଚନ, କ୍ଷୁଦ୍ର ଜଳସେଚନ, ଜାତୀୟ ରାଜପଥ, ଗ୍ରାମ୍ୟ ଉନ୍ନୟନ, ଗ୍ରାମ୍ୟ ଜଳଯୋଗାଣ, ଜନସ୍ୱାସ୍ଥ୍ୟ, ପୌରସଂସ୍ଥା ଓ ଜିଲା ସଂସ୍କୃତି ବିଭାଗର ବିଭିନ୍ନ କାର୍ଯ୍ୟ ଓ ପ୍ରକଳ୍ପ ସମୀକ୍ଷା କରିଥିଲେ। ଏହାସହିତ ବଲାଙ୍ଗୀର ଓ ଦେଓଗାଁ ତହସିଲର ବିଭିନ୍ନ କାର୍ଯ୍ୟ ସମୀକ୍ଷା କରିଥିଲେ। ସମସ୍ତ ବିଭାଗ ମଧ୍ୟରେ ସମନ୍ୱୟ ଏବଂ ପ୍ରକଳ୍ପଗୁଡିକର


ବଲାଙ୍ଗୀର ଡିଏଫ୍‌ଓ ଅଫିସ ସମ୍ମିଳନୀ କକ୍ଷରେ ବିଧାୟକ କଳିକେଶ ନାରାୟଣ ସିଂଦେଓ ସମୀକ୍ଷା କରୁଛନ୍ତି।

ଠିକଣା ସମୟରେ କାର୍ଯ୍ୟାନ୍ୱୟନ ଉପରେ ଗୁରୁତ୍ୱାରୋପ କରିଥିଲେ। ବଲାଙ୍ଗୀର ସହରର ଡ୍ରେନେଜ ବ୍ୟବସ୍ଥାର ସୁଧାର ଉପରେ ପୌରସଂସ୍ଥା, ପୂର୍ତ୍ତ ବିଭାଗ ଏବଂ ଜାତୀୟ ରାଜପଥ ବିଭାଗର ସମନ୍ୱୟ ଏବଂ ସଠିକ୍ କାର୍ଯ୍ୟାନ୍ୱୟନ ଉପରେ ଗୁରୁତ୍ୱ ଦେଇଥିଲେ। ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ଚାଲିଥିବା ବିଭିନ୍ନ ରାସ୍ତା ଓ ବ୍ରିଜ କାର୍ଯ୍ୟ କିଭଳି ଶୀଘ୍ର ସମାପନ ହେବ ସେ ଉପରେ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଜନସ୍ୱାସ୍ଥ୍ୟ ବିଭାଗ ମୁଖ୍ୟଯନ୍ତ୍ରୀଙ୍କ ସହ ବଲାଙ୍ଗୀର ସହରରେ ପାନୀୟଜଳ ଯୋଗାଣ ବିଷୟରେ ଆଲୋଚନା କରି ବଲାଙ୍ଗୀର ଆରଆର କଲୋନୀରେ ଶୀଘ୍ର ଜଳଯୋଗାଣ ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ଦେଇଥିଲେ। ପୂର୍ବ ସରକାର ସମୟରେ ଆସିଥିବା ଅନୁଦାନକୁ ଠିକ୍ ଭାବେ କାର୍ଯ୍ୟକାରୀ କରିବାକୁ ପରାମର୍ଶ ଦେଇଥିଲେ। କ୍ଷୁଦ୍ର ଜଳସେଚନ ବିଭାଗ ଯନ୍ତ୍ରୀଙ୍କୁ ବଲାଙ୍ଗୀର ସଦର ବ୍ଲକ ଓ ଦେଓଗାଁ ବ୍ଲକ ଅନ୍ତର୍ଗତ ବିଭିନ୍ନ ପ୍ରକଳ୍ପର ଉନ୍ନତୀକରଣ ଉପରେ କହିଥିଲେ। ବଲାଙ୍ଗୀରର ଐତିହାସିକ ସମଲେଶ୍ୱରୀ ମନ୍ଦିରର ଉନ୍ନତୀକରଣ କାର୍ଯ୍ୟ ଶୀଘ୍ର ସାରିବାକୁ ନିର୍ଦ୍ଦେଶ ଦେଇଥିଲେ। ଗୋପାଳଜୀ ମନ୍ଦିର ଉନ୍ନୟନ କାର୍ଯ୍ୟ ଶୀଘ୍ର ସମାପନ ପାଇଁ କହିଥିଲେ। ବଲାଙ୍ଗୀର ସହର ଲକ୍ଷ୍ମୀ ନାରାୟଣ ମନ୍ଦିରର ଉନ୍ନତୀକରଣ ସହ କମିଟିର ପୁନର୍ଗଠନ କରିବାକୁ ଅତିରିକ୍ତ ଜିଲାପାଳଙ୍କୁ କହିଥିଲେ। କଳାମଣ୍ଡପ ପଡିଆର ଉନ୍ନତୀକରଣ ବିଷୟରେ ତଦାରଖ କରି କଳାମଣ୍ଡପର କମିଟି ଓ ତାର ଆର୍ଥିକ ସ୍ଥିତିର ଅନୁଧ୍ୟାନ କରିଥିଲେ। ବୈଠକରେ ଭୂମିହୀନ, ଗରିବ, ଖଟିଖିଆ, ମଜୁରିଆଙ୍କ ପାଇଁ ସୁବ୍ୟବସ୍ଥା କରିବାକୁ ତହସିଲଦାରଙ୍କୁ ପରାମର୍ଶ ଦେଇଥିଲେ । ବଲାଙ୍ଗୀର ସହରର ପୁରାତନ କଲ୍ୟାଣ ମଣ୍ଡପର ସ୍ଥିତି ଅନୁଧ୍ୟାନ କରି ପୁନରୁଦ୍ଧାର କରିବାକୁ ନିର୍ଦ୍ଦେଶ ଦେଇଥିଲେ।

# ଆଇଆଇଏଫ୍‌ଏମ୍ ଛାତ୍ରୀଙ୍କ ଫୁଲୁକିମୁଣ୍ଡା ଗସ୍ତ


ବଲାଙ୍ଗୀର ଜିଲା ଗସ୍ତ ଅବସରରେ ଛାତ୍ରୀ ଓ ଅନ୍ୟମାନେ।

**ଖପ୍ରାଖୋଲ,୪।୧୦(ଅଭୟ ତ୍ରିପାଠୀ)**

ମଧ୍ୟପ୍ରଦେଶର ଭୋପାଳଠାରେ ଥିବା ଭାରତୀୟ ଜଙ୍ଗଲ ପରିଚାଳନା ଅନୁଷ୍ଠାନ (ଆଇଆଇଏଫଏମ)ର ୪ ଜଣ ଛାତ୍ରୀ ଶିକ୍ଷଣୀୟ ଗସ୍ତରେ ଆସି ବଲାଙ୍ଗୀର ଜିଲା ଫୁଲୁକିମୁଣ୍ଡା ଗାଁରେ ପହଞ୍ଚି ଥିଲେ। ସେମାନେ ପ୍ରଥମେ ଖପ୍ରାଖୋଲ ଜଙ୍ଗଲ ବିଭାଗ କାର୍ଯ୍ୟାଳୟରେ ପହଞ୍ଚି ପରେ ଫୁଲୁକିମୁଣ୍ଡା ଗାଁକୁ ଯାଇଥିଲେ । ଏହି ଅବସରରେ ଗାଁର ମହିଳାମାନେ ଛାତ୍ରୀଙ୍କୁ ଭବ୍ୟ ସ୍ୱାଗତ କରିଥିବା ବେଳେ ଖଲିପତ୍ର ତିଆରି ମେଶିନ, ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାଙ୍କ ଜୀବନ, ଜୀବିକା, ଲଘୁ ବନଜାତ ଦ୍ରବ୍ୟ ସଂଗ୍ରହ, ବିକ୍ରିବଟା ଉପରେ ଆଲୋଚନା କରି ତଥ୍ୟ ସଂଗ୍ରହ କରିଥିଲେ। ପରେ ହରିଶଙ୍କରରେ ପହଞ୍ଚି ଗନ୍ଧମାର୍ଦ୍ଦନ ପାହାଡ ବୁଲିବା ସହିତ ବିଭିନ୍ନ ଔଷଧୀୟ ଗୁଳ୍ମଲତା, ଜୀବଜନ୍ତୁ, ପରିବେଶ ଉପରେ ପଚାରି ବୁଝିଥିଲେ। ଔଷଧୀୟ ଗୁଳ୍ମଲତାର ବ୍ୟବହାର, ସ୍ଥାନୀୟ

### ମହିଳାଙ୍କ ସହ କଲେ ଆଲୋଚନା

ବୈଦ୍ୟଙ୍କ ଦ୍ୱାରା ଔଷଧ ପ୍ରସ୍ତୁତି ଓ ରୋଗୀ ଚିକିତ୍ସା ଉପରେ ପଚାରି ବୁଝିଥିଲେ। ଏହି ଅବସରରେ ପରିବେଶ କର୍ମୀ ଡ. ଅଭୟ ତ୍ରିପାଠୀ, ଏସିଏଫ ତଥା ହରିଶଙ୍କର ରେଞ୍ଜ ଅଧିକାରୀ ଅରବିନ୍ଦ ନାଏକ, ଆମ ଜଙ୍ଗଲ ଯୋଜନା ଜିଲା ସଂଯୋଜକ ତୀର୍ଥବାସୀ ମିଶ୍ର, ଖପ୍ରାଖୋଲ ବନପାଳ ସୁଧୀର କୁମାର ଜେନା, ହରିଶଙ୍କର ବନପାଳ ରଞ୍ଜିତ କୁମ୍ଭାର, ଧଣ୍ଡାମୁଣ୍ଡା ବନପାଳ ଇନ୍ଦ୍ରମଣି ବେହେରା, ଆମ ଜଙ୍ଗଲ ଯୋଜନାର ତହସିଲ ବାଗ, ବିଷ୍ଣୁ ଛୁରା, ବୈଦ୍ୟ ଯୁଗେଶ୍ୱର୍ ଧରୁଆ, ଉମାକାନ୍ତ ପ୍ରଧାନ, କାଳିଆ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ବଲାଙ୍ଗୀର ଜିଲା ଗସ୍ତ ଅବସରରେ ଅନେକ ଜ୍ଞାନ ଆହରଣ କରିବାର ଅବକାଶ ମିଳିଥିବା ଛାତ୍ରୀ ନେହା ଶ୍ରୀବାସ୍ତବ ପ୍ରକାଶ କରିଛନ୍ତି।

## ସଂକ୍ଷେପରେ

### ଶୃଙ୍ଖଳିତ ଭାବେ ଭସାଣି

**ଲୋଇସିଂହା,୪।୧୦(ସୁଶାନ୍ତ ବାରିକ)**

ଲୋଇସିଂହା ବ୍ଲକ ବାଦିବାହାଲ ଗ୍ରାମର ୮ମ ବର୍ଷ ଶାରଦୀୟ ଦୁର୍ଗପୂଜା ପାଳିତ ହୋଇଯାଇଛି। ଶୁକ୍ରବାର ଶାନ୍ତି ଶୃଖଂଳାର ସହ ଭସାଣି ଉତ୍ସବ ଅନୁଷ୍ଠିତ ହୋଇଥିଲା। ପୂଜା ଅବସରରେ ଚଣ୍ଡିପାଠ, ହୋମଯଜ୍ଞ, କୁମାରୀ ପୂଜା,ଅପରାଜିତା ପୂଜା ଆଦି ଅନୁଷ୍ଠିତ ହୋଇଥିଲା। ସପ୍ତମୀ ତିଥିରେ ଗ୍ରାମର ୨ଶହରୁ ଉର୍ଦ୍ଧ୍ୱ ମହିଳା ପୁରୁଷ କଳସ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ପୂଜାରେ ସୁନୀ ଦାଶ ସସ୍ତ୍ରୀକ କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ। ପୂଜା କମିଟି କାର୍ଯ୍ୟକର୍ତ୍ତା ଓ ଗ୍ରାମବାସୀଙ୍କ ସହଯୋଗରେ ଭସାଣୀ ଓ ପୂଜା ସମାପନ ହୋଇଛି ।

### ନବନିର୍ମିତ ଭାଗବତ ଟୁଙ୍ଗି ଉଦ୍‌ଘାଟିତ

**ଲୋଇସିଂହା,୪।୧୦(ସୁଶାନ୍ତ ବାରିକ)**

ଲୋଇସିଂହା ବ୍ଲକ ବୁର୍ଡା ଗ୍ରାମର ଉପରପଡାରେ ନବ ନିର୍ମିତ ଭାଗବତ ଟୁଙ୍ଗି ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ସ୍ଥାନୀୟ ବିଧାୟକ ତଥା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ମୁକେଶ ମହାଲିଙ୍ଗ ଯୋଗଦେଇ ଏହାକୁ ଲୋକାର୍ପଣ କରିଥିଲେ। ଭାଗବତ ଟୁଙ୍ଗିଗୁଡିକ ବିଲୁପ୍ତ ହେବାରେ ଲାଗିଛି। ସ୍ଥାନୀୟ ଅଧିବାସୀ ଓ ପଞ୍ଚାୟତର ଉଦ୍ୟମ କ୍ରମେ ଭାଗବତ ଟୁଙ୍ଗି ପୁନରୁଦ୍ଧାରକୁ ମନ୍ତ୍ରୀ ମହାଲିଙ୍ଗ ପ୍ରଶଂସା କରିଥିଲେ। ଏହି ଟୁଙ୍ଗିରେ ନିୟମିତ ଭାବେ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ହେଲେ ଲୋକଙ୍କ ମଧ୍ୟରେ ଧାର୍ମିକ ଭାବନା ଓ ଆଧ୍ୟାତ୍ମିକ ଚେତନା ଜାଗ୍ରତ ହୋଇପାରିବ। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ସରପଞ୍ଚ ସୁଦୀପ କୁମାର ସା, ଅନୁଷ୍ଠାନର ସଭାପତି ଫକିରଚରଣ ରଣା ଉପସ୍ଥିତ ଥିଲେ । ଏହି ଅବସରରେ ପଡାବାସୀ ଉପସ୍ଥିତ ରହି ମୁଖ୍ୟଅତିଥିଙ୍କୁ ସ୍ୱାଗତ କରିଥିଲେ।

# ଫୁଟ୍‌ବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ


ଉଦଘାଟନୀ ମ୍ୟାଚ ପୂର୍ବରୁ ଉଭୟ ଦଳର ଖେଳାଳିଙ୍କ ସହ ଅତିଥି ଓ ଅୟୋଜକ।

**ଲୋଇସିଂହା,୪।୧୦(ସୁଶାନ୍ତ ବାରିକ)**

ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ନଅଗାଁ(ଖ) ଗ୍ରାମର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଓ ଗ୍ରାମବାସୀଙ୍କ ସହଯୋଗରେ ହାଇସ୍କୁଲ ଖେଳପଡିଆରେ ପଞ୍ଚ ଦିବସୀୟ ଫୁଟବଲ ଟୁର୍ନାମେଣ୍ଟ ଶନିବାର ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ଦିବସରେ ୩ଟି ମ୍ୟାଚ ଅନୁଷ୍ଠିତ ହୋଇଥିଲା। ବଡଟୀକା ଓ ଇଛାପୁର ମଧ୍ୟରେ ପ୍ରଥମ କ୍ୱାର୍ଟର ଫାଇନାଲ ଖେଳ ଅନୁଷ୍ଠିତ ହୋଇଥିଲା। ଖେଳ ଅମୀମାସିଂତ ରହିବାରୁ ଟ୍ରାଇବ୍ରେକରରେ ଫଳାଫଳ ନିର୍ଣ୍ଣୟ ହୋଇଥିଲା । ଏଥିରେ

### ବଡ଼ଟୀକା ଦଳ ସେମିକୁ ଉନ୍ନୀତ

ଇଛାପୁରକୁ ହରାଇ ବଡଟୀକା ଦଳ ସେମି ଫାଇନାଲକୁ ଉନ୍ନୀତ ହୋଇଛି। ଉଦଘାଟନୀ ମ୍ୟାଚ ୧-୦ ଗୋଲରେ ବଡଟୀକା ଦଳ ଲୋଇସିଂହାକୁ ହରାଇ କ୍ୱାର୍ଟର ଫାଇନାଲକୁ ପ୍ରବେଶ କରିଥିଲା। ସେହିପରି ଦ୍ୱିତୀୟ ମ୍ୟାଚରେ ୧-୦ ଗୋଲରେ ବଲାଙ୍ଗୀର ରୟାଲ ଦଳକୁ ହରାଇ ଇଛାପୁର ଦଳ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିଲା। ସମସ୍ତ ମ୍ୟାଚରେ କରୁଣାକର ବିଶ୍ୱାଳ ଧାରା ବିବରଣୀ ପ୍ରଦାନ କରିଥିଲେ । ଦିଲୀପ ଧରୁଆଙ୍କ ନେତୃତ୍ୱରେ ସୁରେଶ ନାଏକ, ଜ୍ୟୋତିରଞ୍ଜନ ପଟେଲ ,କରୁଣାକାର ପଧାନ, ବୀରେନ୍ଦ୍ର ଧରୁଆ ଖେଳ ପରିଚାଳନା କରିଥିଲେ। ଅନୁଷ୍ଠାନର ସମ୍ପାଦକ ପ୍ରଶାନ୍ତ ନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ବ୍ଲକ ଅଧକ୍ଷା ଗୀତାଞ୍ଜଳି ଦାଶ ଯୋଗ ଦେଇଥିଲେ। ସ୍ଥାନୀୟ ସରପଞ୍ଚ ବି.ବ ସେଠ, ସମିତି ସଭ୍ୟ ଦି.ଡି ଦଣ୍ଡସେନା, ଗ୍ରାମର ଲଳିତ ସାହୁ, ନରସିଂହ ସାହୁ, ବିନୋଦ କୁଅଁର ସମ୍ମାନିତ ଅତିଥି ଭାବେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ।

### କବି ପ୍ରହ୍ଲାଦ ଶତପଥୀ ପାଇବେ ବିଧୁଭୂଷଣ ଗୁରୁ ସ୍ମୃତି ସମ୍ମାନ

**ବଲାଙ୍ଗୀର,୪।୧୦(ବୀରେନ୍ଦ୍ର କୁମାର ଝାଙ୍କର)**

ଆଗାମୀ ୧୨ ତାରିଖରେ ବିଧୁଭୂଷଣ ଗୁରୁ ସ୍ମୃତି ପରିଷଦ ଆନୁକୂଲ୍ୟରେ କବି ବିଧୁଭୂଷଣ ଗୁରୁଙ୍କ ୧୦୬ତମ ଜୟନ୍ତୀ ସମାରୋହ ପାଳନ କରାଯିବ। ଏହି ଅବସରରେ କବି ଡ. ପ୍ରହ୍ଲାଦ ଶତପଥୀଙ୍କୁ ସମ୍ମାନଜନକ 'ବିଧୁଭୂଷଣ ଗୁରୁ ସ୍ମୃତି ସମ୍ମାନ'ରେ ସମ୍ମାନିତ କରାଯିବ। ଏହାବ୍ୟତୀତ କବି ଡା. ଜ୍ୟୋତିର୍ମୟୀ ସାହୁଙ୍କୁ 'ସାମ୍ବାଦିକ ଗୌରବ ଶିବ ପ୍ରସାଦ ପାଣ୍ଡିଆ' ସମ୍ମାନରେ ସମ୍ମାନିତ କରାଯିବାର କାର୍ଯ୍ୟକ୍ରମ ରହିଥିବା ସ୍ମୃତି ପରିଷଦ ସମ୍ପାଦକ ଜୟକୁମାର ଆଚାର୍ଯ୍ୟ ସୂଚନା ଦେଇଛନ୍ତି। ଜୟନ୍ତୀ ପାଳନ ଅବସରରେ ପରିଷଦ ମୁଖପତ୍ର 'ବିଧୁସ୍ମୃତି' ଉନ୍ମୋଚିତ ହେବ। 'ବିଧୁସ୍ମୃତି' ସମ୍ପାଦନା ମଣ୍ଡଳୀ ସଦସ୍ୟ ରଘୁନାଥ ବାବୁ, ଡ. ଦୈତାରୀ ପୂଜାରୀ, ଡ. ଜୟପ୍ରକାଶ ମିଶ୍ର, ଡ. ଜଗନ୍ନାଥ ସାହୁ, ଡ. ଜଗଦୀଶ ଭୋଇ, କବି ରାଜୀବ ଲୋଚନ ଆଚାର୍ଯ୍ୟ ସୂଚନା ଦେଇଛନ୍ତି। କବି ବିଧୁଭୂଷଣ ଗୁରୁ ବଲାଙ୍ଗୀର ଜିଲାର ତୁଷରା ଠାରେ ଜନ୍ମଗ୍ରହଣ କରିଥିଲେ। ସେ ଏକାଧାରରେ ଜଣେ ଶିକ୍ଷକ, ରାଜନେତା, କଣ୍ଠଶିଳ୍ପୀ, ନାଟ୍ୟ ନିର୍ଦ୍ଦେଶକ, କବି, ଗାଳ୍ପିକ, ପ୍ରାବନ୍ଧିକ ଓ ସମାଜସେବୀ ଥିଲେ । କଟକ ରେଡ଼ିଓ ଷ୍ଟେଶନରେ ପ୍ରଥମ ସମ୍ବଲପୁରୀ ଗୀତ ଓ ସମ୍ବଲପୁର ରେଡ଼ିଓ ଷ୍ଟେଶନରେ ପ୍ରଥମ ଗୀତ ଗାଇଥିବାର ରେକର୍ଡ଼ ତାଙ୍କ ନାମରେ ରହିଛି।

# କେନ୍ଦୁ ଓ ଖଇର କାଠ ବୋଝେଇ ଟ୍ରକ୍ ଜବତ: ଜଣେ ଗିରଫ



ଜବତ ଟ୍ରକ୍।

**କଣ୍ଟାବାଞ୍ଜି,୪।୧୦(ଗୁରୁଦୟାଲ ହଂସ)**

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ବନ ବିଭାଗ ପକ୍ଷରୁ ଶୁକ୍ରବାର ମଧ୍ୟ ରାତିରେ ଚଢାଉ କରାଯାଇ କେନ୍ଦୁ ଓ ଖଇର କାଠ ବୋଝେଇ ଏକ ୧୦ ଚକିଆ ଟ୍ରକ ଜବତ କରାଯାଇଛି। ଉକ୍ତ ଟ୍ରକର ଡ୍ରାଇଭର ଫେରାର ହୋଇ ଯାଇଥିବା ବେଳେ ତାଙ୍କ ସହଯୋଗୀଙ୍କୁ ଗିରଫ କରାଯାଇ ଶନିବାର ସ୍ଥାନୀୟ କୋର୍ଟ ଚାଲାଣ କରାଯାଇଛି। ଜବତ କାଠ ଲକ୍ଷାଧିକ ଟଙ୍କା ହେବ ବୋଲି କୁହାଯାଉଛି। ପ୍ରକାଶ ଯେ, ବନ ବିଭାଗ କର୍ମଚାରୀମାନେ ରାତିରେ ପାଟ୍ରୋଲିଂ କରୁଥିବା ବେଳେ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ କଣ୍ଟାବାଞ୍ଜି ଥାନା ଅଧୀନ କଣ୍ଟାବାଞ୍ଜି ଓ ମୁରିବାହାଲ ବନାଞ୍ଚଳର ସୀମା କସାମାଳଠାରେ ଚଢାଉ କରି ଟ୍ରକଟିକୁ ଜବତ କରିଥିଲେ। କେନ୍ଦୁ ଓ ଖଇର କାଠ ବୋଝେଇ ଏହି ଟ୍ରକ କଣ୍ଟାବାଞ୍ଜିରୁ ମୁରିବାହାଲ ଅଭିମୁଖେ ଯାଉଥିଲା। ଟ୍ରକର ପଛପଟେ ହରିଆଣାର ନମ୍ବର ପ୍ଲେଟ ଏଚ.ପି.ବି୫୨୮୨ ଲାଗିଥିବା ବେଳେ ସାମ୍ନାପଟରେ ଛତିଶଗଡ ନମ୍ବର ପ୍ଲେଟ ସିଜି୧୧ବିପି୮୬୦୪ ଲଗାଯାଇ କାଠ ଚୋରା ଚାଲାଣ କରାଯାଉଥିଲା। କାଠ ଜବତ ବେଳେ ଅନ୍ଧାରର ସୁଯୋଗ ନେଇ ଡ୍ରାଇଭର ଫେରାର ମାରିଥିବା ବେଳେ ତାଙ୍କ ସହଯୋଗୀଙ୍କୁ ଗିରଫ କରାଯାଇଥିଲା। ଏହି ଚଢାଉ ବେଳେ ଟାଉନ ଫରେଷ୍ଟର ଘନଶ୍ୟାମ ପଶାୟତ, ଗାର୍ଡ ପରମାନନ୍ଦ ମାଝି, ସବନମ ଫିରଦୋଷ, ଫରେଷ୍ଟ ଗାର୍ଡ ପରମାନନ୍ଦ ଭାଟି, ଜଲଧର ବନଛୋର,ପ୍ରଶାନ୍ତ ନାୟକ ସାମିଲ ଥିଲେ।

# ଜିଲା ଆଦିବାସୀ କଲ୍ୟାଣ ସଂଘର କାର୍ଯ୍ୟକାରିଣୀ ବୈଠକ

**ପାଟଣାଗଡ଼,୪।୧୦(ସଚ୍ଚିଦାନନ୍ଦ ମହାକୁର)**

ବଲାଙ୍ଗୀର ଜିଲା ପାଟଣାଗଡ଼ ଏନଏସି ବ୍ରହ୍ମପୁରା ଆଦିବାସୀ ଭବନଠାରେ ଜିଲା ଆଦିବାସୀ କଲ୍ୟାଣ ସଂଘ ପାଟଣାଗଡ଼ ଶାଖାର କାର୍ଯ୍ୟକାରିଣୀ ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି । ଜିଲା ଯୁଗ୍ମ ସମ୍ପାଦକ ଗିରିରାଜ ଭୋଇଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ବୈଠକରେ ବ୍ଲକ ସଭାପତି ଭୁବନେଶ୍ୱର କୁଅଁର ଅଧକ୍ଷତା କରିଥିଲେ । ରାଜ୍ୟରେ ପୂର୍ବରୁ ଆଦିବାସୀମାନଙ୍କ ଶିକ୍ଷା, ସ୍ୱାସ୍ଥ୍ୟ, ସଂସ୍କୃତି, ପରମ୍ପରା, ଦେବାଦେବୀ ପୀଠର ସୁରକ୍ଷା , ସଂରକ୍ଷଣ ପାଇଁ ଅନେକ ଯୋଜନା କାର୍ଯ୍ୟକାରୀ କରାଯାଇଥିଲା । କିନ୍ତୁ ଏବେ କେତେକ ଯୋଜନା ବନ୍ଦ ହୋଇ ଯାଇଥିବାରୁ ସଂଘର କର୍ମକର୍ତ୍ତାମାନେ କ୍ଷୋଭ ପ୍ରକାଶ କରିଥିଲେ । ରାଜ୍ୟରେ ଆଦିବାସୀମାନଙ୍କ ଉପରେ ଦିନକୁ ଦିନ ଅନ୍ୟାୟ, ଅତ୍ୟାଚାର ବଢ଼ି ଚାଲିଛି ବୋଲି ସଂଘ ଅଭିଯୋଗ କରିଛି। ରାଜ୍ୟ ସରକାର ଆଦିବାସୀ ବିରୋଧୀ କାର୍ଯ୍ୟରୁ ବିରତ ନ ହେଲେ ଆଗାମୀ ଦିନରେ ଆଦିବାସୀଙ୍କ ଉଗ୍ର ରୂପ ଦେଖିବେ ବୋଲି ସଂଘ ଚେତାବନୀ ଦେଇଛି । ଏହି ଅବସରରେ ଆଗାମୀ ନଭେମ୍ବର ୧୫ରେ ବଲାଙ୍ଗୀରଠାରେ ହେବାକୁ ଥିବା ରାଜ୍ୟସ୍ତରୀୟ ବିର୍ସା ମୁଣ୍ଡା ଜୟନ୍ତୀରେ ବହୁ ସଂଖ୍ୟାରେ ଯୋଗ ଦେବାକୁ ଆହ୍ୱାନ କରାଯାଇଥିଲା। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ସମ୍ପାଦକ ସାରଥୀ ବାଗ, ଯୋଗେଶ୍ୱର ଭୋଇ, ଭୋଳା ମଲ୍ଲିକ, ଜଗଦାନନ୍ଦ ମାଝୀ, ପ୍ରଦୀପ ବରିହା, ବରୁଣ ବିଶି, ଦୟାନିଧି ବରିହା, ଧବଳେଶ୍ୱର ଭୋଇ, ଜଳ ଧରୁଆ, ଯୁଧିଷ୍ଠିର ମିର୍ଦ୍ଧା, ଭାବ ବରିହା, ଯୁଧିଷ୍ଠିର ଶବର, ପୁରନ୍ଦର ରାଉତ, ବଂଶୀଧର ଧରୁଆ, କଷ୍ଟ ରାଏ, ଭୀଷ୍ମ ଦେବ ମଲ୍ଲିକ, ସନୁ ବରିହା, ଘନ ଭୁଏ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ହୃଷିକେଶ ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ ।

# ଦୁର୍ଗାପୂଜା ଭସାଣି ଶୋଭାଯାତ୍ରା

**ଦେଓଗାଁ,୪।୧୦(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)**

ଦେଓଗାଁ ବ୍ଲକ ମୁଖ୍ୟାଳୟସ୍ଥିତ ମେନରୋଡଠାରେ ଜବାହର ସାଂସ୍କୃତିକ ଯୁବକ ସଂଘ ଆନୁକୂଲ୍ୟରେ ୫୮ତମ ଶାରଦୀୟ ଦୁର୍ଗାପୂଜା ପାଳିତ ହୋଇଯାଇଛି। ଶନିବାର ଅପରାହ୍ନରେ ଭସାଣି ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଡିଜେ, ଘଣ୍ଟ ବାଦ୍ୟ ଓ ଗୌରଗୋଠର ପାରମ୍ପରିକ ଘୁମୁରା ବାଦ୍ୟ ସହ କର୍ମକର୍ତ୍ତାଙ୍କ ଗହଣରେ ମା'ଙ୍କୁ ଦେଓଗାଁ ଓ କଛାରପାଲି ପରିକ୍ରମା କରାଯାଇଥିଲା। ପରେ ସ୍ଥାନୀୟ ସୁନାଆଡକି ପ୍ରୋଜେକ୍ଟ ଠାରେ ବିସର୍ଜନ କରାଯାଇଥିଲା। କାର୍ଯ୍ୟକ୍ରମକୁ ଦେଓଗାଁ ମେନରୋଡ ଦୁର୍ଗାପୂଜା କମିଟିର ସମସ୍ତ କର୍ମକର୍ତ୍ତା ତଥା ଗ୍ରାମବାସୀ ସହଯୋଗ କରିଥିଲେ।


ଭସାଣି ଶୋଭାଯାତ୍ରା ଅବସରରେ କର୍ମକର୍ତ୍ତା ବୃନ୍ଦ।

# ୫୫ ଜଣ ଦାଦନ ଶ୍ରମିକ ଉଦ୍ଧାର

**କଣ୍ଟାବାଞ୍ଜି,୪।୧୦(ଗୁରୁଦୟାଲ ହଂସ)**

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ଥାନା ଅଧୀନ କଣ୍ଟାବାଞ୍ଜି ସହରର ଧୋବାପଡା ନିବାସୀ ଜଣେ ଦାଦନ ସର୍ଦ୍ଦାରଙ୍କ ଘରୁ ଅନ୍ୟ ରାଜ୍ୟକୁ ଚାଲାଣ ହେବାକୁ ଥିବା ୫୫ ଜଣ ଦାଦନ ଶ୍ରମିକଙ୍କୁ ପୋଲିସ ଉଦ୍ଧାର କରିଛି। ଜିଲା ପୋଲିସ ଓ ସ୍ଥାନୀୟ ପୋଲିସ ସହାୟତାରେ ଏହି ଚଢାଉ କରାଯାଇ ସେମାନଙ୍କୁ ଉଦ୍ଧାର କରାଯାଇଥିଲା । ଏହି ଅବସରରେ ଦାଦନ ସର୍ଦ୍ଦାରଙ୍କ ଘରୁ ୧ ଲକ୍ଷ ୬୭ ହଜାର ଟଙ୍କା ଜବତ ହୋଇଛି। ଶୁକ୍ରବାର ରାତିରେ ସମ୍ପୃକ୍ତ ଦାଦନ ସର୍ଦ୍ଦାର ଜଣକ ଏହି ଦାଦନ ଶ୍ରମିକମାନଙ୍କୁ ନିଜ ଘରେ ଲୁଚାଇ ରଖିଥିଲେ। ଉଦ୍ଧାର ଶ୍ରମିକମାନଙ୍କ ମଧ୍ୟରେ ୨୫ଜଣ ପୁରୁଷ,୧୬ଜଣ ମହିଳା ହୋଇଥିବା ବେଳେ ୧୪ଜଣ ନାବାଳକ ବୋଲି ପୋଲିସ ସୂତ୍ରରୁ ପ୍ରକାଶ। ଚାଲାଣ ହେବାକୁ ଥିବା ଦାଦନ ଶ୍ରମିକମାନେ ପଡୋଶୀ ନୂଆପଡା ଜିଲା ଏବଂ ତୁରେକେଲା ଥାନା ଅଞ୍ଚଳର ବୋଲି ଜଣାପଡିଛି। ତେବେ ଦାଦନ ସର୍ଦ୍ଦାରଙ୍କ କାଗଜପତ୍ର ଯାଞ୍ଚ ପରେ ଉଦ୍ଧାର ଶ୍ରମିକମାନଙ୍କୁ ନିଜ ନିଜ ଗାଁକୁ ପୋଲିସ ସହାୟତାରେ ପଠାଇ ଦିଆଯାଇଥିବା ଶନିବାର କଣ୍ଟାବାଞ୍ଜିଠାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ କଣ୍ଟାବାଞ୍ଜି ଏସ୍‌ଡିପିଓ ଲକ୍ଷ୍ମୀ ନାରାୟଣ ମାରାଣ୍ଡି ସୂଚନା ଦେଇଛନ୍ତି । ଏ ନେଇ କଣ୍ଟାବାଞ୍ଜି ଥାନାରେ ନଂ ୩୫୨/୨୫ରେ ଏକ ମାମଲା ରୁଜୁ ହୋଇ ଅଧିକ ତଦନ୍ତ ଚାଲିଛି।


ଉଦ୍ଧାର ହୋଇଥିବା ଦାଦନ ଶ୍ରମିକ।

**ସଂକ୍ଷେପରେ**

## ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଯୁବ କ୍ରୀଡାବିତ୍‌ଙ୍କ ମୃତ୍ୟୁ

ସୋନପୁର,୪।୧୦(ମୃତ୍ୟୁଞ୍ଜୟ ଶତପଥୀ)



ବିଦ୍ୟୁତ୍ ସଂସ୍ପର୍ଶରେ ଆସି ସୁବର୍ଣ୍ଣପୁର ସହରର ଯୁବ କ୍ରୀଡାବିତ୍ ଶଙ୍କର ବାବୁ(୨୯)ଙ୍କ ଶୁକ୍ରବାର ମୃତ୍ୟୁ ଘଟିଛି। ଶଙ୍କର ଏକ ଟେଣ୍ଟ ହାଉସରେ କାମ କରୁଥିଲେ। ସନ୍ଧ୍ୟାରେ ସେ ଡିଜି ଜେନେରେଟରରେ ଡିଜେଲ ଭର୍ତ୍ତି କରୁଥିବା ସମୟରେ ଅସାବଧାନତା କାରଣରୁ ବିଦ୍ୟୁତ୍ ସଂସ୍ପର୍ଶରେ ଚାଲି ଆସିଥିଲେ। ବର୍ଷା ଯୋଗୁ ଡିଜି ଜେନେରେଟରଟି ଚାର୍ଜ ହୋଇ ରହିଥିଲା। ଶନିବାର ତାଙ୍କ ମୃତଦେହ ବ୍ୟବଚ୍ଛେଦ କରାଯିବା ପରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଛି। ଗୋକର୍ଣ୍ଣେଶ୍ୱର ଶ୍ମଶାନରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ଶଙ୍କର ଜଣେ ଭଲ ଫୁଟବଲ ଖେଳାଳି ଥିଲେ। ଜିଲା କ୍ରୀଡା ସଂଘ ଓ ମଝିପଡା ରାମଧୂନ କ୍ଲବରେ ସେ ବେଶ ସକ୍ରିୟ ଥିଲେ। ତାଙ୍କ ବିୟୋଗରେ ସହରରେ ଶୋକର ଛାୟା ଖେଳିଯାଇଛି। ଜିଲା କ୍ରୀଡା ସଂଘର ସମ୍ପାଦକ ପିୟୁଷ କୁମାର ପଣ୍ଡା, କ୍ରୀଡାବିତ୍ ରାକେଶ ନାଗ, ରାଜୀବ ପଟ୍ଟନାୟକ ପ୍ରମୁଖ ଗଭୀର ଶୋକପ୍ରକାଶ କରିଛନ୍ତି।

## ବିଜେଡି ଯୁବନେତାଙ୍କ ପରଲୋକ

ବୌଦ୍ଧ,୪।୧୦(ଅଜିତ କୁମାର ବାରିକ)



ବୌଦ୍ଧ ଜିଲା ବିଜେଡି ଯୁବନେତା ଧର୍ମେନ୍ଦ୍ର ମେହେର(୪୫)ଙ୍କ ହୃଦ୍‌ଘାତରେ ଶନିବାର ପରଲୋକ ହୋଇଛି। ବୌଦ୍ଧ ସହର ବୁଟୁପାଲିର ବାସିନ୍ଦା ଧର୍ମେନ୍ଦ୍ର ଜଣେ ଟାଣୁଆ ଯୁବନେତା। ଭାବେ ବିଜେଡି ପାଇଁ କାର୍ଯ୍ୟ କରିଆସୁଥିଲେ। ସେ ଜିଲା ଯୁବ ବିଜେଡିର ପୂର୍ବତନ ନଗର ସଭାପତି ଥିଲେ। ଶନିବାର ସକାଳୁ ହଠାତ ଛାତିରେ ଯନ୍ତ୍ରଣା ହେବାରୁ ତାଙ୍କୁ ବୌଦ୍ଧ ମେଡିକାଲକୁ ଚିକିତ୍ସା ପାଇଁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତାଙ୍କ ବିୟୋଗରେ ପରିବାର, ବନ୍ଧୁବର୍ଗ ଓ ଜିଲା ବିଜେଡିରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ପୂର୍ବତନ ମନ୍ତ୍ରୀ ପ୍ରଦୀପ କୁମାର ଅମାତ, ନଗରପାଳ ମୃତ୍ୟୁଞ୍ଜୟ ମିଶ୍ରଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଶୋକ ପ୍ରକାଶ କରିବା ସହ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଗାଁ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା।

# ଅଧର୍ମ ଉପରେ ଧର୍ମର ବିଜୟର ପ୍ରତୀକ ରାବଣ ପୋଡ଼ି






ସୋନପୁର ରୟାଲ ପଡିଆରେ ଆୟୋଜିତ ରାବଣ ପୋଡି ଉତ୍ସବ (ବାମ), ସ୍ମରଣିକା ଶାକମ୍ଭରୀକୁ ଅତିଥିମାନେ ଉନ୍ମୋଚନ କରୁଛନ୍ତି।

ସୋନପୁର,୪।୧୦(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ସହରରେ ଶୁକ୍ରବାର ରାବଣ ପୋଡ଼ି ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଛକ ଦୁର୍ଗାପୂଜା କମିଟି ପକ୍ଷରୁ ରୟାଲ ପଡିଆରେ ରାବଣ ପୋଡି ହୋଇଥିଲା। ସୁବର୍ଣ୍ଣପୁର ଜିଲାପାଳ ଡ. ନୃପରାଜ ସାହୁ ମୁଖ୍ୟଅତିଥି ଭାବରେ ଯୋଗଦେଇ ରାବଣ ପୋଡି ଅଧର୍ମ ଉପରେ ଧର୍ମର

**ମନ ମୋହିଲା ଆତସବାଜି**

ବିଜୟକୁ ପ୍ରମାଣ କରେ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଏସ୍‌ପି ନାରାୟଣ ନାୟକ, ଓଡିଆ ଚଳଚ୍ଚିତ୍ର ଅଭିନେତ୍ରୀ ସୁପ୍ରିୟା ସାହୁ ଯୋଗଦାନ କରିଥିଲେ। ଅତିଥି ବୃନ୍ଦ ରାବଣ ଶରୀରରେ ଅଗ୍ନି ସଂଯୋଗ କରିଥିଲେ। ପ୍ରାରମ୍ଭରେ ଆତସବାଜି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ପିପିଲି, ରାୟଗଡା ଓ ସୋନପୁରର ବାଣ ପ୍ରସ୍ତୁତକାରୀମାନେ ଭାଗ ନେଇଥିଲେ। ଏହା ଦର୍ଶକଙ୍କ ମନ ମୋହିଥିଲା। ରାବଣ ପୋଡି ଦେଖିବା ପାଇଁ ବହୁ ଲୋକଙ୍କ ସମାଗମ ହୋଇଥିଲା। ପୂଜା କମିଟିର ସଭାପତି ଅରବିନ୍ଦ ବାରିକ, ସମ୍ପାଦକ ନିଶାନ୍ତ ମହାନ୍ତି, ବଳଦେବ ପ୍ରସାଦ ବେଦବାକ, ଡ. ଜ୍ୟୋତି ରଞ୍ଜନ ବହିଦାର, ଡ. ପୁରୁଷୋତ୍ତମ ମିଶ୍ର, ଶରତ ମହାପାତ୍ର ଓ ଦିଲୀପ ପାତ୍ର ମଞ୍ଚାସୀନ ଥିଲେ। ଏହି ଅବସରରେ ପୂଜା କମିଟିର ସ୍ମରଣିକା ଶାକମ୍ଭରୀକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ପୂର୍ବତନ ଛାତ୍ରୀଛାତ୍ରଙ୍କ ଏକତ୍ରୀକରଣ ବୈଠକ

ଘଣ୍ଟାପଡା,୪।୧୦(ପ୍ରଭାତ କୁମାର ସାହୁ)

ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ଖୁଣ୍ଟିଗୋରା ପଞ୍ଚାୟତ ମସିଣାଗୋରା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ସଭାଗୃହରେ ଶନିବାର ପରିଚାଳନା ସମିତି ସଭାପତି ସୋମନାଥ ସାହୁଙ୍କ ଅଧ୍ୟକ୍ଷତାରେ ପୂର୍ବତନ ଛାତ୍ରୀଛାତ୍ରମାନଙ୍କ ଏକତ୍ରୀକରଣ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ସଭାପତି ଦେବାଧି ମଲ୍ଲିକ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। କଣ୍ଟାମାଳ ସଙ୍କୁଳ ପ୍ରମୁଖ ତଥା ପୂର୍ବ ପ୍ରାଧ୍ୟାପକ ସନ୍ତୋଷ କୁମାର ବିଶି ମୁଖ୍ୟବକ୍ତା ଭାବେ ଯୋଗଦେଇ ସ୍ୱାବଲମ୍ବୀ ଭାରତ ଗଠନରେ ପୂର୍ବତନ ଛାତ୍ରୀଛାତ୍ରଙ୍କ ଭୂମିକା ବିଷୟରେ ମାର୍ଗଦର୍ଶନ କରିଥିଲେ। ଶିକ୍ଷା ବିକାଶ ସମିତି ବୌଦ୍ଧ ଜିଲା ପ୍ରମୁଖ କାର୍ତ୍ତିକେଶ୍ୱର ବେହେରା, ପୂର୍ବତନ କୋଷାଧ୍ୟକ୍ଷ ମନ୍ଦରଧର ବେହେରା, ସହ ସମ୍ପାଦକ ଉପେନ୍ଦ୍ର ଭୋଇ, ବିଦ୍ୱତ୍ ପରିଷଦ ସଭାପତି ଦୁର୍ଗାଚରଣ ଚଉଳିଆ, ସଦସ୍ୟ ଦେବଚନ ସାହୁ, ପିତବାସ ଝାଙ୍କର, ସଦସ୍ୟା ଲକି ସାହୁ, ମାତୃ ଭାରତୀ ମନ୍ତ୍ରୀ ଅଞ୍ଜଳି ସାହୁ, କାର୍ଯ୍ୟକ୍ରମ ପ୍ରମୁଖ ମାମିନା ସାହୁ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ପ୍ରଧାନ ଆଚାର୍ଯ୍ୟ ସୁଶାନ୍ତ ସାହୁ ଅତିଥି ପରିଚୟ ପ୍ରଦାନ ଏବଂ ବୌଦ୍ଧିକ ପ୍ରମୁଖ ସନ୍ଧ୍ୟାରାଣୀ ମନହିରା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସମ୍ପାଦକ ଭକ୍ତ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଆଚାର୍ଯ୍ୟ ଶ୍ରୀକାନ୍ତ କୁଦେଇ, ବିକାଶ ସାହୁ, ସୁଶାନ୍ତ ମାଝୀ, ନେପାଳ ପ୍ରଧାନ, ରାଜକୁମାର ରଣା, ଝରଣା ପ୍ରଧାନ ସହଯୋଗ କରିଥିଲେ।




ବୈଠକରେ ମଞ୍ଚାସୀନ ଅତିଥି।

# ୨ୟ ରାଜ୍ୟସ୍ତରୀୟ ଡୁଲେଶ୍ୱର କ୍ରିକେଟ କପ୍ ଉଦ୍‌ଘାଟିତ



ଅତିଥିମାନେ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରୁଛନ୍ତି।

ଅମରପାଲି,୪।୧୦(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ପିତାମହୁଲ ପଞ୍ଚାୟତର ଡୁଲେଶ୍ୱର ଗ୍ରାମରେ ବାଗ୍‌ଦେବୀ କ୍ଲବ ଆନୁକୂଲ୍ୟରେ ଦ୍ୱିତୀୟ ରାଜ୍ୟସ୍ତରୀୟ ସୁରେଶ୍ୱରୀ ଡୁଲେଶ୍ୱର କ୍ରିକେଟ କପ୍ ଶନିବାର ଉଦ୍‌ଘାଟିତ ହୋଇଯାଇଛି। ଆୟୋଜକ ସଭାପତି ଆଦିକନ୍ଦ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ବୀରମହାରାଜପୁର ଜୋନ -୧ ଜିଲା ପରିଷଦ ସଭ୍ୟ ଲବ କୁମାର ସାହୁ ମୁଖ୍ୟଅତିଥି ଏବଂ ସ୍ଥାନୀୟ ସରପଞ୍ଚ ଆକସ୍ମିତା ବଢିଆ, ସ୍ୱେଚ୍ଛାସେବୀ ପ୍ରଦୀପ ବଢିଆ, ଆୟୋଜକ ଉପଦେଷ୍ଟା ଲକ୍ଷ୍ମଣ ପଣ୍ଡା ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାକୁ ଉଦଘାଟନ

**ସୋନପୁରକୁ ହରାଇ ବଲାଙ୍ଗୀର ଫାଇନାଲରେ**

କରିଥିଲେ। ଉଦଘାଟନୀ ମ୍ୟାଚ ଡ୍ରିମ୍ସ -୧୧ ସୋନପୁର ଓ ଏଙ୍ଗ୍ରି ଟାଇଗର ସମ୍ବଲପୁର ମଧ୍ୟରେ ହୋଇଥିଲା। ଏଥିରେ ସୋନପୁର ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ୭ ଉଇକେଟ ହରାଇ ୯୨ ରନ କରିଥିଲା। ଜବାବରେ ସମ୍ବଲପୁର ନିର୍ଦ୍ଧାରିତ ୧୦ ଓଭରରେ ୭ ଉଇକେଟ ହରାଇ ୮୬ ରନ କରି ପରାସ୍ତ ହୋଇଥିଲା। ଦ୍ୱିତୀୟ ମ୍ୟାଚ ଏମଏସଟି ବଲାଙ୍ଗୀର ଓ ଷ୍ଟାର -୧୧ ସିଉଳା,ପୁରୀ ମଧ୍ୟରେ ହୋଇଥିଲା। ଏଥିରେ ବଲାଙ୍ଗୀର ପ୍ରଥମେ ବ୍ୟାଟିଂ କରି ନର୍ଦ୍ଧାରିତ ୮ ଓଭରରେ ୫ ଉଇକେଟ ହରାଇ ୯୭ ରନ କରିଥିଲା। ଜବାବରେ ପୁରୀ ଦଳ ନିର୍ଦ୍ଧାରିତ ୮ ଓଭରରେ ୯ ଉଇକେଟ ହରାଇ ୭୨ ରନ କରି ପରାସ୍ତ ହୋଇଥିଲା। ପ୍ରଥମ ମ୍ୟାଚର ବିଜେତା ସୋନପୁର ଓ ଦ୍ୱିତୀୟ ମ୍ୟାଚର ବିଜେତା ବଲାଙ୍ଗୀର ମଧ୍ୟରେ ପ୍ରଥମ ସେମି ଫାଇନାଲ ଖେଳା ଯାଇଥିଲା। ଏଥିରେ ସୋନପୁର ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୬ ଓଭରରେ ୯ ଉଇକେଟ ହରାଇ ୩୪ ରନ କରିଥିବା ବେଳେ ବଲାଙ୍ଗୀର ୩.୩ ଓଭର ରେ ୩ ଉଇକେଟ ହରାଇ ୩୫ ରନ କରି ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଛି। ମ୍ୟାଚ ଗୁଡିକରେ ଦର୍ଶନୀ ଅଦର ଓ ଭୀଷ୍ମ ଲୋଚନ ବାଘ ଅମ୍ପାୟର,ସୁଜିତ ପାଢ଼ୀ ସ୍କୋରିଂ ଏବଂ ପ୍ରେମଚାନ୍ଦ ସାହୁ ଧାରା ବିବରଣୀ ପ୍ରଦାନ କରିଥିଲେ।

## ଢ଼େରାପଡ଼ାରେ ୬ରୁ ପ୍ରସିଦ୍ଧ ହରଗୌରୀ ଯାତ୍ରା

ସୋନପୁର,୪।୧୦(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ସହରର ଢ଼େରାପଡାଠାରେ ପ୍ରସିଦ୍ଧ ହରଗୌରୀ ଯାତ୍ରା ଆସନ୍ତା ୬ ତାରିଖରୁ ଆରମ୍ଭ ହେବ । ଏହା ୧୪ ତାରିଖ ପର୍ଯ୍ୟନ୍ତ ଚାଲିବ । ପ୍ରତିବର୍ଷ ଅନ୍ତରରେ ଏହା ତେଲଗୁ ସମ୍ପ୍ରଦାୟ ଦେବାଙ୍ଗ(ଢେରା)ଙ୍କ ଦ୍ୱାରା ଆୟୋଜନ ହୋଇଥାଏ। ୬ ତାରିଖରେ ଗୌରୀଙ୍କ ଆଗମନ ପରେ ୮ ତାରିଖରେ ହରଙ୍କୁ ଆମନ୍ତ୍ରଣ କରି ଅଣାଯିବାର କାର୍ଯ୍ୟକ୍ରମ ରହିଛି। ପ୍ରତିଦିନ ହରଗୌରୀଙ୍କ ଠାରେ ସୁପ୍ରଭାତମ, ମହାପୂଜା ଓ ରୁଦ୍ରାଭିଷେକ କରାଯିବ। ୯ ତାରିଖରେ ବଲାଙ୍ଗୀରର ଡ୍ୟାନ୍ସ ଗ୍ରୁପ କିଲର୍ ବଏଜଙ୍କ ଦ୍ୱାରା ଡ୍ୟାନ୍ସ ପରିବେଷଣ ହେବାକୁ ଥିବା ବେଳେ ୧୦ ତାରିଖରେ ଭକ୍ତି ଆରାଧନା ଭଜନ ସନ୍ଧ୍ୟା, ୧୧ ତାରିଖରେ ବର୍ଷାରାଣୀ ତ୍ରିପାଠୀଙ୍କ ଦାରା ସୁନ୍ଦରାକାଣ୍ଡ ପାରାୟଣ ଓ ଭଜନ ପରିବେଷଣ ହେବ। ୧୨ ତାରିଖରେ ସମ୍ବଲପୁରର ପଞ୍ଚବାଦ୍ୟ ସାଂସ୍କୃତିକ ଅନୁଷ୍ଠାନ ଦ୍ୱାରା ସମ୍ବଲପୁରୀ ଲୋକ ନୃତ୍ୟ ପରିବେଷିତ ହେବ। ୧୩ ତାରିଖରେ ହରି ଓଁ ମେଲୋଡି ଓ ୧୪ରେ ଭୁବନେଶ୍ୱର ତରଙ୍ଗ ସଙ୍ଗୀତ ଅନୁଷ୍ଠାନ ଦ୍ୱାରା ଭଜନ ସନ୍ଧ୍ୟାର କାର୍ଯ୍ୟକ୍ରମ ରହିଛି। ମଧ୍ୟରାତ୍ରରୁ ଭସାଣି ଉତ୍ସବ ଅନୁଷ୍ଠିତ ହେବ ବୋଲି ବୁଢ଼ୀ ମା' କଲ୍ୟାଣ ମଣ୍ଡପଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଯାତ୍ରା କମିଟିର ସଭାପତି ସହଦେବ ପାତ୍ର ସୂଚନା ଦେଇଛନ୍ତି। ଏହି ଯାତ୍ରା ୯ ଦିନ ଧରି ଚାଲିବ ବୋଲି ଯାତ୍ରା କମିଟିର ସମ୍ପାଦକ ବି.ସତ୍ୟନାରାୟଣ ରାଓ କହିଛନ୍ତି। ଏହି ସମ୍ମିଳନୀରେ ଯାତ୍ରା କମିଟିର ଜନ୍ମେଜୟ ପାତ୍ର ଓ ଦିଲୀପ ପାତ୍ର ଉପସ୍ଥିତ ଥିଲେ ।

## ଖଣ୍ଡହତାରେ ଦୁର୍ଗାପୂଜା ଭସାଣି ଶୋଭାଯାତ୍ରା

ଅମରପାଲି,୪।୧୦(ପୀତାମ୍ବର ସାହୁ)

ବୀରମହାରାଜପୁର ବ୍ଲକ ଖଣ୍ଡହତା ଗ୍ରାମର ବାହାରିପଡାରେ ଦୁର୍ଗାପୂଜା ପାଳିତ ହୋଇଯାଇଛି। ପୂଜାର ଅନ୍ତିମ ଦିବସରେ ମା'ଙ୍କ ଭସାଣି ଶୋଭାଯାତ୍ରା କରାଯାଇଥିଲା। ଦୁର୍ଗାପୂଜା କମିଟିର ସଭାପତି ସୁଶୀଲ ପାଣ୍ଡେ, ସମ୍ପାଦକ ବିପିନ ଚୌଧୁରୀ, କୋଷାଧ୍ୟକ୍ଷ ସୁନୀଲ ମେହେର , ବରିଷ୍ଠ ସଦସ୍ୟ ବବୁଲ ମହାପାତ୍ର, ଉପସଭାପତି ମୁକେଶ ମେହେର ଓ ଦୁର୍ଗାପୂଜା କମିଟିର ସମସ୍ତ ସଦସ୍ୟ ଉକ୍ତ ଶୋଭାଯାତ୍ରାରେ ସାମିଲ ହୋଇ ଶାନ୍ତି ଶୃଙ୍ଖଳାର ସହିତ ଭସାଣି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ଖଣ୍ଡହତାରେ ମା' ଦୁର୍ଗାଙ୍କ ଭସାଣି ଶୋଭାଯାତ୍ରା।

# ମାହେଶ୍ୱରୀ ନାଟ୍ୟ ସଂସଦର ବାର୍ଷିକ ଉତ୍ସବ

ଅମରପାଲି,୪।୧୦(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ କମିରା ପଞ୍ଚାୟତର ବିକଲପୁର ଗ୍ରାମରେ ମାହେଶ୍ୱରୀ ନାଟ୍ୟ ସଂସଦର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଗ୍ରାମବାସୀଙ୍କ ସହଯୋଗରେ ନାଟ୍ୟ ସଂସଦର ସଦସ୍ୟମାନଙ୍କ ଦ୍ୱାରା ସାମାଜିକ ନାଟକ ଆଖିର ଜନମ କାନ୍ଦିବା ପାଇଁ ମଞ୍ଚସ୍ଥ ହୋଇଥିଲା। ଏହି ଅବସରରେ ନାଟ୍ୟ ସଂସଦର ସଭାପତି ଅନାଦି ବରଗିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସାଂସ୍କୃତିକ ସଭାରେ ବୀରମହାରାଜପୁର ବ୍ଲକ ଉପାଧ୍ୟକ୍ଷ ନାରାୟଣ ଲୁହା ମୁଖ୍ୟଅତିଥି ଭାବେ ଯୋଗଦେଇ ଗ୍ରାମାଞ୍ଚଳରେ ନାଟକକୁ ବଞ୍ଚାଇବାର ପ୍ରୟାସ ଉଦ୍ୟମକୁ ପ୍ରଶଂସା କରିଥିଲେ। କମିରା

**ନାଟକ ଆଖିର ଜନମ କାନ୍ଦିବା ପାଇଁ ମଞ୍ଚସ୍ଥ**

ସରପଞ୍ଚ ଅନୁସୟା ପଧାନ, ସୁବଳୟା ଥାନାଧିକାରୀ ସୁଶାନ୍ତ ପ୍ରଧାନ, କଂଗ୍ରେସ ନେତା କର୍ଣ୍ଣରାଜ ପଧାନ, ଅବସରପ୍ରାପ୍ତ ଶିକ୍ଷକ ମହେନ୍ଦ୍ର ମହାଲିଙ୍ଗ, ନାଟ୍ୟଗୁରୁ ରଣଜିତ୍ ମିଶ୍ର, ସ୍ୱେଚ୍ଛାସେବୀ ସପନ ପଧାନ, ବ୍ରହ୍ମାନନ୍ଦ ବରଗି, ରାମ ପ୍ରସାଦ କର୍ଣ୍ଣ, ଲଳିତ କର୍ଣ୍ଣ, ସଞ୍ଜୀବ ପଧାନ, ରାଜ୍ୟପାଳ ପୁରସ୍କାରପ୍ରାପ୍ତ କବି ନିଶାନ୍ତ ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସାଂସ୍କୃତିକ ବାର୍ତ୍ତା ପ୍ରଦାନ କରିଥିଲେ। ଏହି ଅବସରରେ ନାଟକର ନିର୍ଦ୍ଦେଶନା ଦେଇଥିବା ନାଟ୍ୟ ନିର୍ଦ୍ଦେଶକ ଗୁରୁ ନରେଶ ପଧାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଙ୍କୀର୍ତ୍ତନ ସାହୁ ଏବଂ ଦେବେନ୍ଦ୍ର ଭୋଇ ମଞ୍ଚ ପରିଚାଳନା କରିଥିଲେ । ବିଭୀଷଣ ଭୋଇ ସ୍ୱାଗତ ଭାଷଣ ଓ ସୁଦର୍ଶନ ଭୋଇ ଅତିଥି ପରିଚୟ ପ୍ରଦାନ କରିଥିଲେ । ପରୀକ୍ଷିତ କର୍ଣ୍ଣ ଧନ୍ୟବାଦ ଅର୍ପଣ କରିଥିଲେ। ନବଘନ ପ୍ରଧାନ, ଅଶ୍ୱିନୀ ଭୋଇ, ସୁବ୍ରତ ମେଣ୍ଡିଲିଙ୍କ ସମେତ ସମସ୍ତ ସଭ୍ୟ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ସାଂସ୍କୃତିକ ସଭା ପରେ ପରିବେଷଣ ହୋଇଥିବା ନାଟକରେ କୁଳମଣି ମେଣ୍ଡିଲି, ଶ୍ରୀନିବାସ ପ୍ରଧାନ, ସର୍ଜନ ପାତ୍ର, ଅଖିଳ କର୍ଣ୍ଣ, ଶ୍ରୀକାନ୍ତ ମେହେର, ନିରଞ୍ଜନ ମେହେର, ରଞ୍ଜନ କର୍ଣ୍ଣ, ଅଶୋକ ସେଠୀ, କମଲ ପ୍ରଧାନ, ନୀଳମାଧବ କର୍ଣ୍ଣ, ନୃସିଂହ କର୍ଣ୍ଣ, ଗରୁଡ଼ କର୍ଣ୍ଣ, ଦେବ କର୍ଣ୍ଣ, ଚିନ୍ମୟ ଦେହୁରୀ ପ୍ରମୁଖ ବିଭିନ୍ନ ଭୂମିକାରେ ଅଭିନୟ କରିଥିଲେ।



ନାଟ୍ୟ ନିର୍ଦ୍ଦେଶକଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

# ଦିଗଶିରା ଗ୍ରାମରେ ଦଶହରା ଖଣ୍ଡା ପୂଜା ପର୍ବ ପାଳିତ

ଡୁଙ୍ଗୁରିପାଲି,୪।୧୦(ଦୀନବନ୍ଧୁ ସୁନା)

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ଅନ୍ତର୍ଗତ ଦିଗଶିରା ଗ୍ରାମରେ ବିଜୟା ଦଶମୀରେ ମା' ଅପରାଜିତା ଦେବୀ ଦୁର୍ଗାଙ୍କ ଦଶହରା ଖଣ୍ଡା ପୂଜା ପର୍ବ ପାଳିତ ହୋଇଯାଇଛି। ଗାଁର ଗଡତିଆ ଲିଙ୍ଗରାଜ ନାଏକଙ୍କ ତତ୍ତ୍ୱାବଧାନରେ ଗଡ଼ତିଆପଡା ଦୁର୍ଗା ମନ୍ଦିରରେ ୧୪ ଗୋଟି ଖଣ୍ଡାକୁ ଧୋଇ ବରଣ କରାଯାଇଥିଲା। ଏହାପରେ ଗଡତିଆଙ୍କ ବଂଶଜ ଓ ଯୁବକମାନେ ସେସବୁ ଖଣ୍ଡା ଧରି ମନ୍ଦିରରୁ ବାହାରି ଏକ ଶୋଭାଯାତ୍ରାରେ ଗାଁ ପରିକ୍ରମା କରି ଗଣ୍ଡାପଡ଼ା ନିକଟରେ ଥିବା ମା' ଅପରାଜିତା ଦୁର୍ଗା ମନ୍ଦିର ଦଶହରାପଦା ପୀଠରେ ପହଞ୍ଚି ଥିଲେ। ସେଠାରେ ଭକ୍ତମାନେ ନେଇଥିବା ଖଣ୍ଡା ସବୁକୁ ମାଟି ତଳେ ବାଉଁଶ ଖଣ୍ଡ ଉପରେ ଥୋଇ ତା ଉପରେ ଖଣ୍ଡା ସବୁକୁ ସ୍ଥାପନ କରିଥିଲେ। ଗ୍ରାମର ଲିଙ୍ଗରାଜ ଗଡତିଆ ଗ୍ରାମବାସୀଙ୍କ ମଙ୍ଗଳ କାମନା ଉଦେଶ୍ୟରେ ମା'ଙ୍କୁ ଗୁହାରି ଜଣାଇଥିଲେ। ସେଠାରେ ପାରମ୍ପରିକ ରୀତିନୀତି ଅନୁସାରେ ଖଣ୍ଡା ସବୁକୁ ପୂଜାର୍ଚ୍ଚନା କରିଥିଲେ। ଏହି ଅବସରରେ ଦଶହରାପଦା ପୀଠ ଦେବୀସ୍ଥଳୀରେ ମା'ଙ୍କ ଭର୍ତ୍ତି , ଘଣ୍ଟ, ଶଙ୍ଖ, ହୁଳହୁଳି, ବୀର ବାଦ୍ୟ ସହ ପୂଜାମଣ୍ଡପ ମୁଖରିତ ହୋଇ ପ୍ରକମ୍ପିତ ହୋଇ ଉଠିଥିଲା। ଭକ୍ତମାନେ ସେଠାରେ ରୁଣ୍ଡ ହୋଇ ଦୁର୍ଗାଙ୍କୁ ଦର୍ଶନ କରି ନିଜର ମାନସିକ ଜଣାଇଥିଲେ ଓ ନିଜେ ବ୍ୟବହାର କରୁଥିବା ଅସ୍ତ୍ରଶସ୍ତ୍ର ତଥା ଛାତ୍ରୀଛାତ୍ରମାନେ ବହି ପତ୍ର ନେଇ ମା'ଙ୍କ ଆର୍ଶିବାଦ ପାଇବା ପାଇଁ ପୂଜା ସମୟରେ ପଠନ କରିଥିଲେ। ପୂଜା ସରିବା ପରେ ସେଠାରୁ ପ୍ରତ୍ୟାବର୍ତ୍ତନ କରି ରାସ୍ତାରେ ଯିବା ସମୟରେ ଗାଁର ପ୍ରତ୍ୟେକ ଗଳି ରାସ୍ତା ଘର ସମ୍ମୁଖରେ ଖଣ୍ଡା ସବୁକୁ ପୂର୍ଣ୍ଣ କଳସ ବସାଇ ଦୀପ ଜାଳି ପୂଜା ଅର୍ଚ୍ଚନା କରି ମା'ମାନେ ମାନସିକ ପୂରଣ ପାଇଁ ଗୁହାରି ଜଣାଇଥିଲେ। ଗ୍ରାମର ପ୍ରତି ଛକରେ ବୀରବାଦ୍ୟ ସହ ଖଣ୍ଡା ଖେଳ ଓ ବାଡ଼ି ଖେଳ ଯୁବକମାନଙ୍କ ଦ୍ୱାରା ହୋଇଥିଲା। ଏହି ଦଶହରା ଖଣ୍ଡା ପୂଜା ଦେଖିବା ପାଇଁ ଆଖପାଖ ଗ୍ରାମରୁ ଆସିଥିବା ଶ୍ରଦ୍ଧାଳୁମାନଙ୍କ ଭିଡ଼ ଜମିଥିଲା। ଭକ୍ତମାନେ ପ୍ରତ୍ୟାବର୍ତ୍ତନ ସମୟରେ ରାତିରେ ମନ୍ଦିରକୁ ଖଣ୍ଡା ଧରି ପ୍ରବେଶ କରିଥିଲେ।

ପ୍ରକାଶ ଥାଉକି, ବହୁ ପ୍ରାଚୀନ କାଳରୁ ସୋନପୁର ମହାରାଜ ଦିଗଶିରା ଗ୍ରାମର ଗଡତିଆଙ୍କୁ ଉତ୍ତର ଦିଗରେ ଥିବା ଗାଁଗୁଡିକୁ ଯାଇ ଯୁଦ୍ଧ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଉତ୍ତର ଦିଗରେ ଥିବା ଗ୍ରାମଗୁଡିକୁ ଗଡତିଆ ନିଜ ବଂଶଜ ଓ ଗାଁ ଲୋକଙ୍କୁ ନେଇ ଲଢ଼େଇ କରି ଯାଇଥିଲେ। ଲଢ଼େଇ କରି ଫେରିବା ବାଟରେ ଗାଁର ଗଣ୍ଡାପଡ଼ା ନିକଟ ଦଶହରାପଦା ପୀଠ ଠାରେ ଖଣ୍ଡାର ରକ୍ତ ବିଜୟା ଦଶମୀ ଦିନ ସେଠାରେ ପଡିଥିଲା। ତେଣୁ ସେହି ଦିନଠାରୁ ପ୍ରତିବର୍ଷ ବିଜୟା ଦଶମୀରେ ସେଠାରେ ଖଣ୍ଡା ପୂଜା କରାଯାଏ ବୋଲି ଗାଁର ଗଡତିଆ ଲିଙ୍ଗରାଜ ପ୍ରକାଶ କରିଛନ୍ତି। ଚଳିତବର୍ଷ ଗାଁର ଲିଙ୍ଗରାଜ ନାଏକଙ୍କ ସହ ପୂର୍ଣ୍ଣଚନ୍ଦ୍ର ନାଏକ, ସୁରୁବାବୁ ଅମାତ, ଗୁଣନିଧି ଭୁକ୍ତା, ପ୍ରଭୁ ଅମାତ, ହେମସାଗର ଝାଙ୍କର, ବାବର ଝାଙ୍କର,ଶିବ ଦଣ୍ଡସେନା, ଅଜିତ ସେଠୀ, ବଳଭଦ୍ର ଦେହେରୀ, ଗିରି ଅମାତ, ଅନିରୁଦ୍ଧ ଦଣ୍ଡସେନା, ଅରକ୍ଷିତ ବକୁଳ, ରମେଶ ପୁଟେଲ, ପୁରନ୍ଦର ପୁଟେଲ, ସୁନାଶ ବାରିକ, ତ୍ରିଲୋଚନ ରଣା, ବଲ ଭୁକ୍ତା ଖଣ୍ଡା ସବୁ ଧରି ଶୋଭାଯାତ୍ରାରେ ବାହାରିଥିଲେ। ଏହି ଦଶହରା ଖଣ୍ଡା ପୂଜା ଶୋଭାଯାତ୍ରାରେ ଭିଡ ଲାଗି ରହିଥିଲା। ଦିଗଶିରା ଗ୍ରାମବାସୀ ସହଯୋଗ କରିଥିଲେ।



ଦଶହରାପଦା ପୀଠରେ ମା'ଙ୍କ ଖଣ୍ଡା ପୂଜା କରାଯାଉଛି।

## ସଂକ୍ଷେପରେ

### ୬ରେ କୁମାର ଉତ୍ସବ ସାଂସ୍କୃତିକ ସନ୍ଧ୍ୟା

**ରାଉରକେଲା,୪।୧୦(ବିପ୍ଳବ ରଞ୍ଜନ ଦାଶ):** କୁମାର ପୂର୍ଣ୍ଣିମା ଅବସରରେ ଭଞ୍ଜ ସାଂସ୍କୃତିକ ନ୍ୟାସ ଓ ଆର୍‌ଏସ୍‌ପିର ମିଳିତ ସହଯୋଗରେ ସାଂସ୍କୃତିକ ସନ୍ଧ୍ୟା କୁମାର ଉତ୍ସବ-୨୦୨୫ ଆସନ୍ତା ୬ତାରିଖରେ ରାଉରକେଲା ସିଭିକ୍ ସେଣ୍ଟରରେ ଅନୁଷ୍ଠିତ ହେବ। ଏହି ଉତ୍ସବରେ ବର୍ଷିୟାନ ଅଭିନେତା, ନିର୍ଦ୍ଦେଶକ ତଥା ପୂର୍ବତନ ଏମ୍‌ପି ପ୍ରଶାନ୍ତ ନନ୍ଦ ଏବଂ ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାର ବିଜେତା ଓଡିଶୀ କଣ୍ଠଶିଳ୍ପୀ ପ୍ରଫେସର ଡକ୍ଟର ସଙ୍ଗୀତା ଗୋସାଇଁଙ୍କୁ କୁମାର ଉତ୍ସବ ସମ୍ମାନ-୨୦୨୫ ସମ୍ମାନରେ ସମ୍ମାନୀତ କରାଯିବ। କାର୍ଯ୍ୟକ୍ରମରେ କଣ୍ଠଶିଳ୍ପୀ ବିଷ୍ଣୁମୋହନ କବି ଏବଂ ଇସ୍ପାତ ସହରର ଲୋକପ୍ରିୟ କଳାକାରମାନେ ଓଡିଆ ସଙ୍ଗୀତ ପରିବେଷଣ କରିବେ। ସେହିପରି ଓଡ଼ିଶାର ସମୃଦ୍ଧ ସାଂସ୍କୃତିକ ଐତିହ୍ୟକୁ ପ୍ରଦର୍ଶନ କରିବା ପାଇଁ ଭଞ୍ଜ କଳା କେନ୍ଦ୍ରର କଳାକାର ପାରମ୍ପରିକ ଲୋକ ନୃତ୍ୟ କୁଆଁର ପୁନେଇ ଜହ୍ନ ଗୋ ପରିବେଷଣ କରିବେ ବୋଲି ସୂଚନା ପ୍ରଦାନ କରାଯାଇଛି।

# ନାବାଳିକାଙ୍କ ମୃତ୍ୟୁକୁ ନେଇ ଉତ୍ତେଜନା

**ରାଉରକେଲା, ୪।୧୦(ସଙ୍ଗୀତା ଜେନା)**

ରାଉରକେଲା ସ୍ମାର୍ଟସିଟି ଲିମିଟେଡ୍(ଆର୍‌ଏସ୍‌ସିଏଲ୍)ରେ ଏକ ନିର୍ମାଣାଧୀନ କୋଠାରେ କାର୍ଯ୍ୟରତ ଜଣେ ନାବାଳିକାଙ୍କ ସନ୍ଦେହଜନକ ମୃତ୍ୟୁ ହୋଇଛି। ମୃତା ନାବାଳିକା ହେଲେ ବାଲୁଘାଟ ସର୍ଦ୍ଦାର ବସ୍ତିର ସନ୍ଧ୍ୟା ଝରା(୧୫)। ଶନିବାର ସକାଳେ ତାଙ୍କ ଅଭିଭାବକ ଓ ସମ୍ପର୍କୀୟମାନେ ରାଉରକେଲା ସରକାରୀ ଡାକ୍ତରଖାନା (ଆର୍‌ଜିଏଚ୍)ରେ ପହଞ୍ଚି ସନ୍ଧ୍ୟାଙ୍କ ମୃତ୍ୟୁ ସମ୍ପର୍କରେ ଜାଣିବାକୁ ଚାହିଁଥିଲେ ମଧ୍ୟ ସେମାନଙ୍କୁ କୌଣସି ଉତ୍ତର ମିଳି ନ ଥିଲା। ଫଳରେ ଦୀର୍ଘ ସମୟ ପର୍ଯ୍ୟନ୍ତ ଡାକ୍ତରଖାନା ପରିସରରେ ଉତ୍ତେଜନା ପ୍ରକାଶ ପାଇଥିଲା। ଉତ୍ୟକ୍ତ ଲୋକେ ଘଟଣାର ତଦନ୍ତ ଦାବି କରିଥିଲେ। ଏ ନେଇ ରଘୁନାଥପାଲୀ ଥାନା ପୋଲିସ ଏକ ମାମଲା (ନଂ.୫୬୨/୨୫) ରୁଜୁ କରିଛି। ଅପରପକ୍ଷେ କିଭଳି ପ୍ରଶାସନର କୋଠା ନିର୍ମାଣରେ ନାବାଳିକା ନିୟୋଜିତ ହେଲେ ଏବଂ ମୃତ୍ୟୁବରଣ କଲେ ସେ ନେଇ ଅସନ୍ତୋଷ ପ୍ରକାଶ କରି ଆର୍‌ଏସ୍‌ସିଏଲ୍ କମିଶନର ଏବଂ ଯୁଗ୍ମ ଶ୍ରମ ସଂସ୍ଥାପକଙ୍କୁ ଚିଠି ଲେଖି ଜଣାଇବେ ବୋଲି ଜିଲା ଶିଶୁ କଲ୍ୟାଣ ସମିତି (ସିଡବ୍ଲ୍ୟୁସି) ସଦସ୍ୟ ବାଲମୁକୁନ୍ଦ ଶୁକ୍ଳା ସୂଚନା ଦେଇଛନ୍ତି। ଶନିବାର ଅପରାହ୍ନରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

ପୋଲିସ ସୂଚନା ଅନୁଯାୟୀ, ମୃତା ନାବାଳିକା ବାଲୁଘାଟ ଅଞ୍ଚଳରେ ରହି ଆର୍‌ଏସ୍‌ସିଏଲ୍‌ର ପାନପୋଷ ଛକ ସ୍ଥିତ ରାଉରକେଲା ୱାନ ପ୍ରକଳ୍ପରେ କାମ କରୁଥିଲେ। ଶୁକ୍ରବାର କାମ କଲାବେଳେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିଯିବାରୁ ସହକର୍ମୀମାନେ ତାଙ୍କୁ ଆଣି ଆର୍‌ଜିଏଚ୍‌ରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସନ୍ଧ୍ୟା ବେଳେ ସନ୍ଧ୍ୟାଙ୍କ ମାତା ପିତା ଝିଅର ସନ୍ଧାନ ନେବାରୁ ସେ ଡାକ୍ତରଖାନାରେ ଥିବା ଜାଣିବାକୁ ପାଇଥିଲେ। ପରେ ସେମାନେ ଆସି ସନ୍ଧ୍ୟା ମୃତ୍ୟୁବରଣ କରିଥିବା ଦେଖିବାକୁ ପାଇଥିଲେ। ମୃତା ନାବଳିକାଙ୍କ ପିତା ରାମ ଝରାଙ୍କ କହିବା ଅନୁସାରେ, ଶୁକ୍ରବାର ସନ୍ଧ୍ୟାରେ ତାଙ୍କୁ ଫୋନ୍ ଆସିଥିଲା ଯେ, କାର୍ଯ୍ୟସ୍ଥଳୀରେ ସନ୍ଧ୍ୟାଙ୍କୁ କେହି ମାଡ଼ ମାରିଥିଲେ। ଫଳରେ ସେ କୁଆଡେ ବିଷ ଖାଇ ଦେଇଥିଲେ। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିବାରୁ ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ପ୍ରାୟ ୭ଟାରେ ସେମାନେ ଡାକ୍ତରଖାନା ଆସିବା ପରେ ଝିଅ ମରିଯାଇଥିବା ଜାଣିବାକୁ ପାଇଥିଲେ। ଏ ନେଇ ଥାନାରେ ଏତଲା ଦେବାକୁ ନିଷ୍ପତ୍ତି ନେଇଥିଲେ ମଧ୍ୟ ଶୁକ୍ରବାର ଭସାଣି ଯୋଗୁ ଏତଲା ହୋଇପାରି ନ ଥିଲା। ବିଳମ୍ବିତ ରାତିରେ ସେମାନେ ଥାନାରେ ଏତଲା ଦେଇଥିଲେ। କେଉଁ ପରିସ୍ଥିତିରେ ସନ୍ଧ୍ୟାଙ୍କ ମୃତ୍ୟୁ ହୋଇଛି। ଏଥିରେ ସାମିଲ ଦୋଷୀଙ୍କ ବିରୋଧରେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ରାମ ଦାବି କରିଛନ୍ତି।


ଡାକ୍ତରଖାନାରେ ମୃତକଙ୍କ ସମ୍ପର୍କୀୟ।

# ୭ରୁ ଅନ୍ତର୍ଜାତୀୟ ବାଣିଜ୍ୟ ମେଳା


ଖବରଦାତା ସମ୍ମିଳନୀରେ ସୂଚନା ପ୍ରଦାନ କରାଯାଉଛି।

**ରାଉରକେଲା,୪।୧୦(ଦିନେଶ ମିଶ୍ର)**

ରାଉରକେଲା ସେକ୍ଟର-୧୩ ସ୍ଥିତ ମେଳଣ ପଡିଆରେ ଆସନ୍ତା ୭ ତାରିଖରେ ଅନ୍ତର୍ଜାତୀୟ ବାଣିଜ୍ୟ ମେଳା-୨୦୨୫ ଆରମ୍ଭ ହେବ। ଏହା ୧୬ ତାରିଖ ପର୍ଯ୍ୟନ୍ତ ୧୦ ଦିନ ଧରି ଚାଲିବ। ଏ ନେଇ ରାଉରକେଲା ପାନ୍ଥନିବାସରେ ଶନିବାର ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ସୂଚନା ପ୍ରଦାନ କରାଯାଇଛି। ଗୁପ୍ତା ଇଭେଣ୍ଟ ମ୍ୟାନେଜମେଣ୍ଟ ପ୍ରାଇଭେଟ୍ ଲିମିଟେଡ୍ ପକ୍ଷରୁ ଆପେଲ ସାଇନ୍ ଆଣ୍ଡ୍ ଗ୍ରାଫିକ୍ ସହାୟତାରେ ଆୟୋଜିତ ମେଳାରେ ପ୍ରାୟ ୨ଶହରୁ ଉର୍ଦ୍ଧ୍ୱ ଷ୍ଟଲ ପ୍ରଦର୍ଶିତ ହେବ। ଏହି ମେଳାରେ ୨୨ଟି ରାଜ୍ୟ ଓ ୧୦ଟି ଦେଶରୁ ବ୍ୟବସାୟୀମାନେ ଅଂଶଗ୍ରହଣ କରିବେ ବୋଲି ଗୁପ୍ତା ଇଭେଣ୍ଟ ମ୍ୟାନେଜମେଣ୍ଟ ପ୍ରାଇଭେଟ୍ ଲିମିଟେଡ୍‌ର ପରିଚାଳନା ନିର୍ଦ୍ଦେଶକ ସୁଜିତ ଗୁପ୍ତା ସୂଚନା ପ୍ରଦାନ କରିଥିଲେ। ମେଳାରେ ଇରାନୀ ପାର୍ସିଆନ କାରପେଟ୍, ଘରୋଇ ଆସବାପତ୍ର, ମସଲା, ଘରୋଇ ନିର୍ମାଣ ସାମଗ୍ରୀ, ଶୁଖିଲା ଫଳ, ଭାରତୀୟ ହସ୍ତତନ୍ତ, କଶ୍ମୀର ଫର୍ଣ୍ଣିଚର, ଇରାନୀ ଗହଣା, ଥାଇ ଫୁଲ, ରାଜସ୍ଥାନୀ ମାର୍ବଲ, ବାଙ୍ଗଲାଦେଶର ହ୍ୟାଣ୍ଡଲୁମ୍, ବ୍ରହ୍ମପୁର ଆଚାର ଓ ପାମ୍ପଡ, ସ୍ୱାସ୍ଥ୍ୟ ଓ ସ୍ୱଚ୍ଛତା ସାମଗ୍ରୀ ଉପଲବ୍ଧ ରହିବ। ଏହି ମେଳାରେ ଦୁବାଇର ଡ୍ରାଏଫ୍ରୁଟ ଖଜୁରୁ ସାଙ୍ଗକୁ ଥାଇଲାଣ୍ଡର କାରପେଟ୍ ଗ୍ରାହକଙ୍କ ଆକର୍ଷଣ ହେବ। ସେହିଭଳି ଖାଦ୍ୟ ଷ୍ଟଲ ମଧ୍ୟ ଏହି ମେଳାରେ ଦେଖିବାକୁ ମିଳିବ। ଗ୍ରାହକମାନେ ପ୍ରଦର୍ଶନୀରୁ ଗୁଣାତ୍ମକ ଉତ୍ପାଦନ ସୁଲଭ ମୂଲ୍ୟରେ ପାଇପାରିବ ବୋଲି କମ୍ପାନୀ ପରିଚାଳନା ନିର୍ଦ୍ଦେଶକ ସୁଜିତ କୁମାର ଗୁପ୍ତା କହିଥିଲେ। ଖବରଦାତା ସମ୍ମିଳନୀରେ ଆପେଲ ସାଇନ୍‌ର ନିର୍ଦ୍ଦେଶକ ସରୋଜ ମହାପାତ୍ର, ପ୍ରକାଶ ପାଶ୍ୱାନ, ମନୋରଞ୍ଜନ ମୁନି, ବୀରବାହାଦୁର ସିଂ, ଧ୍ୟାନ ପାଣି, ସନ୍ୟାସୀ ପାଢ଼ୀ, ଦିନେଶ ଭୋଳ ପ୍ରମୁଖ ଉପସ୍ଥିତ ଥିଲେ।

# ୩ ଗିରଫ, ୩ ନାବାଳକ ଗଲେ ବାଲ୍ୟସ୍ୱାଧାର ଗୃହ

**ସ୍କୁଲ ଛାତ୍ରଙ୍କୁ ମାଡ଼ ଭିଡିଓ ଭାଇରାଲ ମାମଲା**

**ରାଉରକେଲା,୪।୧୦(ସଙ୍ଗୀତା ଜେନା)**

ଗତ ୨୬ ତାରିଖରେ ସେକ୍ଟର-୭ ଥାନା ଅନ୍ତର୍ଗତ ସେକ୍ଟର-୫ର ଏକ ଘରୋଇ ସ୍କୁଲର ଜଣେ ଛାତ୍ରଙ୍କୁ ୧୦ରୁ ୧୫ ଜଣ ଯୁବକ ମାଡ଼ ମାରିବା ସହ ଜୋରଜବରଦସ୍ତ ବାଇକ୍‌ରେ ଅପହରଣ କରିନେବା ଭିଡ଼ିଓ ଭାଇରାଲ ମାମଲାରେ ପୋଲିସ ଶନିବାର ୩ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ସେକ୍ଟର-୧୫ ଅଞ୍ଚଳର ଏମ୍‌ଡ଼ି ସମୀମ(୧୯), ଏମ୍‌ଡ଼ି କାଶିଫ୍(୨୧) ଏବଂ ଶେଖ୍ କାଇଦୁଲ(୧୯)। ଅଭିଯୁକ୍ତମାନଙ୍କୁ ଶନିବାର ସନ୍ଧ୍ୟା ୭ଟାରେ କୋର୍ଟଚାଲାଣ କରାଯାଇଛି। ସେହିପରି ଏହି ଘଟଣାରେ ସମ୍ପୃକ୍ତି ଅଭିଯୋଗରେ ଅନ୍ୟ ୩ ନାବାଳକଙ୍କୁ ବାଲ୍ ସ୍ୱଧାର ଗୃହକୁ ପଠାଇ ଦିଆଯାଇଛି। ଏ ନେଇ ସେକ୍ଟର-୭ ଥାନାଧିକାରୀ ରବିନ୍ଦ୍ର ପାତ୍ରଙ୍କ କହିବା ଅନୁସାରେ, ଭିଡ଼ିଓ ଭାଇରାଲ ହେବା ପରେ ପୋଲିସ ଘଟଣା ବାବଦରେ ଅବଗତ ହୋଇଥିଲା। ଘଟଣାର ପ୍ରକୃତ ଯାଞ୍ଚ କରିବା ପରେ ମୋଟ ୬ ଜଣଙ୍କୁ ଅଟକ ରଖି ପଚରାଉଚୁରା କରାଯାଇଥିଲା। ପୀଡ଼ିତ ଛାତ୍ରଙ୍କ ଅଭିଭାବକ ସ୍କୁଲର କାର୍ଯ୍ୟାନୁଷ୍ଠାନକୁ ଅପେକ୍ଷା କରିବା ସହ ସେମାନେ ଏତଲା ଦେବେ ନାହିଁ ବୋଲି କହିବାରୁ ପୋଲିସ ନିଜ ଆଡୁ ଏତଲା କରିଥିଲା। ତେବେ ଏଥିରେ ସମ୍ପୃକ୍ତ ଆଉ କିଛି ଯୁବକଙ୍କୁ ମଧ୍ୟ ପଚରାଉଚୁରା ଜାରି ରହିଛି। ଏପର୍ଯ୍ୟନ୍ତ ଉଭୟ ଅଭିଭାବକ ଏବଂ ସ୍କୁଲ ପକ୍ଷରୁ କୌଣସି ଅଭିଯୋଗ ହସ୍ତଗତ ହୋଇନାହିଁ ବୋଲି ପାତ୍ର କହିଥିଲେ।

# ୨୫ରୁ ଶ୍ରେଷ୍ଠ ଓଡ଼ିଆଣୀ ଅଡିଶନ


ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଉଛି।

**ରାଉରକେଲା,୪।୧୦(ବିପ୍ଳବ ରଞ୍ଜନ ଦାଶ)**

ଗରିମା ପରିବାରର ତୃତୀୟ ପର୍ଯ୍ୟାୟ ଶ୍ରେଷ୍ଠ ଓଡ଼ିଆଣୀର ଅଡିଶନ ଆସନ୍ତା ୨୫ ଓ ୨୬ ତାରିଖରେ ସେକ୍ଟର-୨୦ ସ୍ଥିତ ରାଉରକେଲା କ୍ଲବରେ ଅନୁଷ୍ଠିତ ହେବ। ଏ ନେଇ ସେହେନାଇ ମଣ୍ଡପରେ ଶନିବାର ଖବରଦାତା ସମ୍ମିଳନୀରେ ସୂଚନା ପ୍ରଦାନ କରାଯାଇଛି। ଗରିମାର ଅଧ୍ୟକ୍ଷା ନିହାରିକା ବସ୍ତିଆ ଓ ସଭାପତି ମମତା ନାୟକ ଏ ସମ୍ପର୍କରେ ସୂଚନା ପ୍ରଦାନ କରି କହିଲେ, ଶ୍ରେଷ୍ଠ ଓଡ଼ିଆଣୀ ସିଜିନ-୩ର ଅଡିଶନ ଆସନ୍ତା ୨୫ ଓ ୨୬ ତାରିଖ ପୂର୍ବାହ୍ନ ୯ଟାରେ ରାଉରକେଲା କ୍ଲବରେ ଆରମ୍ଭ ହେବ। ୨୫ ତାରିଖରେ ୪ ରାଉଣ୍ଡ ଭାବ ବିନିମୟ, ଯୋଗ୍ୟତା, ତୁଳସୀ ପୂଜା ଓ ବିଚାରକ ମଣ୍ଡଳୀଙ୍କ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଏବଂ ୨୬ ତାରିଖରେ ମଞ୍ଜିରେ କଳାକୃତି, ଓଡ଼ିଆ ଖାଦ୍ୟରେ ଲୁଣି ଓ ମିଠା ଖାଦ୍ୟ ପ୍ରସ୍ତୁତି ପ୍ରତିଯୋଗିତା ହେବ। ଏହି ପ୍ରତିଯୋଗିତାରେ ୨୫ରୁ ୫୫ ବର୍ଷ ପର୍ଯ୍ୟନ୍ତ ମହିଳା ଅଂଶଗ୍ରହଣ କରିପାରିବେ ବୋଲି ସୂଚନା ଦିଆଯାଇଛି। ସୁମିତା ପଟ୍ଟନାୟକ, ପ୍ରଣତୀ ଜେନା, ରେବତୀ ବାରିକ, ଶୁଭଲକ୍ଷ୍ମୀ ପାତ୍ର, ମୀନାକ୍ଷୀ ପାଢ଼ୀ, ଲୁସି ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

# ସାମାଜିକ ଚଳଣିକୁ ଶୃଙ୍ଖଳିତ କରିଛି ଭାଗବତ

**ରାଉରକେଲା,୪।୧୦(ବିପ୍ଳବ ରଞ୍ଜନ ଦାଶ)**

ଛେଣ୍ଡ ସ୍ଥିତ ଅଖିଳ ଭାରତୀୟ ସାହିତ୍ୟ ପରିଷଦର ନିର୍ମଳ ମୁଣ୍ଡା ନଗର ଶାଖା ଏବଂ କଳିଙ୍ଗ ବିହାରର ଅବସରପ୍ରାପ୍ତ କର୍ମଚାରୀ ସଂଘର ମିଳିତ ଆନୁକୂଲ୍ୟରେ ଶୁକ୍ରବାର ଭାଗବତ ସନ୍ଧ୍ୟା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ସାହିତ୍ୟ ପରିଷଦର ନଗର ସଭାପତି ଗିରିଜା ଶଙ୍କର ଗୋସ୍ୱାମୀଙ୍କ ଅଧ୍ୟକ୍ଷତାରେ କଳିଙ୍ଗ ବିହାରସ୍ଥିତ ଅବସରପ୍ରାପ୍ତ କର୍ମଚାରୀ ସଭା ଗୃହରେ 'ସାମ୍ପ୍ରତିକ ସମୟରେ ଭାଗବତର ଭୂମିକା' ଶୀର୍ଷକ ଏକ ଆଲୋଚନାଚକ୍ର ହୋଇଥିଲା। କାର୍ଯ୍ୟକ୍ରମରେ ଶିକ୍ଷାବିତ୍ ଶଙ୍କର ପ୍ରସାଦ ତ୍ରିପାଠୀ ମୁଖ୍ୟ ଅତିଥି, ଅବସରପ୍ରାପ୍ତ କର୍ମଚାରୀ ସଂଘ କଳିଙ୍ଗ ବିହାର ସଭାପତି ମହେନ୍ଦ୍ର ମହାନ୍ତି ଅନ୍ୟତମ ଅତିଥି, ରାଉରକେଲା କଲେଜ ଓଡ଼ିଆ ଅଧ୍ୟାପକ କରୁଣାକର ପାଇଶାଣୀ ଏବଂ ବରିଷ୍ଠ ଶିକ୍ଷୟିତ୍ରୀ ନିରୁପମା ପତି ବିଷୟ ବିଶେଷଜ୍ଞ ଭାବେ ଯୋଗ ଦେଇଥିଲେ। ଭାଗବତର ପଦାବଳୀ ଉଚ୍ଚାରଣରେ ଓଡ଼ିଆ ଜାତିର ପ୍ରାଣସତ୍ତା ତୃପ୍ତ ହୋଇଯାଏ ବୋଲି ଗୋସ୍ୱାମୀ ତାଙ୍କ ଅଭିଭାଷଣରେ ପ୍ରକାଶ କରିଥିଲେ। ସେହିପରି ଓଡ଼ିଆ ଜାତିର ଅବଚେତନ ମନରେ ଭାଗବତ ଏପରି ପ୍ରତିଷ୍ଠା ଲାଭ କରିଛି ଯେ ଭାଗବତର ପଦାବଳୀ ଉଦ୍ଧାର କରି ସବୁ ଯୁକ୍ତି ଓ ବିତର୍କର ଅନ୍ତ ଘଟୁଥିଲା ବୋଲି ମୁଖ୍ୟ ଅତିଥି ତ୍ରିପାଠୀ କହିଥିଲେ। ଭାଗବତ ସଂସ୍କୃତ ଭଗବତ୍‌ର ଆକ୍ଷରିକ ଅନୁବାଦ ନୁହେଁ। ମୂଳ ସଂସ୍କୃତ ପଦାବଳୀ ଛାୟାରେ ଜଗନ୍ନାଥ ଦାସ ସ୍ୱତନ୍ତ୍ର ଭାଗବତ ରଚନା କରିଛନ୍ତି ବୋଲି ବିଷୟ ବିଶେଷଜ୍ଞ ପତି ମତ ରଖିଥିଲେ। ସେହିପରି ଭାଗବତର ଅକୃତ୍ରିମ ସୌନ୍ଦର୍ଯ୍ୟ ଏହାକୁ ପୃଥିବୀର ଶ୍ରେଷ୍ଠ ଆଧ୍ୟାତ୍ମିକ ସାହିତ୍ୟ ଅନ୍ତର୍ଭୁକ୍ତ କରିବା ସହିତ ଓଡ଼ିଆ ଜାତୀୟ ଚରିତ୍ର ଗଠନ କରିବାରେ ଏକ ନିର୍ଭରଯୋଗ୍ୟ ଭିତ୍ତିଭୂମି ନିର୍ମାଣ କରିପାରିଥିଲା। ବର୍ତ୍ତମାନର ସାମାଜିକ ଚଳଣିକୁ ଶୃଙ୍ଖଳିତ କରିବା ପାଇଁ ଭାଗବତର ବିଶେଷ ଆବଶ୍ୟକତା ରହିଛି ବୋଲି ଅନ୍ୟତମ ବିଷୟ ବିଶେଷଜ୍ଞ ପାଇଶାଣୀ ପ୍ରକାଶ କରିଥିଲେ। ସାହିତ୍ୟ ପରିଷଦର ନଗର ସମ୍ପାଦକ ଗୌତମ ଦାସ ମଞ୍ଚ ପରିଚାଳନା ଏବଂ ତିଲୋତ୍ତମା ବଳ ପ୍ରାରମ୍ଭରେ ଭାଗବତ ପଠନ କରିଥିଲେ। ପରିଷଦର ନଗର ଉପସଭାପତି ଅଜୟ କୁମାର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ଗଜେନ୍ଦ୍ର ସାହାଣୀ, ମଧୁସୂଦନ ବଳ, ସରୋଜ କୁମାର ସ୍ୱାଇଁ, ଆଦିକନ୍ଦ ନାୟକ, ସୁଦର୍ଶନ ସାହୁ, ଡ. ସୁଷମା ମୋଦି, ଧରିତ୍ରୀ ପାଇକରାୟ, ଅଧ୍ୟାପକ ସଞ୍ଜୟ କୁମାର ମହାପାତ୍ର ଏବଂ ଚିନ୍ମୟୀ ପୁରୋହିତ ପ୍ରମୁଖ ସହଯୋଗ କରିଥିଲେ।


ଆଲୋଚନାଚକ୍ରରେ ମଞ୍ଚାସୀନ ଅତିଥି।

# ସ୍ୱଚ୍ଛତା ପଖୱାଡା ଉଦ୍‌ଯାପିତ

**ରାଉରକେଲା, ୪।୧୦(ସଙ୍ଗୀତା ଜେନା)**

ରାଉରକେଲା ଏନ୍‌ଆଇଟିରେ ସେପ୍ଟମ୍ବର ୧୭ରୁ ଆରମ୍ଭ ହୋଇଥିବା ସ୍ୱଚ୍ଛତା ପଖୱାଡ଼ା ଗତ ୨ତାରିଖରେ ଉଦ୍‌ଯାପିତ ହୋଇଛି। ଏହି ପରିପ୍ରେକ୍ଷୀରେ ଶିକ୍ଷାନୁଷ୍ଠାନର କ୍ୟାମ୍ପସ ସଂଲଗ୍ନ ଅଞ୍ଚଳରେ ସଫେଇ ଅଭିଯାନ କରାଯାଇଥିଲା। ଏନ୍‌ଆଇଟି ନିର୍ଦ୍ଦେଶକ ପ୍ରଫେସର କେ. ଉମା ମହେଶ୍ୱର ରାଓଙ୍କ ନେତୃତ୍ୱରେ ସ୍ୱଚ୍ଛତା ଶପଥଗ୍ରହଣ ସହ ଉଦ୍‌ଯାପନୀ କାର୍ଯ୍ୟକ୍ରମ ହୋଇଥିଲା। ସିଙ୍ଗଲ ୟୁଜ ପ୍ଲାଷ୍ଟିକ ବ୍ୟବହାର ରୋକିବା, ପ୍ଲାଷ୍ଟିକ ପ୍ରଦୂଷଣ ମୁକାବିଲା ପାଇଁ ୩ ଆର୍‌ଏସ୍ ସୂତ୍ରପାଳନ ଓ ହ୍ରାସ କରିବା, ପୁନଃ ବ୍ୟବହାର ଓ ପୁନଃ ଚକ୍ରଣକୁ ଆଗକୁ ବଢ଼ାଇବା ପାଇଁ ପ୍ରତିଷ୍ଠାନର ପ୍ରତିବଦ୍ଧତାକୁ ରାଓ ଦୋହରାଇଥିଲେ। ଏହି ଅବସରରେ ଏନ୍‌ଆଇଟି କ୍ୟାମ୍ପସ ସହ ସେକ୍ଟର-୧ ପର୍ଯ୍ୟନ୍ତ ସଫେଇ ଯାତ୍ରା କରାଯାଇଥିଲା। କାର୍ଯ୍ୟକ୍ରମରେ ଡିନ୍, ବିଭାଗ ମୁଖ୍ୟ, ଅଧ୍ୟାପକ ଓ କର୍ମଚାରୀମାନେ ଯୋଗ ଦେଇଥିଲେ। ସ୍ୱଚ୍ଛତା ପଖୱାଡ଼ା ଏବଂ ସ୍ୱଚ୍ଛୋତ୍ସବ ୨୦୨୫ର ନୋଡାଲ ଅଧିକାରୀ ପ୍ରଫେସର ଯୁଗଳ ମହାପାତ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସୂଚନାଯୋଗ୍ୟ, ସ୍ୱଚ୍ଛ କ୍ୟାମ୍ପସ ପ୍ରକଳ୍ପରେ ଏନ୍‌ଆଇଟି ରାଉରକେଲା ୧୧୭ତମ ସ୍ଥାନ ଜାରି ରଖିଛି।



ଏନ୍‌ଆଇଟି ପକ୍ଷରୁ ସ୍ୱଚ୍ଛତା ଅଭିଯାନ କରାଯାଉଛି।

# ସାହିତ୍ୟ ସମାଜକୁ ଦିଗ୍‌ଦର୍ଶନ ଦେଇଥାଏ

**ସାହିତ୍ୟୋତ୍ସବରେ ପତ୍ରପ୍ରକାଶ**

**ରାଉରକେଲା,୪।୧୦(ଦିନେଶ ମିଶ୍ର)**

ଛେଣ୍ଡ କଲୋନି ସ୍ଥିତ ମଧୁସୂଦନ ପାଠାଗାର ପରିସରରେ ସୁନାଫୁଲ ସାହିତ୍ୟ ସଂସଦ ପକ୍ଷରୁ ସଭାପତି ମହେନ୍ଦ୍ର ମହାନ୍ତିଙ୍କ ଅଧ୍ୟକ୍ଷତାରେ ପାର୍ବଣ ସାହିତ୍ୟୋତ୍ସବ ଓ ଟିକିଟିକି ସୁନାଫୁଲ ପୂଜାସଂଖ୍ୟା ଉନ୍ମୋଚନ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଉତ୍କଳ ସମ୍ମିଳନୀ ସଭାପତି ସୁଦାମ ଚନ୍ଦ୍ର ଦାଶ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସୁନାଫୁଲ ସାହିତ୍ୟ ସଂସଦର ତ୍ୟାଗ, ନିଷ୍ଠା, ସମାଜସେବା ଓ ଶିଶୁ ସାହିତ୍ୟର ପ୍ରଚାର ପ୍ରସାରକୁ ପ୍ରଶଂସା କରିଥିଲେ। ଆମ ସାଂସ୍କୃତିକ, ଐତିହ୍ୟ ଓ ପରମ୍ପରା ସବୁକିଛି ସାହିତ୍ୟ ଦ୍ୱାରା ସମୃଦ୍ଧ ବୋଲି ସମ୍ମାନିତ ଅତିଥି କବି ତ୍ରିନାଥ ସିଂ କହିଥିଲେ। ମୁଖ୍ୟ ବକ୍ତା ସାହିତ୍ୟିକ ରାଜୀବ ପାଣି ସାହିତ୍ୟ ସମାଜକୁ ପରିବର୍ତ୍ତନ କରିବାରେ ଦିଗ୍‌ଦର୍ଶନ ଦେଇଥାଏ ବୋଲି କହିଥିଲେ। ନିରୁପମା ପତି ସଭା ସଂଯୋଜନା କରିଥିଲେ। ସଙ୍ଗଠନ ସମ୍ପାଦକ ବ୍ରହ୍ମାନନ୍ଦ ପାଢୀ ଅତିଥି ପରିଚୟ ଓ ପତ୍ରିକା ସମୀକ୍ଷା କରିଥିଲେ। ଏହି ଅବସରରେ ଟିକିଟିକି ସୁନାଫୁଲର ତ୍ରୈମାସିକ ଶିଶୁ କିଶୋର ପତ୍ରିକାର ପୂଜା ସଂଖ୍ୟା ଉନ୍ମୋଚିତ ହୋଇଥିଲା। ସାଧାରଣ ସମ୍ପାଦକ ସୁନୀଲ କୁମାର ମହାନ୍ତି ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ଯୁଗବାର୍ତ୍ତାର ସମ୍ପାଦକ ଜ୍ଞାନରଞ୍ଜନ ମିଶ୍ରଙ୍କ ଅଧ୍ୟକ୍ଷତାରେ 'ଆସ ମାଆ ଦୁର୍ଗା ଆସ ଅବତରି, ଜଗତ ଦୁଃଖ ଯାଉ ଅପସରି' ଶୀର୍ଷକରେ ଏକ କବିତା ପାଠୋତ୍ସବ ହୋଇଥିଲା। ଏଥିରେ ରାଉରକେଲା ତଥା ଆଖପାଖ ଅଞ୍ଚଳରୁ ପ୍ରାୟ ୩୦ରୁ ଉର୍ଦ୍ଧ୍ୱ କବି ଯୋଗଦେଇ ସ୍ୱରଚିତ କବିତା ପାଠ କରିଥିଲେ। କବି ସତ୍ୟବ୍ରତ ଦାସ ଓ କବୟିତ୍ରୀ ନିରୁପମା ନାୟକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଉପସଭାପତି ସନ୍ତୋଷ କୁମାର ଜେନା ଧନ୍ୟବାଦ ଅର୍ପଣ କରିଥିଲେ।


ଅତିଥିମାନେ ପତ୍ରିକା ଉନ୍ମୋଚନ କରୁଛନ୍ତି।

# ଗାନ୍ଧୀ ଜୟନ୍ତୀରେ ସଚେତନତା କାର୍ଯ୍ୟକ୍ରମ

**ରାଉରକେଲା,୪।୧୦(ବିପ୍ଳବ ରଞ୍ଜନ ଦାଶ)**

ଗାନ୍ଧୀ ଜୟନ୍ତୀ ଅବସରରେ ରାଉରକେଲା ଜିଲା ସ୍କାଉଟ୍ ଆଣ୍ଡ୍ ଗାଇଡ୍ ପକ୍ଷରୁ ରେଲୱେ ଷ୍ଟେଶନରେ ଏକ ସଚେତନତା କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଯାଇଛି। ଜିଲା ସ୍କାଉଟ କମିଶନର ବ୍ରଜେନ୍ଦ୍ର ଦାଶଙ୍କ ଆବାହକତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ରାଉରକେଲା କଲେଜର ଓଡ଼ିଆ ବିଭାଗ ଅଧ୍ୟାପକ କରୁଣାକର ପାଇଶାଣୀ ଅତିଥି ଭାବେ ଯୋଗଦେଇ ଏଭଳି କାର୍ଯ୍ୟକ୍ରମ ଅନୁଷ୍ଠାନର ସାମାଜିକ ପ୍ରତିବଦ୍ଧତାକୁ ଦର୍ଶାଉଛି ବୋଲି ମତ ରଖିଥିଲେ। ଗାଇଡ୍ କମିଶନର ସୌଦାମିନୀ ମୁଦାଲି ଏଭଳି ସାମାଜିକ କାର୍ଯ୍ୟକ୍ରମ ଜାରି ରହିବ କହିଥିଲେ। ପରେ ଷ୍ଟେଶନରେ ବିସ୍କୁଟ, ପାଣି ଓ ପୋଷାକପତ୍ର ବଣ୍ଟନ କରାଯାଇଥିଲା। ରମାକାନ୍ତ ମଲ୍ଲିକ, ଲକ୍ଷ୍ମୀ ସାହୁ, ଶ୍ରୀବତ୍ସ ସାମଲ, କଳ୍ପନା ବେହେରା, ଅରୁଣ କୁମାର ସ୍ୱାଇଁ, ଅକ୍ଷୟ ଦାସ, ବିଜୟ କୁମାର ଦାସ, ପ୍ରିୟଙ୍କା ମହାରଣା, ସସ୍ମିତା ପ୍ରଧାନ, ରଶ୍ମିତା ସେନାପତିଙ୍କ ସମେତ ବାଜି ରାଉତ ଶିକ୍ଷା ନିକେତନ ଓ ଦୀପିକା ଇସ୍ପାତ ଶିକ୍ଷା ସଦନର ସ୍କାଉଟ୍ ଆଣ୍ଡ୍ ଗାଇଡ୍ ସହଯୋଗ କରିଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ।

**ଇସ୍ପାତ ସହରରେ ଅଷ୍ଟାଦଶ ହେମନ୍ତ ମହୋତ୍ସବ**

# ମନମୋହିଲା ଓଡ଼ିଶୀ ନୃତ୍ୟ, ସଙ୍ଗୀତ



ସିଭିକ୍ ସେଣ୍ଟରରେ ଆୟୋଜିତ କାର୍ଯ୍ୟକ୍ରମରେ କଳାକାରମାନେ ତବଲା ବାଦନ କରୁଛନ୍ତି।



କାର୍ଯ୍ୟକ୍ରମରେ କୃତୀ ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

**ରାଉରକେଲା, ୪।୧୦(ସଙ୍ଗୀତା ଜେନା)**

ରାଉରକେଲା ଶ୍ରୀ ସିଦ୍ଧି ଏକାଡେମୀ ଅଫ୍ ଆର୍ଟ ଆନୁକୂଲ୍ୟରେ ବାର୍ଷିକ ସାଂସ୍କୃତିକ ଉତ୍ସବ ହେମନ୍ତ ମହୋତ୍ସବ ଶନିବାର ସନ୍ଧ୍ୟା ୭ଟାରେ ସ୍ଥାନୀୟ ସିଭିକ୍ ସେଣ୍ଟରରେ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଦିବସ ବ୍ୟାପୀ ଏହି ମହୋତ୍ସବର ପ୍ରାତଃ ଅଧିବେଶନରେ ଓଡ଼ିଶୀ ସଙ୍ଗୀତ କର୍ମଶାଳାର ଉଦ୍‌ଯାପନୀ ସମାରୋହ ଅନୁଷ୍ଠିତ ହୋଇଥିଲା। ପ୍ରାତଃ ଅଧିବେଶନରେ ରାଉରକେଲା ସ୍ମାର୍ଟ ସିଟି ଲିମିଟେଡ୍‌ର ସ୍ୱାଧୀନ ନିର୍ଦ୍ଦେଶିକା ତଥା ମନସ୍ତତ୍ତ୍ୱ ପ୍ରାଧ୍ୟାପିକା ଡ. କଲ୍ୟାଣୀ ମିଶ୍ର ମୁଖ୍ୟ ଅତିଥି, ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟର ପ୍ରାଧ୍ୟାପକ ନିମାକାନ୍ତ ରାଉତରାୟ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସାନ୍ଧ୍ୟ ଅଧିବେଶନରେ ରାଉରକେଲା ଇସ୍ପାତ କାରଖାନାର ଶିକ୍ଷଣ ଓ ଅଭିବୃଦ୍ଧି ବିଭାଗ ମୁଖ୍ୟ ମହାପ୍ରବନ୍ଧକ ପ୍ରମୋଦ ସାହୁ ମୁଖ୍ୟ ଅତିଥି, ଭି ସିପ୍ସ ଇଣ୍ଡିଆ (ମୁମ୍ବାଇ) ରେ କାର୍ଯ୍ୟରତ କ୍ୟାପ୍‌ଟେନ ଅଶ୍ୱିନୀ କୁମାର ଲେଙ୍କା ଓ ୱାଟର କ୍ରାଫ୍ଟ ୱାଟର ସଲ୍ୟୁଶନ୍ ପ୍ରାଇଭେଟ ଲିମିଟେଡ୍‌ର ନିର୍ଦ୍ଦେଶିକା ନିହାରିକା ବସ୍ତିଆ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅନୁଷ୍ଠାନର ସଭାପତି ସୁନିଲ୍ କାୟଲ ଅତିଥି ପରିଚୟ ପ୍ରଦାନ କରିଥିଲେ। ପଶ୍ଚିମ ଓଡିଶାର ହିନ୍ଦୁସ୍ଥାନୀ ଶାସ୍ତ୍ରୀୟ ସଙ୍ଗୀତଜ୍ଞ ତଥା ସଙ୍ଗୀତ ନିର୍ଦ୍ଦେଶକ ପୁଲିନ ଚନ୍ଦ୍ର ରାଉତରାୟଙ୍କୁ ଚଳିତ ବର୍ଷର 'ହେମନ୍ତ ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ବିଶିଷ୍ଟ ତବଲା ବାଦକ ଅକ୍ଷୟ କୁମାର ଦାସଙ୍କୁ ଅଭିନ୍ନ ଚନ୍ଦ୍ର କଳା ସମ୍ବର୍ଦ୍ଧନା ସମ୍ମାନ ପ୍ରଦାନ କରାଯାଇଥିଲା। ଏକାଡେମୀର ଉପାଧ୍ୟକ୍ଷ ତଥା ଆର୍ଟ ଅଫ୍ ଲିଭିଂ ପ୍ରଶିକ୍ଷକ ରଶ୍ମି ରଞ୍ଜନ ଦାସ ମାନପତ୍ର ପାଠ କରିଥିଲେ। ଏହି ଅବସରରେ ଗୁରୁ ଜଗନ୍ନାଥ ଦାସଙ୍କ ନିର୍ଦ୍ଦେଶନାରେ ୬୦ଜଣ କଳାକାରଙ୍କ ତବଲା ବାଦନ ମନଛୁଆଁ ହୋଇଥିଲା। ଗୁରୁ ସ୍ମିତା ପାଣିଙ୍କ ନିର୍ଦ୍ଦେଶନାରେ ଛାତ୍ରୀଛାତ୍ରମାନେ ଚିତ୍ତାକର୍ଷକ ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ। ଗୁରୁ ପ୍ରଫୁଲ୍ଲ ମଙ୍ଗଳଙ୍କ ନିର୍ଦ୍ଦେଶନାରେ ଓଡ଼ିଶୀ ସଙ୍ଗୀତ ପରିବେଷଣ କରାଯାଇଥିଲା। ଓଡ଼ିଶୀ କଣ୍ଠଶିଳ୍ପୀ ଅନୁଜା ତାରିଣୀ ମିଶ୍ର ଓ ମର୍ଦ୍ଦଳ ବାଦକ ସୌମ୍ୟକାନ୍ତ ମଲ୍ଲିକଙ୍କ ଓଡ଼ିଶୀ ସଙ୍ଗୀତ ପରିବେଷଣକୁ ଦର୍ଶକମାନେ ଉପଭୋଗ କରିଥିଲେ।






ଡେବ୍ରିଗଡ଼ ଅଭୟାରଣ୍ୟରେ ପର୍ଯ୍ୟଟକଙ୍କ ପାଇଁ ନିର୍ମିତ ପକ୍ଷୀ ଅବଲୋକନ ପଥ।

# ଡେବ୍ରିଗଡ଼ ଅଭୟାରଣ୍ୟରେ ରାଜ୍ୟର ପ୍ରଥମ ବାର୍ଡିଂ ଟ୍ରେଲ୍

■ବନ୍ୟପାଣୀ ସପ୍ତାହ ପାଳନ ଅବସରରେ ଶୁଭାରମ୍ଭ

■ତାଲିମପ୍ରାପ୍ତ ପରିବେଶବିତ୍ ସାଜିବେ ପର୍ଯ୍ୟଟକଙ୍କ ଗାଇଡ୍

ସମ୍ବଲପୁର,୪।୧୦(ପ୍ରମୋଦ ବହିଦାର)

ଡେବ୍ରିଗଡ଼ ବନ୍ୟପ୍ରାଣୀ ଅଭୟାରଣ୍ୟରେ ବନ୍ୟପ୍ରାଣୀ ସପ୍ତାହ ପାଳନ ଅଭିଯାନର ଶନିବାର ଶୁଭାରମ୍ଭ ହୋଇଯାଇଛି। ପର୍ଯ୍ୟଟକଙ୍କ ପାଇଁ ଅଭୟାରଣ୍ୟରେ ୨ କିଲୋମିଟର ବ୍ୟାପୀ ପକ୍ଷୀ ଅବଲୋକନ ପଥ(ବାର୍ଡିଂ ଟ୍ରେଲ୍) ଖୋଲାଯାଇଛି। ଛୋଟପିଲା ଓ ଯୁବ ପର୍ଯ୍ୟଟକ ବିଶେଷକରି ପ୍ରକୃତିପ୍ରେମୀଙ୍କୁ ଆକୃଷ୍ଟକରିବା ଲକ୍ଷ୍ୟରେ ଡେବ୍ରିଗଡ଼ର ଛୋଟ ନାଳ, ଝରଣା, ଘାସ ପଡ଼ିଆ, ଆର୍ଦ୍ରଭୂମି ଓ ଘନ ଜଙ୍ଗଲ ଅଞ୍ଚଳ ଦେଇ ରାଜ୍ୟର ପ୍ରଥମ ବାର୍ଡିଂ ଟ୍ରେଲ୍ ନିର୍ମାଣ କରାଯାଇଛି।

ହୀରାକୁଦ ବନ୍ୟପ୍ରାଣୀ ବନଖଣ୍ଡ ଅଧିକରୀ ଡ. ଅଂଶୁପ୍ରଜ୍ଞା ଦାସଙ୍କ ସୂଚନା ଅନୁସାରେ, ସମଗ୍ର ବିଶ୍ୱରେ ମଣିଷଙ୍କ ଅପେକ୍ଷା ପକ୍ଷୀଙ୍କ ସଂଖ୍ୟା ଅଧିକ। ବର୍ତ୍ତମାନ ବିଶ୍ୱର ବିଭିନ୍ନ ସ୍ଥାନରେ ପ୍ରାୟ ୪ଶହ ବିଲିୟନ ପକ୍ଷୀ ରହିଛନ୍ତି। ଏ ସମ୍ପର୍କରେ ଖୁବ୍ କମ୍ ଲୋକ ଜାଣନ୍ତି। ତେଣୁ ପକ୍ଷୀଙ୍କ ସମ୍ପର୍କରେ ପ୍ରତ୍ୟେକ ବ୍ୟକ୍ତି ଜାଣିବା ଓ ସେମାନଙ୍କ ବିଷୟରେ ଅଧିକ ଜ୍ଞାନ ଆହରଣ ପାଇଁ ଡେବ୍ରିଗଡ଼ ଅଭୟାରଣ୍ୟରେ ଏହି ପକ୍ଷୀ ଅବଲୋକନ ପଥ ନିର୍ମାଣ କରାଯାଇଛି। ଏହି ପଥରେ ପର୍ଯ୍ୟଟକମାନେ ଅଭୟାରଣ୍ୟର ବିଭିନ୍ନ ଗଛ ଓ ଗଛଡାଳ ବିଶେଷକରି ଭୂମିରେ ବସା ବାନ୍ଧିଥିବା ଭିନ୍ନ ଭିନ୍ନ ପ୍ରଜାତିର ପକ୍ଷୀ ସହ ଜଳଚର ପକ୍ଷୀଙ୍କୁ ଦେଖିବାର ସୁଯୋଗ ପାଇବେ। ଶୀତଋତୁରେ ହୀରାକୁଦ ଆର୍ଦ୍ରଭୂମିରେ ୧୧୦ରୁ ଅଧିକ ପ୍ରଜାତିର ପକ୍ଷୀ ଦେଖାଦେଇଥାନ୍ତି। ପକ୍ଷୀଙ୍କ ଆଚରଣ ସହ ଡାକ ଚିହ୍ନଟ ପାଇଁ ବନ ବିଭାଗ ପକ୍ଷରୁ ଏକ ବୃତ୍ତଚିତ୍ର ପ୍ରସ୍ତୁତ କରାଯାଇଛି। ଏହାକୁ ଦେଖି କେବଳ ପର୍ଯ୍ୟଟକ ଓ ପ୍ରକୃତିପ୍ରେମୀ ନୁହେଁ ବରଂ ଛାତ୍ରୀଛାତ୍ରମାନ ମଧ୍ୟ ପକ୍ଷୀମାନଙ୍କ ବିଷୟରେ ଅଧିକ ଜ୍ଞାନ ଆହରଣ କରିପାରିବେ। ବନଖଣ୍ଡ ଅଧିକାରୀ ଅଂଶୁପ୍ରଜ୍ଞା ଆହୁରି କହିଛନ୍ତି, ପକ୍ଷୀମାନଙ୍କ ଡାକ ବା ଗୀତର ଅନେକ ପ୍ରକାର ନିର୍ଦ୍ଦିଷ୍ଟ ଅର୍ଥ ରହିଛି। କିଛି ଡାକ କ୍ଷେତ୍ରୀୟ ସୁରକ୍ଷା, ଭିଡ଼, ସାଥୀଙ୍କୁ ପ୍ରତ୍ୟୁତ୍ତର ତଥା ସାମାଜିକ ଯୋଗାଯୋଗର ଡାକ ରହିଛି। ଏହାକୁ କେବଳ ତାଲିମପ୍ରାପ୍ତ ବନକର୍ମୀମାନେ ଚିହ୍ନଟ କରିପାରନ୍ତି। ତେଣୁ ଏଭଳି ତାଲିମପ୍ରାପ୍ତ ବନକର୍ମୀମାନେ ପକ୍ଷୀ ଅବଲୋକନ ପଥରେ ଗାଇଡ୍ ଭାବେ ପର୍ଯ୍ୟଟକଙ୍କୁ ପକ୍ଷୀଙ୍କ ପ୍ରଜାତି ସହ ସେମାନଙ୍କ ରାବ ବା ଡାକରୁ ଦୃଶ୍ୟମାନ ହୋଇ ନ ଥିବା ପକ୍ଷୀମାନଙ୍କ ପ୍ରଜାତି ଆଦି ଚିହ୍ନଟ କରିବାରେ ସହାୟକ ହେବେ ବୋଲି ସେ କହିଛନ୍ତି।

# ବେଲୁନ୍ ବିକାଳିଙ୍କୁ ହତ୍ୟା ଅଭିଯୋଗ, ଜଣେ ଅଟକ

କୁଚିଣ୍ଡା,୪।୧୦(ବିରଞ୍ଚି ଦର୍ଶୀ)

ସମ୍ବଲପୁର ଜିଲା କୁଚିଣ୍ଡାରେ ଦଶହରାରେ ଜଣେ ବେଲୁନ ବିକାଳିଙ୍କୁ ହତ୍ୟା କରାଯାଇଛି। ମୃତ ବେଲୁନ ବିକାଳି ହେଲେ ବିହାର ରାଜ୍ୟର ମୂଳ ବାସିନ୍ଦା ବର୍ତ୍ତମାନ କୁଚିଣ୍ଡା ଥାନା ବନ୍ଧପାଲିରେ ରହୁଥିବା ଗୁଡ୍ଡୁ ରଜକ(୪୯)। ମୃତକଙ୍କ ସ୍ତ୍ରୀ ବିଷ୍ଣୁ ରଜକଙ୍କ ରିପୋର୍ଟ ଆଧାରରେ ପୋଲିସ ଶୁକ୍ରବାର କୁଚିଣ୍ଡା ଥାନାରେ ଏକ ହତ୍ୟା ମାମଲା(ନଂ.୧୭୯/୨୫) ରୁଜୁ କରି ଜଣକୁ ଅଟକ ରଖି ତଦନ୍ତ ଚଳାଇଛି। ଶନିବାର ସମ୍ବଲପୁରରୁ ସାଇଣ୍ଟିଫିକ ଟିମ ଆସି ଘଟଣାସ୍ଥଳ ପରିଦର୍ଶନ ସହ ବିଭିନ୍ନ ଦିଗ ଉପରେ ତଦନ୍ତ କରିଛି। ଶନିବାର କୁଚିଣ୍ଡା ଉପଖଣ୍ଡ ମେଡ଼ିକାଲରେ ଗୁଡ୍ଡୁଙ୍କ ମୃତଦେହ ବ୍ୟବଚ୍ଛେଦ ହୋଇଛି।

ସୂଚନା ଅନୁଯାୟୀ, ମୃତ ଗୁଡ୍ଡୁ ଦୀର୍ଘ ବର୍ଷ ହେବ ଗୁଣ୍ଡୁରୁଚୁଆଁ ପଞ୍ଚାୟତ ବନ୍ଧପାଲିରେ ପରିବାର ସହ ଶଶୁର ଘରେ ରହୁଥିଲେ। କୁଚିଣ୍ଡା ଦଶହରାକୁ ସ୍ତ୍ରୀଙ୍କ ସହ ସେ ବେଲୁନ ବିକିବାକୁ ଆସିଥିଲେ। ବେଲୁନ ଦୋକାନ ଲଗାଇବାକୁ ନେଇ ବୁଧବାର ଜଣେ ଦୋକାନୀଙ୍କ ସହ ତାଙ୍କର ଝଗଡ଼ା ହୋଇଥିଲା ଓ କଥା ଥାନା ପର୍ଯ୍ୟନ୍ତ ଯାଇଥିଲା। ଏହାକୁ ନେଇ ଗୁରୁବାର ବିଳମ୍ବିତ ରାତିରେ ଗୁଡ୍ଡୁ ଏକ ଭୁଜାଲି ଧରି ପୂର୍ବରୁ ଝଗଡା କରିଥିବା ଦୋକାନୀଙ୍କ ସହ ଝଗଡା କରିଥିଲେ। ଉଭୟଙ୍କ ମଧ୍ୟରେ ମାରପିଟ ହୋଇଥିଲା। ଦୋକାନୀଙ୍କ ସପକ୍ଷରେ କୁଚିଣ୍ଡାର କେତେଜଣ ବ୍ୟକ୍ତି ତାଙ୍କ ସ୍ୱାମୀଙ୍କୁ ମାଡ ମାରିଥିଲେ ବୋଲି ବିଷ୍ଣୁ ଥାନାରେ ଅଭିଯୋଗ କରିଛନ୍ତି। ଆକ୍ରମଣରେ ଗୁଡ୍ଡୁ ଗୁରୁତର ଆହତ ହେବାରୁ ତାଙ୍କୁ କୁଚିଣ୍ଡା ମେଡ଼ିକାଲରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧିନ ଅବସ୍ଥାରେ ଶୁକ୍ରବାର ଭୋର ପ୍ରାୟ ୫ଟାରେ ତାଙ୍କ ମୃତ୍ୟୁ ହୋଇଥିଲା। ସାଇଣ୍ଟିଫିକ ଟିମଙ୍କ ତଦନ୍ତ ରିପୋର୍ଟସହ ମୃତଦେହ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ପଦକ୍ଷେପ ନିଆଯିବ ବୋଲି କୁଚିଣ୍ଡା ଆଇଆଇସି ବାମଦେବ ଶଙ୍ଖୁଆଳ କହିଛନ୍ତି।



ଶନିବାର ସମ୍ବଲପୁର ମୁଦିପଡା ସ୍ଥିତ ଲେକଚର କଲୋନିରେ ହନୁମାନ ମନ୍ଦିର ପ୍ରତିଷ୍ଠା ପାଇଁ ଶୋଭାଯାତ୍ରାରେ ଭକ୍ତମାନେ ସାମିଲ ହୋଇଛନ୍ତି।

## ସଂକ୍ଷେପରେ

### ଦୁଲାଲଙ୍କୁ ଜିଲା ବିଜେଡି ସାମାଜିକ ଗଣମାଧ୍ୟମ ସଂଯୋଜକ ଦାୟିତ୍ୱ

ସମ୍ବଲପୁର,୪।୧୦(ବି.ଶଙ୍କର)

ବିଜୁ ଜନତା ଦଳ(ବିଜେଡି)ର ରାଜ୍ୟ ସଭାପତି ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଦଳକୁ ସାମାଜିକ ଗଣମାଧ୍ୟମ ଏବଂ ସୂଚନା ପ୍ରଯୁକ୍ତି ବିଦ୍ୟା କ୍ଷେତ୍ରରେ ଆହୁରି ସୁଦୃଢ଼ କରିବାକୁ ଲକ୍ଷ୍ୟ ରଖାଯାଇଛି। ତେଣୁ ରାଜ୍ୟ ସଭାପତି ପଟ୍ଟନାୟକ ବିଜୁ ଜନତା ଦଳ ପକ୍ଷରୁ ୫ଟି ଜୋନ ସୋସିଆଲ ମିଡ଼ିଆ ସଂଯୋଜକ, ୫ଟି ଆଇଟି ଜୋନ ସଂଯୋଜକ, ୩୧ ଜିଲା ଆଇଟି ସଂଯୋଜକ ଓ ୩୧ ଜିଲା ସୋସିଆଲ ମିଡ଼ିଆ ଜିଲା ସଂଯୋଜକ ନିଯୁକ୍ତ କରିଛନ୍ତି । ଏହିକ୍ରମରେ ସମ୍ବଲପୁର ଜିଲାରୁ ସୋସିଆଲ ମିଡ଼ିଆ ଜୋନ ସଂଯୋଜକ ଭାବେ ସୁବାଷ ଜେନା, ଜୋନ ଆଇଟି ସଂଯୋଜକ ଧିରଜ ଗର୍ଡିଆ, ଆଇଟି ସଂଯୋଜକ ଶୁଭାଶିଷ ପଣ୍ଡାଙ୍କୁ ଦାୟିତ୍ୱ ଦିଆଯାଇଛି । ସେହିପରି ସମ୍ବଲପୁର ଜିଲାର ସାମାଜିକ ଗଣମାଧ୍ୟମ ସଂଯୋଜକ ଭାବେ ଦୁଲାଲ ଚନ୍ଦ୍ର ରାୟଙ୍କୁ ନିଯୁକ୍ତି ଦିଆଯାଇଛି । ଶନିବାର ସମସ୍ତ ସଂଯୋଜକମାନଙ୍କୁ ସମ୍ବଲପୁର ଜିଲା ବିଜେଡି ସଭାପତି ଇଞ୍ଜିନିୟର ରୋହିତ ପୂଜାରୀ, ଶ୍ରମିକ ନେତା ଗୋକୁଳ ମେହେର ପ୍ରମୁଖ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇଛନ୍ତି।

### ବିଶ୍ୱବିଦ୍ୟାଳୟ କର୍ମଚାରୀ ସଂଘ ସଙ୍ଗଠକଙ୍କ ବିୟୋଗରେ ଶୋକ

ସମ୍ବଲପୁର,୪।୧୦(ଭବାନୀ ଶଙ୍କର ଭୋଇ)

ସମ୍ବଲପୁର ବିଶ୍ୱବିଦ୍ୟାଳୟ କର୍ମଚାରୀ ସଂଘର ସଙ୍ଗଠକ ଦିଲୀପ କୁମାର ପଣ୍ଡାଙ୍କ ବିୟୋଗରେ ଶନିବାର ତାଙ୍କ ଗାଁ ଡଙ୍ଗରପଡାରେ ଶୋକ ପ୍ରକାଶ ପାଇଛି।



ସ୍ୱର୍ଗତ ଦିଲୀପ ଅଞ୍ଚଳରେ ବେଶ୍ ଜଣାଶୁଣା। ତାଙ୍କ ପରଲୋକ ଖବର ପ୍ରସାରିତ ହେବା ପରେ ସମ୍ବଲପୁର ବିଶ୍ୱବିଦ୍ୟାଳୟର କର୍ମଚାରୀ ସଂଘ ସମେତ ଡଙ୍ଗରପଡାର ଜଗନ୍ନାଥ ମନ୍ଦିର ପରିଚାଳନା କମିଟି ପକ୍ଷରୁ ଶୋକ ପ୍ରକାଶ ପାଇଛି। ସ୍ୱର୍ଗତ ଦିଲୀପ ଗଙ୍ଗାଧର ମେହେର କଲେଜର ସାଧାରଣ ସମ୍ପାଦକ, ସମ୍ବଲପୁର ବିଶ୍ୱବିଦ୍ୟାଳୟ କର୍ମଚାରୀ ସଂଘର ଉପସଭାପତି, ସର୍ବଭାରତୀୟ ବିଶ୍ୱବିଦ୍ୟାଳୟ କର୍ମଚାରୀ ସଂଘର ଉପସଭାପତି, ଡଙ୍ଗରପଡା ହାଇସ୍କୁଲର ସଭାପତି, ଜଗନ୍ନାଥ ମନ୍ଦିରର ପରିଚାଳନା କମିଟିର ସଭାପତି, ଯୁଜୋମୁରା ବ୍ଲକ ନାଗରିକ ସୁରକ୍ଷା ମଞ୍ଚର ସଭାପତି ଭାବେ ବହୁ ଅନୁଷ୍ଠାନରେ ନିଜକୁ ସଂଶ୍ଳିଷ୍ଟ ରଖିଥିଲେ। ଅବସର ଗ୍ରହଣ ପରେ ପୈତୃକ ଗ୍ରାମ ଡଙ୍ଗରପଡାରେ ଅବସ୍ଥାନ କରୁଥିଲେ। ଗାଁ ତଥା ଅଞ୍ଚଳର ବିକାଶ ପାଇଁ ନିଜକୁ ସଂଶ୍ଳିଷ୍ଟ କରି ରଖିଥିଲେ। ଦିଲ୍ଲୀ ସ୍ଥିତ ଏମ୍ସରେ ହୃଦ୍‌ଘାତରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ଦେହାନ୍ତ ହେବା ପରେ ସେଠାରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା।

# ସ୍ମୃତିବନ ନିର୍ମାଣ ଦାବି



ସମ୍ବଲପୁରରେ ସ୍ମୃତି ବନ ନିର୍ମାଣ ପାଇଁ ଡିଏଫ୍‌ଓଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି ବରିଷ୍ଠ ନାଗରିକ ସମାଜର ସଦସ୍ୟ।

ସମ୍ବଲପୁର,୪।୧୦(ପ୍ରମୋଦ ବହିଦାର)

## ଡିଏଫ୍‌ଓଙ୍କୁ ଦାବିପତ୍ର

ସମ୍ବଲପୁରରେ ଏକ ସ୍ମୃତି ବନ ନିର୍ମାଣ ପାଇଁ ବରିଷ୍ଠ ନାଗରିକ ସମାଜ ପକ୍ଷରୁ ଦାବି କରାଯାଇଛି। ବରିଷ୍ଠ ନାଗରିକ ସମାଜର ସମ୍ପାଦକ ପ୍ରଦୀପ କୁମାର ପଣ୍ଡାଙ୍କ ନେତୃତ୍ୱରେ ରତ୍ନଭୂଷଣ ପୃଷ୍ଟେଠ୍, ତାପସ କୁମାର ଦାସ, ପ୍ରମୋଦ ପଟ୍ଟନାୟକ, ଶମ୍ଭୁଭୂଷଣ ସେନ୍ ପ୍ରମୁଖ ଶନିବାର ସମ୍ବଲପୁର ବନଖଣ୍ଡ ଅଧିକାରୀ (ଡିଏଫ୍‌ଓ) ଯାଦବ ସୁଦର୍ଶନ ଗୋପୀନାଥଙ୍କୁ ତାଙ୍କ କାର୍ଯ୍ୟାଳୟରେ ସାକ୍ଷାତ କରି ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଏହାସହତ ଏଥିପାଇଁ ଚିହ୍ନଟ ହୋଇଥିବା ଧାମା ନିକଟସ୍ଥ ବଉଁଶରା କଲ୍ୟାଣ ଆଶ୍ରମ ସଂଲଗ୍ନ ୨୨ ଏକର ପରିମିତ ଜମିର ବିବରଣୀ ସମ୍ବଳିତ ସବିଶେଷ ତଥ୍ୟ ମଧ୍ୟ ପ୍ରଦାନ କରିଥିଲେ। ସେମାନେ ଡିଏଫ୍‌ଓ ଗୋପୀନାଥଙ୍କ ସହିତ ଭୁବନେଶ୍ୱର ସହିତ ଦେଶର ବିଭିନ୍ନ ସ୍ଥାନରେ ନିର୍ମିତ ସ୍ମୃତି ବନ ଭଳି ସମ୍ବଲପୁରରେ ଏକ ସ୍ମୃତି ବନର ଆବଶ୍ୟକତା ନେଇ ଆଲୋଚନା କରିଥିଲେ। ଉକ୍ତ ପ୍ରସ୍ତାବକୁ ଗ୍ରହଣ କରି ଡିଏଫ୍‌ଓ ଜିଲା ପ୍ରଶାସନ ସହିତ ଆଲୋଚନା ପୂର୍ବକ ପ୍ରଶାସନର ମିଳିତ ସହଯୋଗରେ ସ୍ମୃତି ବନ ନିର୍ମାଣ ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି ବୋଲି ବରିଷ୍ଠ ନାଗରିକ ସମାଜ ପକ୍ଷରୁ ସୂଚନା ଦିଆଯାଇଛି।

# ୧୪ରେ ପିସିସିଏଫ୍ କାର୍ଯ୍ୟାଳୟ ଘେରାଉ

**ସାମିଲ ହେବେ ୨ହଜାର ଶ୍ରମିକ**

ସମ୍ବଲପୁର,୪।୧୦(ବି.ଶଙ୍କର)

ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘ ଆହ୍ୱାନରେ ଆସନ୍ତା ୧୪ ତାରିଖରେ ବିଭିନ୍ନ ଦାବି ପୂରଣ ପାଇଁ ଭୁବନେଶ୍ୱର ଅରଣ୍ୟ ଭବନସ୍ଥିତ ପିସିସିଏଫ୍ କାର୍ଯ୍ୟାଳୟ ଘେରାଉ କରାଯିବାକୁ ସ୍ଥିର ହୋଇଛି। ଏହି ଘେରାଉ କାର୍ଯ୍ୟକ୍ରମରେ ରେଢ଼ାଖୋଲ, ଆଠମଲ୍ଲିକ ଓ ବୌଦ୍ଧ ଡିଭିଜନରୁ ପ୍ରାୟ ୨ହଜାର ଶ୍ରମିକ ଯୋଗଦେବେ। ସେହିପରି ଓଡ଼ିଶାରୁ ସହସ୍ରାଧିକ କେନ୍ଦୁପତ୍ର ତୋଳାଳି ଓ କର୍ମଚାରୀ ସାମିଲ ହେବେ ବୋଲି ଶନିବାର ସନ୍ଧ୍ୟା ୬ଟାରେ ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘ ରାଜ୍ୟ ସଭାପତି ବିଜୟ କୁମାର ମହାନ୍ତି ସୂଚନା ଦେଇଛନ୍ତି। ସେ ଆହୁରି କହିଛନ୍ତି, ସମସ୍ତ ତୋଳାଳି ଓ ବନ୍ଧେଇ କର୍ମଚାରୀଙ୍କ ସ୍ୱାର୍ଥରେ ଏହି ଆନ୍ଦୋଳନ କରାଯିବ। ସିଜନାଲ କର୍ମଚାରୀଙ୍କ ମାସିକ ମଜୁରିକୁ ସରକାର ଘୋଷିତ ସର୍ବନିମ୍ନ ମଜୁରି ଅନୁପାତରେ ବୃଦ୍ଧି କରାଇବା, କନ୍ୟା ବିବାହ ସହାୟତା ଯୋଜନା କାର୍ଯ୍ୟକାରୀ କରାଯିବା, ବନ୍ଧେଇ ଶ୍ରମିକଙ୍କ ବଣ୍ଡଲ ପ୍ରତି ମଜୁରି ବୃଦ୍ଧି, ତୋଳାଳି ଓ ବନ୍ଧେଇ କର୍ମଚାରୀଙ୍କ ପାଇଁ ମୁଖ୍ୟମନ୍ତ୍ରୀ ଘୋଷିତ ଟଙ୍କା ୪୬୦ ଓ ଟଙ୍କା ୭୦୦ ସହାୟତା ଯାହା ଏପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇନାହିଁ। ଏହାସହ କେଏଲଡିବିରେ ସଂଶୋଧନ, ଜିଏସ୍‌ଟି ବାବଦରେ ଅସୁଲ ଅର୍ଥକୁ ଫେରସ୍ତ ଆଦି ଦାବିକୁ ଶୀଘ୍ର ପୂରଣ କରାଇବା ପାଇଁ ଏହି ଘେରାଉରେ ଦାବି ରଖାଯିବ ବୋଲି କହିଛନ୍ତି ।

# ପୂର୍ବ ଛାତ୍ରୀଛାତ୍ର ବିଦ୍ୟାଳୟର ସାମର୍ଥ୍ୟ ହେବା ଜରୁରୀ

**ପୂର୍ବ ଛାତ୍ର ଏକତ୍ରୀକରଣ ଦିବସ**

ସମ୍ବଲପୁର,୪।୧୦(ଭବାନୀ ଶଙ୍କର ଭୋଇ)

ଧନୁପାଲି ଶିଶୁ ବିଦ୍ୟାମନ୍ଦିରଠାରେ ଶନିବାର ପୂର୍ବ ଛାତ୍ର ଏକତ୍ରୀକରଣ ଉତ୍ସବ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଦେବେନ୍ଦ୍ର ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଦୀପ ପ୍ରଜ୍ୱଳନ କରିଥିଲେ। ସଂକୁଳ ସଂଯୋଜକ ପ୍ରମୋଦ ପାଢ଼ୀ, ବିଦ୍ୟାଳୟର ସମ୍ପାଦକ ଜୟଶଙ୍କର ପାଢ଼ୀ, ସହ ସମ୍ପାଦକ ଅଭିମନ୍ୟୁ ସାହୁ, ପରିଚାଳନା କମିଟିର ସଦସ୍ୟା ରଞ୍ଜୁ ମିଶ୍ର, ଅନସୂୟା କର ପ୍ରମୁଖ ମଞ୍ଚାସୀନ ଥିଲେ। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ବିଭୁ ପ୍ରସାଦ ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ବିଦ୍ୟାଳୟର ଅନ୍ନପୂର୍ଣ୍ଣା ଗୁରୁମା ଗୁରୁବନ୍ଦନା କରିଥିଲେ। ବିଦ୍ୟାଳୟର ବିଭୂତାକ୍ଷୀ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ମୁଖ୍ୟ ଅତିଥି ପୂର୍ବ ଛାତ୍ରୀଛାତ୍ର ବିଦ୍ୟାଳୟର ସାମର୍ଥ୍ୟ ହେବା ଜରୁରୀ ବୋଲି କହିଥିଲେ। ସଭାପତି ପଣ୍ଡା ନିଜ ବିଦ୍ୟାଳୟ ଜୀବନର ଅନୁଭୂତି ସହିତ ଛାତ୍ରୀଛାତ୍ରଙ୍କୁ ଏକତା ସୂତ୍ରରେ ବାନ୍ଧି ହେବାକୁ ପରାମର୍ଶ ଦେଇଥିଲେ। ଯୋଗଦାନ କରିଥିବା ପୂର୍ବ ଛାତ୍ରୀଛାତ୍ରମାନେ ନିଜ ବିଦ୍ୟାଳୟ ଜୀବନ ଅନୁଭୂତିକୁ ବଖାଣି ଥିଲେ। ବିଦ୍ୟାଳୟର ପ୍ରାୟ ୫୦ ପୂର୍ବ ଛାତ୍ରୀଛାତ୍ର ଅଂଶ ଗ୍ରହଣ କରିଥିଲେ। ବିଦ୍ୟାଳୟର ସମ୍ପାଦକ ଅଭିମନ୍ୟୁ ସାହୁ କାର୍ଯ୍ୟକ୍ରମ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟାଳୟର ପୂର୍ବ ଛାତ୍ରଙ୍କୁ ବିଦ୍ୟାଳୟ ସହ ଯୋଡି ରଖିବା ପାଇଁ ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିବା ବିଦ୍ୟାଳୟ ପକ୍ଷରୁ କୁହାଯାଇଥିଲା।

# ନାଟ୍ୟବିତ୍‌ଙ୍କ ପରଲୋକରେ ଶୋକ

ସମ୍ବଲପୁର,୪।୧୦(ବି.ଶଙ୍କର)



ନାଟ୍ୟବିତ ଉମେଶ ପ୍ରସାଦ ରଥ।

ବିଶିଷ୍ଟ ନାଟ୍ୟକାର ଉମେଶ ପ୍ରସାଦ ରଥଙ୍କ ଶନିବାର ସମ୍ବଲପୁର ଗୋବିନ୍ଦଟୋଲାସ୍ଥିତ ବାସଭବନରେ ପରଲୋକ ହୋଇଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୮୭ ବର୍ଷ ହୋଇଥିଲା। ଆକାଶବାଣୀ ସମ୍ବଲପୁରର ସେ ୧୯୭୧ ମସିହାର ପ୍ରଥମ ପର୍ଯ୍ୟାୟର ନାଟ୍ୟଶିଳ୍ପୀ। ଶତାଧିକ ବେତାର ନାଟକରେ ଅଂଶଗ୍ରହଣ କରି ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ। ତାଙ୍କ ଅଭିନୀତ ଓ ନିର୍ଦ୍ଦେଶିତ ନାଟକ ଫଟା ମାନ୍ଦଲ, ମନ ଦର୍ପନ, ମୁଇଁ ନାଇଁ ମରେଁ, ମୋନାଲିସାର ହସ, ପ୍ରତିଶୋଧ, ମୁଁ ଆମ୍ଭେ ଓ ଆମ୍ଭେମାନେ, ଶୂନ୍ୟ ଆକାଶ ଅମର ଆଖି, କଳଙ୍କିତ ସୂର୍ଯ୍ୟ, ଭରଷା, ଝଡ଼ ଓ ହାରି ଯାଇଥିବା କେତୋଟି ଯାତ୍ରୀ, ତୁଳସୀ ଦାସ, ପଳାତକ, ଚିହ୍ନା ପରି ଶତାଧିକ ନାଟକ ଅତି ଲୋକ ପ୍ରିୟ ହୋଇପାରିଥିଲା । ଏଥିସହ ସମ୍ବଲପୁରରେ ସେ ଅନେକ ନାଟୁଆ ସୃଷ୍ଟି କରିଛନ୍ତି । ସ୍ୱର୍ଗତ ରଥଙ୍କୁ ତାଙ୍କର ନାଟକ କ୍ଷେତ୍ରରେ ଜୀବନ ତମାମ ଅବଦାନ ପାଇଁ ସମ୍ବଲପୁର ଜିଲା ସଂସ୍କୃତି ପରିଷଦ ଦ୍ୱାରା ଆୟୋଜିତ ଲୋକ ମହୋତ୍ସବରେ ନାଟ୍ୟ ସମ୍ମାନ, ନାଟନାଟୁଆ ପକ୍ଷରୁ ନାଟ୍ୟ ଭବଭୂତି ସମ୍ମାନ ପ୍ରଦାନ କରାଯାଇଥିଲା। ଶନିବାର ସନ୍ଧ୍ୟାରେ ତାଙ୍କର ସମ୍ବଲପୁର ରାଜଘାଟରେ ଶେଷ କୃତ୍ୟ ସମ୍ପନ୍ନ ହୋଇଛି । ତାଙ୍କର ପୁତ୍ର ଦେବଦତ୍ତ ରଥ ମୁଖାଗ୍ନି ଦେଇଥିଲେ। ନାଟନାଟୁଆ ପକ୍ଷରୁ ସଂଯୋଜକ ସୂର୍ଯ୍ୟ ପାଣିଗ୍ରାହୀ, ପ୍ରଶାନ୍ତ ମାଝୀ ଓ ବିଭୁତି ବିଶ୍ୱାଳ ପ୍ରମୁଖ ନାଟ୍ୟଗୁରୁ ସ୍ୱର୍ଗତ ଉମେଶ ପ୍ରସାଦ ରଥଙ୍କୁ ଶେଷ ସମ୍ମାନ ଜଣାଇବା ସହ ଶୋକ ପ୍ରକାଶ କରିଛନ୍ତି । ଏଥିସହ ସମ୍ବଲପୁର ସହର ସ୍ଥିତ ବିଭିନ୍ନ ନାଟ୍ୟ ଅନୁଷ୍ଠାନ କର୍ମକର୍ତ୍ତାମାନେ ମଧ୍ୟ ପୃଥକ ଭାବେ ଶୋକ ବ୍ୟକ୍ତ କରିଛନ୍ତି। ସୂଚନାଯୋଗ୍ୟ ଯେ, ସୋନପୁର ସହରରେ ଜନ୍ମ ଗ୍ରହଣ କରିଥିବା ରଥ ବନ୍ଦୋବସ୍ତ ବିଭାଗରେ ଚାକିରୀ ପାଇଲା ପରେ ସମ୍ବଲପୁରର ସ୍ଥାୟୀ ବାସିନ୍ଦା ଭାବେ ରହୁଥିଲେ।

# ୪ଦିନ ହେଲା ପାନୀୟ ଜଳ ଯୋଗାଣ ବନ୍ଦ

ନାକଟିଦେଉଳ,୪।୧୦(ବୈକୁଣ୍ଠନାଥ ସାହୁ)



**ଲୋକେ ହନ୍ତସନ୍ତ**

ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ୍ ସଦର ଗ୍ରାମରେ ଗତ ୪ ଦିନ ହେଲା ପାଇପ ଯୋଗେ ପାନୀୟ ଜଳ ଯୋଗାଣ ଠପ୍ ହୋଇ ପଡ଼ିଛି। ପାଣି ବିନା ଗ୍ରାମବାସୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଗତ ୧ ତାରିଖଠାରୁ ଏହି ସମସ୍ୟା ଦେଖାଦେଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ଏହାର ସମାଧାନ ହୋଇପାରି ନାହିଁ।

ସୂଚନା ଅନୁଯାୟୀ, ନାକଟିଦେଉଳ ଗୋଧିଡିପ ରାସ୍ତା ସ୍ଥିତ ଟିକିରା ନଦୀରେ ନାକଟିଦେଉଳ ଗ୍ରାମକୁ ପାନୀୟ ଜଳ ଯୋଗାଣ ପାଇଁ ଏକ ପ୍ରକଳ୍ପ ସହ ସେଠାରେ ଓଭରହେଡ୍ ପାଣିଟାଙ୍କି ରହିଛି। ତେବେ ଏହି ପ୍ରକଳ୍ପରେ ପାଣି ଉଠାଇବା ପାଇଁ ଲାଗିଥିବା ମୋଟର ଗତ ୩୦ ତାରିଖ ରାତିରେ ହଠାତ୍ ଅଚଳ ହୋଇ ପଡ଼ିଥିଲା। ଫଳରେ ୧ ତାରିଖଠାରୁ ଏହି ପ୍ରକଳ୍ପରୁ ଆଉ ପାଇପ ଯୋଗେ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ହୋଇପାରୁନାହିଁ। ଏହି ପ୍ରକଳ୍ପରୁ ନାକଟିଦେଉଳ ବସ୍‌ଷ୍ଟାଣ୍ଡ ସମେତ ବସ୍ତି ଭିତରକୁ ପାଇପ ଯୋଗେ ପାନୀୟ ଜଳ ଯୋଗାଣ ହୋଇଆସୁଛି। ଲୋକେ ଘର ସମ୍ମୁଖରେ ପାଣି ପାଇ ଆସୁଥିଲେ। ହେଲେ ଗତ ୪ ଦିନ ହେଲା ପାଣି ପାଇଁ ନାହିଁ ନ ଥିବା ହଇରାଣର ସମ୍ମୁଖୀନ ହେଉଛନ୍ତି । ଏହାର ମରାମତି କରି ପାନୀୟ ଜଳ ଯୋଗାଇ ଦିଆଯିବା ଦିଗରେ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନ ଥିବାରୁ ଗ୍ରାମବାସୀ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିବା ସହ ଶୀଘ୍ର ଏହାର ସମାଧାନ କରାଯିବାକୁ ଦାବି କରିଛନ୍ତି । ତେବେ ଏ ସମ୍ପର୍କରେ ନାକଟିଦେଉଳ ବ୍ଲକ୍‌ର ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ ଯନ୍ତ୍ରୀ ହିମାଂଶୁ କୁମାର ବେହେରାଙ୍କୁ ପଚାରିବାରୁ, ଏହି ପାନୀୟ ଜଳ ପ୍ରକଳ୍ପରେ ଲାଗିଥିବା ମୋଟର ଅଚଳ ହୋଇପଡ଼ିବାରୁ ଏପରି ସମସ୍ୟା ଦେଖାଦେଇଛି। ଦଶହରା ପାଇଁ ଛୁଟି ଥିବାରୁ ଠିକ୍ ସମୟରେ ଏହାକୁ ମରାମତି କରାଯାଇ ପାରିନାହିଁ। ଶନିବାର ଏଠାରେ ମୋଟର ଯୋଗାଣ କରିଥିବା ସଂସ୍ଥାର କର୍ମଚାରୀମାନେ ଆସି ମଟରକୁ ଖୋଲି ମରାମତି ପାଇଁ ନେଇଯାଇଛନ୍ତି। ରବିବାର ଅନ୍ୟ ଏକ ସଚଳ ପାଣି ମଟର କିମ୍ବା ନୂତନ ମଟର ଲଗାଯାଇ ସନ୍ଧ୍ୟା ସୁଦ୍ଧା ପାଇପ ଯୋଗେ ପାନୀୟ ଜଳ ଯୋଗାଣ ବ୍ୟବସ୍ଥାକୁ ସ୍ୱାଭାବିକ କରାଯିବ ବୋଲି ପ୍ରକାଶ କରିଥିଲେ।

**ସତ୍ୟସାଇ ସଙ୍ଗଠନ ପକ୍ଷରୁ ସଫେଇ**

**ଖଡ଼ିଆଳ (ସୁଜିତ କୁମାର ପ୍ରଧାନ):** ଅକ୍ଟୋବର ୨ରୁ ୨୦ ପର୍ଯ୍ୟନ୍ତ ଶ୍ରୀସତ୍ୟସାଇ ସେବା ସଂଗଠନ, ଖଡ଼ିଆଳ ତରଫରୁ ସ୍ୱଚ୍ଛତାରୁ ଦିବ୍ୟତ୍ୱ କାର୍ଯ୍ୟକ୍ରମ ଜରିଆରେ ଖଡ଼ିଆଳ ଅଞ୍ଚଳର ବିଭିନ୍ନ ସ୍ଥାନରେ ସେବା କାର୍ଯ୍ୟକ୍ରମ ସହିତ ସଫେଇ କରାଯାଉଛି। ପ୍ରଥମ ଦୁଇଦିନ ସଂଗଠନର ଭାଇମାନେ ଆବାହକ କଳାକାହ୍ନୁ ମାଝୀଙ୍କ ନେତୃତ୍ୱରେ ସରକାରୀ ଡାକ୍ତରଖାନାର ବାହାର ପରିସର ସଫା କରାଯାଇଥିଲା। ଏହାପରେ ସେମାନେ ଖଡ଼ିଆଳ ଅଞ୍ଚଳର ଅନ୍ୟ ଗ୍ରାମମାନଙ୍କରେ ସଫେଇ କାର୍ଯ୍ୟକ୍ରମ ଜାରି ରଖିଛନ୍ତି।



## ସଂକ୍ଷେପରେ

### ଭାସିଗଲା ବାଇକ୍: ପ୍ରଧାନ ଶିକ୍ଷକ ମୃତ, ଜଣେ ନିଖୋଜ

**ଥୁଆମୂଳ ରାମପୁର,୪।୧୦ (ଦୁର୍ଗା କୀର୍ତ୍ତି):** କଳାହାଣ୍ଡି ଜିଲାରେ କିଛିଦିନ ହେଲା ଲଘୁଚାପ ଜନିତ ବର୍ଷା ଲାଗିରହିଛି। ଏହା ପ୍ରଭାବରେ ଥୁଆମୂଳ ରାମପୁର ବ୍ଲକ୍‌ରେ ବ୍ୟାପକ କ୍ଷୟକ୍ଷତି ଘଟିଛି। ଏହାରି ଭିତରେ ଏକ ଅଘଟଣ ସାମ୍ନାକୁ ଆସିଛି। ରାସ୍ତା ଉପରେ ଚାଲୁଥିବା ପାଣିରେ ଏକ ବାଇକ୍ ଭାସିଯିବାରୁ ଜଣେ ପ୍ରଧାନ ଶିକ୍ଷକଙ୍କ ମୃତ୍ୟୁ ଘଟିଥିବାବେଳେ ତାଙ୍କ ଭାଇ ନିଖୋଜ ହୋଇଯାଇଛନ୍ତି। ସୂଚନାକ୍ରମେ ଥୁଆମୂଳ ରାମପୁର ବ୍ଲକ୍‌ର ଅବସରପ୍ରାପ୍ତ ଏବିଇଓ ଦିଲୀପ ଦାସ (୬୦) ଓ ତାଙ୍କ ଭାଇ ତଥା ହାର୍ଡଖୁର୍ସିର ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରଦୀପ ଦାସ (୫୫) ବାଇକ୍ ଯୋଗେ ଭବାନୀପାଟଣା ଯାଉଥିଲେ। ଏହି ରାସ୍ତାର ସେମେଲପଦର ପାଖ ପୋଲରେ ପ୍ରଖର ବେଗରେ ବର୍ଷାପାଣି ପ୍ରବାହିତ ହେଉଥିବାବେଳେ ବାଇକ୍‌ଟି ଭାସିଯାଇଥିଲା। ଖବର ପାଇ କର୍ଲାପାଟ ଥାନା ଅଧିକାରୀ ଶ୍ରୀକାନ୍ତ କୋଲକା ଓ ଅଗ୍ନିଶମ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଖୋଜାଖୋଜି କରି ପ୍ରଦୀପଙ୍କ ମୃତଦେହ ଜବତ କରିଥିଲେ। ଖବର ଲେଖାହେବା ସୁଦ୍ଧା ଭାସିଯାଇଥିବା ବାଇକ୍ ଉଦ୍ଧାର ହୋଇଥିବାବେଳେ ଦିଲୀପଙ୍କ ପତ୍ତା ମିଳିପାରି ନାହିଁ। ଏ ନେଇ କର୍ଲାପାଟ ଥାନାରେ ଏକ ମାମଲା (ନଂ.୦୩/୨୫) ରୁଜୁକରି ଅଧିକ ତଦନ୍ତ ଚାଲିଥିବା ଥାନା ଅଧିକାରୀ କୋଲକା କହିଛନ୍ତି।

### ୧୩ ଅଭିଯୋଗର ଶୁଣାଣିକଲେ ଜିଲାପାଳ

**ନୂଆପଡ଼ା,୪।୧୦ (ମକାରୁ ବେମାଲ):** ନୂଆପଡ଼ା ଜିଲାପାଳଙ୍କ କାର୍ଯ୍ୟାଳୟ ସଦ୍‌ଭାବନା ସଭାଗୃହଠାରେ ଶୁକ୍ରବାର ଜିଲାପାଳ ଓ ଏସ୍‌ପିଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟ ୧୩ ଅଭିଯୋଗର ଶୁଣାଣି ହୋଇଥିଲା। ତନ୍ମଧ୍ୟରେ ୧୨ଟି ବ୍ୟକ୍ତିଗତ ଓ ଗୋଟିଏ ସାମୂହିକ ରହିଥିଲା। ଏହିସବୁ ଅଭିଯୋଗର ଅତିଶୀଘ୍ର ସମାଧାନ କରିବାକୁ ବିଭାଗୀୟ ଅଧିକାରୀମାନଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଶିବିରରେ ଜିଲାପାଳ ମଧୁସୂଦନ ଦାଶ ଓ ଜିଲା ଆରକ୍ଷୀ ଅଧୀକ୍ଷକ ଅମ୍ରିତ ପାଲ ସିଂହଙ୍କ ସମେତ ବନଖଣ୍ଡ ଅଧିକାରୀ ଖଡ଼ିଆଳ ଅଜିଜ ଖାନ, ଅତିରିକ୍ତ ଜିଲାପାଳ ସୁବାସ ଚନ୍ଦ୍ର ରଇତ, ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ ଉପସ୍ଥିତ ଥିଲେ। ବିଡିଓ ରୋହିତ ଭୋଇ, ତହସିଲଦାର ପ୍ରଣବ ରଞ୍ଜନ ସାହୁ, ଡେପୁଟି କଲେକ୍ଟର ଚିନ୍ମୟ ସାଗର ଶିବିର ପରିଚାଳନାରେ ସହଯୋଗ କରିଥିଲେ। ଏହି ଅବସରରେ ଶିବିର ପରିସରରେ ବରିଷ୍ଠ ନାଗରିକଙ୍କ ପାଇଁ ଏକ ସ୍ୱାସ୍ଥ୍ୟ ଶିବିର ଆୟୋଜନ ହୋଇଥିଲା।

### ଖଡ଼ିଆଳରେ ଯୋଡ଼ା ଛତରଯାତ୍ରା ସମ୍ପନ୍ନ

**ଖଡ଼ିଆଳ,୪।୧୦ (ସୁଜିତ କୁମାର ପ୍ରଧାନ):** ନୂଆପଡ଼ା ଜିଲା ଖଡ଼ିଆଳର ଅନନ୍ୟ ପରମ୍ପରା ଯୋଡ଼ା ଛତରଯାତ୍ରା। ବିଜୟା ଦଶମୀରେ ଭକ୍ତଙ୍କ ଗହଣରେ ଗଡ଼ରକ୍ଷକ ଦେବୀ ମା' ରକ୍ତାମ୍ବରୀ ଓ ଚୌହାନ ବଂଶ ଅଧିଷ୍ଠାତ୍ରୀ ଦେବୀ ମା' ସମଲେଶ୍ୱରୀଙ୍କ ଯୋଡ଼ାଛତରଯାତ୍ରା ସମ୍ପନ୍ନ ହୋଇଯାଇଛି। ସେବାୟତଙ୍କ ଗହଣରେ ଦେବୀଙ୍କ ଛତର ଖଡ଼ିଆଳ ନଗର ପରିକ୍ରମା କରି ପୁଣି ରାଜବାଟୀ ସମ୍ମୁଖରେ ପହଞ୍ଚିଥିଲା। ସେବାୟତଙ୍କ ଦ୍ୱାରା ଖପର ଚୂପା ଯାତ୍ରା ଅନୁଷ୍ଠିତ ହୋଇଥାଏ। ଏହି ଯାତ୍ରା ବର୍ଷକୁ ଥରେ ଅନୁଷ୍ଠିତ ହୋଇଥାଏ। ଖଡିଆଳ ଯୁବରାଜ ଦେବ ଦେବ ସିଂଦେଓ ସେବାୟତଙ୍କୁ ସ୍ୱାଗତକରି ଯାତ୍ରାରେ ଯିବା ନେଇ ଦେବୀଙ୍କୁ ଅନୁରୋଧ କରିଥିଲେ। ଦୁଇ ଦେବୀ ବର୍ଷା ରାତ୍ରିରେ ଖଡିଆଳ ନଗର ପରିକ୍ରମା କରିଛନ୍ତି।

### ନାଟ୍ୟ କଳାକାରଙ୍କ ପରଲୋକ

**ରିଷିଡ଼ା,୪।୧୦(ସୁଶାନ୍ତ ମଲ୍ଲିକ):** କର୍ଲାମୁଣ୍ଡା ବ୍ଲକ୍ ତେରେସିଂହା ଗ୍ରାମର ନାଟ୍ୟ କଳାକାର ଜଗନ୍ନାଥ ରଣା (୭୫)ଙ୍କ ଗୁରୁବାର ସନ୍ଧ୍ୟାରେ ପରଲୋକ ହୋଇଯାଇଛି। ତାଙ୍କ ବିୟୋଗରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି । ସେ କିଛିମାସ ହେଲା ଅସୁସ୍ଥ ହୋଇ ଶଯ୍ୟାଶାୟୀ ଥିଲେ। ସେ ୧୯୮୬ରୁ ୧୯୯୮ ମସିହା ପର୍ଯ୍ୟନ୍ତ ବିରାଟ ପର୍ବ ନାଟକରେ ନକୁଳ ଭୂମିକାରେ ଅଭିନୟକରି ଦର୍ଶକଙ୍କ ପ୍ରିୟ ହୋଇପାରିଥିଲେ। ଶୁକ୍ରବାର ସକାଳେ ନିକଟସ୍ଥ ତେଲ ନଦୀ କୂଳରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଛି। ତାଙ୍କର ଏକମାତ୍ର ପୁତ୍ର ଗୋପାଳ ରଣା ଓ ଭାଇ ପୁଅ କୌଶିକ ରଣା ମୁଖାଗ୍ନି ଦେଇଥିଲେ।

# ୨ ମାସରେ ଗଲାଣି ୩୫ ଜଣଙ୍କ ଜୀବନ

**ଜିଲାସ୍ତରୀୟ ସଡ଼କ ସୁରକ୍ଷା କମିଟି ବୈଠକ**

- ୬ମାସରେ ୧୫୨୭ ଜଣଙ୍କ ଲାଇସେନ୍ସ ବାତିଲ
- ୧୨,୨୧୪ ଜଣଙ୍କ ନାମରେ ମାମଲା ରୁଜୁ



ବୈଠକରେ ଯୋଗଦେଇଥିବା ଅଧିକାରୀମାନେ।

**ଭବାନୀପାଟଣା,୪।୧୦(ଉତ୍ତମ କୁମାର ଦାଶ)**

କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ଜିଲାପାଳଙ୍କ ସଦ୍‌ଭାବନା ସଭାଗୃହଠାରେ ଜିଲାସ୍ତରୀୟ ସଡ଼କ ସୁରକ୍ଷା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିରିକ୍ତ ଜିଲାପାଳ (ସାଧାରଣ) ତନ୍ମୟ କୁମାର ଦରୱାନ ଅଧ୍ୟକ୍ଷତା କରିଥିଲେ। ଆରମ୍ଭରେ କଳାହାଣ୍ଡି ଆଞ୍ଚଳିକ ପରିବହନ ଅଧିକାରୀ ଗତିକୃଷ୍ଣ ସାମନ୍ତରାୟ ସମସ୍ତଙ୍କୁ ସ୍ୱାଗତ ଜଣାଇ ବୈଠକରେ ଆଲୋଚ୍ୟ କାର୍ଯ୍ୟସୂଚୀ ଆଲୋଚନା ପାଇଁ ଅତିରିକ୍ତ ଜିଲାପାଳଙ୍କୁ ଅନୁରୋଧ କରିଥିଲେ। ଏମ୍.ଭି. ରାଜସ୍ୱ ଆଦାୟ ପ୍ରୋଗ୍ରେସିଭ ହାରରେ ଗତ ଅଗଷ୍ଟ ଓ ସେପ୍ଟେମ୍ବର ଦୁଇମାସ ମଧ୍ୟରେ ଲକ୍ଷ୍ୟ ଧାର୍ଯ୍ୟ ୬ କୋଟି ୯୦ ଲକ୍ଷ ରହିଥିବା ବେଳେ ୬.୫୦ କୋଟି ଆଦାୟ ହୋଇଥିବା ଜଣାପଡିଛି। ଏହି ୨ ମାସ ରାଜସ୍ୱ ଆଦାୟରେ କଳାହାଣ୍ଡି ଜିଲା ଆଗରେ ଥିବା ଆଞ୍ଚଳିକ ପରିବହନ ଅଧିକାରୀ ସାମନ୍ତରାୟ ସୂଚନା ଦେଇଥିଲେ। ହାତୀବ୍ରିଜକୁ ସଂଯୋଗ କରୁଥିବା ବାସ୍ଥୁଗୁଡା ରାସ୍ତାର ଗାଡୱାଲ ନ ଥିବାରୁ ବହୁ ସମୟରେ ଦୁର୍ଘଟଣା ଘଟୁଛି। ସେହିପରି ଜୟପାଟଣା ନବରଙ୍ଗପୁରକୁ ସଂଯୋଗ କରୁଥିବା ଢୁଲୁଘାଟି ରାସ୍ତାର ଗାଡ଼ୱାଲ ନ ଥିବାରୁ ଦୁର୍ଘଟଣା ଘଟି ଲୋକେ ମୃତ୍ୟୁମୁଖରେ ପଡୁଛନ୍ତି। ଜୟପାଟଣାଠାରୁ ପରୁଆଗୁଡ଼ା, ତେମରାଠାରୁ ବଡ଼ଚେରଗାଁ, ବଡକୁଟୁରୁଠାରୁ ପାତ୍ରବସା ରାସ୍ତା, ଫର୍ଲିଝରଣଠାରୁ ଜାଖମ, ପିଡିସାଲଠାରୁ ଲାଞ୍ଜିଗଡ, ମୂଷପଲିଠାରୁ ଚାରବାହାଲ, କଦଳୀଘାଟି ଲାଞ୍ଜିଗଡ ରାସ୍ତାର ଅବସ୍ଥା ଖରାପ ଥିବାରୁ ବିଭିନ୍ନ ଦୁର୍ଘଟଣା ଘଟି ଲେଶକଙ୍କ ପ୍ରାଣହାନି ଘଟୁଛି। ଏହିସବୁ ରାସ୍ତାର ଆବଶ୍ୟକ ମରାମତି, ଗାଡ଼ୱାଲ ନିର୍ମାଣ କରିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ଅତିରିକ୍ତ ଜିଲାପାଳ ଦରୱାନ ପରାମର୍ଶ ଦେଇଥିଲେ। ମିଳିଥିବା ସୂଚନା ଅନୁଯାୟୀ, ଗତ ଅଗଷ୍ଟରେ ୩୨ ସଡକ ଦୁର୍ଘଟଣାରେ ୨୧ ଜଣଙ୍କ ମୃତ୍ୟୁ ହୋଇଛି। ସେହିପରି ଗତ ସେପ୍ଟେମ୍ବରରେ ୨୩ ସଡକ ଦୁର୍ଘଟଣାରେ ୧୪ ଜଣଙ୍କ ମୃତ୍ୟୁ ହୋଇଛି। ଏସବୁ ଦୁର୍ଘଟଣା ଦ୍ରୁତ ଗାଡି ଚାଳନା, ମଦ୍ୟପାନ କରି ଗାଡି ଚଳାଇବା, ବିନା ହେଲ୍‌ମେଟ୍‌ରେ ଗାଡି ଚାଳନା ଯୋଗୁ ଘଟିଛି। ଗତ ୬ ମାସ (ଏପ୍ରିଲରୁ ସେପ୍ଟେମ୍ବର)ରେ ସଡ଼କ ନିୟମ ଉଲ୍ଲଂଘନ କରିଥିବା ୧୫୨୭ ଜଣଙ୍କ ଲାଇସେନ୍ସ ବାତିଲ କରାଯାଇଛି। ସେହିପରି ୧୨ ହଜାର ୨୧୪ ଜଣଙ୍କ ନାମରେ ମାମଲା ରୁଜୁ କରାଯାଇଥିବା ଆଞ୍ଚଳିକ ପରିବହନ ଅଧିକାରୀ ସାମନ୍ତରାୟ ପ୍ରକାଶ କରିଥିଲେ। ଆଗାମୀ ଦିନରେ ହେଲ୍‌ମେଟ୍ ଚେକିଂ କଡାକଡି କରିବା ସହିତ ସଡ଼କ ସୁରକ୍ଷା ଜୀବନ ରକ୍ଷା ନିୟମ ସମ୍ପର୍କରେ ବ୍ୟାପକ ସଚେତନତା ସୃଷ୍ଟି କରିବା ପାଇଁ ବୈଠକରେ ଆଲୋଚନା ହୋଇଥିଲା। ବୈଠକରେ ଜିଲା ମୁଖ୍ୟ ଚିକିତ୍ସା ତଥା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ନିହାରେନ୍ଦ୍ର ପଣ୍ଡା, ଜିଲା ଅବକାରୀ ଅଧୀକ୍ଷକ ରଞ୍ଜନ କୁମାର ନାୟକ, ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ଶିବାଜୀ ପ୍ରଧାନ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ହଳଧର ନିଆଲ, ଏମ୍‌ଭିଆଇ ମିଥୁନ ପ୍ରଧାନ, କମିଟି ସଦସ୍ୟ ଉମାଶଙ୍କର କର ପ୍ରମୁଖ ଯୋଗ ଦେଇଥିଲେ।

## ଆର୍‌ଏସ୍‌ଏସ୍‌ର ଶତବାର୍ଷିକୀରେ ବିଜୟା ଦଶମୀ ଉତ୍ସବ

**ଗୋଲାମୁଣ୍ଡା, ୪।୧୦ (ବଟକୃଷ୍ଣ ପଣ୍ଡା)**

କଳାହାଣ୍ଡି ଜିଲା ଗୋଲାମୁଣ୍ଡା ବ୍ଲକ୍ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରଠାରେ ଶନିବାର ଆର୍‌ଏସ୍‌ଏସ୍‌ର ଶତବାର୍ଷିକୀରେ ବିଜୟା ଦଶମୀ ଉତ୍ସବ ସହ ଗୋଲାମୁଣ୍ଡା ନଗରରେ ପଥ ସଞ୍ଚାଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ୪୨ଜଣ ସ୍ୱୟଂସେବକ ଦଣ୍ଡ ଧରି ଗୋଲାମୁଣ୍ଡା ନଗର ପରିକ୍ରମା କରିଥିଲେ। କାର୍ଯ୍ୟକ୍ରମରେ ବ୍ଲକ୍ ଅଧକ୍ଷ ବିନ୍ଧୁ ମହାନନ୍ଦ ଅଧ୍ୟକ୍ଷତା କରିଥିବା ବେଳେ ଗୋଲାମୁଣ୍ଡା ଖଣ୍ଡ ସଂଘ ଚାଳକ ନବରତ୍ନ ରାଉତ, ମୁଖ୍ୟବକ୍ତା କଳାହାଣ୍ଡି ବିଭାଗ ପ୍ରଚାରକ ଆର୍. ଚକ୍ରଧର ରାଓ ମଞ୍ଚାସୀନ ଥିଲେ। ଖଣ୍ଡ କାର୍ଯ୍ୟବାହ ବୈକୁଣ୍ଠ ନାଏକ ଅତିଥି ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟବକ୍ତା ନିଜ ବକ୍ତବ୍ୟରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ପ୍ରତିଷ୍ଠାଠାରୁ ୨୦୨୫ ମସିହା ବିଜୟା ଦଶମୀ ଯାଏ ସଂଘର୍ଷପୂର୍ଣ୍ଣ ଯାତ୍ରା ଉପରେ ମତ ରଖିଥିଲେ। ଏଥିରେ ସହ କାର୍ଯ୍ୟବାହ ହୃଦାନନ୍ଦ ସା, ବୌଦ୍ଧିକ ପ୍ରମୁଖ ପରିକ୍ଷିତ ଖର୍ସେଲ, ସଦ୍‌ଭାବନା ପ୍ରମୁଖ ସୁରେନ୍ଦ୍ର ସାହୁ, ପ୍ରଚାର ପ୍ରମୁଖ ବ୍ରହ୍ମା ପ୍ରସାଦ କାଣ୍ଡ, ସହ ପ୍ରଚାର ପ୍ରମୁଖ ହୁତେଶ ମଶ୍ରା, ସମ୍ପର୍କ ପ୍ରମୁଖ ଅଜିତ ନାଏକ, ଶାରୀରିକ ପ୍ରମୁଖ ଦେବେନ୍ଦ୍ର ନାଏକ, ସହ ଶାରୀରିକ ପ୍ରମୁଖ ସୌମ୍ୟରଞ୍ଜନ ନାଏକ, ଗୋଲାମୁଣ୍ଡା ମଣ୍ଡଳ ସଭାପତି ବୈଶାଖୁ କେତକୀ, ଦଶପୁର ମଣ୍ଡଳ ସଭାପତି ପ୍ରମୋଦ ପ୍ରଧାନ, କେଗାଁ ମଣ୍ଡଳ ସଭାପତି ଜୟକୃଷ୍ଣ ସାହୁ, ସାଧାରଣ ସମ୍ପାଦକ ଜୟନ୍ତ ସିଂଙ୍କ ସମେତ ଶତାଧିକ ସ୍ୱୟଂସେବକ ଉପସ୍ଥିତ ଥିଲେ।

## ବର୍ଷା କ୍ଷତିଗ୍ରସ୍ତ ଅଞ୍ଚଳ ବୁଲିଲେ ବିଧାୟିକା



କ୍ଷତିଗ୍ରସ୍ତ ଅଞ୍ଚଳ ବୁଲି ଦେଖିବା ଅବସରରେ ବିଧାୟିକାଙ୍କ ସହ ଅନ୍ୟମାନେ।

**ଡୁଣ୍ଡଲା,୪।୧୦ (ଫିରୋଜ କୁମାର ଦାଶ)**

ଲଘୁଚାପଜନିତ ଲଗାଣ ବର୍ଷାରେ କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ୍ ଅଞ୍ଚଳରେ ବ୍ୟାପକ କ୍ଷୟକ୍ଷତି ଘଟିଛି। ବିଶେଷକରି ତେଲନଦୀ କୂଳରେ ଥିବା ନୁନମାଠ, ଡୁରଲାଖମନ, ଡୁଣ୍ଡଲା, ସିରଜାପାଲି, ବେଲଖଣ୍ଡି ଓ ହାତୀଖୋଜ ପଞ୍ଚାୟତର ଚାଷଜମିରେ ନଦୀର ଉଚ୍ଛୁଳା ପାଣି ମାଡିଯିବାରୁ ବ୍ୟାପକ ଧାନଫସଲ କ୍ଷତି ହୋଇଛି। ଶନିବାର ପ୍ରଭାବିତ ଅଞ୍ଚଳକୁ ନର୍ଲା ବିଧାୟିକା ମନୋରମା ମହାନ୍ତି ପରିଦର୍ଶନକରି ଚାଷୀଙ୍କ ସହ ଆଲୋଚନା କରିଥିଲେ। ଏପରି କି କ୍ଷୟକ୍ଷତିର ଠିକ୍ ଆକଳନକରି କ୍ଷତିପୂରଣ ଦେବାକୁ ଭବାନୀପାଟଣା ଉପଜିଲାପାଳ, କେସିଙ୍ଗା ତହସିଲଦାର, କୃଷି ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। କେସିଙ୍ଗା ତହସିଲଦାର, ବ୍ଲକ୍ କୃଷି ଅଧିକାରୀ, ଡୁଣ୍ଡଲା ଆର୍‌ଆଇ, ବେଲଖଣ୍ଡି, ହାତୀଖୋଜ, ସିରଜାପାଲି, ଡୁଣ୍ଡଲା ପଞ୍ଚାୟତର ଭିଏଡବ୍ଲୁ କ୍ଷତିଗ୍ରସ୍ତ ଅଞ୍ଚଳ ବୁଲିଦେଖିଥିଲେ। ଏହି ସମୟରେ ସିରଜାପାଲି ସରପଞ୍ଚ ପ୍ରମୋଦ କୁମାର ଦାଶ, ବେଲଖଣ୍ଡି ସରପଞ୍ଚ ସୁଶାନ୍ତ ବାଗ ପ୍ରମୁଖ ଉପସ୍ଥିତ ରହି ଚାଷୀଙ୍କୁ ତୁରନ୍ତ କ୍ଷତିପୂରଣ ପ୍ରଦାନ ନିମନ୍ତେ ଦାବି ଜଣାଇଥିଲେ।

## ଲଗାଣ ବର୍ଷାରେ ଧୋଇଗଲା ରାସ୍ତା

**ଗୋଲାମୁଣ୍ଡା, ୪।୧୦(ବଟକୃଷ୍ଣ ପଣ୍ଡା)**

ଲଘୁଚାପ ଯୋଗୁ ଶୁକ୍ରବାର ଗୋଲାମୁଣ୍ଡା ବ୍ଲକରେ ୮୧ ମି.ମି. ବର୍ଷା ରେକର୍ଡ କରାଯାଇଛି। ଏହାର ପ୍ରଭାବରେ ବ୍ଲକର ୨୮ ଗ୍ରାମ ପଞ୍ଚାୟତ ପ୍ରଭାବିତ ହୋଇଛି। ବିଶେଷ କରି ମାନଝରି, ଉଦେଶୃଙ୍ଗ, ବଡଚେରଗାଁ, ଚହକା, ରେଙ୍ଗସାପାଲି, କୁହୁରା, ବୋର୍ଡି, ମାହଲିଙ୍ଗ, ଲେତେର ଗ୍ରାମପଞ୍ଚାତର ଅନେକ ଗ୍ରାମ୍ୟ ରାସ୍ତା ଧୋଇଯାଇଛି। ରେଙ୍ଗସାପାଲିକୁ ସଂଯୋଗ କରୁଥିବା ରାସ୍ତାର ଗୋଟିଏ ପାର୍ଶ୍ୱ ଧୋଇଯାଇଥିବାରୁ ବଡ ଗାଡି ଯିବା ବନ୍ଦ ହୋଇଯାଇଛି। ଗ୍ରାମ୍ୟ ଉନ୍ନୟନ ବିଭାଗର ଅନେକ ରାସ୍ତା ମଧ୍ୟ ଧୋଇଯାଇଛି। ତେଲ ନଦୀ ଓ ଉଦନ୍ତି ନଦୀର ଉଚ୍ଛୁଳା ପାଣି ତଳିଆ ଅଞ୍ଚଳର ଚାଷ ଜମିରେ ମାଡିଯାଇଛି। ଲେତେର, ଚପ୍ରିଆ, କେଗାଁ, ସିନାପାଲି, ବୋର୍ଡି, ବଡଚେରଗାଁ, ଉଚ୍ଛୁଳା ଗ୍ରାମପଞ୍ଚାୟତର ଚାଷ ଜମି ବାଲିଚର ହୋଇଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ଲଗାଣ ବର୍ଷାରେ ଚାଷ ଜମି, ପନିପରିବା ଚାଷ ତଥା ରାସ୍ତାଘାଟ କ୍ଷୟକ୍ଷତି ହୋଇଥିବାରୁ ସରକାର ଶୀଘ୍ର ଚାଷୀଙ୍କୁ କ୍ଷତିପୂରଣ ସାଙ୍ଗକୁ କ୍ଷତିଗ୍ରସ୍ତ ରାସ୍ତା ମରାମତି କରିବାକୁ ସାଧାରଣରେ ଦାବି ହେଉଛି।



ରାସ୍ତାର ଗୋଟିଏ ପାର୍ଶ୍ୱ ଧୋଇଯାଇ ଗର୍ତ୍ତ ସୃଷ୍ଟି ହୋଇଛି।

## ଗାନ୍ଧୀ ଜୟନ୍ତୀ ପାଳିତ

**ଧର୍ମଗଡ଼, ୪।୧୦ (ଘାସିରାମ ଜଗତ) :** ଧର୍ମଗଡ଼ ସର୍ବୋଦୟ ସମିତି ପରିସର ଶକ୍ତି ସଦନଠାରେ ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ୧୫୭ ତମ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ସର୍ବୋଦୟ ସମିତି ପରିଚାଳନା ସମିତି ସଭାପତି ଆଇନଜୀବୀ ତୁଷାର ରଞ୍ଜନ ପାଟ୍ଟଯୋଷୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଶିକ୍ଷାବିତ୍ ପ୍ରତାପ କିଶୋର ମୁଣ୍ଡ ମୁଖ୍ୟ ଅତିଥି, ପଞ୍ଚାୟତ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ସତ୍ୟ ପଟ୍ଟନାୟକ ମୁଖ୍ୟବକ୍ତା, ଶିକ୍ଷାବିତ୍ ଲୋକନାଥ ବେହେରା, ଖବରଦାତା ବିଦ୍ୟାଧର ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସମିତି ସଦସ୍ୟ ଖବରଦାତା ଦେବରାଜ ମହାନନ୍ଦ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଶକ୍ତି ସଦନର ପରିଚାଳିକା ସସ୍ମିତା ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଆରମ୍ଭରେ ଅତିଥିମାନେ ଗାନ୍ଧିଜୀ ଓ ଶାସ୍ତ୍ରିଜୀଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା।

## ରାବଣ ପୋଡ଼ି ସହ ସାର୍ବଜନୀନ ଦୁର୍ଗାପୂଜା ଶେଷ

**ଲାଞ୍ଜିଗଡ଼,୪।୧୦(ରମେଶ ଚନ୍ଦ୍ର ନାୟକ):** କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ସାର୍ବଜନୀନ ଦୁର୍ଗାପୂଜା ରାବଣ ପୋଡି ସହ ଗୁରୁବାର ଶେଷ ହୋଇଛି। ଗତ ଶନିବାର ଅପରାହ୍ନରେ ଅଞ୍ଚଳର ଶତାଧିକ ମହିଳାପୁରୁଷ କଳସ ଯାତ୍ରାରେ ବାହାରି ନିକଟସ୍ଥ ବଂଶୀଧାରା ନଦୀରୁ ପାଣି ଆଣି ପୂଜା ମଣ୍ଡପରେ ସ୍ଥାପନ କରିଥିଲେ। ରବିବାରଠାରୁ ଦେବୀ ଦୁର୍ଗାଙ୍କ ସପ୍ତମୀ ପୂଜା ଆରମ୍ଭ ହୋଇଥିଲା। ୫ଦିନ ଧରି ଚାଲିଥିବା ଏହି ପୂଜାରେ କର୍ତ୍ତା ଭାବେ ପୀତାମ୍ବର ଡ଼ମବିଶି ଓ ତାଙ୍କ ଧର୍ମପତ୍ନୀ ଦେବକୀ ଏବଂ ମୁଖ୍ୟ ପୂଜକ ଭାବେ ଡ. ରୋହିତ କୁମାର ଆଚାର୍ଯ୍ୟ ଓ ତାଙ୍କ ସହିତ ଡ଼. ମୋହନ ପୁରୋହିତ, ବିଶ୍ୱଜିତ ଚାନ୍ଦ ରହିଥିଲେ। ହାଇସ୍କୁଲ ପଡିଆରେ ଆୟୋଜିତ ଦୁର୍ଗାପୂଜା ଓ ରାବଣ ପୋଡି ଲାଞ୍ଜିଗଡ ଯୁବକ ସଂଘ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। ଗୁରୁବାର ଶେଷ ଦିନର ରାବଣ ପୋଡି କାର୍ଯ୍ୟକ୍ରମରେ ଲଘୁଚାପ ଜନିତ ବର୍ଷା ସତ୍ତ୍ୱେ ବିଭିନ୍ନ ଅଞ୍ଚଳରୁ ଶ୍ରଦ୍ଧାଳୁଙ୍କ ସମାଗମ ଦେଖିବାକୁ ମିଳିଥିଲା। ସେହିପରି ଲାଞ୍ଜିଗଡ ବ୍ଲକ ମୁଖ୍ୟାଳୟ ବିଶ୍ୱନାଥପୁର, ପୋଖରିବନ୍ଧ, ଲାଞ୍ଜିଗଡରୋଡ ଓ ରାମଚନ୍ଦ୍ରପୁରଠାରେ ମଧ୍ୟ ଦୁର୍ଗାପୂଜା ସମ୍ପନ୍ନ ହୋଇଯାଇଛି ।

## ମା' ଇନ୍ଦ୍ରାଣୀ ଦେବୀଙ୍କ ଛତରଯାତ୍ରା ସମ୍ପନ୍ନ

**ନୂଆପଡ଼ା,୪।୧୦ (ମକାରୁ ବେମାଲ)**

ନୂଆପଡ଼ା ଜିଲା କୋମନା ବ୍ଲକ୍‌ର ଆଦିବାସୀ ଅଧ୍ୟୁଷିତ ଦେଓଦରା ଗ୍ରାମରେ ମା' ଇନ୍ଦ୍ରାଣୀ ଦେବୀଙ୍କ ଛତରଯାତ୍ରା ଅନୁଷ୍ଠିତ ହୋଇଯାଇଛି। ମହାନବମୀ ରାତ୍ର ୮ଟାରେ ମା'ଙ୍କୁ ପୁରୁଣା ପୀଠସ୍ଥଳୀରେ ପୂଜାର୍ଚ୍ଚନା ପରେ ସ୍ଥାନୀୟ ଇନ୍ଦ୍ରନଦୀ ଘୋଡ଼ାଘାଟ ନଈକୂଳରେ ପାଟଖଣ୍ଡା ଧୁଆଯାତ୍ରା ହୋଇଥିଲା। ବିଜୟା ଦଶମୀରେ ଇନ୍ଦ୍ରାଣୀ ଦେବୀ ମା'ଙ୍କ ପ୍ରସିଦ୍ଧ ଛତରଯାତ୍ରାରେ ୮ ଖଣ୍ଡ ଗାଁ ୨୪ ଟିକ୍ରିର ଶ୍ରଦ୍ଧାଳୁଙ୍କ ଗହଣରେ ଛତରଯାତ୍ରା ପାଳନ ହୋଇଥିଲା। ଦେବୀ ମା' ପୁରୁଣା ପୀଠସ୍ଥଳୀରୁ ବାହାରି ସିଂହ ଦୁଆରରେ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଇଥିଲେ। ଯାତ୍ରାରେ ମୁଖ୍ୟ ଅତିଥି ଭାବେ ବିଧାୟକ ପ୍ରତିନିଧି ଜୟ ଢୋଲକିଆ ଯୋଗଦେଇ ଇନ୍ଦ୍ରାଣୀ ମା'ଙ୍କଠାରେ ପୂଜାର୍ଚ୍ଚନାକରି ଆଶୀର୍ବାଦ ଭିକ୍ଷା କରିଥିଲେ। ଜିଲା ପରିଷଦ ........ଅବନୀ ରଞ୍ଜନ ଜୋଷୀ, ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଯଦୁମଣି ପାଣିଗ୍ରାହୀ, ଘାସିରାମ ମାଝୀ, ଜିଲା ପରିଷଦ ଅଧ୍ୟକ୍ଷା ଦୀପିକା ଦୀପ, କ୍ଷମାସିଂ ନିଆଲ, ହୀରାଧର ଝାଙ୍କର ପ୍ରମୁଖ ସାମିଲ ହୋଇଥିଲେ। ମା' ଇନ୍ଦ୍ରାଣୀ ଦେବୀ ମ୍ୟାନେଜିଂ ଟ୍ରଷ୍ଟ ସଭାପତି ମୁରଲୀଧର ଭୋଇ, ଜୟସିଂ ଛତ୍ରିଆ, ଭଜ ମାଝୀ, ତ୍ରିଲୋଚନ କଟା, ଶୋଭାରାମ ମାଝୀ ପ୍ରମୁଖ କାର୍ଯ୍ୟକ୍ରମ ଆୟୋଜନ କରିଥିଲେ।



ଇନ୍ଦ୍ରାଦେଈଙ୍କ କାଳିସୀ ଜଣେ ମହିଳାଙ୍କୁ ଆଶୀର୍ବାଦ ଦେଉଛନ୍ତି।

## ଗଜଲକ୍ଷ୍ମୀ ପୂଜା ପାଇଁ କଳସ ଯାତ୍ରା

**ବୋଡ଼େନ,୪।୧୦ (ଟିକେଶ୍ୱର ନାଗ):** ନୂଆପଡ଼ା ଜିଲା ବୋଡ଼େନ ବ୍ଲକ ବିନୋପୁର ଗ୍ରାମରେ ୨୫ ତମ ଗଜଲକ୍ଷ୍ମୀ ପୂଜା ପାଇଁ ଶନିବାର କଳସ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମହିଳା ସଙ୍କୀର୍ତ୍ତନ ଦଳ ସାମିଲ ହୋଇଥିଲେ। ୪ରୁ ୮ ତାରିଖ ପର୍ଯ୍ୟନ୍ତ ମା'ଙ୍କ ପୂଜା ପାଳିତ ହେବ। କର୍ତ୍ତା ଭାବେ ମହାଦେବ ମାଝୀ ଓ ତାଙ୍କ ପତ୍ନୀ ପୂଜାରେ ସହଯୋଗ କରିଥିଲେ। ମୁଖ୍ୟ ପୁରୋହିତ ଭାବେ ଶ୍ରୀବତ୍ସ ସୂପକାର ଦାୟିତ୍ୱ ତୁଲାଉଛନ୍ତି। ପୂଜା କମିଟି ସଭାପତି ଲୋକନାଥ ନିଆଲ, କାଶୀନାଥ ବେହେରା, କୁଶ ଛତ୍ରିଆ, ଗଗନ ବିହାରୀ ପରାଭୁଏ, ଉପଦେଷ୍ଟା ବେଦବ୍ୟାସ ନାଗ, ଧନୁର୍ଦ୍ଧର ନିଆଲ, ନିରାକାର ମୁଣ୍ଡ, ପୁରୁଷୋତ୍ତମ ନାଗ, ଗୌରିଶଙ୍କର ନାଗ, ଟିକଚନ ନିଆଲ ପ୍ରମୁଖ ସହଯୋଗ କରୁଛନ୍ତି।

## ଆର୍‌ଏସ୍‌ଏସ୍‌ର ବିଜୟାଦଶମୀ ଉତ୍ସବ

**ଖଡ଼ିଆଳ,୪।୧୦ (ସୁଜିତ କୁମାର ପ୍ରଧାନ)**

ଆର୍‌ଏସ୍‌ଏସ୍‌ର ଶତବାର୍ଷିକୀରେ ବିଜୟାଦଶମୀ ଉତ୍ସବ ଖଡ଼ିଆଳ ବ୍ଲକର ବିଙ୍ଗିଘାଟ ମଣ୍ଡଳରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସହ ଜିଲା କାର୍ଯ୍ୟବାହ ଗଣେଶ ଗହୀର, ଓ୍ୱାର୍ଡମେମ୍ବର ପର୍ଶୁରାମ ମାଝୀ ଓ ମୁଖ୍ୟବକ୍ତା ଭାବରେ ବିଭୁତି ଭୂଷଣ ବିଶି, ଜିଲା ଧର୍ମାଚାର୍ଯ୍ୟ ସମ୍ପର୍କ ପ୍ରମୁଖ ମଞ୍ଚାସୀନ ଥିଲେ। ଖଣ୍ଡ ଶାରୀରିକ ପ୍ରମୁଖ ପଦ୍ମକିଶୋର ମାଝୀ ଅତିଥିମାନଙ୍କ ପରିଚୟ ଦେଇଥିଲେ। ମୁଖ୍ୟବକ୍ତା ୧୦୦ ବର୍ଷ ଯାତ୍ରାରେ ରାଷ୍ଟ୍ର ଗଠନରେ ସଂଘର ତ୍ୟାଗ, ସେବା, ବଳିଦାନ, ସଂଘର ପ୍ରତିଷ୍ଠା ଦିବସ ସମ୍ପର୍କରେ ଆଲୋକପାତ କରିଥିଲେ। ସେହିପରି ଡୁଆଝର ମଣ୍ଡଳରେ ବିଜୟାଦଶମୀ ଉତ୍ସବ ଶିଶୁମନ୍ଦିର ଡୁଆଝରଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଖଣ୍ଡ ସଂଘଚାଳକ ବିନୋଦ ଆଗ୍ରୱାଲ, ସହ ଜିଲା କାର୍ଯ୍ୟବାହ ଗଣେଶ ଗହୀର ଓ ମୁଖ୍ୟ ବକ୍ତା ରୂପେ ରୁଦ୍ର ମାଧବ ବାରିକ ସଂଗଠନ ସମ୍ପାଦକ ଦକ୍ଷିଣ ପଶ୍ଚିମ ସମ୍ଭାଗ ମଞ୍ଚାସୀନ ଥିଲେ। ଖଣ୍ଡ ସେବା ପ୍ରମୁଖ ବିଶ୍ୱରଞ୍ଜନ ଦଣ୍ଡସେନା ଅତିଥିମାନଙ୍କ ପରିଚୟ ରଖିଥିଲେ।

## ଗାନ୍ଧୀ, ଶାସ୍ତ୍ରୀଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଆହ୍ୱାନ

**ଭବାନୀପାଟଣା,୪।୧୦(ଉତ୍ତମ କୁମାର ଦାଶ)**

କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ଲାଲବାହାଦୁର ଶାସ୍ତ୍ରୀ ଷ୍ଟାଡିୟମ ପରିସରରେ ମହାତ୍ମା ଗାନ୍ଧୀ ଓ ଲାଲବାହାଦୁର ଶାସ୍ତ୍ରୀଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଜିଲା ପ୍ରଶାସନ ପକ୍ଷରୁ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଜିଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସହରରେ ରାମଧୁନ ପରିବେଷଣ ପରେ ସହରର ଗାନ୍ଧୀ ଛକ, ଗାନ୍ଧୀ ପ୍ରମୋଦ ଉଦ୍ୟାନସ୍ଥିତ ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତି ଓ ଲାଲବାହାଦୁର ଶାସ୍ତ୍ରୀ ଷ୍ଟାଡିୟମରେ ଅବସ୍ଥାପିତ ଶାନ୍ତି କପୋତ ଶାସ୍ତ୍ରିଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ କଳାହାଣ୍ଡି ଲୋକ ସଭା ସଦସ୍ୟା ମାଳବିକା ଦେବୀ, ସମ୍ମାନିତ ଅତିଥି ଭାବେ ଜିଲାପାଳ ପାୱାର ସଚିନ ପ୍ରକାଶ, ଅତିରିକ୍ତ ଜିଲାପାଳ ତନ୍ମୟ କୁମାର ଦରୱାନ, ଭାରତୀୟ ପ୍ରଶାସନିକ ସେବା ଅଧିକାରୀ (ପ୍ରୋବେଶନ) ଅନିମେଷ ପ୍ରଧାନ, ଜିଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ, ଭବାନୀପାଟଣା ପୌରପାଳିକା ନିର୍ବାହୀ ଅଧିକାରୀ ପ୍ରମୋଦ କୁମାର ପାଢ଼ୀ, ଭାଜପା ଜିଲା ସଭାପତି ଯୁଗଳ କିଶୋର ପୋଢ଼, ଡ. ଭବାନୀ ଶଙ୍କର ନିଆଲ ପ୍ରମୁଖ ଯୋଗଦେଇ ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଏହି ଅବସରରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଅତିରିକ୍ତ ଜିଲାପାଳ ଦରୱାନ ଛାତ୍ରୀଛାତ୍ର, ଯୁବପିଢ଼ି ଦୁଇ ମହାପୁରୁଷଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ କାର୍ଯ୍ୟକରିବା ପାଇଁ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମକୁ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଳଧର ନିଆଲ ପରିଚାଳନା କରିଥିଲେ। ଶେଷରେ ଜିଲା ସଂସ୍କୃତି ଅଧିକାରୀ ମହାନନ୍ଦ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଲଗାଣ ବର୍ଷାରେ ଭାଙ୍ଗିଲା ଅସ୍ଥାୟୀ ପୋଲ

**ଜଳବନ୍ଦୀ ଅବସ୍ଥାରେ ୩ ପଞ୍ଚାୟତର ୪୦୦ ପରିବାର**

**ଲାଞ୍ଜିଗଡ଼,୪।୧୦ (ରମେଶ ଚନ୍ଦ୍ର ନାୟକ)**

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ବିଜେପୁର ପଞ୍ଚାୟତ ଖଜୁରଗୁଡା ଗାଁ ନିକଟରେ ଥିବା ସାନ୍ଧୁଲ ନଦୀର ଅସ୍ଥାୟୀ ପୋଲ ଲଘୁଚାପ ଜନିତ ଲଗାଣ ବର୍ଷାରେ ଗୁରୁବାର ରାତିରେ ଭାଙ୍ଗିଯାଇଛି। ଫଳରେ ତିନିଗୋଟି ପଞ୍ଚାୟତର ୮ଗୋଟି ଗ୍ରାମର ପ୍ରାୟ ୪ ଶହ ପରିବାର ଜଳବନ୍ଦୀ ଅବସ୍ଥାରେ ରହିଥିବା ବେଳେ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇ ରହିଛନ୍ତି। ସୂଚନା ଅନୁସାରେ, ଦୀର୍ଘବର୍ଷର ଅଭିଯୋଗ ପରେ ସାନ୍ଧୁଲ ନଦୀ ବ୍ରିଜ ନିର୍ମାଣ ପାଇଁ ୨୦୨୩ ମସିହାରେ ମଞ୍ଜୁର ହୋଇଥିଲା। କଳାହାଣ୍ଡି ଜିଲା ଭବାନୀପାଟଣାର ଜଣେ ଠିକାଦାର ଏହାର ଠିକା ନେଇଥିଲେ।



ସାନ୍ଧୁଲ ନଦୀର ଅସ୍ଥାୟୀ ପୋଲ ଭାଙ୍ଗିଯାଇଛି।

୨୦୨୩ ମସିହା ମେ' ମାସରେ କାମ ଆରମ୍ଭ ହୋଇଥିଲା। ପୋଲ ନିର୍ମାଣ ପାଇଁ ନଦୀର ଦୁଇ ପଟେ ୨ଟି ଓ ମଝିରେ ଗୋଟିଏ ପିଲର ୩ ଫୁଟ ଲେଖାଏ ଉଠିଛି। ମନ୍ଥର ଗତି ତଥା ନିମ୍ନମାନର କାମ ଯୋଗୁ ଗତ ଏପ୍ରିଲ ମାସରେ ବିଭାଗ ପକ୍ଷରୁ କାମ ବନ୍ଦ କରାଯାଇଥିବା ଗାଁ ଲୋକଙ୍କ ଠାରୁ ସୂଚନା ମିଳିଛି। ସେହି ଦିନଠାରୁ କାମ ବନ୍ଦ ଯୋଗୁ ବ୍ରିଜ କାମ ସମ୍ପୂର୍ଣ୍ଣ ହୋଇପାରି ନାହିଁ। ଲୋକଙ୍କ ଯିବାଆସିବା ପାଇଁ ପୁରୁଣା ରାସ୍ତାରେ ଏକ ଅସ୍ଥାୟୀ ପୋଲ ନିର୍ମାଣ କରାଯାଇଥିଲା। ହେଲେ ଗତ ଗୁରୁବାର ରାତିରେ ଲଘୁଚାପ ପ୍ରଭାବରେ ୧୧୦.୪ ମିଲିମିଟର ବର୍ଷା ହେବାରୁ ନଦୀର ଉଚ୍ଛୁଳା ପାଣି ଅସ୍ଥାୟୀ ପୋଲକୁ ଭାଙ୍ଗି ଦେଇଛି। ଫଳରେ ବିଜେପୁର ପଞ୍ଚାୟତର ଖଜୁରୀଗୁଡା, ମାଲିଯୁବାଙ୍ଗ ପଞ୍ଚାୟତର ସେକୋଝୁଲା, ପାନପଦର, ଦୁର୍ଲାବୁଣ୍ଡେଲ, ସାକେସ କୁଣ୍ଡରୁ ଓ ପାହାଡ଼ପଦର ପଞ୍ଚାୟତର ଜିରା, ପୁଞ୍ଜାମ ଓ ତଇଁପଦର ଗାଁର ୪ ଶହ ପରିବାର ବିଚ୍ଛିନ୍ନ ହୋଇ ଯାଇଛନ୍ତି। ଯାହା ଫଳରେ ଏହି ୮ ଗାଁ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏପରି କି ପଞ୍ଚାୟତ କାର୍ଯ୍ୟାଳୟ ବିଜେପୁର ଓ ବ୍ଲକ କାର୍ଯ୍ୟାଳୟ ବିଶ୍ୱନାଥପୁରକୁ ଲୋକେ ଯାଇପାରୁ ନାହାନ୍ତି। ଏଭଳି ସମୟରେ ପ୍ରଶାସନ କିମ୍ବା କୌଣସି ରାଜନେତା ଲୋକଙ୍କ ପାଖରେ ପହଞ୍ଚି ନ ଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି। ଏହାସହିତ ଏହି ସମସ୍ୟା ପ୍ରତି କଳାହାଣ୍ଡି ଜିଲାପାଳ ତୁରନ୍ତ ଦୃଷ୍ଟି ଦେବାକୁ ଅନୁରୋଧ କରିଛନ୍ତି।

**ବରଗଡ଼ ସହରରେ ମା'ଙ୍କୁ ମେଲାଣି**


ବରଗଡ଼ ବିଶିପଡ଼ାରେ ମା' ଦୁର୍ଗାଙ୍କ ମୂର୍ତ୍ତି ବିସର୍ଜନ କରାଯାଉଛି।


ବରଗଡ଼ ସହରାପଡ଼ାରେ ମା' ଦୁର୍ଗାଙ୍କ ମୃଣ୍ମୟୀ ମୂର୍ତ୍ତି ବିସର୍ଜନ କରାଯାଉଛି।


ସହରାପଡ଼ା ବିସର୍ଜନରେ ସାମିଲ ଦୁଲଦୁଲି ବାଜା।

# ଭାଷା, ସଂସ୍କୃତିର ପ୍ରଚାରରେ 'ଟିହାର'ର ଅବଦାନ ଅନସ୍ୱୀକାର୍ଯ୍ୟ

**ଅତାବିରା,୪।୧୦(ଯୁଧିଷ୍ଠିର ମହାପାତ୍ର)**


ଟିହାର ଲୋକମହୋତ୍ସବରେ କଳାକାରଙ୍କ ନୃତ୍ୟ ପରିବେଷଣ।

'ଟିହାର' ଲୋକ ମହୋତ୍ସବ ଏକ ଉତ୍ସବ ନୁହେଁ, ଆମ ଭାଷା ଓ ସଂସ୍କୃତିର ପ୍ରଚାର ପ୍ରସାରରେ ଏହାର ଅବଦାନ ଅନସ୍ୱୀକାର୍ଯ୍ୟ ବୋଲି ଅତାବିରାର ୧୫ତମ ଟିହାର ଲୋକ ମହୋତ୍ସବର ଉଦ୍‌ଯାପନୀ ଉତ୍ସବରେ ଅତିଥିମାନେ କହିଛନ୍ତି। ମହୋତ୍ସବ ସମିତିର ସଭାପତି ନୀହାର ରଞ୍ଜନ ମହାନନ୍ଦଙ୍କ ସଭାପତିତ୍ୱ ଓ ସଂଯୋଜକ ରବି ପଣ୍ଡାଙ୍କ ସଂଯୋଜନାରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବରେ ବରଗଡ଼ ଧନୁଯାତ୍ରା ମହୋତ୍ସବ ସମିତିର ସମ୍ପାଦକ ସୁରେଶ୍ୱର ଶତପଥୀ, ସମ୍ମାନିତ ଅତିଥି ଭାବରେ ଶିକ୍ଷାବିତ ଡ.ଘନଶ୍ୟାମ ପାଣିଗ୍ରାହୀ ଯୋଗଦେଇଥିଲେ।

ଶୁକ୍ରବାର ଏହି ମହୋତ୍ସବର ଉଦ୍‌ଯାପନୀ ସନ୍ଧ୍ୟା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମରେ ଢୋଲ ମହୁରୀ ସାଂସ୍କୃତିକ ଅନୁଷ୍ଠାନ ନୂଆପଡ଼ା, ମୃଣ୍ମୟୀ କଲଚରାଲ ଏକାଡେମୀ ଭବାନୀପାଟନା, ସୁରଜମୁଖୀ କଳା ପରିଷଦ, ଲଫୁଲା, ଗୌରଟିକ୍ରା, ଅତାବିରାର କୋଲଟମ ନୃତ୍ୟ ଦଳ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଲୋକ ମହୋତ୍ସବକୁ ଗତ ୨୯ ତାରିଖ ବରଗଡ଼ ବିଧାୟକ ଅଶ୍ୱିନୀ ଷଡ଼ଙ୍ଗୀ ଉଦ୍‌ଘାଟନ କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମରେ ନଟରାଜ କଳା ପରିଷଦ, କଟକ, ଟ୍ରାଇବାଲ ଆଣ୍ଡ ଫୋକ ଆର୍ଟ ସେଣ୍ଟର, ସମ୍ବଲପୁର, ଉତ୍ତରସାହି ନିଚୁଆପଦା ଛଉ ନୃତ୍ୟ କଳା ପରିଷଦ, ମୟୂରଭଞ୍ଜ, ଟିହାର କଳା ପରିଷଦ, ଅତାବିରା, କୋଲଟମ ନୃତ୍ୟ ଦଳ, ନୂଆଖାଇରପାଲି, ଅତାବିରାର ସାଂସ୍କୃତିକ ଦଳ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

**ଟିହାର ଲୋକ ମହୋତ୍ସବ ଉଦ୍‌ଯାପିତ**

ଦ୍ୱିତୀୟ ଦିବସରେ ଓଡ଼ିଶା ସରକାରଙ୍କ ବିଧାନସଭାରେ ମୁଖ୍ୟ ସଚେତକ ତଥା ବୌଦ୍ଧ ବିଧାୟକ ସରୋଜ କୁମାର ପ୍ରଧାନ ମୁଖ୍ୟଅତିଥି ଭାବରେ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଥିଲେ କ୍ରିଷ୍ଟା ବିକାଶ ଗ୍ରୁପ ଅଫ ଇନ୍‌ଷ୍ଟିଚ୍ୟୁଶନର ଚେୟାରମ୍ୟାନ ଡି. ମୁରଲୀ କ୍ରୀଷ୍ଣା। ଦ୍ୱିତୀୟ ସନ୍ଧ୍ୟାରେ ସାଂସ୍କୃତିକ ଅନୁଷ୍ଠାନ କଳାହାଣ୍ଡି, ସାଇ ସର୍ଣ୍ଣ କଳା ପରିଷଦ, ବଲାଙ୍ଗୀର, କୁରେଫୁଲ ସାଂସ୍କୃତିକ ଅନୁଷ୍ଠାନ, ଅତାବିରା, ଭୀମ ଭୋଇ କଳା ନିକେତନ ବୀର ମହାରାଜପୁରର କଳାକାରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

ଟିହାର ଲୋକ ମହୋତ୍ସବ ଅବସରରେ ପ୍ରତି ବର୍ଷ ପରି ଚଳିତବର୍ଷ ସମ୍ବର୍ଦ୍ଧିତ ପ୍ରତିଭାମାନଙ୍କ ଭିତରେ ଅଖିଳ ଚନ୍ଦ୍ର ହୋତାଙ୍କୁ ସାମ୍ବାଦିକତା କ୍ଷେତ୍ରରେ ଅବଦାନ ପାଇଁ ସ୍ୱର୍ଗତ ଶାନ୍ତନୁ ବିଶାଳ ସ୍ମୃତି ସମ୍ମାନ, ସାହିତ୍ୟ ସୃଷ୍ଟି ପାଇଁ ଡ. ଘନଶ୍ୟାମ ପାଣିଗ୍ରାହୀଙ୍କୁ ସ୍ୱର୍ଗତ ନାରାୟଣ ପୃଷ୍ଟେଠ ସ୍ମୃତି ସମ୍ମାନ, ସାମାଜିକ କାର୍ଯ୍ୟ ପାଇଁ ବରଗଡ଼ ଶାନ୍ତି ତପୋବନ ଆଶ୍ରମ ମାତୃଛାୟାର ସଂସ୍ଥାପକ ଦେବଦତ୍ତ ତ୍ରିପାଠୀଙ୍କୁ ସ୍ୱର୍ଗତ ବସନ୍ତ କୁମାରୀ ପଣ୍ଡା ସ୍ମୃତି ସମ୍ମାନ, ଲୋକ ସଂଗୀତ ପାଇଁ ଜୟନ୍ତୀ ଦୀପଙ୍କୁ ମିତ୍ରଭାନୁ ବିଶାଳ ସ୍ମୃତି ସମ୍ମାନ, ନାଟକ କ୍ଷେତ୍ରରେ ଅବଦାନ ପାଇଁ ଦିଲୀପ ବେହେରାଙ୍କୁ ସ୍ୱର୍ଗତ ରାଜେନ୍ଦ୍ର ସାହୁ ସ୍ମୃତି ସମ୍ମାନରେ ପୁରସ୍କୃତ କରାଯାଇଥିଲା, ଅତାବିରା ବ୍ଲକର ମାଟ୍ରିକ ଟପ୍ପର ଅଦ୍ୟାଶା ବାରିକଙ୍କୁ ସ୍ୱର୍ଗତ ରାମ ଲକ୍ଷ୍ମଣ ଦାଶ ସ୍ମୃତି ସମ୍ମାନ ସହ ଗାନ୍ଧୀ ସ୍ମୃତି ପାଠାଗାର, ବରଗଡ଼ ପ୍ରଦତ୍ତ ନଗଦ ୫୦୦୦ ଟଙ୍କା ପୁରସ୍କାର ପ୍ରଦାନ କରାଯାଇଥିଲା। ସେହିପରି ସମାଜରେ ବିଭିନ୍ନ କ୍ଷେତ୍ରରେ ଅବଦାନ ପାଇଁ ସମ୍ମାନିତ ହୋଇଥିବା ଅନ୍ୟ ସ୍ଥାନୀୟ ବ୍ୟକ୍ତି ବିଶେଷ ହେଉଛନ୍ତି ଅତାବିରା ଦୁର୍ଗା ମନ୍ଦିରର ନିର୍ମାଣ ତିନିଜଣ ପ୍ରମୁଖ ବିନ୍ଧାଣି ଡ. ରାମ କୈଳାଶ ଅଗ୍ରୱାଲ, କୈଳାଶ ଅଗ୍ରୱାଲ ଓ ଯାଦବ ପ୍ରଧାନ। ଜ୍ୟୋତିଷ ଶାସ୍ତ୍ର ପାଇଁ ଭେଡେନ ବ୍ଲକ କାଣ୍ଡପାଲି ଗ୍ରାମର ବରିଷ୍ଠ ଜ୍ୟୋତିର୍ବିଦ୍ ପ୍ରଭାକର ତ୍ରିପାଠୀ, ଲୋକକଳା ପାଇଁ କରମସାନି ଗାୟକ କିଶୋର ଚନ୍ଦ୍ର ଭୁଏ, ପଞ୍ଚ ବାଦ୍ୟ ଢୁଲିଆ କଷ୍ଟ ଶିକା, ପଞ୍ଚ ବାଦ୍ୟ ମୁହୁରିଆ ଗୋବର୍ଦ୍ଧନ ମହାନନ୍ଦ, ସମ୍ବଲପୁରୀ ସାହିତ୍ୟ ପାଇଁ କବି ଲକ୍ଷ୍ମଣ ସୁନା, ପର୍ବତାରୋହି ଆଶୀର୍ବାଦ ମହାପାତ୍ର, ଜାତୀୟ ପ୍ରତିଯୋଗିତାରେ ପଦକ ବିଜେତା କିକ ବକ୍ସର ମିଳନ ଭୋଇ, ବାଲୁକା ଶିଳ୍ପୀ କିରଣ ପ୍ରଧାନ, କୋଭିଡ ସମୟରେ ସାମାଜିକ କାର୍ଯ୍ୟ ପାଇଁ ଷ୍ଟାଫ ନର୍ସ ସୁପ୍ରଭା ପାଢ଼ୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ୧୯୮୮ ମାଟ୍ରିକ୍ ବ୍ୟାଚ୍‌ର ବନ୍ଧୁମିଳନ


କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ଓ ଅନ୍ୟମାନେ।

**ପଦ୍ମପୁର,୪।୧୦(ପ୍ରଦୀପ୍ତ ଦାଶ)**

ପଦ୍ମପୁର ମହୁଲପାଲିସ୍ଥିତ ବ୍ରଜ ମୋହନ ସାହୁଙ୍କ ଆମ୍ରବଣରେ ରାଜବୋଡ଼ାସମ୍ବର ଉଚ୍ଚ ବିଦ୍ୟାଳୟର ୧୯୮୮ ମାଟ୍ରିକ୍ ବ୍ୟାଚର ଛାତ୍ର ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗଙ୍କ ଅଧ୍ୟକ୍ଷତାରେ ଏକ ବନ୍ଧୁମିଳନ ଉତ୍ସବ ଗତ ଗୁରୁବାର ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଉତ୍ସବରେ ୯୫ ଜଣ ଛାତ୍ରଙ୍କ ମଧ୍ୟରୁ ୫୫ ଜଣରୁ ଊର୍ଦ୍ଧ୍ୱ ଛାତ୍ର ଯୋଗଦେଇ ଅତୀତର ଛାତ୍ର ଜୀବନର ଅନେକ ସବୁ ଅତୀତର ସୁଖଦ ମୁହୂର୍ତ୍ତକୁ ସ୍ମୃତି ଚାରଣ କରିଥିଲେ। ସୁଦୂର ରାଜଧାନୀ ଭୁବନେଶ୍ୱରରୁ ନିଜେ ମନ୍ତ୍ରୀ, ଫିଟଜିର ପ୍ରଫେସର ପ୍ରଫୁଲ୍ଲ ଦାଶ, କଲିକତାରୁ ଇଞ୍ଜିନିୟର ସଞ୍ଜୀବ ପୁରୋହିତ, ବଲାଙ୍ଗୀରରୁ ଉତ୍ତମ ନନ୍ଦ, ଜଗନ୍ନାଥ ଦୀପ, ସୁରେଶ ସାହୁ, ସମ୍ବଲପୁରରୁ ଇନ୍ଦ୍ରମଣି ପୁରୋହିତ ଏମିତି କି ଜିଲ୍ଲା ତଥା ଜିଲ୍ଲା ବାହାରୁ ବହୁ ସାଙ୍ଗସାଥୀ ଯୋଗଦେଇଥିଲେ ଓ ସ୍ଥାନୀୟ ଛାତ୍ର ଦିଲୀପ ବାରିକ, ହରିହର ପଟ୍ଟନାୟକ, ଅଭୟ ନାୟକ, ରଘୁନାଥ ପୁରୀ, ବ୍ରଜ ମୋହନ ସାହୁ, ସରୋଜ ମେହେର, ସରୋଜ ପ୍ରସାଦ ଷଡ଼ଙ୍ଗୀ, ଅଶୋକ ବହିଦାର, ଗୋପାଳ ପଣ୍ଡା, ନିରୋଜ ସିଂହ, ଭୋପାଲ ଦାସ, ଶିଶୁପାଳ ଦାସ, ଡାକ୍ତର ସୁଦୀପ୍ତ ସାହୁ ପ୍ରମୁଖ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ।

# ଶିବିରରେ ୩୯ ୟୁନିଟ୍ ରକ୍ତ ସଂଗୃହୀତ

**ଅତାବିରା, ୪।୧୦(ଯୁଧିଷ୍ଠିର ମହାପାତ୍ର)**

ପ୍ରତିବର୍ଷ ପରି ଚଳିତବର୍ଷ ଅତାବିରା ବ୍ଲକ ଦେବାହାଲସ୍ଥିତ ଜୟକିଷାନ ପାଠାଗାର ପକ୍ଷରୁ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଶନିବାର ଆୟୋଜିତ ହୋଇଥିଲା। ଏହି ଶିବିରରେ ମୋଟ ୩୯ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। ବୁର୍ଲା ଭୀମସାର ରକ୍ତବ୍ୟାଙ୍କ ଦ୍ୱାରା ରକ୍ତ ସଂଗୃହୀତ ହୋଇଥିଲା। ବିଶିଷ୍ଟ ସମାଜସେବୀ ସୁଶୀଲ ଦାଶଙ୍କ ଦ୍ୱାରା ଶିବିର ଉଦ୍‌ଘାଟନ ପରେ ବୁର୍ଲା ରକ୍ତବ୍ୟାଙ୍କର ଡାକ୍ତର ଭବେଶ ଶେଖର ସାହୁ ଉପସ୍ଥିତ ଜନସାଧାରଣଙ୍କୁ ରକ୍ତଦାନର ଆବଶ୍ୟକତା ଓ ଉପକାରିତା ବିଷୟରେ ଅବଗତ କରାଇଥିଲେ। ରକ୍ତଦାନ ଶିବିର ସହିତ ଏକ ଆଲୋଚନା ସଭା ମଧ୍ୟ ଅନୁଷ୍ଠିତ ହୋଇଥିଲା, ଯାହାର ବିଷୟବସ୍ତୁ ଥିଲା 'ଯୁବ ସମାଜର କର୍ତ୍ତବ୍ୟ'। ପାଠାଗାରର ସଭାପତି କାଶୀଶ୍ୱର ବେହେରାଙ୍କ ସଭାପତିତ୍ୱରେ ଓ ସହ ସମ୍ପାଦକ ବିନୟ ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ଆଲୋଚନା ଚକ୍ରରେ ଅଜମେରସ୍ଥିତ ଏନ୍‌ସିଆର୍‌ଟି ପରିଚାଳିତ ଆଞ୍ଚଳିକ ଶିକ୍ଷା ସଂସ୍ଥାନର ଇତିହାସ ବିଭାଗ ପ୍ରଫେସର ପ୍ରୀତିଶ ଆଚାର୍ଯ୍ୟ ମୁଖ୍ୟବକ୍ତା ଭାବରେ ଯୋଗଦେଇ କହିଥିଲେ, ଯୁବ ସମାଜ ନିଜ କାର୍ଯ୍ୟରେ ନିଷ୍ଠାବାନ ହେଲେ ସମାଜରେ ପରିବର୍ତ୍ତନ ଆସିପାରିବ। ଅନ୍ୟତମ ବକ୍ତା ବରଗଡ଼ ପଞ୍ଚାୟତ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ପତିତପାବନ ସାହୁ ଯୁବପିଢ଼ିଙ୍କୁ ସାମାଜିକ ଗଣମାଧ୍ୟମର କୁପ୍ରଭାବରୁ ଦୂରେଇ ରହିବାକୁ ପରାମର୍ଶ ଦେବା ସହିତ ସେମାନଙ୍କ କାର୍ଯ୍ୟକଳାପକୁ ଆତ୍ମଚିନ୍ତନ କରିବା ଜରୁରୀ ବୋଲି କହିଥିଲେ। ସାହିତ୍ୟିକ ତଥା ଇଂରାଜୀ ପ୍ରାଧ୍ୟାପକ ମାନଭଞ୍ଜନ ପାଣିଗ୍ରାହୀ ଯୁବସମାଜ ନିଜକୁ କୁସଂସ୍କାରରୁ ଦୂରେଇ ରହି ପରିମାର୍ଜିତ ହେବାପାଇଁ ଉପଦେଶ ଦେଇଥିଲେ। ଏହି ସଭାରେ ପଶ୍ଚିମବଙ୍ଗର ହିନ୍ଦୀ ଲେଖକ ତଥା ପ୍ରକାଶକ ସଞ୍ଜୟ ଭାରତୀ ମଧ୍ୟ ଯୋଗଦେଇଥିଲେ। ଶେଷରେ ପାଠାଗାରର ସଦସ୍ୟ ଶିକ୍ଷକ ରାଜକିଶୋର ସେଠ ଧନ୍ୟବାଦ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ପାଠାଗାରର ସମସ୍ତ ସଦସ୍ୟ ତଥା ଦେବାହାଲ ଗ୍ରାମବାସୀ ପୂର୍ଣ୍ଣମାତ୍ରାରେ ସହଯୋଗ କରିଥିଲେ।

# ବାମୁଣ୍ଡା ମଣ୍ଡଳରେ ବିଜୟା ଦଶମୀ ଉତ୍ସବ

**ହରଭଙ୍ଗା,୪।୧୦(ନରେନ୍ଦ୍ର କୁମାର ସାହୁ)**

ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ଶତାବ୍ଦୀ ବର୍ଷ ଅବସରରେ ପ୍ରଥମ କାର୍ଯ୍ୟକ୍ରମ ବିଜୟା ଦଶମୀ ଉତ୍ସବ ଶନିବାର ହରଭଙ୍ଗା ଖଣ୍ଡ ବାମଣ୍ଡା ମଣ୍ଡଳରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପୂର୍ଣ୍ଣ ଗଣବେଶରେ ସ୍ୱୟଂସେବକଙ୍କ ପଥ ସଞ୍ଚଳନ ବାମଣ୍ଡା ଗ୍ରାମ ପରିକ୍ରମା କରିଥିଲା। ପରେ ସ୍ୱୟଂସେବକମାନେ ବ୍ୟାୟାମଯୋଗ, ଆସନ ଓ ସୂର୍ଯ୍ୟନମସ୍କାର ଆଦି ବ୍ୟାୟାମ ପ୍ରଦର୍ଶନ କରିଥିଲେ। କାର୍ଯ୍ୟକ୍ରମରେ ଅତିଥିଭାବେ ଜିଲ୍ଲା ସଂଘଚାଳକ ସୂର୍ଯ୍ୟକାନ୍ତ ଦଳବେହେରା, ଜିଲ୍ଲା ପ୍ରଚାର ପ୍ରମୁଖ ରଘୁନାଥ ଷଡ଼ଙ୍ଗୀ ଯୋଗଦେଇଥିଲେ। ଶାଖା କାର୍ଯ୍ୟବାହ ଶେଷଦେବ ଛନ୍ଦଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମାରୋହରେ ସମ୍ମାନନୀୟ ବକ୍ତାଭାବେ ଜିଲ୍ଲା ଯୋଗ ସମିତି ଅଧ୍ୟକ୍ଷ ବିଜୟ କୁମାର ସାହୁ ଯୋଗଦେଇ ସଂଘ ଲକ୍ଷ୍ୟ ରଖିଥିବା ସପ୍ତସୂତ୍ରୀ କାର୍ଯ୍ୟକ୍ରମରେ ସମସ୍ତେ ସାମିଲ ହେବାସହ ସମାଜ ତଥା ପରିବେଶ ସୁରକ୍ଷା ପାଇଁ ଆହ୍ୱାନ ଦେଇଥିବା ପଞ୍ଚ ପରିବର୍ତ୍ତନ ଆପଣେଇବା ପାଇଁ ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ ସୁବାସ ମାହାକୁଡ଼ ମୁଖ୍ୟଶିକ୍ଷକ କାର୍ଯ୍ୟ ତୁଲାଇଥିବାବେଳେ, ହର ମହାକୁଳ ପ୍ରାର୍ଥନା ପ୍ରମୁଖ, ବିମଳ ପ୍ରଧାନ ସାମୂହିକ ଗୀତ, ଅମୃତ ବଚନ ଆନନ୍ଦ ପ୍ରଧାନ, ବ୍ୟକ୍ତିଗତ ଗୀତ ଶାନ୍ତନୁ ପ୍ରଧାନ କାର୍ଯ୍ୟ ତୁଲାଇଥିଲେ। ଗ୍ରାମର ବରିଷ୍ଠ ନାଗରିକ, ମାତୃ ଶକ୍ତି, ଯୁବ, ଶିଶୁମାନେ ଉପସ୍ଥିତ ଥିଲେ।

# ଲଟାମରାରେ ପ୍ରଭାବିତ ଫସଲ ଦେଖିଲେ ପୂର୍ବତନ ବିଧାୟକ


ପୂର୍ବତନ ବରଗଡ଼ ବିଧାୟକ କ୍ଷତିଗ୍ରସ୍ତ ଫସଲ ଦେଖୁଛନ୍ତି।

**ବରଗଡ଼,୪।୧୦(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ସଦର ବ୍ଲକ ଅନ୍ତର୍ଗତ ଜମୁର୍ଡ଼ା ଗ୍ରାମରେ ଚାଷୀଙ୍କ କୋବି ଓ ଧାନ ଫସଲରେ କୌଣସି ଦୁର୍ବୃତ୍ତ ଲଟାମରା ସିଞ୍ଚନ କରିବାରୁ ତାହା ଜଳି ନଷ୍ଟ ହୋଇଯାଇଛି। ଏହି ଘଟଣା ସାରା ଜିଲାରେ ଆଲୋଡ଼ନ ଖେଳାଇ ଦେଇଛି। ଖବର ପାଇବା ପରେ ଶନିବାର ପୂର୍ବତନ ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ପ୍ରଭାବିତ ଅଞ୍ଚଳ ବୁଲି ଫସଲ ଦେଖିଥିଲେ। ଏହା ସହିତ କ୍ଷତିଗ୍ରସ୍ତ ଚାଷୀଙ୍କୁ ସେ ଭେଟିଥିଲେ। କୋବି ଓ ଧାନ ଫସଲରେ ଲଟାମରା ଔଷଧ ସିଞ୍ଚନ କରିଥିବା ଦୋଷୀ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଆଚାର୍ଯ୍ୟ ଦାବି କରିଛନ୍ତି। ଏହା ସହିତ ସରକାର ତୁରନ୍ତ କ୍ଷତିଗ୍ରସ୍ତ ଚାଷୀଙ୍କୁ କ୍ଷତିପୂରଣ ପ୍ରଦାନ କରିବାକୁ ଦାବି କରିଛନ୍ତି। ସେହିପରି ଧାନ ଫସଲ ଭଳି ପନିପରିବା ଚାଷକୁ ମଧ୍ୟ ବୀମାଭୁକ୍ତ କରାଯାଉ ବୋଲି ପୂର୍ବତନ ଆଚାର୍ଯ୍ୟ ସରକାରଙ୍କଠାରେ ଦାବି କରିଛନ୍ତି। ପରିଦର୍ଶନ ସମୟରେ ସ୍ଥାନୀୟ ସରପଞ୍ଚ ପଦ୍ମଲୋଚନ ସାହୁ ମଧ୍ୟ ଉପସ୍ଥିତ ଥିଲେ। ପ୍ରକାଶ ଯେ, କୌଣସି ଦୁର୍ବୃତ୍ତ ଲଟାମରା ଔଷଧ ସିଞ୍ଚନ କରିବାରୁ ଜମୁର୍ଡା ଗ୍ରାମର ଚାଷୀ ପ୍ରେମା ଭୁଏ, ନାରାୟଣ ଭୋଇ ଓ ମିଥୁନ କରନଙ୍କ ସମେତ ବିଭିନ୍ନ ଚାଷୀଙ୍କ ଫସଲ ନଷ୍ଟ ହୋଇଯାଇଛି। ଏ ନେଇ ସେମାନେ ଥାନାରେ ଏତଲା ଦେବା ପରେ ପୋଲିସ ତନାଘନା ଚଳାଇଛି।

# ରାସ୍ତାରେ ଓଲଟିଲା ପାଇପ ବୋଝେଇ ଟ୍ରକ୍

**ବରଗଡ଼,୪।୧୦(ପ୍ରେମାନନ୍ଦ ଖମାରୀ)**



ବରଗଡ଼-ସୋହେଲା ରାସ୍ତାର କେନ୍ଦପାଲି ନିକଟରେ ଶନିବାର ଏକ ପାଇପ ବୋଝେଇ ଟ୍ରକ୍(ନମ୍ବର -ସିଜି୦୪ଏନଟି ୧୦୭୫) ଓଲଟି ପଡ଼ିଥିଲା। ଝାରସୁଗୁଡାରୁ ରାୟପୁର ପଟକୁ ଯାଉଥିବା ସମୟରେ ଏହି ଟ୍ରକ ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା। ଏଥିରେ କେହି ମୃତାହତ ହୋଇ ନ ଥିବାବେଳେ ଦୁର୍ଘଟଣାଗ୍ରସ୍ତ ଟ୍ରକ୍ ସହିତ ପାଇପଗୁଡ଼ିକ ରାସ୍ତା ଉପରେ ବିଛାଇ ପଡ଼ିଥିବା ଯୋଗୁ ରାସ୍ତା ଉପରେ କିଛି ସମୟ ଧରି ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। ପରେ ପୋଲିସ ପହଞ୍ଚି ଥିଲା ଏବଂ ରାସ୍ତା ଉପରୁ ପାଇପ ଏବଂ ଦୁର୍ଘଟଣାଗ୍ରସ୍ତ ଗାଡ଼ି ଉଠାଯିବା ପରେ ଯାତାୟାତ ସ୍ୱାଭାବିକ ହୋଇଥିଲା।

# ୧୩୦ ବୋତଲ କୋଲ୍ଡ୍ରିଫ କଫ୍ ସିରପ ଜବତ

**ବରଗଡ଼,୪।୧୦(ପ୍ରେମାନନ୍ଦ ଖମାରୀ)**

ମଧ୍ୟପ୍ରଦେଶର ଛିନ୍ଦୱାଡ଼ାରେ କଫ୍ ସିରପ ଖାଇ ୯ ଜଣ ଶିଶୁଙ୍କ ମୃତ୍ୟୁ ଘଟଣା ସାରାଦେଶରେ ହଇଚଇ ସୃଷ୍ଟି କରିଛି। ଏହି ଘଟଣା ପରେ ଓଡ଼ିଶା ସରକାର ମଧ୍ୟ ଆକ୍ସନ ମୋଡରେ ରହିଛି। ରାଜ୍ୟର ଏହି ଔଷଧ ବିକ୍ରିକୁ ସରକାର ନିଷେଧ କରିଛନ୍ତି। ବରଗଡ଼ ଜିଲାକୁ ମଧ୍ୟ ଏହି ଔଷଧ ଆସିଥିବା ଜଣାପଡ଼ିବା ପରେ ସ୍ଥାନୀୟ ଡ୍ରଗ୍ସ ବିଭାଗ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିଛି। ଶନିବାର ବରଗଡ଼ ସହରର ଏକ ମେଡ଼ିକାଲ ଷ୍ଟୋରରୁ ୧୩୦ ବୋତଲ କୋଲ୍ଡ୍ରିଫ କଫ୍ ସିରପ ଜବତ ହୋଇଛି ବୋଲି ଡ୍ରଗ୍ସ ଇନ୍ସପେକ୍ଟର ଦିପକ କୁମାର ସିଂ କହିଛନ୍ତି। ସେହିପରି ବରଗଡ଼ ଜିଲାରେ ସେଭଳି ଘଟଣା ଘଟିବାର ଆଶଙ୍କା ନାହିଁ, ଏଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ରଖାଯାଇଛି ବୋଲି ସିଂ ସୂଚନା ଦେଇଛନ୍ତି।

# ସଙ୍ଗୀତ ନିର୍ଦ୍ଦେଶକ, କଣ୍ଠଶିଳ୍ପୀଙ୍କୁ ଶ୍ରଦ୍ଧାଞ୍ଜଳି

**ବରଗଡ଼,୪।୧୦(ପ୍ରେମାନନ୍ଦ ଖମାରୀ)**


ସଙ୍ଗୀତ ନିର୍ଦ୍ଦେଶକ ଓ କଣ୍ଠଶିଳ୍ପୀଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ସଭା।

ବରଗଡ଼ ଅଗ୍ରଗାମୀ ଯୁବକ ସଂଘ ପରିସରରେ ଶନିବାର ବିଶିଷ୍ଟ ସଙ୍ଗୀତ ନିର୍ଦ୍ଦେଶକ ଓ କଣ୍ଠଶିଳ୍ପୀ ପଦ୍ମଲୋଚନ ଦାଶଙ୍କ ଅକାଳ ବିୟୋଗରେ ପଶ୍ଚିମ ଓଡ଼ିଶା କଳାକାର ମହାସଂଘ ପକ୍ଷରୁ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସର୍ବଭାରତୀୟ କଳା, ସଂସ୍କୃତି ଫେଡେରେଶନର ସଭାପତି ଚୈତନ୍ୟ ପାଇକ, ମିଳିତ କଳାକାର ମଞ୍ଚର ସମ୍ପାଦକ ଡ.ଡୋଲାମଣି ଶତପଥୀ, ପଶ୍ଚିମ ଓଡ଼ିଶା କଳାକାର ମହାସଂଘର ସମ୍ପାଦକ ଗୋପବନ୍ଧୁ ପୁରୋହିତ, ଜିଲା ସଙ୍କୀର୍ତ୍ତନ ପରିଷଦର ସଭାପତି ପ୍ରମୋଦ ଦାଶ, ବିଶିଷ୍ଟ କଣ୍ଠଶିଳ୍ପୀ ଏମ୍‌ଡି. ତଫିକ ଖାନ୍, ବିଶିଷ୍ଟ ଚିତ୍ରଶିଳ୍ପୀ ରାଧେଶ୍ୟାମ ଭେସ୍ରା, ସର୍ବଭାରତୀୟ କଳା, ସଂସ୍କୃତି ପୁରସ୍କାରପ୍ରାପ୍ତ ନୃତ୍ୟ ନିର୍ଦ୍ଦେଶକ ରାଜେଶ ବାରିକ ପ୍ରମୁଖ ଉପସ୍ଥିତ ରହି ପଦ୍ମଲୋଚନ ଦାଶଙ୍କ ବହୁମୁଖୀ ପ୍ରତିଭାର ସ୍ମୃତିଚାରଣ କରିଥିଲେ। କଣ୍ଠଶିଳ୍ପୀ ଦାଶଙ୍କ ଅକାଳ ବିୟୋଗ ବରଗଡ଼ କଳା ଜଗତ ପାଇଁ ଅପୂରଣୀୟ କ୍ଷତି ବୋଲି ଶ୍ରଦ୍ଧାଞ୍ଜଳି ସଭାରେ ସମସ୍ତେ ମତବ୍ୟକ୍ତ କରିଥିଲେ।

# ପଦ୍ମପୁରରେ ହେବ କେନ୍ଦ୍ରୀୟ ବିଦ୍ୟାଳୟ

**ପଦ୍ମପୁର, ୪।୧୦(ପ୍ରଦୀପ୍ତ ଦାଶ)**



ଖବରଦାତା ସମ୍ମିଳନୀରେ ଏମ୍‌ପି ପ୍ରଦୀପ ପୁରୋହିତ ସୂଚନା ଦେଉଛନ୍ତି।

- ବରଗଡ଼ ଏମ୍‌ପିଙ୍କ ଖବରଦାତା ସମ୍ମିଳନୀ
- ୨୦୨୯ ସୁଦ୍ଧା ପଦ୍ମପୁର ଅଞ୍ଚଳକୁ ଗଡ଼ିବ ରେଳ

ପଦ୍ମପୁର ଟାଉନ ହଲ୍‌ଠାରେ ଭାଜପାର ପୂର୍ବତନ ରାଜ୍ୟ ଯୁବମୋର୍ଚ୍ଚା ସମ୍ପାଦକ ପ୍ରିତେଶ ବହିଦାରଙ୍କ ନେତୃତ୍ୱରେ ଭାଜପା ବିଧାୟକ ପ୍ରାର୍ଥୀ ଗୋବର୍ଦ୍ଧନ ଭୁଏଙ୍କ ଉପସ୍ଥିତିରେ ଶନିବାର ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏଥିରେ ବରଗଡ଼ ଏମ୍‌ପି ପ୍ରଦୀପ ପୁରୋହିତ ଯୋଗ ଦେଇ ଖବରଦାତାଙ୍କୁ କହିଥିଲେ ଯେ, ଆସନ୍ତା ଶିକ୍ଷାବର୍ଷରୁ ପଦ୍ମପୁରରେ କେନ୍ଦ୍ରୀୟ ବିଦ୍ୟାଳୟ ଆରମ୍ଭ ହୋଇ ରାଜବୋଡ଼ାସମ୍ବର ହାଇସ୍କୁଲଠାରେ ଅସ୍ଥାୟୀ ଭାବରେ ଶିକ୍ଷା ଆରମ୍ଭ ହେବାକୁ ଯାଉଛି। ଏଥିପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଓଡ଼ିଶା ମୁଖ୍ୟମନ୍ତ୍ରୀ ଓ ଅନ୍ୟ ମନ୍ତ୍ରୀମାନଙ୍କୁ ଧନ୍ୟବାଦ ଜଣାଉଛି ବୋଲି ସେ କହିବା ସହ ଦୀର୍ଘ ଦଶନ୍ଧିରୁ ଊର୍ଦ୍ଧ୍ୱ ଦିନର ଦାବି ହେଉଥିବା ବରଗଡ଼, ନୂଆପଡ଼ା ଭାୟା ପଦ୍ମପୁର ରେଳ ଲାଇନ କାର୍ଯ୍ୟ ଉପରେ ସୂଚନା ପ୍ରଦାନ କରିଥିଲେ। ୧୩୮ କିଲୋମିଟର ଏହି ଲାଇନ ପାଇଁ ଜମି ଅଧିଗ୍ରହଣ କାର୍ଯ୍ୟ ଆରମ୍ଭ ହୋଇ ୨୮୪୬ କୋଟି ଟଙ୍କା ମଞ୍ଜୁର କରାଯାଇଛି। ଆସନ୍ତା ୨୦୨୯ ସୁଦ୍ଧା ପଦ୍ମପୁର ଅଞ୍ଚଳକୁ ରେଳ ଗଡ଼ିବା ପାଇଁ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଅନୁରୋଧ କରିଛି ବୋଲି ଏମ୍‌ପି ପୁରୋହିତ ସୂଚନା ଦେଇଛନ୍ତି। ଖବରଦାତା ସମ୍ମିଳନୀରେ ବରିଷ୍ଠ ନେତା ପ୍ରିତମ ମେହେର, କୁନାଲ ପାଣିଗ୍ରାହୀ, ଚିନ୍ମୟ ପଣ୍ଡା, ସୁନୀଲ ଅଗ୍ରୱାଲ, ପ୍ରମୋଦ ମେହେର, ଅଶୋକ ମିଶ୍ର, ହରିହର ପଟ୍ଟନାୟକ, ସୁବାସ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ୧୩୦ ବୋତଲ କୋଲ୍ଡ୍ରିଫ କଫ୍ ସିରପ ଜବତ

ବରଗଡ଼,୪।୧୦(ପ୍ରେମାନନ୍ଦ ଖମାରୀ)

ମଧ୍ୟପ୍ରଦେଶର ଛିନ୍ଦୱାଡାରେ କଫ୍ ସିରପ ଖାଇ ୯ ଜଣ ଶିଶୁଙ୍କ ମୃତ୍ୟୁ ଘଟଣା ସାରାଦେଶରେ ହଇଚଇ ସୃଷ୍ଟି କରିଛି। ଏହି ଘଟଣା ପରେ ଓଡ଼ିଶା ସରକାର ମଧ୍ୟ ଆକ୍ସନ ମୋଡରେ ରହିଛି। ରାଜ୍ୟର ଏହି ଔଷଧ ବିକ୍ରିକୁ ସରକାର ନିଷେଧ କରିଛନ୍ତି। ବରଗଡ଼ ଜିଲାକୁ ମଧ୍ୟ ଏହି ଔଷଧ ଆସିଥିବା ଜଣାପଡ଼ିବା ପରେ ସ୍ଥାନୀୟ ଡ୍ରଗ୍ସ ବିଭାଗ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିଛି। ଶନିବାର ବରଗଡ଼ ସହରର ଏକ ମେଡ଼ିକାଲ ଷ୍ଟୋରରୁ ୧୩୦ ବୋତଲ କୋଲ୍ଡ୍ରିଫ କଫ୍ ସିରପ ଜବତ ହୋଇଛି ବୋଲି ଡ୍ରଗ୍ସ ଇନ୍ସପେକ୍ଟର ଦିପକ କୁମାର ସିଂ କହିଛନ୍ତି। ସେହିପରି ବରଗଡ଼ ଜିଲାରେ ସେଭଳି ଘଟଣା ଘଟିବାର ଆଶଙ୍କା ନାହିଁ, ଏଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ରଖାଯାଇଛି ବୋଲି ସିଂ ସୂଚନା ଦେଇଛନ୍ତି।

### ରାସ୍ତାରେ ଓଲଟିଲା ପାଇପ ବୋଝେଇ ଟ୍ରକ୍

ବରଗଡ଼,୪।୧୦(ପ୍ରେମାନନ୍ଦ ଖମାରୀ): ବରଗଡ଼-ସୋହେଲା ରାସ୍ତାର କେନ୍ଦପାଲି ନିକଟରେ ଶନିବାର ଏକ ପାଇପ ବୋଝେଇ ଟ୍ରକ୍(ନମ୍ବର -ସିଜି୦୪ଏନଟି ୧୦୭୫) ଓଲଟି ପଡ଼ିଥିଲା। ଝାରସୁଗୁଡାରୁ ରାୟପୁର ପଟକୁ ଯାଉଥିବା ସମୟରେ ଏହି ଟ୍ରକ ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା। ଏଥିରେ କେହି ମୃତାହତ ହୋଇ ନ ଥିବାବେଳେ ଦୁର୍ଘଟଣାଗ୍ରସ୍ତ ଟ୍ରକ୍ ସହିତ ପାଇପଗୁଡ଼ିକ ରାସ୍ତା ଉପରେ ବିଛାଇ ପଡ଼ିଥିବା ଯୋଗୁ ରାସ୍ତା ଉପରେ କିଛି ସମୟ ଧରି ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। ପରେ ପୋଲିସ ପହଞ୍ଚି ଥିଲା ଏବଂ ରାସ୍ତା ଉପରୁ ପାଇପ ଏବଂ ଦୁର୍ଘଟଣାଗ୍ରସ୍ତ ଗାଡ଼ି ଉଠାଯିବା ପରେ ଯାତାୟାତ ସ୍ୱାଭାବିକ ହୋଇଥିଲା।

### ଶିବିରରେ ୩୯ ୟୁନିଟ୍ ରକ୍ତ ସଂଗ୍ରହ

ଅତାବିରା, ୪।୧୦(ଯୁଧିଷ୍ଠିର ମହାପାତ୍ର)

ପ୍ରତିବର୍ଷ ପରି ଚଳିତବର୍ଷ ଅତାବିରା ବ୍ଲକ ଦେବାହାଲସ୍ଥିତ ଜୟକିଷାନ ପାଠାଗାର ପକ୍ଷରୁ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଶନିବାର ଆୟୋଜିତ ହୋଇଥିଲା। ଏହି ଶିବିରରେ ମୋଟ ୩୯ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। ବୁର୍ଲା ଭୀମସାର ରକ୍ତବ୍ୟାଙ୍କ ଦ୍ୱାରା ରକ୍ତ ସଂଗୃହୀତ ହୋଇଥିଲା। ବିଶିଷ୍ଟ ସମାଜସେବୀ ସୁଶୀଲ ଦାଶଙ୍କ ଦ୍ୱାରା ଶିବିର ଉଦ୍‌ଘାଟନ ପରେ ବୁର୍ଲା ରକ୍ତବ୍ୟାଙ୍କର ଡାକ୍ତର ଭବେଶ ଶେଖର ସାହୁ ଉପସ୍ଥିତ ଜନସାଧାରଣଙ୍କୁ ରକ୍ତଦାନର ଆବଶ୍ୟକତା ଓ ଉପକାରିତା ବିଷୟରେ ଅବଗତ କରାଇଥିଲେ। ରକ୍ତଦାନ ଶିବିର ସହିତ ଏକ ଆଲୋଚନା ସଭା ମଧ୍ୟ ଅନୁଷ୍ଠିତ ହୋଇଥିଲା, ଯାହାର ବିଷୟବସ୍ତୁ ଥିଲା 'ଯୁବ ସମାଜର କର୍ତ୍ତବ୍ୟ'। ପାଠାଗାରର ସଭାପତି କାଶୀଶ୍ୱର ବେହେରାଙ୍କ ସଭାପତିତ୍ୱରେ ଓ ସହ ସମ୍ପାଦକ ବିନୟ ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ଆଲୋଚନା ଚକ୍ରରେ ଅଜମେରସ୍ଥିତ ଏନ୍‌ସିଆର୍‌ଟି ପରିଚାଳିତ ଆଞ୍ଚଳିକ ଶିକ୍ଷା ସଂସ୍ଥାନର ଇତିହାସ ବିଭାଗ ପ୍ରଫେସର ପ୍ରୀତିଶ ଆଚାର୍ଯ୍ୟ ମୁଖ୍ୟବକ୍ତା ଭାବରେ ଯୋଗଦେଇ କହିଥିଲେ, ଯୁବ ସମାଜ ନିଜ କାର୍ଯ୍ୟରେ ନିଷ୍ଠାବାନ ହେଲେ ସମାଜରେ ପରିବର୍ତ୍ତନ ଆସିପାରିବ। ଅନ୍ୟତମ ବକ୍ତା ବରଗଡ଼ ପଞ୍ଚାୟତ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ପତିତପାବନ ସାହୁ ଯୁବପିଢ଼ିଙ୍କୁ ସାମାଜିକ ଗଣମାଧ୍ୟମର କୁପ୍ରଭାବରୁ ଦୂରେଇ ରହିବାକୁ ପରାମର୍ଶ ଦେବା ସହିତ ସେମାନଙ୍କ କାର୍ଯ୍ୟକଳାପକୁ ଆତ୍ମଚିନ୍ତନ କରିବା ଜରୁରୀ ବୋଲି କହିଥିଲେ। ସାହିତ୍ୟିକ ତଥା ଇଂରାଜୀ ପ୍ରାଧ୍ୟାପକ ମାନଭଞ୍ଜନ ପାଣିଗ୍ରାହୀ ଯୁବସମାଜ ନିଜକୁ କୁସଂସ୍କାରରୁ ଦୂରେଇ ରହି ପରିମାର୍ଜିତ ହେବାପାଇଁ ଉପଦେଶ ଦେଇଥିଲେ।

# ଭାଷା, ସଂସ୍କୃତିର ପ୍ରଚାରରେ 'ତିହାର'ର ଅବଦାନ ଅନସ୍ୱୀକାର୍ଯ୍ୟ

ଅତାବିରା,୪।୧୦(ଯୁଧିଷ୍ଠିର ମହାପାତ୍ର)




ତିହାର ଲୋକମହୋତ୍ସବରେ ନୃତ୍ୟ ପରିବେଷଣ କରାଯାଉଛି।

**ତିହାର ଲୋକ ମହୋତ୍ସବ ଉଦ୍‌ଯାପିତ**

'ତିହାର' ଲୋକ ମହୋତ୍ସବ ଏକ ଉତ୍ସବ ନୁହେଁ, ଆମ ଭାଷା ଓ ସଂସ୍କୃତିର ପ୍ରଚାର ପ୍ରସାରରେ ଏହାର ଅବଦାନ ଅନସ୍ୱୀକାର୍ଯ୍ୟ ବୋଲି ଅତାବିରାର ୧୫ତମ ତିହାର ଲୋକ ମହୋତ୍ସବର ଉଦ୍‌ଯାପନୀ ଉତ୍ସବରେ ଅତିଥିମାନେ କହିଛନ୍ତି। ମହୋତ୍ସବ ସମିତିର ସଭାପତି ନୀହାର ରଞ୍ଜନ ମହାନନ୍ଦଙ୍କ ସଭାପତିତ୍ୱ ଓ ସଂଯୋଜକ ରବି ପଣ୍ଡାଙ୍କ ସଂଯୋଜନାରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବରେ ବରଗଡ଼ ଧନୁଯାତ୍ରା ମହୋତ୍ସବ ସମିତିର ସମ୍ପାଦକ ସୁରେଶ୍ୱର ଶତପଥୀ, ସମ୍ମାନିତ ଅତିଥି ଭାବରେ ଶିକ୍ଷାବିତ ଡ.ଘନଶ୍ୟାମ ପାଣିଗ୍ରାହୀ ଯୋଗଦେଇଥିଲେ।

ଶୁକ୍ରବାର ଏହି ମହୋତ୍ସବର ଉଦ୍‌ଯାପନୀ ସନ୍ଧ୍ୟା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମରେ ଢୋଲ ମହୁରୀ ସାଂସ୍କୃତିକ ଅନୁଷ୍ଠାନ ନୂଆପଡ଼ା, ମୃଣ୍ମୟୀ କଲଚରାଲ ଏକାଡେମୀ ଭବାନୀପାଟନା, ସୁରଜମୁଖୀ କଳା ପରିଷଦ, ଲସ୍ତଲା, ଗୌରଚିକ୍ରା, ଅତାବିରାର କୋଲଟମ ନୃତ୍ୟ ଦଳ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଲୋକ ମହୋତ୍ସବକୁ ଗତ ୨୯ ତାରିଖ ବରଗଡ଼ ବିଧାୟକ ଅଶ୍ୱିନୀ ଷଡ଼ଙ୍ଗୀ ଉଦ୍‌ଘାଟନ କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମରେ ନଟରାଜ କଳା ପରିଷଦ, କଟକ, ଟ୍ରାଇବାଲ ଆଣ୍ଡ ଫୋକ ଆର୍ଟ ସେଣ୍ଟର, ସମ୍ବଲପୁର, ଉତ୍ତରସାହି ନିଚୁଆପଦା ଛଉ ନୃତ୍ୟ କଳା ପରିଷଦ, ମୟୂରଭଞ୍ଜ, ତିହାର କଳା ପରିଷଦ, ଅତାବିରା, କୋଲଟମ ନୃତ୍ୟ ଦଳ, ନୂଆଖଇରପାଲି, ଅତାବିରାର ସାଂସ୍କୃତିକ ଦଳ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

ଦ୍ୱିତୀୟ ଦିବସରେ ଓଡ଼ିଶା ସରକାରଙ୍କ ବିଧାନସଭାରେ ମୁଖ୍ୟ ସଚେତକ ତଥା ବୌଦ୍ଧ ବିଧାୟକ ସରୋଜ କୁମାର ପ୍ରଧାନ ମୁଖ୍ୟଅତିଥି ଭାବରେ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଥିଲେ କ୍ରିଷ୍ଟା ବିକାଶ ଗ୍ରୁପ ଅଫ ଇନ୍‌ଷ୍ଟିଚ୍ୟୁଶନର ଚେୟାରମ୍ୟାନ ଡି. ମୁରଲୀ କ୍ରୀଷ୍ଟା। ଦ୍ୱିତୀୟ ସନ୍ଧ୍ୟାରେ ସାଂସ୍କୃତିକ ଅନୁଷ୍ଠାନ କଳାହାଣ୍ଡି, ସାଇ ସର୍ଣ୍ଣ କଳା ପରିଷଦ, ବଲାଙ୍ଗୀର, କୁରେଫୁଲ ସାଂସ୍କୃତିକ ଅନୁଷ୍ଠାନ, ଅତାବିରା, ଭୀମ ଭୋଇ କଳା ନିକେତନ ବୀର ମହାରାଜପୁରର କଳାକାରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

ତିହାର ଲୋକ ମହୋତ୍ସବ ଅବସରରେ ପ୍ରତି ବର୍ଷ ପରି ଚଳିତବର୍ଷ ସମ୍ବର୍ଦ୍ଧିତ ପ୍ରତିଭାମାନଙ୍କ ଭିତରେ ଅଖିଳ ଚନ୍ଦ୍ର ହୋତାଙ୍କୁ ସାମ୍ବାଦିକତା କ୍ଷେତ୍ରରେ ଅବଦାନ ପାଇଁ ସ୍ୱର୍ଗତ ଶାନ୍ତନୁ ବିଶାଳ ସ୍ମୃତି ସମ୍ମାନ, ସାହିତ୍ୟ ସୃଷ୍ଟି ପାଇଁ ଡ. ଘନଶ୍ୟାମ ପାଣିଗ୍ରାହୀଙ୍କୁ ସ୍ୱର୍ଗତ ନାରାୟଣ ପୃଷେଠ ସ୍ମୃତି ସମ୍ମାନ, ସାମାଜିକ କାର୍ଯ୍ୟ ପାଇଁ ବରଗଡ଼ ଶାନ୍ତି ତପୋବନ ଆଶ୍ରମ ମାତୃଛାୟାର ସଂସ୍ଥାପକ ଦେବଦତ୍ତ ତ୍ରିପାଠୀଙ୍କୁ ସ୍ୱର୍ଗତ ବସନ୍ତ କୁମାରୀ ପଣ୍ଡା ସ୍ମୃତି ସମ୍ମାନ, ଲୋକ ସଂଗୀତ ପାଇଁ ଜୟନ୍ତୀ ଦୀପଙ୍କୁ ମିତ୍ରଭାନୁ ବିଶାଳ ସ୍ମୃତି ସମ୍ମାନ, ନାଟକ କ୍ଷେତ୍ରରେ ଅବଦାନ ପାଇଁ ଦିଲୀପ ବେହେରାଙ୍କୁ ସ୍ୱର୍ଗତ ରାଜେନ୍ଦ୍ର ସାହୁ ସ୍ମୃତି ସମ୍ମାନରେ ପୁରସ୍କୃତ କରାଯାଇଥିଲା, ଅତାବିରା ବ୍ଲକର ମାଟ୍ରିକ ଟପ୍ପର ଅଦ୍ୟାଶା ବାରିକଙ୍କୁ ସ୍ୱର୍ଗତ ରାମ ଲକ୍ଷ୍ମଣ ଦାଶ ସ୍ମୃତି ସମ୍ମାନ ସହ ଗାନ୍ଧୀ ସ୍ମୃତି ପାଠାଗାର, ବରଗଡ଼ ପ୍ରଦତ୍ତ ନଗଦ ୫୦୦୦ ଟଙ୍କା ପୁରସ୍କାର ପ୍ରଦାନ କରାଯାଇଥିଲା। ସେହିପରି ସମାଜରେ ବିଭିନ୍ନ କ୍ଷେତ୍ରରେ ଅବଦାନ ପାଇଁ ସମ୍ମାନିତ ହୋଇଥିବା ଅନ୍ୟ ସ୍ଥାନୀୟ ବ୍ୟକ୍ତି ବିଶେଷ ହେଉଛନ୍ତି ଅତାବିରା ଦୁର୍ଗା ମନ୍ଦିରର ନିର୍ମାଣ ତିନିଜଣ ପ୍ରମୁଖ ବିନ୍ଧାଣି ଡ. ରାମ କୈଳାଶ ଅଗ୍ରୱାଲ, କୈଳାଶ ଅଗ୍ରୱାଲ ଓ ଯାଦବ ପ୍ରଧାନ। ଜ୍ୟୋତିଷ ଶାସ୍ତ୍ର ପାଇଁ ଭେଡେନ ବ୍ଲକ କାଣ୍ଡପାଲି ଗ୍ରାମର ବରିଷ୍ଠ ଜ୍ୟୋତିର୍ବିଦ୍ ପ୍ରଭାକର ତ୍ରିପାଠୀ, ଲୋକକଳା ପାଇଁ କରମସାନି ଗାୟକ କିଶୋର ଚନ୍ଦ୍ର ଭୁଏ, ପଞ୍ଚ ବାଦ୍ୟ ଢୁଲିଆ କଷ୍ଟ ଶିକା, ପଞ୍ଚ ବାଦ୍ୟ ମୁହୁରିଆ ଗୋବର୍ଦ୍ଧନ ମହାନନ୍ଦ, ସମ୍ବଲପୁରୀ ସାହିତ୍ୟ ପାଇଁ କବି ଲକ୍ଷ୍ମଣ ସୁନା, ପର୍ବତାରୋହି ଆଶୀର୍ବାଦ ମହାପାତ୍ର, ଜାତୀୟ ପ୍ରତିଯୋଗିତାରେ ପଦକ ବିଜେତା କିକ ବକ୍ସର ମିଳନ ଭୋଇ, ବାଲୁକା ଶିଳ୍ପୀ କିରଣ ପ୍ରଧାନ, କୋଭିଡ ସମୟରେ ସାମାଜିକ କାର୍ଯ୍ୟ ପାଇଁ ଷ୍ଟାଫ ନର୍ସ ସୁପ୍ରଭା ପାଢ଼ୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ଫ୍ଲାଏଆଶ୍ ଚାଲାଣ, ବେଆଇନ ଡମ୍ପିଂ ବିରୋଧରେ ଆନ୍ଦୋଳନ ଚେତାବନୀ

ସୁନ୍ଦରଗଡ଼, ୪।୧୦(ଜୟନାରାୟଣ ମେଣ୍ଡୁଲି)

ସୁନ୍ଦରଗଡ଼ ସଦର ଉପଖଣ୍ଡ ଅଞ୍ଚଳର ବିଭିନ୍ନ ସ୍ଥାନରେ ଫ୍ଲାଏଆଶ୍ ଚାଲାଣ ଓ ବେଆଇନ ଡମ୍ପିଂକୁ ବିରୋଧ କରି ଜିଲା ଭାଜପା ପକ୍ଷରୁ ଆନ୍ଦୋଳନ ଚେତାବନୀ ଦିଆଯାଇଛି। ଏନେଇ ରବିବାରଠାରୁ ଏନ୍‌ଟିପିସି ଦର୍ଲିପାଲି ସମ୍ମୁଖରେ ଭାଜପା ପକ୍ଷରୁ ଧାରଣା ଦିଆଯିବ ବୋଲି ଜିଲା ଭାଜପା ସଭାପତି ଗିରିଶ ଚନ୍ଦ୍ର ସାହୁ ଶନିବାର ସନ୍ଧ୍ୟାରେ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ସେ କହିଛନ୍ତି, ଫ୍ଲାଏଆଶ ଚାଲାଣକାରୀମାନେ ବିଭିନ୍ନ ସ୍ଥାନରେ ଜମି, ରାସ୍ତା, ଘାଟ, ନଦୀ, ନାଳ ଏପରିକି ଚାଷ ଜମିରେ ଫ୍ଲାଏଆଶ ପକାଇ ପୋତି ପକାଉଛନ୍ତି। ଫଳରେ ପରିବେଶ ଉପରେ ପ୍ରତିକୂଳ ପ୍ରଭାବ ପକାଇବା ସହିତ ପ୍ରଦୂଷଣ ମାତ୍ରା ବୃଦ୍ଧି ପାଉଛି। ଏ ନେଇ ଗତ ୨୨ତାରିଖରେ ଜିଲା ଭାଜପା ପକ୍ଷରୁ କାର୍ଯ୍ୟାନୁଷ୍ଠାନ ପାଇଁ ଜିଲା ପ୍ରଶାସନ ନିକଟରେ ଦାବି କରାଯାଇଥିଲା। ହେଲେ ଏ ପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ନ ହେବାରୁ ଜନସାଧାରଣଙ୍କ ସ୍ୱାର୍ଥ ଦୃଷ୍ଟିରୁ ଭାଜପା ପରିଶେଷରେ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବାକୁ ବାଧ୍ୟ ହେଉଥିବା ଭାଜପା ଜିଲା ସଭାପତି ସାହୁ କହିଛନ୍ତି।




ଆଦିବାସୀ କଂଗ୍ରେସ ରାଜ୍ୟ ଉପାଧ୍ୟକ୍ଷ ରାଜେଶ କେରକେଟା।

## ଜାତି ପାଞ୍ଚଶହ ଘର ଭୂୟାଁ ସମାଜ ପକ୍ଷରୁ ଶାରଦୀୟ ବନ୍ଧୁ ମିଳନ

ସୁନ୍ଦରଗଡ଼,୪।୧୦(ଜୟନାରାୟଣ ମେଣ୍ଡୁଲି)

ଜାତି ପାଞ୍ଚଶହ ଘର ଭୂୟାଁ ସମାଜ ପକ୍ଷରୁ ଶାରଦୀୟ ବନ୍ଧୁ ମିଳନ କାର୍ଯ୍ୟକ୍ରମ ଗୁରୁବାର ସୁନ୍ଦରଗଡ଼ ବିକାଶ ସଂଘ ଭବନ ଠାରେ ଅନୁଷ୍ଠିତ ହୋଇଯାଇଛି। ଠଣ ସୁନ୍ଦର ଚୌଧୁରୀଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ସମାରୋହରେ ପ୍ରାରମ୍ଭରେ ଶ୍ରୀଶ୍ରୀ ଶିବ ଶଙ୍କର ବାବାଙ୍କ ପୂଜାର୍ଚ୍ଚନା କରାଯାଇଥିଲା। ପରେ ଗାନ୍ଧୀ ଓ ଶାସ୍ତ୍ରୀଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯାଇ ଶ୍ରଦ୍ଧା ସୁମନ ଅର୍ପଣ କରାଯାଇଥିଲା। ଏହି ସମାରୋହରେ ଓଡ଼ିଶା ବିଧାନସଭାର ଉପବାଚସ୍ପତି ଭବାନୀ ଶଙ୍କର ଭୋଇ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଭୂୟାଁ ସମାଜର ମୁଖ୍ୟ ଉପଦେଷ୍ଟା ଭୀଷ୍ମ ଦେବ କାଲୋ ମୁଖ୍ୟବକ୍ତା,କେନ୍ଦ୍ରୀୟ କମିଟି ସଭାପତି ତଥା ଜିଲା ପରିଷଦ ସଭ୍ୟ ଅମୀୟ ପ୍ରଧାନ ସମ୍ମାନିତ ଅତିଥି, କଂଗ୍ରେସ ନେତ୍ରୀ ସୁନୀତା ବିଶ୍ୱାଳ, ଅମିତା ବିଶ୍ୱାଳ, କେନ୍ଦ୍ରୀୟ କମିଟି ଉପସଭାପତି ସୁଧାରାଣୀ ରାଉତିଆ, ସାଧାରଣ ସମ୍ପାଦକ କୌଶିକ ବୁଡ଼ା, ଉପସଭାପତି ଜଗବନ୍ଧୁ ଭୋଇ, ସମ୍ପାଦକ ପ୍ରଦୀପ କାଲୋ ପ୍ରମୁଖ ଯୋଗ ଦେଇ ଭୂୟାଁ ସମାଜର ଐତିହ୍ୟ ଓ ପରମ୍ପରା ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଜାତିର ସାମାଜିକ, ଅର୍ଥନୈତିକ ଓ ଶୈକ୍ଷିକ ଉନ୍ନତି ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ କୃତୀତ୍ୱ ଅର୍ଜନ କରିଥିବା ଭୂୟାଁ ସମାଜର ୫ ଭାଇଭଉଣୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କୃତୀ ଛାତ୍ରୀଛାତ୍ର ଓ ନୂତନ ଭାବରେ ସରକାରୀ ଚାକିରୀରେ ଯୋଗଦାନ କରିଥିବା ୧୫ଜଣଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିରଞ୍ଚି ବିଶ୍ୱାଳ ଅତିଥି ପରିଚୟ ଓ କୌଶିକ ବୁଡ଼ା ଧନ୍ୟବାଦ ଅର୍ପଣ କରିଥିଲେ।

## ଲଟାମରାରେ ପ୍ରଭାବିତ ଫସଲ ଦେଖିଲେ ପୂର୍ବତନ ବିଧାୟକ

ବରଗଡ଼,୪।୧୦(ପ୍ରେମାନନ୍ଦ ଖମାରୀ)

ବରଗଡ଼ ସଦର ବ୍ଲକ ଅନ୍ତର୍ଗତ ଜମୁର୍ଡ଼ା ଗ୍ରାମରେ ଚାଷୀଙ୍କ କୋବି ଓ ଧାନ ଫସଲରେ କୌଣସି ଦୁର୍ବୃତ୍ତ ଲଟାମରା ସିଞ୍ଚନ କରିବାରୁ ତାହା ଜଳି ନଷ୍ଟ ହୋଇଯାଇଛି। ଏହି ଘଟଣା ସାରା ଜିଲାରେ ଆଲୋଡ଼ନ ଖେଳାଇ ଦେଇଛି। ଖବର ପାଇବା ପରେ ଶନିବାର ପୂର୍ବତନ ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ପ୍ରଭାବିତ ଅଞ୍ଚଳ ବୁଲି ଫସଲ ଦେଖିଥିଲେ। ଏହା ସହିତ କ୍ଷତିଗ୍ରସ୍ତ ଚାଷୀଙ୍କୁ ସେ ଭେଟିଥିଲେ। କୋବି ଓ ଧାନ ଫସଲରେ ଲଟାମରା ଔଷଧ ସିଞ୍ଚନ କରିଥିବା ଦୋଷୀ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଆଚାର୍ଯ୍ୟ ଦାବି କରିଛନ୍ତି। ଏହା ସହିତ ସରକାର ତୁରନ୍ତ କ୍ଷତିଗ୍ରସ୍ତ ଚାଷୀଙ୍କୁ କ୍ଷତିପୂରଣ ପ୍ରଦାନ କରିବାକୁ ଦାବି କରିଛନ୍ତି। ସେହିପରି ଧାନ ଫସଲ ଭଳି ପନିପରିବା ଚାଷକୁ ମଧ୍ୟ ବୀମାଭୁକ୍ତ କରାଯାଉ ବୋଲି ପୂର୍ବତନ ଆଚାର୍ଯ୍ୟ ସରକାରଙ୍କଠାରେ ଦାବି କରିଛନ୍ତି। ପରିଦର୍ଶନ ସମୟରେ ସ୍ଥାନୀୟ ସରପଞ୍ଚ ପଦ୍ମଲୋଚନ ସାହୁ ମଧ୍ୟ ଉପସ୍ଥିତ ଥିଲେ। ପ୍ରକାଶ ଯେ, କୌଣସି ଦୁର୍ବୃତ୍ତ ଲଟାମରା ଔଷଧ ସିଞ୍ଚନ କରିବାରୁ ଜମୁର୍ଡ଼ା ଗ୍ରାମର ଚାଷୀ ପ୍ରେମା ଭୁଏ, ନାରାୟଣ ଭୋଇ ଓ ମିଥୁନ କରନଙ୍କ ସମେତ ବିଭିନ୍ନ ଚାଷୀଙ୍କ ଫସଲ ନଷ୍ଟ ହୋଇଯାଇଛି। ଏ ନେଇ ସେମାନେ ଥାନାରେ ଏତଲା ଦେବା ପରେ ପୋଲିସ ତନାଘନା ଚଳାଇଛି।

## ପ୍ରଦେଶ ଆଦିବାସୀ କଂଗ୍ରେସ ଉପାଧ୍ୟକ୍ଷ ହେଲେ ରାଜେଶ

କୁଆଁରମୁଣ୍ଡା, ୪।୧୦(ମହେନ୍ଦ୍ର କୁମାର ସାହୁ)



ଆଦିବାସୀ କଂଗ୍ରେସ ରାଜ୍ୟ ଉପାଧ୍ୟକ୍ଷ ରାଜେଶ କେରକେଟା।

ଅଖିଳ ଭାରତ ଆଦିବାସୀ କଂଗ୍ରେସ କମିଟି ଅଧ୍ୟକ୍ଷ ତଥା ବିଧାୟକ ଡ. ବିକ୍ରାନ୍ତ ଭୁରିଆ ନିକଟରେ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର ଆଦିବାସୀ କଂଗ୍ରେସ କମିଟି ରାଜ୍ୟ ପଦାଧିକାରୀମାନଙ୍କ ନାମ ଘୋଷଣା କରିଛନ୍ତି। ଏହି କ୍ରମରେ ସୁନ୍ଦରଗଡ ଜିଲାର ଟାଣୁଆ ଯୁବ ନେତା ରାଜେଶ କେରକେଟାଙ୍କୁ ଆଦିବାସୀ କଂଗ୍ରେସ କମିଟିର ରାଜ୍ୟ ଉପାଧ୍ୟକ୍ଷ ଘୋଷଣା କରାଯାଇଛି। ଏହି ଖବର ପ୍ରଚାରିତ ହେବା ପରେ ରାଜେଶଙ୍କ ନିଜ ନିର୍ବାଚନମଣ୍ଡଳୀ ବୀରମିତ୍ରପୁର ସମେତ କୁଆଁରମୁଣ୍ଡା, ନୂଆଗାଁ, ବିଶ୍ରା ସମେତ ସମଗ୍ର ସୁନ୍ଦରଗଡ଼ ଜିଲାରେ ଥିବା କଂଗ୍ରେସ ସମର୍ଥକମାନଙ୍କ ମଧ୍ୟରେ ଉତ୍ସାହ ବୃଦ୍ଧି ପାଇଛି। ରାଜ୍ୟ ଉପାଧ୍ୟକ୍ଷ ପଦ ମିଳିବା ପରେ ସମଗ୍ର ଜିଲାରେ କଂଗ୍ରେସ ସଙ୍ଗଠନକୁ ଅଧିକ ମଜଭୁତ, ସକ୍ରିୟ କରିବା ପାଇଁ ଆପ୍ରାଣ ଉଦ୍ୟମ ଜାରି ରଖିବି ବୋଲି ରାଜେଶ ନିଜ ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି। ତାଙ୍କୁ ଏହି ପଦବୀ ମିଳିଥିବାରୁ ସେ ଅଖିଳ ଭାରତ ଆଦିବାସୀ କଂଗ୍ରେସ କମିଟି ଅଧ୍ୟକ୍ଷ ଡ ବିକ୍ରାନ୍ତ ଭୁରିଆ,ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସ ଓ ଅନ୍ୟ ବରିଷ୍ଠ କଂଗ୍ରେସ ନେତୃବୃନ୍ଦଙ୍କୁ ସାଧୁବାଦ ଜଣାଇଛନ୍ତି।

## ଚୋରି ବ୍ୟାଟେରି, ଇନ୍‌ଭର୍ଟର ଜବତ: ୩ ଗିରଫ



ଗିରଫ ହୋଇଥିବା ୩ ଅଭିଯୁକ୍ତ।

ସୁନ୍ଦରଗଡ଼, ୪।୧୦(ଜୟନାରାୟଣ ମେଣ୍ଡୁଲି)

ସୁନ୍ଦରଗଡ଼ ଜିଲା ଧରୁଆଡିହି ଥାନା ଅନ୍ତର୍ଗତ କର୍ଲା ହାଇସ୍କୁଲରୁ ଗତ ୨ତାରିଖ ବିଳମ୍ବିତ ରାତିରେ ଚୋରି ହୋଇଥିବା ୪ଟି ବ୍ୟାଟେରୀ ଓ ଇନ୍‌ଭର୍ଟର ପୋଲିସ ଶନିବାର ଉଦ୍ଧାର କରିଛି। ଏହି ଚୋରି ଘଟଣାରେ ପୋଲିସ ୩ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନଙ୍କ ନିକଟରୁ ଚୋରି ସାମଗ୍ରୀ ଜବତ କରାଯାଇଛି। ଗିରଫ ୩ ଅଭିଯୁକ୍ତ ହେଲେ ଅନମୋଲ ମୁଣ୍ଡୁ, ପ୍ରଶାନ୍ତ ସେହୁଲ, ଆବ୍ରାହାମ ସାମାଦ। ଏମାନଙ୍କ ବିରୋଧରେ ପୋଲିସ ଧରୁଆଡିହି ଥାନାରେ ଏକ ମାମଲା (ନଂ. ୧୯୨/୨୦୨୫) ରୁଜୁ କରିଛି।

## ମାଦ୍ରିକାଲୋଙ୍କ ଜନ୍ମମାଟି କୁରେଇବଗାକୁ ଐତିହ୍ୟ ଗ୍ରାମ ଘୋଷଣା ଦାବି

ବଡ଼ଗାଁ, ୪।୧୦(ଅଶୋକ ଷଡ଼ଙ୍ଗୀ)



ସଭାରେ ଉପସ୍ଥିତ ଅତିଥି।

ସୁନ୍ଦରଗଡ଼ ଜିଲା ବଡ଼ଗାଁ ନିକଟ କୁରେଇବଗା ଗ୍ରାମକୁ ବିପ୍ଳବୀ ମାଦ୍ରି କାଲୋଙ୍କ ବରପୁତ୍ର ଐତିହ୍ୟ ଗ୍ରାମ ଘୋଷଣା ଦାବି କରିଛି ଅଖଣ୍ଡ ଭୂୟାଁ ସମାଜ। ଏ ନେଇ ଶୁକ୍ରବାର କୁରେଇବଗା ଗ୍ରାମରେ ବରିଷ୍ଠ ଭାଜପା ନେତା ତଥା ଅଖିଳ ଭାରତ ଭୂୟାଁ ସମାଜ ସାଂସ୍କୃତିକ ସମିତିର କର୍ମକର୍ତ୍ତା ଧ୍ରୁବ କାଲୋଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମାଦ୍ରୀ କାଲୋଙ୍କୁ ସ୍ୱାଧୀନତା ସଂଗ୍ରାମୀ ମାନ୍ୟତା ଦାବି କରାଯାଇଛି। ଏହି ସଭାରେ ଅତିଥି ଭାବେ ମେଘନାଦ ନାଏକ ବିପ୍ଳବୀ ମାଦ୍ରୀ କାଲୋ ଇଂରେଜ ବିରୋଧରେ ଲଢ଼େଇ କରିଥିବାର ଇତିହାସ ଉପରେ ଆଲୋକପାତ କରିଥିଲେ। ଏହି ସଭାରେ କୁରେଇବଗା ଗ୍ରାମର ରୁଦ୍ରେଶ୍ୱର୍ ପୃଷେଟ ଓ ମନୋଜ ପୃଷେଟ ଯୋଗଦେଇ ଦାବି ଉପସ୍ଥାପନ କରିଥିଲେ।

## ସଙ୍ଗୀତ ନିର୍ଦ୍ଦେଶକ, କଣ୍ଠଶିଳ୍ପୀଙ୍କୁ ଶ୍ରଦ୍ଧାଞ୍ଜଳି

ବରଗଡ଼,୪।୧୦(ପ୍ରେମାନନ୍ଦ ଖମାରୀ)



ସଙ୍ଗୀତ ନିର୍ଦ୍ଦେଶକ ଓ କଣ୍ଠଶିଳ୍ପୀଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ସଭା।

ବରଗଡ଼ ଅଗ୍ରଗାମୀ ଯୁବକ ସଂଘ ପରିସରରେ ଶନିବାର ବିଶିଷ୍ଟ ସଙ୍ଗୀତ ନିର୍ଦ୍ଦେଶକ ଓ କଣ୍ଠଶିଳ୍ପୀ ପଦ୍ମଲୋଚନ ଦାଶଙ୍କ ଅକାଳ ବିୟୋଗରେ ପଶ୍ଚିମ ଓଡ଼ିଶା କଳାକାର ମହାସଂଘ ପକ୍ଷରୁ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସର୍ବଭାରତୀୟ କଳା, ସଂସ୍କୃତି ଫେଡେରେଶନର ସଭାପତି ଚୈତନ୍ୟ ପାଇକ, ମିଳିତ କଳାକାର ମଞ୍ଚର ସମ୍ପାଦକ ଡ.ଡୋଲାମଣି ଶତପଥୀ, ପଶ୍ଚିମ ଓଡ଼ିଶା କଳାକାର ମହାସଂଘର ସମ୍ପାଦକ ଗୋପବନ୍ଧୁ ପୁରୋହିତ, ଜିଲା ସଙ୍କୀର୍ତ୍ତନ ପରିଷଦର ସଭାପତି ପ୍ରମୋଦ ଦାଶ, ବିଶିଷ୍ଟ କଣ୍ଠଶିଳ୍ପୀ ଏମ୍‌ଡି. ତଫିକ ଖାନ୍, ବିଶିଷ୍ଟ ଚିତ୍ରଶିଳ୍ପୀ ରାଧେଶ୍ୟାମ ଭେସ୍ରା, ସର୍ବଭାରତୀୟ କଳା, ସଂସ୍କୃତି ପୁରସ୍କାରପ୍ରାପ୍ତ ନୃତ୍ୟ ନିର୍ଦ୍ଦେଶକ ରାଜେଶ ବାରିକ ପ୍ରମୁଖ ଉପସ୍ଥିତ ରହି ପଦ୍ମଲୋଚନ ଦାଶଙ୍କ ବହୁମୁଖୀ ପ୍ରତିଭାର ସ୍ମୃତିଚାରଣ କରିଥିଲେ। କଣ୍ଠଶିଳ୍ପୀ ଦାଶଙ୍କ ଅକାଳ ବିୟୋଗ ବରଗଡ଼ କଳା ଜଗତ ପାଇଁ ଅପୂରଣୀୟ କ୍ଷତି ବୋଲି ଶ୍ରଦ୍ଧାଞ୍ଜଳି ସଭାରେ ସମସ୍ତେ ମତବ୍ୟକ୍ତ କରିଥିଲେ।

# ପଦ୍ମପୁରରେ ହେବ କେନ୍ଦ୍ରୀୟ ବିଦ୍ୟାଳୟ

ପଦ୍ମପୁର, ୪।୧୦(ପ୍ରଦୀପ୍ତ ଦାଶ)

- ବରଗଡ଼ ଏମ୍‌ପିଙ୍କ ଖବରଦାତା ସମ୍ମିଳନୀ
- ୨୦୨୯ ସୁଦ୍ଧା ପଦ୍ମପୁର ଅଞ୍ଚଳକୁ ଗଡ଼ିବା ରେଳ




ଖବରଦାତା ସମ୍ମିଳନୀରେ ଏମ୍‌ପି ପ୍ରଦୀପ ପୁରୋହିତ ସୂଚନା ଦେଉଛନ୍ତି।

ପଦ୍ମପୁର ଟାଉନ ହଲ୍‌ଠାରେ ଭାଜପାର ପୂର୍ବତନ ରାଜ୍ୟ ଯୁବମୋର୍ଚ୍ଚା ସମ୍ପାଦକ ପ୍ରିତେଶ ବହିଦାରଙ୍କ ନେତୃତ୍ୱରେ ଭାଜପା ବିଧାୟକ ପ୍ରାର୍ଥୀ ଗୋବର୍ଦ୍ଧନ ଭୁଏଙ୍କ ଉପସ୍ଥିତିରେ ଶନିବାର ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏଥିରେ ବରଗଡ଼ ଏମ୍‌ପି ପ୍ରଦୀପ ପୁରୋହିତ ଯୋଗ ଦେଇ ଖବରଦାତାଙ୍କୁ କହିଥିଲେ ଯେ, ଆସନ୍ତା ଶିକ୍ଷାବର୍ଷରୁ ପଦ୍ମପୁରରେ କେନ୍ଦ୍ରୀୟ ବିଦ୍ୟାଳୟ ଆରମ୍ଭ ହୋଇ ରାଜବୋଡ଼ାସମ୍ବର ହାଇସ୍କୁଲଠାରେ ଅସ୍ଥାୟୀ ଭାବରେ ଶିକ୍ଷା ଆରମ୍ଭ ହେବାକୁ ଯାଉଛି। ଏଥିପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଓଡ଼ିଶା ମୁଖ୍ୟମନ୍ତ୍ରୀ ଓ ଅନ୍ୟ ମନ୍ତ୍ରୀମାନଙ୍କୁ ଧନ୍ୟବାଦ ଜଣାଉଛି ବୋଲି ସେ କହିବା ସହ ଦୀର୍ଘ ଦଶନ୍ଧିରୁ ଊର୍ଦ୍ଧ୍ୱ ଦିନର ଦାବି ହେଉଥିବା ବରଗଡ଼, ନୂଆପଡ଼ା ଭାୟା ପଦ୍ମପୁର ରେଳ ଲାଇନ କାର୍ଯ୍ୟ ଉପରେ ସୂଚନା ପ୍ରଦାନ କରିଥିଲେ। ୧୩୮ କିଲୋମିଟର ଏହି ଲାଇନ ପାଇଁ ଜମି ଅଧିଗ୍ରହଣ କାର୍ଯ୍ୟ ଆରମ୍ଭ ହୋଇ ୨୮୪୬ କୋଟି ଟଙ୍କା ମଞ୍ଜୁର କରାଯାଇଛି। ଆସନ୍ତା ୨୦୨୯ ସୁଦ୍ଧା ପଦ୍ମପୁର ଅଞ୍ଚଳକୁ ରେଳ ଗଡ଼ିବା ପାଇଁ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଅନୁରୋଧ କରିଛି ବୋଲି ଏମ୍‌ପି ପୁରୋହିତ ସୂଚନା ଦେଇଛନ୍ତି। ଖବରଦାତା ସମ୍ମିଳନୀରେ ବରିଷ୍ଠ ନେତା ପ୍ରିତମ ମେହେର, କୁନାଲ ପାଣିଗ୍ରାହୀ, ଚିନ୍ମୟ ପଣ୍ଡା, ସୁନୀଲ ଅଗ୍ରୱାଲ, ପ୍ରମୋଦ ମେହେର, ଅଶୋକ ମିଶ୍ର, ହରିହର ପଟ୍ଟନାୟକ, ସୁବାସ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ସୁରକ୍ଷାକର୍ମୀଠାରୁ ଲୁଟ୍ ଉଦ୍ୟମ, ଯୁବକ ଗିରଫ

ଝାରସୁଗୁଡ଼ା,୪।୧୦(ଆଶିଷ ରଞ୍ଜନ ଦାଶ)

ସୁରକ୍ଷା କର୍ମୀଙ୍କଠାରୁ ଲୁଟ୍ ଉଦ୍ୟମ ଘଟଣାରେ ଝାରସୁଗୁଡ଼ା ସଦର ଥାନା ପୋଲିସ ଜଣେ ଯୁବକଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ସେ ହେଲେ କମଲେଶ ଭରଦ୍ୱାଜ। ସୂଚନା ଅନୁଯାୟୀ, ସୁନ୍ଦରଗଡ଼ ଜିଲା ବଡଗାଁ ଅଞ୍ଚଳର ପ୍ରତାପ ନାଏକ ବାଲାଜୀ ସଂସ୍ଥାରେ ସୁରକ୍ଷାକର୍ମୀ ଭାବେ କାମ କରୁଥିଲେ। ଶୁକ୍ରବାର ରାତିରେ ପ୍ରତାପ ସିରିଆବଗିଚା ନିକଟସ୍ଥ ନିର୍ମାଣାଧୀନ ଫ୍ଲାଏଓଭର ସୁରକ୍ଷା ଦାୟିତ୍ୱରେ ଥିବାବେଳେ କମଲେଶଙ୍କ ସହିତ ଅନ୍ୟଜଣେ ଯୁବକ ପ୍ରତାପଙ୍କୁ ଧାରୁଆ ଅସ୍ତ୍ରରେ ଆକ୍ରମଣ କରି ମୋବାଇଲ ଓ ୨୦୦୦ ଟଙ୍କା ଲୁଟ୍ କରି ଫେରାର ହେବାକୁ ଉଦ୍ୟମ କରିଥିଲେ। ପ୍ରତାପଙ୍କ ଚିତ୍କାର ଶୁଣି ଉପସ୍ଥିତ ଅନ୍ୟ କେତେଜଣ ସୁରକ୍ଷାକର୍ମୀ କମଲେଶଙ୍କୁ କାବୁକରି ପୋଲିସ ଜିମା ଦେଇଥିଲେ। ଏନେଇ ସଦର ଥାନାରେ ଅଭିଯୋଗ ହେବା ପରେ ପୋଲିସ ଏକ ମାମଲା ରୁଜୁ କରିଛି। ଏଥିସହ ଘଟଣାରେ ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତଙ୍କୁ ଧରିବା ପାଇଁ ଉଦ୍ୟମ ଚଳାଇଛି।

### ଜାତୀୟ ରାଜପଥରୁ ଉଲଗ୍ନ ଅବସ୍ଥାରେ ମହିଳା ଉଦ୍ଧାର

ଦେବଗଡ଼,୪।୧୦(ଶଶାଙ୍କ ଶେଖର ଝାଙ୍କର)

ଜାତୀୟ ରାଜପଥର କାଲକାଟ ଛକ ଦୁର୍ଗାମନ୍ଦିର ପାଖରୁ ଜଣେ ଅଚିହ୍ନା ମହିଳାଙ୍କୁ ଉଲଗ୍ନ ଅବସ୍ଥାରେ ଉଦ୍ଧାର କରାଯାଇଛି। ତାଙ୍କ ମାନସିକ ସ୍ଥିତି ଠିକ୍ ନ ଥିବାରୁ ସେ ନିଜ ପରିଚୟ ଓ ଠିକଣା କହିପାରୁ ନ ଥିବା ଜଣାପଡିଛି। ସୂଚନା ଅନୁଯାୟୀ, ଦେବଗଡ଼ ଆଞ୍ଚଳିକ ପରିବହନ ଅଧିକାରୀ କେଶବ ଚନ୍ଦ୍ର ନାୟକ ଦେବଗଡ଼ ସଦର ମହକୁମାରୁ ବାରକୋଟ ବ୍ଲକ ଅଭିମୁଖେ ଯାଉଥିବାବେଳେ ମହିଳା ଜଣଙ୍କ ଉଲଗ୍ନ ଅବସ୍ଥାରେ ଚାଲିଚାଲି ଯାଉଥିବା ଦେଖିଥିଲେ। ସେ ତୁରନ୍ତ ଜିଲା ଶିଶୁ ସୁରକ୍ଷା ଅଧିକାରୀ ରୋମିଓ ମହାପାତ୍ରଙ୍କୁ ଫୋନ୍‌ଯୋଗେ ଜଣାଇଥିଲେ। ଜିଲା ଶିଶୁ ସୁରକ୍ଷା ଅଧିକାରୀ ମହାପାତ୍ର, ସୁରକ୍ଷା ଅଧିକାରିଣୀ କ୍ରାନ୍ତିମଞ୍ଜରି ଧାଉନଲିଆ, ଚାଇଲ୍ଡଲାଇନ୍‌ର ତପସ୍ୱିନୀ ମହାକୁଳ ଓ ନଳିନୀ ମହାନନ୍ଦ ଘଟଣାସ୍ଥଳରେ ପହଞ୍ଚି ମହିଳାଙ୍କୁ ଉଦ୍ଧାର କରିଥିଲେ। ପରେ ମହିଳାଙ୍କୁ ନୂଆ ଡାକ୍ତରଖାନାସ୍ଥିତ ସଖୀକେନ୍ଦ୍ରରେ ସାମୟିକ ଭାବେ ଆଶ୍ରୟ ଦିଆଯାଇଛି।

### ରାସ୍ତାରେ ଓଲଟିଲା ପାଇପ ବୋଝେଇ ଟ୍ରକ୍

ବରଗଡ଼,୪।୧୦(ପ୍ରେମାନନ୍ଦ ଖମାରୀ)

ବରଗଡ଼-ସୋହେଲା ରାସ୍ତାର କେନ୍ଦପାଳି ନିକଟରେ ଶନିବାର ଏକ ପାଇପ ବୋଝେଇ ଟ୍ରକ୍(ନମ୍ବର -ସିଜି୦୪ଏନଟି ୧୦୭୫) ଓଲଟି ପଡ଼ିଥିଲା । ଝାରସୁଗୁଡାରୁ ରାୟପୁର ପଟକୁ ଯାଉଥିବା ସମୟରେ ଏହି ଟ୍ରକ ଭାରସାମ୍ୟ ହରାଇ ଓଲଟିପଡ଼ିଥିଲା। ଏଥିରେ କେହି ମୃତାହତ ହୋଇ ନ ଥିବାବେଳେ ଦୁର୍ଘଟଣାଗ୍ରସ୍ତ ଟ୍ରକ୍ ସହିତ ପାଇପଗୁଡ଼ିକ ରାସ୍ତା ଉପରେ ବିଛାଇ ପଡ଼ିଥିବା ଯୋଗୁ ରାସ୍ତା ଉପରେ କିଛି ସମୟ ଧରି ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। ପରେ ପୋଲିସ ପହଞ୍ଚି ଥିଲା ଏବଂ ରାସ୍ତା ଉପରୁ ପାଇପ ଏବଂ ଦୁର୍ଘଟଣାଗ୍ରସ୍ତ ଗାଡ଼ି ଉଠାଯିବା ପରେ ଯାତାୟାତ ସ୍ୱାଭାବିକ ହୋଇଥିଲା।

### ୧୩୦ ବୋତଲ କଫ ସିରପ୍ ଜବତ

ବରଗଡ଼,୪।୧୦(ପ୍ରେମାନନ୍ଦ ଖମାରୀ)

ମଧ୍ୟପ୍ରଦେଶର ଛିନ୍ଦୱାଡାରେ କଫ୍ ସିରପ ଖାଇ ୯ ଜଣ ଶିଶୁଙ୍କ ମୃତ୍ୟୁ ଘଟଣା ସାରାଦେଶରେ ହଇଚଇ ସୃଷ୍ଟି କରିଛି। ଏହି ଘଟଣା ପରେ ଓଡ଼ିଶା ସରକାର ମଧ୍ୟ ଆକ୍ସନ ମୋଡରେ ରହିଛି। ରାଜ୍ୟର ଏହି ଔଷଧ ବିକ୍ରିକୁ ସରକାର ନିଷେଧ କରିଛନ୍ତି। ବରଗଡ଼ ଜିଲାକୁ ମଧ୍ୟ ଏହି ଔଷଧ ଆସିଥିବା ଜଣାପଡ଼ିବା ପରେ ସ୍ଥାନୀୟ ଡ୍ରଗ୍ସ ବିଭାଗ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିଛି। ଶନିବାର ବରଗଡ଼ ସହରର ଏକ ମେଡ଼ିକାଲ ଷ୍ଟୋରରୁ ୧୩୦ ବୋତଲ କୋଲ୍ଡ୍ରିଫ କଫ୍ ସିରପ ଜବତ ହୋଇଛି ବୋଲି ଡ୍ରଗ୍ସ ଇନ୍ସପେକ୍ଟର ଦିପକ କୁମାର ସିଂ କହିଛନ୍ତି। ସେହିପରି ବରଗଡ଼ ଜିଲାରେ ସେଭଳି ଘଟଣା ଘଟିବାର ଆଶଙ୍କା ନାହିଁ, ଏଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ରଖାଯାଇଛି ବୋଲି ସିଂ ସୂଚନା ଦେଇଛନ୍ତି।

# ବାପାଙ୍କୁ ହତ୍ୟାକରି ପୋତିଦେଲେ ପୁଅ

ଲଖନପୁର,୪।୧୦(ଗୌତମ ସାହୁ)

ଝାରସୁଗୁଡ଼ା ଜିଲା ଲଖନପୁର ଥାନା ଅଧୀନ ବାରତାପ ଗ୍ରାମରେ ଏକ ହତ୍ୟାକାଣ୍ଡ ଘଟିଛି। ବାପାଙ୍କୁ ହତ୍ୟା କରିବା ପରେ ମାଟିତଳେ ମୃତଦେହକୁ ପୋତି ଦେଇଥିଲେ ପୁଅ। ତେବେ ଏହି ଘଟଣାରେ ଅଭିଯୁକ୍ତ ବାରତାପ ଗ୍ରାମର ବିଦ୍ୟାଧର ପଟ୍ଟା(୨୯)ଙ୍କୁ ପୋଲିସ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ଏଥିସହ ହତ୍ୟାରେ ବ୍ୟବହୃତ ଡାଇନିଂ ଟେବୁଲ ଗୋଡ଼କୁ ଜବତ କରିଛି।


ଗିରଫ ଅଭିଯୁକ୍ତ।

ସୂଚନା ଅନୁଯାୟୀ, ଗତ ୩୦ ତାରିଖରେ ବିଦ୍ୟାଧର ଓ ତାଙ୍କ ବାପା ବିମ୍ବାଧରଙ୍କ ମଧ୍ୟରେ କୌଣସି କାରଣକୁ ନେଇ ଯୁକ୍ତିତର୍କ ହୋଇଥିଲା। ଏଥିରେ ବିଦ୍ୟାଧର ଉତ୍କ୍ଷିପ୍ତ ହୋଇ ନିକଟରେ ଥିବା ଡାଇନିଂ ଟେବୁଲର ଏକ ଗୋଡ଼ରେ ବିମ୍ବାଧରଙ୍କ ମୁଣ୍ଡକୁ ପିଟି ଦେଇଥିଲେ। ଫଳରେ ବିମ୍ବାଧରଙ୍କ ମୃତ୍ୟୁ ଘଟିଥିଲା। ଏହାପରେ ମୃତଦେହକୁ ମୂଳ ଗ୍ରାମ ଦେବଗଡ଼ ଜିଲା ଲଇମୁରା ଥାନା ଚିଲାଣ୍ଟିଖୋଲକୁ ନେଇ ଗାତ ଖୋଳି ପୋତିଦେଇଥିଲେ। ଶିଡ଼ିରୁ ପଡିଯିବାରୁ ବାପାଙ୍କ ମୃତ୍ୟୁ ଘଟିଥିବା ନେଇ ବିଦ୍ୟାଧର ସମସ୍ତଙ୍କୁ କହିଥିଲେ। ହେଲେ ଏହି କଥାକୁ ବିଦ୍ୟାଧରଙ୍କ ବଡ଼ ଭଉଣୀ ସବିତା ବରିହା ସହଜରେ ଗ୍ରହଣ କରିପାରି ନ ଥିଲେ। ବାପାଙ୍କୁ ହତ୍ୟା କରାଯାଇଥିବା ନେଇ ସବିତା ଗୁରୁବାର ଲଖନପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏନେଇ ପୋଲିସ ଏକ ହତ୍ୟା ମାମଲା(ନଂ.୧୯୨/୨୫) ରୁଜୁ କରିବା ସହ ତଦନ୍ତ କରି ବିଦ୍ୟାଧରଙ୍କୁ ଗିରଫ କରିଥିଲା। ପଚରାଉଚରାବେଳେ ବାପାଙ୍କୁ ହତ୍ୟାକରି ମାଟିତଳେ ପୋତିଦେଇଥିବା ନେଇ ବିଦ୍ୟାଧର ପୋଲିସ ନିକଟରେ ପ୍ରକାଶ କରିଥିଲେ। ପରେ ପୋଲିସ ପୋତାଯାଇଥିବା ସ୍ଥାନରୁ ବିମ୍ବାଧରଙ୍କ ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ଝାରସୁଗୁଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା। ସେଠାରେ ବ୍ୟବଚ୍ଛେଦ ପରେ ମୃତଦେହ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

# ବିଜୟା ଦଶମୀ ଉତ୍ସବ ପାଳିତ


ପଥ ସଞ୍ଚାଳନରେ ସାମିଲ ହୋଇଥିବା ଆର୍‌ଏସ୍‌ଏସ୍ ସଦସ୍ୟ।

ଦେବଗଡ଼,୪।୧୦(ଶଶାଙ୍କ ଶେଖର ଝାଙ୍କର)

ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ(ଆର୍‌ଏସ୍‌ଏସ୍) ଦେବଗଡ଼ ନଗର ନାଗେଶ୍ୱର ବସତିର ସଦସ୍ୟମାନଙ୍କ ଦ୍ୱାରା ସ୍ଥାନୀୟ ଗୋପାଳଜୀଉ ମନ୍ଦିର ପ୍ରାଙ୍ଗଣରେ ବିଜୟା ଦଶମୀ ଉତ୍ସବ ଓ ଶତାବ୍ଦୀ ବର୍ଷ ଶୁକ୍ରବାର ପାଳିତ ହୋଇଯାଇଛି। ପ୍ରାୟ ୪୦ ଜଣ ସଦସ୍ୟ ପଥ ସଞ୍ଚାଳନରେ ଶୁଳିଆପଦା ଇଣ୍ଡୋର ଷ୍ଟାଡିୟମ ପଡ଼ିଆରୁ ବାହାରି ଗୋପାଳଜୀଉ ମନ୍ଦିରରେ ପହଞ୍ଚିଥିଲେ। ପରେ ମନ୍ଦିର ପ୍ରାଙ୍ଗଣରେ ଏକ କାର୍ଯ୍ୟକ୍ରମ କରାଯାଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ହାତୀଶାଳ ସାହିର ପୂର୍ବତନ ଜିଲାସ୍ତରୀୟ ଫୁଟ୍‌ବଲ ଖେଳାଳୀ ବାଦଲ କୁମାର ବ୍ରିନେଡ ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ଆର୍‌ଏସ୍‌ଏସ୍ ସମ୍ବଲପୁର ବିଭାଗର ପ୍ରଚାର ପ୍ରମୁଖ ତଥା ପ୍ରାଧ୍ୟାପକ ସୁଜୟ କୁମାର ସାଥୁଆ ଯୋଗଦେଇ ସଂଘର ଲକ୍ଷ୍ୟ, ସାମାଜିକ ସମରସତା, ଗ୍ରାମ ବିକାଶ, ଧର୍ମଜାଗରଣ ତଥା ପର୍ଯ୍ୟାବରଣ ସୁରକ୍ଷା ଆଦି ଅନେକ କ୍ଷେତ୍ରରେ କାର୍ଯ୍ୟକରୁଛି ବୋଲି କହିଥିଲେ। ଦେବଗଡ଼ ଜିଲା କର୍ଯ୍ୟବାହ ଭକ୍ତବନ୍ଧୁ ବସନ୍ତରା ମଞ୍ଚାସୀନ ଥିଲେ। ଏଥିରେ ପ୍ରାନ୍ତ ସଦ୍‌ଭାବନା ପ୍ରମୁଖ ପଶ୍ଚିମ ଓଡ଼ିଶା ସନ୍ତୋଷ କୁମାର କର, ଆଇନଜୀବୀ ପ୍ରଭାସ ଚନ୍ଦ୍ର ମିଶ୍ର, ପୂର୍ବତନ ପ୍ରଶାସନିକ ଅଧିକାରୀ ବିରଞ୍ଚି ମିଶ୍ର, ତ୍ରିବିକ୍ରମ ଶତପଥୀ, ସୁକାନ୍ତ ସାହୁ, ରାଷ୍ଟ୍ରୀୟ ସେବିକା ସମିତିର ଦେବଗଡ଼ ଜିଲା କର୍ଯ୍ୟବାହିକା ଅନାମିକା ମିଶ୍ର, ଲିନୁ ପାଣି, ସୃତି ରଣାଙ୍କ ସମେତ ଅନ୍ୟମାନେ ଯୋଗଦେଇଥିଲେ। ଜୟସ୍ମନ ପାଣି ସଂଘ ପ୍ରାର୍ଥନା ଗାନ କରିଥିଲେ, ମିଲନ ଭାଇ ଅମୃତବଚନ ପାଠ କରିଥିଲେ। ଡୋଳାନନ୍ଦ ଦାସ ମୁଖ୍ୟଶିକ୍ଷକ ଦାୟିତ୍ୱ ତୁଲାଇଥିବାବେଳେ ଭୋଳେଶ୍ୱର ବେହେରା କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ଅନିଶ ରାଓ, ଜୟ ମହାନ୍ତ ଓ ଅର୍ପିତ ଟାଲି ଘୋଷ ସଞ୍ଚାଳନ କରିଥିଲେ।

### ନାଟ୍ୟ ନିର୍ଦ୍ଦେଶକ ଝସକେତନ ସାହୁଙ୍କୁ ଭଗବତୀ ପ୍ରତିଭା ସମ୍ମାନ

ବ୍ରଜରାଜନଗର,୪।୧୦ (ବିଜୟ ବରାଡ଼)

ଝାରସୁଗୁଡ଼ା ଜିଲା ଅଡାପଡ଼ା ଗ୍ରାମରେ ଦୁର୍ଗାପୂଜା ପାଳିତ ହୋଇଯାଇଛି। ପ୍ରତିବର୍ଷ ଭଳି ଚଳିତବର୍ଷ ସାର୍ବଜନୀନ ଦୁର୍ଗାପୂଜା କମିଟି ପକ୍ଷରୁ ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠା ଅର୍ଜନ କରିଥିବା ୪ ଜଣ ବ୍ୟକ୍ତିଙ୍କୁ ସମ୍ମାନିତ କରାଯାଇଥିଲା। ନାଟ୍ୟ ନିର୍ଦ୍ଦେଶକ ଝସକେତନ ସାହୁଙ୍କୁ ଭଗବତୀ ପ୍ରତିଭା ସମ୍ମାନରେ ସମ୍ମାନିତ କରାଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଲଖନପୁର ଖୋଲାମୁହଁ କୋଇଲା ଖଣିର ମହାପ୍ରବନ୍ଧକ ଅୱଧ କିଶୋର ପାଣ୍ଡେ ଯୋଗଦେଇଥିଲେ। କୁସରାଲୋ ସରପଞ୍ଚ ରଘୁମଣି ପ୍ରଧାନ, ଦୁର୍ଗାପୂଜା କମିଟି ସଭାପତି ସେନାପତି ପ୍ରଧାନ ମଞ୍ଚରେ ଉପସ୍ଥିତ ହୋଇ ପ୍ରତିଭାମାନଙ୍କୁ ଉପଢୌକନ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ସହିତ ସନ୍ତୋଷ ପ୍ରଧାନଙ୍କ ନିର୍ଦ୍ଦେଶନାରେ ଦୁଇଟି ନାଟକ 'ରାମ ବନବାସ କାହାଣୀ ଶେଷ' ଓ 'ଏ ଆଖି କାନ୍ଦୁଛି ତୋରି ପାଇଁ' ମଞ୍ଚସ୍ଥ ହୋଇଥିଲା। ଏହାକୁ ଦର୍ଶକମାନେ ଉପଭୋଗ କରିଥିଲେ।

# ଇନ୍ଦିରା ଗାନ୍ଧୀ ଷ୍ଟାଡିୟମର ଉନ୍ନତୀକରଣ ଦାବି


କ୍ରୀଡ଼ାମନ୍ତ୍ରୀଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଉଛି।

ଦେବଗଡ଼,୪।୧୦(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ସ୍ଥିତ ଇନ୍ଦିରା ଗାନ୍ଧୀ ଷ୍ଟାଡିୟମର ଉନ୍ନତୀକରଣ ଓ ସୌନ୍ଦର୍ଯ୍ୟକରଣ ପାଇଁ ଜିଲା କ୍ରୀଡ଼ା ସଂସଦ ପକ୍ଷରୁ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜଙ୍କ ନିକଟରେ ଦାବି କରାଯାଇଛି। ଜିଲା କ୍ରୀଡ଼ା ସଂସଦ ପକ୍ଷରୁ ପ୍ରତିନିଧି ଭାବେ ଦେବଗଡ଼ ପୌର ପରିଷଦର ଭାରପ୍ରାପ୍ତ ଅଧ୍ୟକ୍ଷ ପ୍ରଜିତ୍ କୁମାର ଭୋଜ ଓ ଭାଜପା ଜିଲା ଉପସଭାପତି ସତ୍ୟନାରାୟଣ ପାଣି ଶନିବାର କ୍ରୀଡ଼ାମନ୍ତ୍ରୀଙ୍କୁ ଭୁବନେଶ୍ୱରସ୍ଥିତ ତାଙ୍କ ସରକାରୀ ବାସଭବନରେ ସାକ୍ଷାତ କରି ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଇନ୍ଦିରା ଗାନ୍ଧୀ ଷ୍ଟାଡିୟମ ପରିସରକୁ ସମ୍ପ୍ରସାରଣ କରି ୫୦୦୦ ଦର୍ଶକ ବସିବା ଭଳି କଂକ୍ରିଟ୍ ଗ୍ୟାଲେରି ନିର୍ମାଣ, ଜିଲା କ୍ରୀଡ଼ା ସଂସଦର ସୁପରିଚାଳନା ନିମନ୍ତେ ଏକ ସମ୍ମିଳନୀ କକ୍ଷ ଏବଂ କାର୍ଯ୍ୟାଳୟ ସହିତ ଆଡ୍‌ମିନ୍‌ଷ୍ଟ୍ରେଟିଭ ବ୍ଲକ ନିର୍ମାଣ, ପଡିଆରେ ଜଳ ସିଞ୍ଚନ ନିମନ୍ତେ ଜଳ ଯୋଗାଣ ବ୍ୟବସ୍ଥା, ୧୦୦ ସିଟ୍ ବିଶିଷ୍ଟ କ୍ରୀଡ଼ା ଛାତ୍ରାବାସ ନିର୍ମାଣ ଭଳି ଅନେକ ଦାବି ଉକ୍ତ ସ୍ମାରକପତ୍ରରେ ଉଲ୍ଲେଖ କରାଯାଇଛି। ମନ୍ତ୍ରୀ ଉକ୍ତ ସ୍ମାରକପତ୍ର ଗ୍ରହଣ କରିବା ସହ ଏହିସବୁ ପ୍ରକଳ୍ପ ନିମନ୍ତେ ଆସନ୍ତା ଡିସେମ୍ବରରେ ଭୂମୀ ପୂଜନ କରାଯିବାକୁ ନିର୍ଭର ପ୍ରତିଶ୍ରୁତି ଦେଇଥିବା ପୌର ପରିଷଦ ଭାରପ୍ରାପ୍ତ ଅଧ୍ୟକ୍ଷ ଭୋଜ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

# ଝାରସୁଗୁଡ଼ା ଜେଲରେ ଚଢ଼ାଉ, ମାଦକ ଦ୍ରବ୍ୟ ଜବତ

ଝାରସୁଗୁଡ଼ା,୪।୧୦(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ଜେଲରେ ବେଆଇନ ଭାବେ ମାଦକ ଦ୍ରବ୍ୟ କାରବାର ହେଉଥିବା ଅଭିଯୋଗ ହୋଇଛି। ଖ ବ ର ପ । ଇ ଝାରସୁଗୁଡ଼ା ଏସ୍‌ପି ଗୁଣ୍ଡାଲା ରେଡ୍ଡୀ ରାଘବେନ୍ଦ୍ର ଶନିବାର ସକାଳେ ଜେଲରେ ଅଚାନକ ଚଢ଼ାଉ କରି ବିଡ଼ି, ଭାଙ୍ଗ, ଗୁଟ୍‌ଖା, ମାଦକ ଦ୍ରବ୍ୟ ସହ ଦିଆସିଲି ଜବତ କରିଛନ୍ତି । ସୂଚନା ଅନୁଯାୟୀ, ଏହି ଜେଲ ଭିତରେ ନିଶା କାରବାର ଚାଲିଛି। ଗତ ବର୍ଷଗୁଡ଼ିକରେ ପୋଲିସ ପକ୍ଷରୁ ଚଢ଼ାଉ କରାଯାଇ କଏଦୀମାନଙ୍କଠାରୁ ମାଦକ ଦ୍ରବ୍ୟ ଜବତ କରାଯାଇଛି। ହେଲେ ପରବର୍ତ୍ତୀ ସମୟରେ ସେହି ସମାନ ଦୃଶ୍ୟ ଦେଖିବାକୁ ମିଳୁଛି। ତେବେ ଜେଲ ଭିତରକୁ ଏସବୁ ସାମଗ୍ରୀ ଆସୁଥିବାବେଳେ ଜେଲ କର୍ତ୍ତୃପକ୍ଷ କିମ୍ବା କର୍ମଚାରୀ କିଭଳି ଜାଣିପାରୁ ନାହାନ୍ତି, ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ତୁରନ୍ତ ଏଥିପ୍ରତି ଜେଲ କର୍ତ୍ତୃପକ୍ଷ କଡ଼ା ନଜର ରଖିବା ପାଇଁ ସ୍ଥାନୀୟ ଅଞ୍ଚଳବାସୀ ଓ ବୁଦ୍ଧିଜୀବୀ ଦାବି କରିଛନ୍ତି।


ଜବତ ମାଦକ ଦ୍ରବ୍ୟ ଓ ଅନ୍ୟ ସାମଗ୍ରୀ।

# ପଦ୍ମପୁରରେ ହେବ କେନ୍ଦ୍ରୀୟ ବିଦ୍ୟାଳୟ

ପଦ୍ମପୁର, ୪।୧୦(ପ୍ରଦୀପ୍ତ ଦାଶ)

ପଦ୍ମପୁର ଟାଉନ ହଲ୍‌ଠାରେ ଭାଜପାର ପୂର୍ବତନ ରାଜ୍ୟ ଯୁବମୋର୍ଚ୍ଚା ସମ୍ପାଦକ ପ୍ରିତେଶ ବହିଦାରଙ୍କ ନେତୃତ୍ୱରେ ଭାଜପା ବିଧାୟକ ପ୍ରାର୍ଥୀ ଗୋବର୍ଦ୍ଧନ ଭୁଏଙ୍କ ଉପସ୍ଥିତିରେ ଶନିବାର ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏଥିରେ ବରଗଡ଼ ଏମ୍‌ପି ପ୍ରଦୀପ ପୁରୋହିତ ଯୋଗ ଦେଇ ଖବରଦାତାଙ୍କୁ କହିଥିଲେ ଯେ, ଆସନ୍ତା ଶିକ୍ଷାବର୍ଷରୁ ପଦ୍ମପୁରରେ କେନ୍ଦ୍ରୀୟ ବିଦ୍ୟାଳୟ ଆରମ୍ଭ ହୋଇ ରାଜବୋଡ଼ାସମ୍ବର ହାଇସ୍କୁଲଠାରେ ଅସ୍ଥାୟୀ ଭାବରେ ଶିକ୍ଷା ଆରମ୍ଭ ହେବାକୁ ଯାଉଛି।




ଖବରଦାତା ସମ୍ମିଳନୀରେ ଏମ୍‌ପି ପ୍ରଦୀପ ପୁରୋହିତ ସୂଚନା ଦେଉଛନ୍ତି।

ଏଥିପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଓଡ଼ିଶା ମୁଖ୍ୟମନ୍ତ୍ରୀ ଓ ଅନ୍ୟ ମନ୍ତ୍ରୀମାନଙ୍କୁ ଧନ୍ୟବାଦ ଜଣାଉଛି ବୋଲି ସେ କହିବା ସହ ଦୀର୍ଘ ଦଶନ୍ଧିରୁ ଊର୍ଦ୍ଧ୍ୱ ଦିନର ଦାବି ହେଉଥିବା ବରଗଡ଼, ନୂଆପଡ଼ା ଭାୟା ପଦ୍ମପୁର ରେଳ ଲାଇନ କାର୍ଯ୍ୟ ଉପରେ ସୂଚନା ପ୍ରଦାନ କରିଥିଲେ। ୧୩୮ କିଲୋମିଟର ଏହି ଲାଇନ ପାଇଁ ଜମି ଅଧିଗ୍ରହଣ କାର୍ଯ୍ୟ ଆରମ୍ଭ ହୋଇ ୨୮୪୬ କୋଟି ଟଙ୍କା ମଞ୍ଜୁର କରାଯାଇଛି। ଆସନ୍ତା ୨୦୨୯

**■ ୨୦୨୯ ସୁଦ୍ଧା ପଦ୍ମପୁର ଅଞ୍ଚଳକୁ ଗଡ଼ିବ ରେଳ**

ସୁଦ୍ଧା ପଦ୍ମପୁର ଅଞ୍ଚଳକୁ ରେଳ ଗଡ଼ିବା ପାଇଁ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଅନୁରୋଧ କରିଛି ବୋଲି ଏମ୍‌ପି ପୁରୋହିତ ସୂଚନା ଦେଇଛନ୍ତି। ଖବରଦାତା ସମ୍ମିଳନୀରେ ବରିଷ୍ଠ ନେତା ପ୍ରିତମ ମେହେର, କୁନାଲ ପାଣିଗ୍ରାହୀ, ଚିନ୍ମୟ ପଣ୍ଡା, ସୁନୀଲ ଅଗ୍ରୱାଲ, ପ୍ରମୋଦ ମେହେର, ଅଶୋକ ମିଶ୍ର, ହରିହର ପଟ୍ଟନାୟକ, ସୁବାସ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।

# ଲଟାମରାରେ ପ୍ରଭାବିତ ଫସଲ ଦେଖିଲେ ପୂର୍ବତନ ବିଧାୟକ


ପୂର୍ବତନ ବିଧାୟକ କ୍ଷତିଗ୍ରସ୍ତ ଫସଲ ଦେଖୁଛନ୍ତି।

ବରଗଡ଼,୪।୧୦(ପ୍ରେମାନନ୍ଦ ଖମାରୀ)

ବରଗଡ଼ ସଦର ବ୍ଲକ ଅନ୍ତର୍ଗତ ଜମୁର୍ଡ଼ା ଗ୍ରାମରେ ଚାଷୀଙ୍କ କୋବି ଓ ଧାନ ଫସଲରେ କୌଣସି ଦୁର୍ବୃତ୍ତ ଲଟାମରା ସିଞ୍ଚନ କରିବାରୁ ତାହା ଜଳି ନଷ୍ଟ ହୋଇଯାଇଛି। ଏହି ଘଟଣା ସାରା ଜିଲାରେ ଆଲୋଡ଼ନ ଖେଳାଇ ଦେଇଛି। ଖବର ପାଇବା ପରେ ଶନିବାର ପୂର୍ବତନ ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ପ୍ରଭାବିତ ଅଞ୍ଚଳ ବୁଲି ଫସଲ ଦେଖିଥିଲେ। ଏହା ସହିତ କ୍ଷତିଗ୍ରସ୍ତ ଚାଷୀଙ୍କୁ ସେ ଭେଟିଥିଲେ। କୋବି ଓ ଧାନ ଫସଲରେ ଲଟାମରା ଔଷଧ ସିଞ୍ଚନ କରିଥିବା ଦୋଷୀ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଆଚାର୍ଯ୍ୟ ଦାବି କରିଛନ୍ତି। ଏହା ସହିତ ସରକାର ତୁରନ୍ତ କ୍ଷତିଗ୍ରସ୍ତ ଚାଷୀଙ୍କୁ କ୍ଷତିପୂରଣ ପ୍ରଦାନ କରିବାକୁ ଦାବି କରିଛନ୍ତି। ସେହିପରି ଧାନ ଫସଲ ଭଳି ପନିପରିବା ଚାଷକୁ ମଧ୍ୟ ବୀମାଭୁକ୍ତ କରାଯାଉ ବୋଲି ପୂର୍ବତନ ଆଚାର୍ଯ୍ୟ ସରକାରଙ୍କଠାରେ ଦାବି କରିଛନ୍ତି। ପରିଦର୍ଶନ ସମୟରେ ସ୍ଥାନୀୟ ସରପଞ୍ଚ ପଦ୍ମଲୋଚନ ସାହୁ ମଧ୍ୟ ଉପସ୍ଥିତ ଥିଲେ। ପ୍ରକାଶ ଯେ, କୌଣସି ଦୁର୍ବୃତ୍ତ ଲଟାମରା ଔଷଧ ସିଞ୍ଚନ କରିବାରୁ ଜମୁର୍ଡ଼ା ଗ୍ରାମର ଚାଷୀ ପ୍ରେମା ଭୁଏ, ନାରାୟଣ ଭୋଇ ଓ ମିଥୁନ କରନଙ୍କ ସମେତ ବିଭିନ୍ନ ଚାଷୀଙ୍କ ଫସଲ ନଷ୍ଟ ହୋଇଯାଇଛି। ଏ ନେଇ ସେମାନେ ଥାନାରେ ଏତଲା ଦେବା ପରେ ପୋଲିସ ତନାଘନା ଚଳାଇଛି।

# ଅବ୍ୟବସ୍ଥାରେ ଇକୋ ପାର୍କ

ଝାରସୁଗୁଡ଼ା,୪।୧୦(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ସହର ମାଲିମୁଣ୍ଡାଠାରେ ଥିବା ଇକୋ ପାର୍କରେ ଅବ୍ୟବସ୍ଥା ଦେଖିବାକୁ ମିଳିଛି। ଏଠାରେ ଥିବା ସୁଇମିଂପୁଲ୍ ଅଚଳ ହୋଇପଡିଛି। ସେହିପରି ପାର୍କରେ ଅନାବନା ଘାଷ ଉଠି ଜଙ୍ଗଲର ଭ୍ରମ ସୃଷ୍ଟି କରୁଛି। ତୁରନ୍ତ ପାର୍କର ପୁନରୁଦ୍ଧାର ପାଇଁ ନିକଟସ୍ଥ ମାଲିମୁଣ୍ଡା, ଦୋଡିହି, ବାଲିଜୋରୀ, ତାଳମାଳ ଅଞ୍ଚଳର ଜନସାଧାରଣ ଦାବି କରିଛନ୍ତି।

ସୂଚନା ଅନୁଯାୟୀ, ୨୦୧୩ ମସିହାରେ ପ୍ରାୟ ୩୨ ଏକର ଜମିରେ ଝାରସୁଗୁଡ଼ା ବନ ବିଭାଗ ଦ୍ୱାରା ଇକୋ ପାର୍କ ନିର୍ମାଣ କରାଯାଇଥିଲା। ଏଠାରେ ସୁଇମିଂପୁଲ, ପିଲାଙ୍କ ଖେଳିବା ପାଇଁ ବିଭିନ୍ନ ସରଞ୍ଜାମ ଏବଂ ସୁନ୍ଦର ବଗିଚା ରହିଥିଲା। ଫଳରେ ଏଠାକୁ ମାଲିମୁଣ୍ଡା, ଦୋଡିହି, ବାଲିଜୋରୀ, ତଳମାଳ ସହିତ ଝାରସୁଗୁଡ଼ା ସହରର ବହୁସଂଖ୍ୟକ ଜନସାଧାରଣ ସମୟ ଅତିବାହିତ କରିବାକୁ ଆସୁଥିଲେ। ସେତେବେଳେ ପ୍ରାୟ ୧୩ ଜଣ କର୍ମଚାରୀ ପାର୍କର ରକ୍ଷଣାବେକ୍ଷଣ ଠିକ୍ ଭାବେ କରୁଥିଲେ।


ପାର୍କ ପରିସରରେ ଅନାବନା ଗଛ।

ହେଲେ ଗତ ୩/୪ ବର୍ଷ ହେବ ପାର୍କରେ ଅବ୍ୟବସ୍ଥା ଦେଖିବାକୁ ମିଳିଛି। ଠିକ୍ ଭାବେ ରକ୍ଷଣାବେକ୍ଷଣ କରାଯାଉ ନ ଥିବାରୁ ପାର୍କ ଚତୁଃପାର୍ଶ୍ୱରେ ଗଛଲତା ମାଡ଼ିଗଲାଣି। ରାତିହେଲେ ଏଠାରେ ଅସାମାଜିକ ଲୋକଙ୍କ ଆଡ୍ଡା ଜମୁଛି। ଫଳରେ ପୂର୍ବ ଅପେକ୍ଷା ଏବେ ବହୁ କମ୍ ଲୋକ ଏଠାକୁ ଆସୁଛନ୍ତି। ଅପରପକ୍ଷେ ପାର୍କକୁ ଆସୁଥିବା ଲୋକଙ୍କଠାରୁ ଏଣ୍ଟ୍ରି ଫି ବାବଦକୁ ୨୦ ଟଙ୍କା ଏବଂ ବାଇକ୍ ରଖିବା ପାଇଁ ୧୦ ଟଙ୍କା ନିଆଯାଉଛି। ଏହାକୁ ନେଇ ସ୍ଥାନୀୟ ଲୋକେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏନେଇ ଝାରସୁଗୁଡ଼ା ରେଞ୍ଜର ବିଜୟ ପ୍ରଧାନ କହିଛନ୍ତି, ଆଖପାଖ ଗ୍ରାମର ଲୋକଙ୍କୁ ନେଇ ଇକୋ ପାର୍କ ଉନ୍ନୟନ କମିଟି ଗଠନ କରାଯାଇଛି। ଏହି ପାର୍କର ରକ୍ଷଣାବେକ୍ଷଣ ଦାୟିତ୍ୱ ଉକ୍ତ କମିଟିକୁ ଦିଆଯାଇଛି। ଅପରପକ୍ଷେ ଇକୋ ପାର୍କ ଉନ୍ନୟନ କମିଟିର ସଦସ୍ୟ ତ୍ରିନାଥ ଗୁଆଲ କହିଛନ୍ତି, ପାର୍କର ରକ୍ଷଣାବେକ୍ଷଣ ପାଇଁ ଆଗରୁ ଜିଲା ଖଣିଜ ପାଣ୍ଠିରୁ ଅନୁଦାନ ରାଶି ଆସୁଥିଲା। ଯାହାକି ବର୍ତ୍ତମାନ ବନ୍ଦ ହୋଇଯାଇଛି। ଏଥିପାଇଁ ଏଭଳି ଅସୁବିଧା ଦେଖାଦେଇଛି। ଏବେ ପାର୍କର ରକ୍ଷଣାବେକ୍ଷଣ ପାଇଁ ୩ ଜଣ କର୍ମଚାରୀ ଅଛନ୍ତି। ସେମାନଙ୍କୁ ପାରିଶ୍ରମିକ ପ୍ରଦାନ ପାଇଁ ପାର୍କକୁ ଆସୁଥିବା ଲୋକଙ୍କଠାରୁ ୨୦ ଟଙ୍କା ରଖି ରସିଦ୍ ଦିଆଯାଉଛି। ଏ ସମ୍ପର୍କରେ ଜିଲା ପ୍ରଶାସନକୁ ଅବଗତ କରାଯାଇଥିବା ଗୁଆଲ କହିଛନ୍ତି।

**■ ସୁଇମିଂପୁଲ୍ ଅଚଳ**
**■ ରକ୍ଷଣାବେକ୍ଷଣ ଅଭାବରୁ ମାଡ଼ିଗଲାଣି ଘାସଲତା**
**■ ପୁନରୁଦ୍ଧାର ଦାବି**

# ବନ୍ୟାରେ କୂଳ ଖାଉଛି ହାତୀନଦୀ

## ନଦୀଗର୍ଭରେ ଲୀନ ହେଉଛି ଚାଷ ଜମି, ରାସ୍ତା

ଭବାନୀପାଟଣା,୪।୧୦(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲାରେ ଗତ ଗୁରୁବାରଠାରୁ ଲଗାଣ ବର୍ଷା ଜାରି ରହିଛି। ଯାହାଫଳରେ ଜିଲାର ନଦୀ,ନାଳ ଫୁଲି ଉଠିଛି। ଏହାରି ଭିତରେ ଜିଲାରେ ପ୍ରବାହିତ ହେଉଥିବା ହାତୀ ନଦୀରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ହାତୀ ନଦୀର ବନ୍ୟା ପାଣି ଏବେ କୂଳ ଲଘିଂ ନିକଟସ୍ଥ ଚାଷ ଜମିକୁ ମାଡିଯାଇଛି। ନଦୀ କୂଳରେ ଥିବା ଜୁନାଗଡ଼ ବ୍ଲକର ତଳମଲା ପଞ୍ଚାୟତର ମସିଗାଁ, ସାହଜକନା, ଆଟିଗାଁ ପଞ୍ଚାୟତର ବାଗଡୁଙ୍ଗରି, ମିଚାଗାଁ ଆଦି ଗ୍ରାମର ଶତାଧିକ ଏକର ଚାଷ ଜମି ଜଳମଗ୍ନ ହୋଇଛି। ଫଳରେ ଧାନ ଫସଲ ନଷ୍ଟ ହେବାର ସମ୍ଭାବନା ଦେଖାଦେଇଛି। ସେହିପରି ବନ୍ୟା ଯୋଗୁ ହାତୀ ନଦୀ କୂଳରେ ଥିବା ମସିଗାଁବାହାଲ ରାସ୍ତା ଏବେ ନଦୀ ଗର୍ଭରେ ଲୀନ ହୋଇଯାଉଥିବା



ମସିଗାଁ ବାହାଲ ଯିବା ରାସ୍ତାରେ ହାତୀ ନଦୀ କୂଳ ଖାଉଛି।

ଦେଖିବାକୁ ମିଳିଛି। ନଦୀକୁଳିଆ ଗ୍ରାମବାସୀ ହାତୀ ନଦୀରେ ପଥର ବାନ୍ଧ କରିବା ପାଇଁ ଦୀର୍ଘ ବର୍ଷ ହେବ ଦାବି କରିଆସୁଥିଲେ ମଧ୍ୟ ସରକାର ଶୁଣୁ ନାହାନ୍ତି। ଫଳରେ ଦିନକୁ ଦିନ କୂଳ ଖାଉଥିବାରୁ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଭୟର ବାତାବରଣ ଦେଖାଦେଇଛି। ଆଗକୁ ଗାଁ ଭିତରକୁ ମଧ୍ୟ ନଦୀ ପାଣି ଚାଲିଆସିବ ବୋଲି ଆଶଙ୍କା କରାଯାଉଛି। ବର୍ତ୍ତମାନ ମଧ୍ୟ ନଦୀ କୂଳରେ ଥିବା ବାହାଲ ଚାଷ ଜମି ଜଳମଗ୍ନ ହୋଇଥିବାବେଳେ ଢିପ ଅଞ୍ଚଳରେ ପାଣି କମିବା ପରେ ଚାଷ ହୋଇଥିବା ଫସଲରେ କୀଟପତଙ୍ଗ ଲାଗି ନଷ୍ଟ ହେବାକୁ ବସିଛି। ବନ୍ୟା ପାଣିରେ କ୍ଷତି ହୋଇଥିବା ଫସଲର ଆକଳନ କରି କ୍ଷତିପୂରଣ ଦେବାକୁ ସ୍ଥାନୀୟ ଚାଷୀ ଦାବି କରିଛନ୍ତି।

# କଥା ଦେଇ କଥା ରଖିଲେ ଜିଲାପାଳ

ବିନିକା,୪।୧୦(ରାମଗୋପାଳ ବାଘ)

ଶନିବାର ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ କଇଁତରା ପଞ୍ଚାୟତ କଟାପାଲି ଗ୍ରାମର ଭିନ୍ନକ୍ଷମ ସୁଧୀର ଦୀପଙ୍କୁ ଆବାସ ଯୋଜନାରେ କାର୍ଯ୍ୟାଦେଶ ଦିଆଯାଇଛି। ସେ ଦୀର୍ଘ ୧୫ ବର୍ଷ ହେବ ଆବାସ ଗୃହ ପାଇବା ପାଇଁ ଆବେଦନ କରି ଆସୁଥିଲେ। କିନ୍ତୁ କୌଣସି ସୁଫଳ ମିଳି ନ ଥିଲା। ଗତ ୨୨ ତାରିଖରେ ଜିଲାପାଳ ଡ. ନୃପରାଜ ସାହୁ ଚରଦା କପିଳେଶ୍ୱର ପୀଠକୁ ପରିଦର୍ଶନରେ ଆସିଥିଲେ। ଏହି ଅବସରରେ ସୁଧୀର ଜିଲାପାଳଙ୍କ ନିକଟକୁ ଆସି ଗୀତ ମାଧ୍ୟମରେ ଆବାସ ଘର ଖଣ୍ଡିଏ ଦେବା ପାଇଁ ଗୁହାରି କରିଥିଲେ। ଗୀତଟି ହୃଦୟସ୍ପର୍ଶୀ ଥିବା ବେଳେ ଜିଲାପାଳ ତାଙ୍କୁ ଯଥାଶୀଘ୍ର ଘର ମିଳିବା ପାଇଁ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଶେଷରେ ଦୀର୍ଘ ପ୍ରତୀକ୍ଷାର ଅବସାନ ଘଟିଛି। ଜିଲାପାଳ



ଜିଲାପାଳ ସୁଧୀରଙ୍କୁ ଆବାସ କାର୍ଯ୍ୟାଦେଶ ପ୍ରଦାନ କରୁଛନ୍ତି।

## ୧୫ ବର୍ଷ ପରେ କାର୍ଯ୍ୟାଦେଶ ପାଇଲେ ଭିନ୍ନକ୍ଷମ ସୁଧୀର

କଇଁତରା ପଞ୍ଚାୟତ ଅଫିସକୁ ଆସି ସୁଧୀରଙ୍କୁ ଆବାସ ଘର ନିର୍ମାଣର କାର୍ଯ୍ୟାଦେଶ ପ୍ରଦାନ କରିଥିଲେ। ସୁଧୀର କାର୍ଯ୍ୟାଦେଶ ପାଇଲା ପରେ ଉଲ୍ଲସିତ ହୋଇ ଜିଲାପାଳଙ୍କୁ ଗୀତ ଓ ବାଦ୍ୟ ଜରିଆରେ ପ୍ରଶଂସା କରିଥିଲେ। ଜିଲାପାଳ କଥା ଦେଇ କଥା ରଖିଥିବାରୁ ତାଙ୍କୁ ସୁଧୀର ଓ ଅଞ୍ଚଳବାସୀ ସାଧୁବାଦ ଜଣାଇଛନ୍ତି। କାର୍ଯ୍ୟାଦେଶ ପ୍ରଦାନ ସମୟରେ ବିଡିଓ ମଣ୍ଟୁ ଖମାରୀ, ଯନ୍ତ୍ରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।

# ପୁଣି ବନ୍ଦ ହେଲା ୩ ସ୍ଲୁଇସ୍ ଗେଟ୍

ସମ୍ବଲପୁର,୪।୧୦(ପ୍ରମୋଦ ବହିଦାର)

ରୁଲ୍‌କର୍ଭ ଅନୁସାରେ ଆଜିର ଦିନରେ ସମ୍ବଲପୁର ହୀରାକୁଦ ଜଳଭଣ୍ଡାର ଜଳପତ୍ତନ ଏହାର ସର୍ବୋଚ୍ଚ ଜଳଧାରଣ କ୍ଷମତା ୬୩୦ ଫୁଟ୍ ରହିବା ନିୟମ ରହିଛି। ମାତ୍ର ଜଳଭଣ୍ଡାରର ଜଳପତ୍ତନ କ୍ରମଶଃ ହ୍ରାସ ପାଇବାରୁ ଜଳ ପ୍ରବେଶ ପରିମାଣ ବୃଦ୍ଧି ସତ୍ତ୍ୱେ ଶନିବାର ପୁଣି ୩ଟି ସ୍ଲୁଇସ୍ ଗେଟ୍‌କୁ ବନ୍ଦ କରି ଦିଆଯାଇଛି। ଫଳରେ ବର୍ତ୍ତମାନ ଜଳଭଣ୍ଡାର ବାମପାର୍ଶ୍ୱସ୍ଥ ୨ଟି ଓ ଦକ୍ଷିଣ ପାର୍ଶ୍ୱସ୍ଥ ଗୋଟିଏ ମିଶି ମୋଟ୍ ୩ଟି ସ୍ଲୁଇସ୍ ଗେଟ୍‌ରେ ଅତିରିକ୍ତ ବନ୍ୟାଜଳ ନିଷ୍କାସନ ଜାରି ରହିଛି। ଯାହା ଦ୍ୱାରା ଜଳ ନିଷ୍କାସନ ପରିମାଣ ହ୍ରାସ ପାଇବା ସହିତ ଜଳଭଣ୍ଡାରର ଜଳସ୍ତର ମଧ୍ୟ ବୃଦ୍ଧି ପାଇଛି। ଶନିବାର ରାତି ୯ଟା ୩୦ରେ ମିଳିଥିବା ସର୍ବଶେଷ ସୂଚନା ଅନୁସାରେ ଜଳଭଣ୍ଡାର ଜଳପତ୍ତନ ୬୨୮.୩୧ ଫୁଟ୍‌ରେ ରହିଛି। ଏହି ସମୟରେ

## ହୀରାକୁଦ ଜଳଭଣ୍ଡାର

## ୩ ସ୍ଲୁଇସ୍ ଗେଟ୍‌ରେ ଜଳ ନିଷ୍କାସନ ଜାରି



ଜଳଭଣ୍ଡାରକୁ ପ୍ରତି ସେକେଣ୍ଡରେ ହାରାହାରି ୨ ଲକ୍ଷ ୦୪ ହଜାର ୯୮୬ ଘନଫୁଟ୍ ବନ୍ୟାଜଳ ପ୍ରବେଶ କରୁଥିବାବେଳେ ଜଳଭଣ୍ଡାରରୁ ପ୍ରତି ସେକେଣ୍ଡରେ ମୋଟ୍ ହାରାହାରି ୮୪ ହଜାର ୨୮୦ ଘନଫୁଟ୍ ଅତିରିକ୍ତ ବନ୍ୟାଜଳ ନିଷ୍କାସନ କରାଯାଉଛି। ସେଥିମଧ୍ୟରେ ୩ଟି ସ୍ଲୁଇସ୍ ଗେଟ୍ ଜରିଆରେ ମହାନଦୀକୁ ପ୍ରତି ସେକେଣ୍ଡରେ ହାରାହାରି ମୋଟ୍ ୪୮ ହଜାର ୯୧୫ ଘନଫୁଟ୍, ଶକ୍ତି ଉତ୍ପାଦନ ପାଇଁ ପାୱାର ଚ୍ୟାନେଲରେ ୩୧.୮୩୩ ଘନଫୁଟ୍, ଶିଳ୍ପସଂସ୍ଥା ପାଇଁ ୨୪୩ ଘନଫୁଟ୍ ଏବଂ ଜଳ ସେଚନ ପାଇଁ ବରଗଡ଼ କେନାଲରେ ୨୯୫୮, ଶାସନ କେନାଲରେ ୨୫୦ ଓ ସମ୍ବଲପୁର କେନାଲରେ ୮୧ ଘନଫୁଟ୍ ଜଳ ମିଶି ମୋଟ୍ ୩୨୮୯ ଘନଫୁଟ୍ ଫୁଟ୍ ଜଳ ନିଷ୍କାସନ କରାଯାଉଛି। ଜଳଭଣ୍ଡାର ପାଣିପାଗ ନିମନ୍ତ୍ରଣ କକ୍ଷ ସୂଚନା ଅନୁସାରେ ଗତ ୨୪ ଘଣ୍ଟା ମଧ୍ୟରେ ଜଳଭଣ୍ଡାର ଉପରମୁଣ୍ଡରେ ୭.୪୭ ମିଲିମିଟର ଓ ତଳମୁଣ୍ଡରେ ୩.୯୮ ମିଲିମିଟର ବର୍ଷା ହୋଇଥିବା ରେକର୍ଡ କରାଯାଇଛି।

# ପାଣିରେ ବୁଡ଼ି ନିଖୋଜ ୨ ଭାଇଙ୍କ ମୃତଦେହ ଜବତ

ହେମଗିର,୪।୧୦(ଚୈତନ୍ୟ ପଟେଲ)

ସୁନ୍ଦରଗଡ଼ ଜିଲା ହେମଗିର ଥାନା ଅନ୍ତର୍ଗତ ଝୁପୁରୁଙ୍ଗାର ଚିଟକେନଡିପାଠାରେ ପାଣିରେ ବୁଡ଼ି ନିଖୋଜ ହୋଇଥିବା ୨ଭାଇଙ୍କ ମୃତଦେହକୁ ପୋଖରୀରୁ ବାହାର କରାଯାଇଛି। ହେମଗିର ଥାନା ପୋଲିସ ୨ମୃତଦେହ ଜବତ କରି ଶନିବାର ବ୍ୟବଚ୍ଛେଦ ପାଇଁ ହେମଗିର ପଠାଇଛି । ମୃତକ ୨ ଭାଇ ହେଲେ ଚିତ୍ତ ମାକର(୪୦) ଓ ଦେବାଶିଷ ମାକର(୨୦)। ଶୁକ୍ରବାର ୨ଭାଇ ଗାଁ ପୋଖରୀକୁ ଗୋଧୋଇବାକୁ ଯାଇଥିଲେ। ଦୀର୍ଘ ସମୟ ଧରି ଘରକୁ ଫେରି ନ ଥିଲେ। ଘରଲୋକ ଖୋଜାଖୋଜି କରିବା ପରେ ଉଭୟଙ୍କୁ ପାଇ ନ ଥିଲେ। ଏନେଇ ହେମଗିର ପୋଲିସ ପାଖରେ ଅଭିଯୋଗ କରିବା ପରେ ପୋଲିସ ୨ ଭାଇଙ୍କ ଅନୁସନ୍ଧାନ କରିଥିଲେ। ଅଗ୍ନିଶମ ବାହିନୀ କର୍ମଚାରୀଙ୍କୁ ଖବର ଦେବାରୁ ସେମାନେ ଖୋଜାଖୋଜି କରିଥିଲେ। ରାତି ୧୦ଟାରେ ୨ଭାଇଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା। ପୋଖରୀରେ ବୁଡ଼ିଯାଇ ସେମାନଙ୍କ ମୃତ୍ୟୁ ଘଟିଥିବା ଜଣାପଡ଼ିଛି।

# ରାସ୍ତା ମରାମତି ନ ହେଲେ ଭୋଟ ବର୍ଜନ

ନୂଆପଡ଼ା,୪।୧୦(ମକାରୁ ବେମାଲ)

ନୂଆପଡ଼ା ସଦର ବ୍ଲକ ଭରୁଆମୁଣ୍ଡା ପଞ୍ଚାୟତ ଲୋଡ୍ରା ଗାଁ ରାସ୍ତା ଶୀଘ୍ର ମରାମତି ନ ହେଲେ ଗ୍ରାମବାସୀ ଭୋଟ ବର୍ଜନ ପାଇଁ ନିଷ୍ପତ୍ତି ନେଇଛନ୍ତି। ଏହି ମର୍ମରେ ଗ୍ରାମବାସୀ ଶନିବାର ଜିଲାପାଳଙ୍କ ଦ୍ୱାରସ୍ଥ ହେବା ସହ ଶ୍ରମିକ ନେତା ଭକ୍ତବନ୍ଧୁ ଧରୁଆଙ୍କ ନେତୃତ୍ୱରେ ଅତିରିକ୍ତ ଜିଲାପାଳ ସୁବାସ ଚନ୍ଦ୍ର ରଏତଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଅତିରିକ୍ତ ଜିଲାପାଳ ରଏତ ସହକାରୀ ଜିଲାପାଳ ସେଖ ନସିମଙ୍କୁ ତଦନ୍ତ କରି ୨ ଦିନ ଭିତରେ ରିପୋର୍ଟ ଦେବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏହି ରାସ୍ତା ସୁନାବେଡାଠାରୁ ଧରମବନ୍ଧା ଦେଇ ନୂଆପଡା ମୁଖ୍ୟାଳୟକୁ ସଂଯୋଗ କରୁଛି। ଧରମବନ୍ଧାଠାରୁ ଭରୁଆମୁଣ୍ଡା, ଲୋଡ୍ରା, ଗୋଧସ, କଟିଙ୍ଗପାଣି ଦେଇ ସୁନାବେଡା ଅଭୟାରଣ୍ୟ ଭିତରେ ଥିବା ଗାଁ ରାସ୍ତା ଶୋଚନୀୟ ହୋଇପଡିଛି। ବର୍ତ୍ତମାନ ବର୍ଷାରେ ରାସ୍ତା ଧୋଇ ହୋଇ ଖାଲ ଖମା ହୋଇଥିବାରୁ ବସ୍ ଚଳାଚଳ ବନ୍ଦ ହୋଇଯାଇଛି। ଫଳରେ ଗ୍ରାମବାସୀ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଶୀଘ୍ର ରାସ୍ତା ମରାମତି ନ ହେଲେ ଆଗାମୀ ଉପନିର୍ବାଚନରେ ଭୋଟ ବର୍ଜନ କରିବୁ ବୋଲି ଲୋଡ୍ରା ଗ୍ରାମବାସୀ ଚେତାବନୀ ଦେଇଛନ୍ତି। ଏହି ସମୟରେ ସୁରୋନ ଦେବାଙ୍ଗନ, ୟୁବରାଜ ସିଂ ମାଝି, ସୋଲନ ମାଝି, ନିଶା ଦେବାଙ୍ଗନ, ଗଜାନନ ମାଝି, ମୋହର ସିଂ ମାଝି, ବିଶ୍ରାମ ମାଝି, ସଦାନନ୍ଦ ମାଝି ପ୍ରମୁଖ ଉପସ୍ଥିତ ଥିଲେ ।


No.O-803

ମୁଖ୍ୟ ନିର୍ମାଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ, ଗ୍ରାମ୍ୟ ନିର୍ମାଣ ମଣ୍ଡଳ, ବ୍ରହ୍ମପୁର
(ଗ୍ରାମ୍ୟ / ପୋଷ୍ଟ – ଆୟପୁଆ, ଆୟକର ଭବନ ନିକଟରେ, ବ୍ରହ୍ମପୁର – ୭୬୦୦୧୧, ଗଞ୍ଜାମ, ଓଡ଼ିଶା)

OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, BERHAMPUR
(At/Po-Ambapua, Near Income Tax Office, Berhampur-760011, Ganjam, Odisha)
(E-Mail : serwbpr2004@yahoo.com, Tel No.: 0680-2404287)

NATIONAL COMPETITIVE BIDDING THROUGH e-Procurement
Bid Identification No. Online Tender/30-2025-26/BPR

| Identification No | Name of work | No. of Works | Approx. Estimated Cost (In Lakh) | Class of Contractor | Period of Completion |
|---|---|---|---|---|---|
| Online Tender / 30-2025-26/BPR | Road Works under MMSY-IMPROVEMENT TO EXISTING RD ROADS | 13 Nos | From Rs.271.43 Lakhs to Rs.757.15 Lakhs | "B" Class, "A" Class & "Special" Class as applicable | Period of Completion as provided as per Col. No. 5 of Annexure of NIT |

| Procurement Officer | Bid Identification No | Availability of tender online for bidding | |
|---|---|---|---|
| | | From | To |
| Chief Construction Engineer, R.W.Circle, Berhampur | Online Tender/20-2025-26/BPR | 13.10.2025 at 10.00 A.M. | 27.10.2025 upto 5.30 P.M. |

(i) EMD / Bid Security, Cost of Bid document is to be transferred through Online as per the procedure mentioned in the DTCN.
(ii) Non-submission of the information/documents through online by the bidder as per the items mentioned in the eligible criteria of the DTCN will also liable for rejection of his tender.

Further details & Corrigendum if any can be seen from the website : www.tendersodisha.gov.in

Sd./- K. Ch. Khatua
Chief Construction Engineer
R.W.Circle, Berhampur

OIPR-25071/11/0137/2526


# ବୁଡ଼ି ଅଞ୍ଚଳ ଘୋଷଣା ଦାବିରେ ଜିଲାପାଳଙ୍କ ଦ୍ୱାରସ୍ଥ



ଅତିରିକ୍ତ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

ନୂଆପଡ଼ା,୪।୧୦ (ମକାରୁ ବେମାଲ)

ନୂଆପଡ଼ା ଜିଲା କୋମନା ବ୍ଲକ ରଜନା ପଞ୍ଚାୟତ ମାଟିଆପଦର ଗାଁକୁ ସମ୍ପୂର୍ଣ୍ଣ ବୁଡି ଅଞ୍ଚଳ ଘୋଷଣା ଦାବିରେ ଶନିବାର ଗ୍ରାମବାସୀ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଏ ନେଇ ଗରିବସେନା ଜିଲା ଆବାହକ ରବି ମଙ୍ଗରାଜଙ୍କ ନେତୃତ୍ୱରେ ଗ୍ରାମବାସୀ ଅତିରିକ୍ତ ଜିଲାପାଳ ସୁବାସ ଚନ୍ଦ୍ର ରଏତଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଏହା ଉପରେ ତଦନ୍ତ ହୋଇ ରିପୋର୍ଟ ପ୍ରସ୍ତୁତ ହୋଇଛି । ଜିଲା ପ୍ରଶାସନ ପାଖରେ ରିପୋର୍ଟ ରିପୋର୍ଟ ପହଞ୍ଚିବା ପରେ ସରକାରଙ୍କୁ ଜଣାଇବୁ ବୋଲି ଅତିରିକ୍ତ ଜିଲାପାଳ ରଏତ କହିଛନ୍ତି। ସୂଚନା ଅନୁଯାୟୀ, ମାଟିଆପଦର ଗାଁରେ ପ୍ରାୟ ଶହେ ପରିବାରରେ ୩ ଶହରୁ ଅଧିକ ଲୋକ ବାସ କରନ୍ତି। ଗାଁର ୩ ଦିଗରେ ଜଙ୍ଗଲ ଓ ପାହାଡ ରହିଥିବା ବେଳେ ଅନ୍ୟ ଦିଗରେ ଲୋୟର ଇନ୍ଦ୍ର ଜଳସେଚନ ପ୍ରକଳ୍ପ ପାଣି ଘେରି ରହିଛି। ଗାଁ ଅଧୀନରେ ୫୬.୫୬ ଏକର ଘରୋଇ ପଟ୍ଟା ଜମି ଓ ୧୭୩.୫୭ ଏକର ସରକାରୀ ଜମି ରହିଛି। ସେଥିରୁ ଘରୋଇ ପଟ୍ଟା ଜମି ୨୮.୨୮ ଏକର ଜମି ଡିଖାଲି ଲୋୟର ଇନ୍ଦ୍ର ଜଳସେଚନ ପ୍ରକଳ୍ପରେ ଅଧିଗ୍ରହଣ କରାଯାଇଥିବା ବେଳେ ୨୮.୨୮ ଏକର ଜମିରେ ଗ୍ରାମବାସୀ ଚାଷ କରି ପରିବାର ପ୍ରତିପୋଷଣ କରୁଥିଲେ। ୧୭୩.୫୭ ଏକର ସରକାରୀ ଜମି ଚାଷ ପାଇଁ ଉପଯୋଗୀ ନୁହେଁ। ଗାଁ ରାସ୍ତା ପ୍ରକଳ୍ପ ପାଣିରେ ବୁଡିଗଲାଣି। ଗ୍ରାମବାସୀ ଜଳ ଘେରରେ ରହିଛନ୍ତି। ତେଣୁ ଗାଁକୁ ସମ୍ପୂର୍ଣ୍ଣ ବୁଡି ଅଞ୍ଚଳ ଘୋଷଣା କରି ଆର୍ଥିକ ସହାୟତା ଦେଲେ ଅନ୍ୟତ୍ର ଘର କରି କାମଧନ୍ଦା କରି ପରିବାର ପ୍ରତିପୋଷଣ କରିବୁ ବୋଲି ଗ୍ରାମବାସୀ ଦାବି କରିଛନ୍ତି । ନୂଆପଡା ଉପନିର୍ବାଚନ ପୂର୍ବରୁ ଗାଁକୁ ବୁଡି ଅଞ୍ଚଳ ଘୋଷଣା ନ କଲେ ଭୋଟ ବର୍ଜନ କରିବୁ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି। ଏହି ସମୟରେ ଚୂଡାମଣି କରୁଆଁ, ପୁଷ୍ପ ଶଗରିଆ, ଖୋବା କଟା, ତ୍ରିଲୋଚନ ଶଗରିଆ, ସୁବେ ଶଗରିଆ, ଲକ୍ଷ୍ମୀଧର କଟା, ଟଙ୍କ କଟା, ସୁବାସ କଟା, ଗୋବିନ୍ଦ କଟା, ହୃଦାନନ୍ଦ କରୁଆଁ ପ୍ରମୁଖ ଉପସ୍ଥିତ ଥିଲେ ।

# ମା'ଙ୍କୁ ଦେଲେ ମେଲାଣି

## ବସ୍‌ଷ୍ଟାଣ୍ଡ ଦୁର୍ଗାପୂଜା କମିଟିର ଭସାଣି ଉତ୍ସବ

ବୀରମହାରାଜପୁର,୪।୧୦(ଯୁଗଳ କିଶୋର ମିଶ୍ର)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବସଷ୍ଟାଣ୍ଡ ଦୁର୍ଗାପୂଜା ଧୂମଧାମରେ ପାଳିତ ହୋଇଯାଇଛି। ଏଥର ବସଷ୍ଟାଣ୍ଡ ପୂଜା କମିଟି ପକ୍ଷରୁ ଆକର୍ଷଣୀୟ ତୋରଣ ଓ ସୁନ୍ଦର ଆଲୋକ ସାଜସଜ୍ଜା କରାଯାଇଥିଲା। ଦଶହରା ଦିନ ବର୍ଷା ଯୋଗୁ ଶ୍ରଦ୍ଧାଳୁଙ୍କ ଭିଡ ସାମାନ୍ୟ କମ ରହିଥିଲା । ତେବେ ବର୍ଷା କମିବାରୁ ଚମ୍ପାମାଳ ରଘୁନାଥ ନାଟ୍ୟ ସଂସଦ ତରଫରୁ ରାମଲୀଳାର ରାବଣ ବଧ ନାଟକ ମଞ୍ଚସ୍ଥ ହୋଇଥିଲା। ଶୁକ୍ରବାର ମା' ଦୁର୍ଗାଙ୍କ ଭସାଣି ଉତ୍ସବ ହୋଇଥିଲା। ପାରମ୍ପରିକ ଘଣ୍ଟ ବାଦ୍ୟ,ବାଡି ଖେଳ ସହିତ ଦୁର୍ଗା ମଣ୍ଡପରୁ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରିବା ପରେ ଐତିହାସିକ ରଜା ବନ୍ଧରେ ମା'ଙ୍କୁ ବିସର୍ଜନ କରାଯାଇଥିଲା। ପୂଜା କମିଟି ସଭାପତି ତଥା ବରିଷ୍ଠ ଆଇନଜୀବୀ ବିଷ୍ଣୁ ଚରଣ ପଣ୍ଡା କହିଛନ୍ତି, ଚଳିତବର୍ଷ ପୂଜାକୁ ୨୬ ବର୍ଷ ପୁରିଛି। ସେଥିପାଇଁ ମା'ଙ୍କ ପୂଜାରେ ବିଶେଷ କରି ଅଞ୍ଚଳର ବିଲୁପ୍ତ କଳାର ପୁନଃରୁଦ୍ଧାର କରିବା ପାଇଁ କମିଟି ପ୍ରୟାସ କରିଥିଲା।


No.O-839

GOVERNMENT OF ODISHA
OFFICE OF THE CHIEF CONSTRUCTION ENGINEER
RURAL WORKS CIRCLE, SUNDARGARH
AT/PO - SANKARA, SUNDARGARH - 770020, E-mail address - serw_sundargarh@yahoo.com

No. Tender Online - RWCCESNG - 15 of 2025-26, Letter No. 2251 / Dtd. 23.09.2025

e-Procurement NOTICE

1. Type of the Work : Bridges, 2. Class of Contractor : As specified in the column-6 of the Annexure, 3. Time of Completion : As specified in the column-5 of the Annexure, 4. Detail Projects : As per Annexure attached, 5. Estimated Cost : As specified in the column-4 of the Annexure, 6. Other details :

| Procurement Officer | Bid Identification No. | Availability of Tender on-line for bidding | | Last Date & Time of Seeking Tender Clarification | Date & Time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Sundargarh | RWCCESNG - 15 of 2025-26 | 06.10.2025 11:00 A.M. | 23.10.2025 5:00 P.M. | 22.10.2025 5:00 P.M. | 24.10.2025 11:00 A.M. | Will be intimated separately |

Further details can be seen from the website www.tendersodisha.gov.in

Sd./- Chief Construction Engineer
Rural Works Circle, Sundargarh

OIPR-25133/11/0071/2526



Govt.of Jharkhand
Department of Mines and Geology District- Lohardaga.

[अल्पकालीन पुर्न निविदा (द्वितीय)]
Notice Inviting E-Auction for Allocation of Sand ghats
(Through E-Procurement mode over https://www.jharkhandtenders.gov.in)

The Jharkhand Sand Mining Rules, 2025 में उल्लेखित प्रावधानों के तहत Category-2 के बालूघाट / बालूघाटों के समूह की ई–नीलामी निम्न कार्यक्रमानुसार करायी जाएगी :–

1. ई–नीलामी कार्यक्रम:–

| NIT No. MINES/ LOHARDAGA/ SAND | बालूघाट या बालूघाटों के समूह जिसे एक इकाई बालू घाट मानते हुए नीलामी किया जाना है, की विवरणी। | निविदा दस्तावेज बिक्री शुल्क (5,000/–रू0+GST in RCM Mode) जमाकर निविदा दस्तावेज डाउनलोड प्रारंभ करने की तिथि | ई–नीलामी से पूर्व प्री– बीड बैठक एवं प्रशिक्षण का समय एवं स्थान | अग्रधन राशि जमा तथा निविदा दस्तावेज अपलोड करने की अंतिम तिथि एवं समय | तकनीकी निविदा की जिला स्तरीय समिति द्वारा जाँच / मूल्यांकन कर सफल निविदादाताओं की सूची सिस्टम में अपलोड करने तथा प्रारम्भिक वितीय प्रस्ताव के मूल्यांकन की तिथि | ई–नीलामी की तिथि एवं समय |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 5/2025 | GROUP-A 1. गितिलगढ–खरता 2. डोबा 3. कोलसिमरी–डोबा 4. लावागाई–नदीनगडा 5. हरमू–भक्सो 6. कैमो–भक्सो 7. बरगांव–कैमो 8. जुरिया–तिगरा | 06.10.2025 | | 07.10.2025 03:00 PM एवं 10.10.2025 01:00 PM | 13.10.2025 5:00 PM | 14.10.2025 को 10:00 बजे पूर्वाहन से 5:00 बजे अपराह्न तक |
| 6/2025 | GROUP-B 1. डांडू–मेढो 2. एकागुडी–मेढो 3. सेन्हा–मेढो 4. जोगना–मेढो 5. उगरा–भड़गांव | | | | | |

2. बालूघाट / बालूघाटों के समूह की विस्तृत विवरणी जिला के वेबसाईट पर उपलब्ध है।
3. बालूघाट / बालूघाटों के समूह की ई–नीलामी प्रक्रिया, ई–प्रोक्योरमेंट पोर्टल www.jharkhandtenders.gov.in से करायी जाएगी।
4. ई–नीलामी में भाग लेने वाले व्यक्तियों / कम्पनी / फर्म / HUF को ई–प्रोक्योरमेंट पोर्टल https://www.jharkhandtend ers.gov.in पर निबंधन कराना अनिवार्य होगा।
5. एतद् संबंधी समस्त सूचना (यथा– नीलामी कार्यक्रम, सुरक्षित जमा राशि, अग्रधन राशि इत्यादि) विस्तृत रूप से जिला के वेबसाईट एवं ई–प्रोक्योरमेंट पोर्टल पर उपलब्ध है।
6. एतद् संबंधी समस्त सूचना हेतु ई–प्रोक्योरमेंट हेल्पडेस्क एवं जिला खनन कार्यालय से सम्पर्क किया जा सकता है।
7. बालू घाट का तात्पर्य है कि The Jharkhand Sand Mining Rules, 2025के नियम–3 के तहत जिला सर्वेक्षण प्रतिवेदन (बालू) में चिन्हित Category-2 Sand ghat/Sand Bearing Land/River Stream होगा।
8. निविदादाता द्वारा ई–पोरक्योमेंट / ई–नीलामी पोर्टल से निविदा दस्तावेज के साथ BoQ Templet (For Intital Price Offer) प्राप्त किया जाएगा। BoQ (.xls) प्रारूप में अपलोड किया जाएगा।
9. एतद संबंधी समस्त सूचना https://www.jharkhandtenders.gov.in एवं जिले के website पर उपलब्ध है।

कार्यपालक अभियंता, लघु सिंचाई प्रमण्डल, लोहरदगा
जिला कोषागार पदाधिकारी, लोहरदगा
जिला खनन पदाधिकारी, लोहरदगा
अपर समाहर्ता लोहरदगा
उप निदेशक, खान दक्षिणी छोटानागपुर अंचल, राँची
उपायुक्त, लोहरदगा

PR.NO.363264 Lohardaga(25-26):D


# ଶ୍ମଶାନ ବିବାଦ ସମାଧାନ ନ ହେଲେ ଆନ୍ଦୋଳନ

ଲାଞ୍ଜିଗଡ଼,୪।୧୦(ରମେଶ ଚନ୍ଦ୍ର ନାୟକ)

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକର ମୂଷାନାଳ ଗ୍ରାମରେ ଶ୍ମଶାନ ବିବାଦକୁ ନେଇ ଶନିବାର ଗ୍ରାମବାସୀ ବିଶ୍ୱନାଥପୁର ଥାନାର ଦ୍ୱାରସ୍ଥ ହୋଇଛନ୍ତି। ସେମାନଙ୍କ ଅଭିଯୋଗକ୍ରମେ କିଛିଦିନ ତଳେ ଲାଞ୍ଜି ପଞ୍ଚାୟତ ମୂଷାନାଳ ଗାଁର ଏକ ନିର୍ଦ୍ଦିଷ୍ଟ ଧର୍ମାବଲମ୍ବୀ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଥିଲା। ଉକ୍ତ ଧର୍ମାବଲମ୍ବୀ ଲୋକେ ମୃତଦେହକୁ ଗାଁ ମଶାଣିରେ ପୋତି ସମାଧି ତିଆରି କରିଥିବାବେଳେ ଏହାକୁ ଗ୍ରାମର ହିନ୍ଦୁ ପରିବାର ବିରୋଧ କରି ଗତ ୨୮ ତାରିଖରେ ବିଶ୍ୱନାଥପୁର ଥାନା ଓ ଲାଞ୍ଜିଗଡ ତହସିଲଦାରଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିଲେ। ହେଲେ କୌଣସି ପଦକ୍ଷେପ ନ ନେବାରୁ ଶନିବାର ପାଞ୍ଚଟି ପଞ୍ଚାୟତର ଶତାଧିକ ଲୋକ ମୂଷାନାଳ ବଜାର ପଡ଼ାଠାରେ ଏକ ବୈଠକ କରିଥିଲେ। ଆଲୋଚନା ପରେ ପୋଲିସ ପ୍ରଶାସନ ଏ ଦିଗରେ ଦୃଷ୍ଟି ନ ଦେଲେ ଆଗାମୀ ଦିନରେ ବ୍ଲକର ୧୩ଗୋଟି ପଞ୍ଚାୟତର ଜନସାଧାରଣ ଥାନା ଘେରାଉ ସହିତ ରାସ୍ତାରୋକୋ କରିବେ ବୋଲି ଚେତାବନୀ ଦେଇଛନ୍ତି। ଏ ନେଇ ବିଶ୍ୱନାଥପୁର ଥାନା ଅଧିକାରୀ ତୁଳସୀରାମ ଶବରଙ୍କୁ ପଚାରିବାରୁ ଉଭୟ ପକ୍ଷ ଥାନାକୁ ଆସିଥିଲେ। ସେମାନଙ୍କୁ ବୁଝାଶୁଝା କରିଛୁ। ପରେ ସେମାନେ ତହସିଲଦାରଙ୍କ ପାଖକୁ ଯାଇଥିଲେ। ତହସିଲଦାର ସୋମବାର ଯାଇ ସ୍ଥିତି ଅନୁଧ୍ୟାନ କରି ଯାହା ବ୍ୟବସ୍ଥା କରିବେ ବୋଲି ପ୍ରକାଶ କରିଛନ୍ତି।


ADVERTISEMENT FOR TENDER FOR SUPPLY OF COMPUTER CONSUMABLE ITEMS FOR THE BHIMA BHOI MEDICAL COLLEGE & HOSPITAL, BALANGIR

No.E-421 : Sealed Tender is invited from organization/ firms/Agencies for **"Supply of Computer Consumable items"** to Bhima Bhoi Medical College & Hospital, Balangir. The Tender Paper completed in all respect should be submitted separately for the services to the undersigned on or before dt.17.10.2025 up to 05.30 P.M. in the office of the Superintendent, BBMC&H, Balangir. The details and terms & condition can be downloaded from http://bbmchbalangir.odisha.gov.in, https://balangir.odisha.gov.in & www.dmetodisha.gov.in

Sd./- Superintendent
Bhima Bhoi Medical College & Hospital, Balangir

OIPR-10141/11/0051/2526

# ଯୁବକଙ୍କ ବେକ, ଯୌନାଙ୍ଗ କାଟି ହତ୍ୟାକଲେ ଭିଣୋଇ

ଯାଜପୁର ରୋଡ୍, ୪।୧୦ (ପବିତ୍ର ରଞ୍ଜନ ମହାନ୍ତି)

ଯାଜପୁରରୋଡ୍ ଥାନା ଅଞ୍ଚଳରେ ଜଣେ ବ୍ୟକ୍ତିଙ୍କ ବେକ ଓ ଯୌନାଙ୍ଗକୁ କାଟି ଭିଣୋଇ ହତ୍ୟା କରିଥିବା ଅଭିଯୋଗ ହୋଇଛି। ମୃତକ ଜଣକ ହେଲେ ମିଥୁନ ବେହେରା। ଅଭିଯୁକ୍ତ ଭିଣୋଇ କହ୍ନେଇ ବେହେରା ଫେରାର ହୋଇଯାଇଛନ୍ତି। ଏନେଇ ମୃତକଙ୍କ ବଡ଼ଭାଇ ରସିକଙ୍କ ଅଭିଯୋଗ ଅନୁଯାୟୀ ଯାଜପୁର ରୋଡ୍ ଥାନା ପୋଲିସ ନଂ.୫୮୮/୨୦୨୫ରେ ଏକ ମାମଲା ରୁଜୁକରି ତଦନ୍ତ ଚଳାଇଛି। ଖୁବ୍‌ଶୀଘ୍ର ଫେରାର ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ଥାନାଧିକାରୀ ଆଶିଷ କୁମାର ସାହୁ କହିଛନ୍ତି।

ସୂଚନା ଅନୁଯାୟୀ ବ୍ୟାସନଗର ପୌର ପରିଷଦ ଅନ୍ତର୍ଗତ ୨ ନମ୍ବର ୱାର୍ଡ ପନାସିଆ ଆଦିବାସୀ ବସ୍ତି ରେଳଲାଇନ କଡ଼ରେ ଶନିବାର ଭୋର ସମୟରେ ଏହି ବୀଭତ୍ସ ହତ୍ୟାକାଣ୍ଡ ଘଟଣା ଘଟିଛି। ଦଶହରା ପୂଜା ଛୁଟି କାଟିବା ପାଇଁ ୨ ଦିନ ତଳେ ଅର୍ଥାତ୍ ଗୁରୁବାର କେନ୍ଦୁଝର ଜିଲା ରାଇସୁଆଁ ଥାନା ଗୁହାଳିଚଟୁଆ ଗ୍ରାମର ମିଥୁନ ବେହେରା(୨୪) ସପରିବାର ବ୍ୟାସନଗର ସହର ପନାସିଆକୁ ଆସିଥିଲେ। ବଡ଼ଭାଇ ରସିକ ବେହେରା ଜଣେ ନିର୍ମାଣ ଶ୍ରମିକ ଭାବେ ଏଠାରେ ରହି କାମ କରୁଥିଲେ। ରସିକଙ୍କ ଭଉଣୀ ରୀନା ବେହେରା କିଛି ବର୍ଷ ତଳେ ରାଜମିସ୍ତ୍ରି କହ୍ନେଇ ବେହେରାଙ୍କୁ ବିବାହ କରିଥିଲେ। କହ୍ନେଇ ନିଶାଗ୍ରସ୍ତ ହେବା ସହ ତାଙ୍କ ଅସାମାଜିକ ଗୁଣ ପାଇଁ ରୀନା ପ୍ରାୟ ୨ବର୍ଷ ତଳୁ ତାଙ୍କୁ ଛାଡି ଅନ୍ୟ ଜଣେ ବ୍ୟକ୍ତିଙ୍କୁ ବିବାହ କରିଛନ୍ତି। କହ୍ନେଇ ଏଥିରେ ଉତ୍କ୍ଷିପ୍ତ ହୋଇ ଅନେକ ସମୟରେ ନିଶାସକ୍ତ ଅବସ୍ଥାରେ ରସିକଙ୍କ ଘରେ ଗଣ୍ଡଗୋଳ କରୁଥିଲେ। ଏପରିକି ରୀନାଙ୍କୁ ଜୀବନରୁ ମାରିଦେବାକୁ ବାରମ୍ବାର ଧମକ ଦେଇଆସୁଥିଲେ। ଅଭିଯୋଗ ଅନୁସାରେ ଶୁକ୍ରବାର ରାତିରେ ସମସ୍ତେ ବସି ଟିଭିରେ ସିନେମା ଦେଖୁଥିଲେ। ଶନିବାର ଭୋର ୪ଟା ବେଳେ କହ୍ନେଇ ଆସି ରସିକଙ୍କ ଘରେ ପହଞ୍ଚିଥିଲେ। ଏହାପରେ ରସିକଙ୍କୁ ବାହାରକୁ ଯାଇ ମଦ ପିଇବାକୁ କହିଥିଲେ। ରସିକ ଫିଲ୍ମ ଦେଖୁଛି କହି ଯିବାକୁ ମନା କରିବା ପରେ ପୂଜା ବୁଲିବାକୁ ଆସିଥିବା ସାନ ଶଳା ମିଥୁନଙ୍କୁ ମଦ ପିଇବାକୁ ଡାକିଥିଲେ। ଘରଠାରୁ କିଛି ବାଟ ଯିବା ପରେ ରେଳଲାଇନ୍ କଡ଼ ନିଛାଟିଆ ସ୍ଥାନରେ କହ୍ନେଇ ବର୍ବରକାଣ୍ଡ ଘଟାଇଥିଲେ। କହ୍ନେଇ ପ୍ରଥମେ ମିଥୁନଙ୍କ ବେକ ଏବଂ ପରେ ଯୌନାଙ୍ଗକୁ ବ୍ଲେଡ୍‌ରେ କାଟି ଦେଇଥିଲେ। ମିଥୁନ ଜୀବନ ବଞ୍ଚାଇବା ପାଇଁ ଘରକୁ ଦୌଡ଼ିଥିଲେ। ଏହି ସମୟରେ ପ୍ରାୟ ୨୦୦ ମିଟର ଯାଏ ରାସ୍ତାରେ ରକ୍ତ ପଡ଼ିଥିଲା। ଅତ୍ୟଧିକ ରକ୍ତସ୍ରାବ ଯୋଗୁ ମିଥୁନଙ୍କ ମୃତ୍ୟୁ ଘଟିଥିଲା। ଏହାପରେ କହ୍ନେଇ ଫେରାର ହୋଇଯାଇଥିଲେ। ଖବର ପାଇ ଥାନା ଅଧିକାରୀ ଆଶିଷ କୁମାର ସାହୁ, ଏସ୍‌ଆଇ ଲିଙ୍ଗରାଜ ବେହେରା ଘଟଣାସ୍ଥଳରେ ପହଞ୍ଚି ସାଇଣ୍ଟିଫିକ ଟିମ୍ ଓ ସନ୍ଧାନୀ କୁକୁର ସହାୟତାରେ ତଦନ୍ତ କରିଛନ୍ତି।

# ମହିଳା ଉଦ୍ଧାର, ଟ୍ରକ୍ ଡ୍ରାଇଭର ଗିରଫ

**ଚରମ୍ପାରୁ ମାନସିକ ବିକୃତ ମହିଳାଙ୍କୁ ଅପହରଣ ଘଟଣା**

**ବଳାତ୍କାର ପରେ ରାସ୍ତାରେ ଛାଡ଼ିଦେଇଥିଲେ**

ଭଦ୍ରକ, ୪।୧୦(ସନାତନ ରାଉତ)

ଭଦ୍ରକ ଜିଲା ୧୬ ନଂ. ଜାତୀୟ ରାଜପଥର ଚରମ୍ପାରୁ ଜଣେ ମାନସିକ ବିକୃତ ମହିଳାଙ୍କୁ ଅପହରଣ ଘଟଣାରେ ଅପହରଣକାରୀ ଟ୍ରକ୍ ଡ୍ରାଇଭରଙ୍କୁ ଟାଉନ ପୋଲିସ ଶୁକ୍ରବାର ବିଳମ୍ବିତ ରାତିରେ କେନ୍ଦୁଝର ଜିଲା ଝୁମ୍ପୁରାରୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ଝାଡ଼ଖଣ୍ଡର ମହମ୍ମଦ ସଦାମ ହୁସେନ(୨୪)। ସେ ଉକ୍ତ ମହିଳାଙ୍କୁ ଟ୍ରକ୍ ଭିତରେ ବଳାତ୍କାର କରିବା ପରେ ବରପଦା-ଗଣିଜାଙ୍ଗ ମଝି ରାସ୍ତାରେ ଛାଡ଼ିଦେଇଥିବା ପୋଲିସ ଆଗରେ ସ୍ୱୀକାର କରିଛନ୍ତି। ଅଭିଯୁକ୍ତଙ୍କ ସୂଚନା ଆଧାରରେ ପୋଲିସ ପୀଡ଼ିତା ମହିଳାଙ୍କୁ ଶନିବାର ରାନ୍ଦିଆ ନିକଟରୁ ଉଦ୍ଧାର କରିଥିବା ଶନିବାର ଅପରାହ୍ନ ୧ଟାରେ ଟାଉନ ଥାନାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଅତିରିକ୍ତ ଏସ୍‌ପି ଅରୂପ ଅଭିଷେକ ବେହେରା ସୂଚନା ଦେଇଛନ୍ତି।



ଗିରଫ ମହମ୍ମଦ ସଦାମ ହୁସେନ।

ପ୍ରକାଶ ଯେ, ଗତ ବୁଧବାର ବିଳମ୍ବିତ ରାତିରେ ବର୍ଷା ଲାଗି ରହିଥିବା ବେଳେ ଚରମ୍ପା ଫାଣ୍ଡି ଛକରେ ରାଜପଥ ପାର୍ଶ୍ୱ ଏକ ଦୋକାନ ବାରଣ୍ଡାରେ ପୀଡ଼ିତା ମହିଳା ଆଶ୍ରୟ ନେଇଥିଲେ। ଏହି ସମୟରେ ଟ୍ରକ୍ ଡ୍ରାଇଭର ହୁସେନ ଜୋରଜବରଦସ୍ତ ଉକ୍ତ ମହିଳାଙ୍କୁ ଟେକି ନେଇଯାଇଥିଲେ। ଅପହରଣ ବେଳର ଦୃଶ୍ୟ ନିକଟସ୍ଥ ଏକ ଦୋକାନରେ ଲାଗିଥିବା ସିସି କ୍ୟାମେରାରେ କଏଦ୍ ହୋଇଥିଲା। ଏହି ଭିଜୁଆଲ ଭାଇରାଲହେବା ପରେ ଭଦ୍ରକ ଏସ୍‌ପି ସ୍ୱତନ୍ତ୍ର ପୋଲିସ ଟିମ୍ ଗଠନକରି ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ଏନେଇ ଟାଉନ ଥାନାରେ ଏକ ମାମଲା (ନଂ.୫୮୭/୨୫) ରୁଜୁ ହୋଇଥିଲା। ଭଦ୍ରକ ଟାଉନ ଥାନାଧିକାରୀ ପ୍ରଭାଂଶୁ ମିଶ୍ରଙ୍କ ନେତୃତ୍ୱରେ ଟିମ୍ ତଦନ୍ତ ଆରମ୍ଭ କରିଥିଲା। ବିଭିନ୍ନ ଟୋଲ୍‌ଗେଟ୍‌ରେ ଲାଗିଥିବା ସିସିଟିଭି ଫୁଟେଜ୍‌କୁ ଯାଞ୍ଚ କରାଯିବା ସହ ଡ୍ରାଇଭର ମହାସଂଘ ଓ ଟ୍ରକ୍ ମାଲିକ ସଂଘ ସହ ଯୋଗାଯୋଗ କରାଯାଇଥିଲା। ଶେଷରେ କେନ୍ଦୁଝର ଝୁମ୍ପୁରାଠାରେ ଉକ୍ତ ଟ୍ରକ୍‌ର ସନ୍ଧାନ ମିଳିଥିଲା। କେନ୍ଦୁଝର ସଦର ପୋଲିସ ସହାୟତାରେ ଭଦ୍ରକ ଟାଉନ ପୋଲିସ ଅଭିଯୁକ୍ତ ସଦାମଙ୍କୁ ଗିରଫକରି ବିଳମ୍ବିତ ରାତିରେ ଥାନାକୁ ଆଣିଥିଲା। ଟ୍ରକ୍‌କୁ ଜବତ କରାଯାଇ ଟାଉନ ଥାନାରେ ରଖାଯାଇଛି। ସଦାମଙ୍କ ଘର ଝାଡ଼ଖଣ୍ଡରେ ହୋଇଥିବା ବେଳେ ସେ ଝୁମ୍ପୁରାରେ ରହି ଟ୍ରକ୍ ଚଳାଉଛନ୍ତି। ଜିଲା ମୁଖ୍ୟ ଚିକିତ୍ସାଳୟରେ ପୀଡ଼ିତାଙ୍କ ଡାକ୍ତରୀ ପରୀକ୍ଷା କରାଯାଇଥିବା ବେଳେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଭଲ ଥିବା ଅତିରିକ୍ତ ଏସ୍‌ପି କହିଛନ୍ତି।

# ଝିଅ ଆଗରେ ସ୍ତ୍ରୀଙ୍କୁ କଚାଡ଼ି ମାରିଦେଲେ

**ସ୍ୱାମୀ ଗିରଫ**

ଔପଦା, ୪।୧୦(ଧରିତ୍ରୀ ପଣ୍ଡା)

ସାମାନ୍ୟ ପାରିବାରିକ ଗଣ୍ଡଗୋଳରୁ ହିତାହିତ ଜ୍ଞାନ ଭୁଲିଗଲେ ସ୍ୱାମୀ। ପିଟି ପିଟି ମନ ଶାନ୍ତ ହେଲାନି। ୩ ବର୍ଷର ଝିଅ ଆଗରେ ସ୍ତ୍ରୀଙ୍କୁ ରାସ୍ତାରେ କଚାଡ଼ି ଦେଲେ। ଶେଷରେ ତାଙ୍କର ପ୍ରାଣବାୟୁ ଉଡ଼ିଗଲା। ଏଭଳି ଏକ ନୃଶଂସ ଘଟଣା ଘଟିଛି ବାଲେଶ୍ୱର ଜିଲା ଔପଦା ଥାନା ତଳକିଆ ପଞ୍ଚାୟତ ପ୍ରତାପପୁର ଗ୍ରାମର ହରିଜନ ସାହିରେ।

୫ବର୍ଷ ପୂର୍ବେ ମୟୂରଭଞ୍ଜ ଅଞ୍ଚଳ ପୂର୍ଣ୍ଣଚନ୍ଦ୍ରପୁର ଗ୍ରାମର କୁନୁ ବାଗଙ୍କ ଝିଅ ବିଷମାଙ୍କୁ ନିଶାକର ମାଣ ବିବାହ କରିଥିଲେ। ତାଙ୍କର ୩ ବର୍ଷର ଏକ କନ୍ୟା ସନ୍ତାନ ଅଛି। ନିଶାକର ଶୁକ୍ରବାର ରାତିରେ ସ୍ତ୍ରୀ ବିଷମାଙ୍କୁ କୌଣସି କାରଣରୁ ମାରପିଟ୍ କରିଥିଲେ। ନିର୍ଘୁମ୍ ପିଟିବା ସହ ସ୍ତ୍ରୀଙ୍କୁ ଘରୁ ବାହାରକୁ ଟେକି ଆଣି ରାସ୍ତା ଉପରେ କଚାଡ଼ି ଦେଇଥିଲେ। ବିଷମା ଚିତ୍କାର କରିବାରୁ ପଡ଼ୋଶୀ ଲୋକେ ସେଠାରେ ପହଞ୍ଚିଥିଲେ। ଚେତାଶୂନ୍ୟ ଅବସ୍ଥାରେ ବିଷମାଙ୍କୁ ଉଦ୍ଧାର କରି ନିଶାକର ଓ ତାଙ୍କ ସମ୍ପର୍କୀୟ ପୁତୁରା ଖଇରା ଡାକ୍ତରଖାନାକୁ ନେଇଥିଲେ। ବିଷମାଙ୍କ ଅବସ୍ଥା ସଂକଟାପନ୍ନ ଥିବାରୁ ତାଙ୍କୁ ଭଦ୍ରକ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ଆମ୍ବୁଲାନ୍ସ ଯୋଗେ ଭଦ୍ରକ ନିଆଯାଉଥିବା ବେଳେ ବାଟରେ ବିଷମାଙ୍କର ମୃତ୍ୟୁ ହୋଇଥିଲା। ସେଠାରୁ ମୃତଦେହକୁ ଗାଁକୁ ଅଣାଯାଇଥିଲା। ଖବରପାଇ ବାପଘର ଲୋକେ ବିଳମ୍ବିତ ରାତିରେ ଔପଦା ଥାନାରେ ଝିଅକୁ ହତ୍ୟା କରାଯାଇଥିବା ନେଇ ଅଭିଯୋଗ କରିଥିଲେ। ଏନେଇ ପୋଲିସ ଏକ ମାମଲା (ନଂ.୧୫୮/୨୫) ରୁଜୁ କରି ନିଶାକରଙ୍କୁ ଗିରଫ କରିଥିଲା। ମାଜିଷ୍ଟ୍ରେଟ ପ୍ରଜ୍ଞା ପରମିତାଙ୍କ ଉପସ୍ଥିତିରେ ମୃତଦେହ ଜବତ କରାଯାଇଥିଲା। ସାଇଣ୍ଟିଫିକ୍ ଟିମ୍ ସହ ଔପଦା ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛନ୍ତି। ନିଶାକରଙ୍କୁ ଶନିବାର କୋର୍ଟଚାଲାଣ କରାଯାଇଛି।




ଥାନା ସମ୍ମୁଖରେ ମୃତ ମହିଳାଙ୍କ ବାପ ଘର ଲୋକେ।

# ଉପ ଡାକଘର ତାଲା ଭାଙ୍ଗି ଚୋରି

ଚମ୍ପୁଆ,୪।୧୦(ମହେଶ୍ୱର ଦାସ)

କେନ୍ଦୁଝର ଜିଲା ଚମ୍ପୁଆ ଉପ ଡାକଘର ପଛପଟ କବାଟ ତାଲା ଭାଙ୍ଗି ଶୁକ୍ରବାର ରାତିରେ ଚୋରି ହୋଇଛି। ଦୁର୍ବୃତ୍ତ କବାଟ ତାଡ଼ି ଷ୍ଟାମ୍ପ ବିକ୍ରି ଅର୍ଥ ଓ ଅନ୍ୟାନ୍ୟ ସାମଗ୍ରୀ ନେଇଯାଇଛନ୍ତି। ଏ ନେଇ ପୋଷ୍ଟମାଷ୍ଟର ତପସ୍ୱିନୀ ପାତ୍ର ଚମ୍ପୁଆ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଛି।

ସୂଚନା ଅନୁଯାୟୀ, ଶୁକ୍ରବାର ପୋଷ୍ଟ ଅଫିସ କାର୍ଯ୍ୟ ଶେଷକରି କର୍ମଚାରୀମାନେ ଘରକୁ ଫେରିଥିଲେ। ଶନିବାର ସକାଳେ କର୍ମଚାରୀମାନେ ଡାକଘରେ ପହଞ୍ଚିବା ପରେ ଘର ପଛପଟ କବାଟ ଓ ଗ୍ରୀଲ୍ ତାଲା ଭଙ୍ଗାଯାଇଥିବା ଦେଖିଥିଲେ। ଏ ନେଇ ପୋଷ୍ଟମାଷ୍ଟର ଚମ୍ପୁଆ ଥାନାକୁ ଖବର ଦେଇଥିଲେ। ଏସ୍‌ଡିପିଓ ରଶ୍ମିରଞ୍ଜନ ସାହୁ ଓ ଆଇଆଇସି ରମାକାନ୍ତ ମୁଦୁଲି ସଦଳବଳ ଘଟଣାସ୍ଥଳରେ ପହଞ୍ଚି ଡାକଘର ଅଧିକାରୀଙ୍କ ଉପସ୍ଥିତିରେ କବାଟ ଖୋଲି ଭିତରେ ତଦନ୍ତ କରିଥିଲେ। ଦୁର୍ବୃତ୍ତ ଏକାଧିକ ଆଲମିରା ତାଡ଼ି କାଗଜପତ୍ର, ଷ୍ଟାମ୍ପ ବିକ୍ରି ଅର୍ଥ ରଖାଯାଇଥିବା ବାକ୍ସ ତାଡ଼ି ଟଙ୍କା ନେଇଯାଇଥିବା ଦେଖିବାକୁ ପାଇଥିଲେ।

# ଭୁବନେଶ୍ୱର ବିମାନବନ୍ଦରରୁ ୩.୨୦ କୋଟିର ମାରିଜୁଆନା ଜବତ

**କେରଳ ଯୁବକ ଗିରଫ**

ଭୁବନେଶ୍ୱର, ୪।୧୦(ସତ୍ୟଜିତ ରାଉତ)

ବିମାନ ଯୋଗେ ବିଦେଶରୁ ଭୁବନେଶ୍ୱରକୁ ନିଶାଦ୍ରବ୍ୟ ଚାଲାଣ ବଢ଼ିବାରେ ଲାଗିଛି। ବାରମ୍ବାର ଚଢ଼ାଉ ଏବଂ ଜବତ ସତ୍ତ୍ୱେ ଏହି କାରବାରରେ ରୋକ ଲାଗିପାରୁନାହିଁ। ଭୁବନେଶ୍ୱର ବିମାନ ବନ୍ଦରରୁ ଶନିବାର ପୁଣି ୩ କୋଟି ୨୭ ଲକ୍ଷ ଟଙ୍କାର ମାରିଜୁଆନା କଷ୍ଟମ୍ସ ବିଭାଗ ଜବତ କରିଛି। ଏହି ଚାଲାଣରେ ସମ୍ପୃକ୍ତ ଜଣେ କେରଳ କନୁରର ମହମ୍ମଦ ନବୀଲଙ୍କୁ ଗିରଫ କରାଯାଇଛି। ଅଭିଯୁକ୍ତ ଜଣକ ଇଣ୍ଡିଗୋ ଫ୍ଲାଇଟ୍(ନଂ. ୬ଇ୧୦୬୬) ଜରିଆରେ ବ୍ୟାଙ୍କକ୍‌ରୁ ଭୁବନେଶ୍ୱର ଆସିଥିଲେ। କଷ୍ଟମ୍ସ ଅଧିକାରୀମାନେ ଅଭିଯୁକ୍ତଙ୍କ ଲଗେଜ୍ ଯାଞ୍ଚ କରିବାପରେ ଏହି ଚାଲାଣ ଧରାପଡ଼ିଥିଲା। ଜବତ ମାରିଜୁଆନାର ଓଜନ ୩ କେଜି ୨୭୦ଗ୍ରାମ ଥିଲା। ତେବେ ଏହି କାରବାରରେ ଅନ୍ୟ କାହା ସମ୍ପୃକ୍ତ ରହିଛି ସେନେଇ ତଦନ୍ତ କରାଯାଉଛି। ଅଗଷ୍ଟ ମାସରେ ମଧ ବିମାନବନ୍ଦରରେ ଏକ ଦମ୍ପତିଙ୍କ ପାଖରୁ ୪ କୋଟି ଟଙ୍କାର ମାରିଜୁଆନା ଜବତ ହୋଇଥିଲା। ମିଳିଥିବା ସୂଚନା ଅନୁଯାୟୀ ଭୁବନେଶ୍ୱର ଏୟାରପୋର୍ଟରୁ ଗତ ୬ମାସ ମଧ୍ୟରେ ୪୦କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ମାରିଜୁଆନା ଜବତ ହୋଇଥିବାବେଳେ ୮ରୁ ଊର୍ଦ୍ଧ୍ୱ ଅଭିଯୁକ୍ତ ଗିରଫ ହୋଇଛନ୍ତି।



## Business

# ପ୍ରତି ପରିବାର ୫୦୦୦ ଟଙ୍କାର ଖଦି କିଣିବାକୁ ଆହ୍ୱାନ




- ୩୩.୬୬ କୋଟିର କେଭିଆଇସି ପ୍ରକଳ୍ପର ଉଦ୍‌ଘାଟନ, ଶିଳାନ୍ୟାସ
- ରୋହତକରେ 'ଖଦି କାରିଗର ମହୋତ୍ସବ'
- କାରିଗରଙ୍କୁ ୨,୨୯୮ ମେଶିନ, ଟୁଲ୍‌କିଟ୍ ପ୍ରଦାନ

ଭୁବନେଶ୍ୱର,୪।୧୦(ଅନୁରାଧା ମହାରଣା)

ହରିୟାଣାର ରୋହତକଠାରେ ଅନୁଷ୍ଠିତ 'ଖଦି କାରିଗର ମହୋତ୍ସବ'ରେ ମୁଖ୍ୟ ଅତିଥି ଭାବରେ କେନ୍ଦ୍ର ସ୍ୱରାଷ୍ଟ୍ର ଏବଂ ସମବାୟ ମନ୍ତ୍ରୀ ଅମିତ ଶାହା ଯୋଗଦେଇ ଦେଶର ପ୍ରତ୍ୟେକ ପରିବାର ୫୦୦୦ ଟଙ୍କା ମୂଲ୍ୟର ଖଦି କିଣିବାକୁ ଆହ୍ୱାନ ଦେଇଛନ୍ତି। ଏହାଦ୍ୱାରା ଦେଶ ଆତ୍ମନିର୍ଭରଶୀଳତା ଆଡ଼କୁ ଅଗ୍ରସର ହେବ ବୋଲି ସେ କହିଛନ୍ତି। ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶାହା ଖଦି କାରିଗରମାନଙ୍କୁ ମେଶିନ ଏବଂ ଟୁଲ୍‌କିଟ୍ ବଣ୍ଟନ କରିଛନ୍ତି। ଏହି ଅବସରରେ ଶାହା ହରିୟାଣାର କାରିଗରମାନଙ୍କୁ ୨,୨୯୮ ମେଶିନ ଏବଂ ଟୁଲ୍‌କିଟ୍ (ବୈଦ୍ୟୁତିକ କୁମ୍ଭାର ଚକ, ଚରଖା, ସିଲେଇ ମେଶିନ, ଧୂପକାଠି, ଚମଡ଼ା ମରାମତି ଟୁଲ୍‌କିଟ୍, ମୋବାଇଲ ଏବଂ ଏସି ମରାମତି ଟୁଲ୍‌କିଟ୍ ଆଦି) ବଣ୍ଟନ କରିଛନ୍ତି। ଏହାସହ ୫ ଜଣ ବରିଷ୍ଠ ଖଦି କାରିଗରଙ୍କୁ ମଧ ସମ୍ମାନିତ କରାଯାଇଛି। ଆଭାସି ମାଧ୍ୟମରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଦେଶବ୍ୟାପୀ ୩୩.୬୬ କୋଟି ଟଙ୍କା ବ୍ୟୟରେ ଅନେକ ଖଦି ଓ ଗ୍ରାମୋଦ୍ୟୋଗ ଆୟୋଗ (କେଭିଆଇସି) ପ୍ରକଳ୍ପକୁ ସମର୍ପିତ, ଶିଳାନ୍ୟାସ ଏବଂ ଶୁଭାରମ୍ଭ କରିଛନ୍ତି। ଏଥିମଧ୍ୟରେ ନୂଆଦିଲ୍ଲୀର କନ୍ନଟ ପ୍ଲେସ୍‌ରେ ଥିବା 'ଖଦି ଗ୍ରାମୋଦ୍ୟୋଗ ଭବନ'କୁ 'ଖଦି ମଲ୍'ଭାବରେ ନବୀକରଣ କାର୍ଯ୍ୟର ଶୁଭାରମ୍ଭ କରାଯାଇଛି। ଉତ୍ତର ପ୍ରଦେଶର ଗୋରଖପୁରଠାରେ କେଭିଆଇସି ଡିଭିଜନାଲ ଅଫିସର ନବନିର୍ମିତ କୋଠାର ଉଦ୍‌ଘାଟନ କରାଯାଇଛି। ଖଦି କାରିଗରଙ୍କ ପାଇଁ ୭୬୨ଟି ନବନିର୍ମିତ କର୍ମଶାଳା, ସାରା ଦେଶରେ ୩୫ଟି ନବୀକରଣ ହୋଇଥିବା ବିକ୍ରୟ କେନ୍ଦ୍ର ଏବଂ ମହାରାଷ୍ଟ୍ରର ୱାର୍ଦ୍ଧାରେ ଜୈବିକ କପା କେନ୍ଦ୍ରୀୟ ସ୍ଲାଇଭର ପ୍ଲାଣ୍ଟର ଉଦ୍‌ଘାଟନ କରାଯାଇଛି। ଏହାସହ ପ୍ରଧାନମନ୍ତ୍ରୀ ରୋଜଗାର ସୃଜନ କାର୍ଯ୍ୟକ୍ରମ (ପିଏମ୍‌ଜିପି) ଅଧୀନରେ ୩୦୧ କୋଟି ଟଙ୍କାର ମାର୍ଜିନ ମନି ସବ୍‌ସିଡି ବଣ୍ଟନ କରାଯାଇଛି। ୭୪୧.୧୬ କୋଟି ଟଙ୍କା ନିବେଶ ସହ ୮୩୧୦ ନୂତନ ପିଏମ୍‌ଜିପି ୟୁନିଟ୍‌ର ଶୁଭାରମ୍ଭ ହୋଇଛି। ଏହି ଅବସରରେ ଶାହା କହିଛନ୍ତି, ଖଦି ଏବଂ ଗ୍ରାମୋଦ୍ୟୋଗ ଉତ୍ପାଦର ବିକ୍ରୟ ୩୩,୦୦୦ କୋଟିରୁ ବୃଦ୍ଧି ପାଇ ୧,୭୦,୦୦୦ କୋଟି ଟଙ୍କା ହୋଇଛି। ହରିୟାଣା ମୁଖ୍ୟମନ୍ତ୍ରୀ ନାୟବ ସାଇନି, ପରିସଂଖ୍ୟାନ ଏବଂ କାର୍ଯ୍ୟକ୍ରମ କାର୍ଯ୍ୟାନ୍ୱୟନ ଏବଂ ଯୋଜନା ରାଷ୍ଟ୍ରମନ୍ତ୍ରୀ ରାଓ ଇନ୍ଦ୍ରଜିତ ସିଂହ, କେନ୍ଦ୍ର ସମବାୟ ରାଷ୍ଟ୍ରମନ୍ତ୍ରୀ କ୍ରିଷନ ପାଲ ଗୁର୍ଜର ମଧ ଏହି ଅବସରରେ ଯୋଗଦେଇଥିଲେ। କେଭିଆଇସିର ସିଇଓ ରୂପ ରାଶୀ ଧନ୍ୟବାଦ ଦେଇଥିଲେ।

# ରୁପା ମୂଲ୍ୟରେ ୧୯.୪% ବୃଦ୍ଧି

ଭୁବନେଶ୍ୱର,୪।୧୦(ଅନୁରାଧା ମହାରଣା)

ସୁନାର ମୂଲ୍ୟ ବୃଦ୍ଧି ତଥା ହ୍ରାସ ଉପରେ ଗ୍ରାହକ ନଜର ରଖିଥିବାବେଳେ ରୁପାଦରରେ ମଧ ଅହେତୁକ ବୃଦ୍ଧି ହୋଇଛି। ସେପ୍ଟେମ୍ବର ମାସରେ ରୁପାର ମୂଲ୍ୟ ୧୯.୪ ପ୍ରତିଶତ ବୃଦ୍ଧି ପାଇଛି। ଅନ୍ୟପଟେ ସୁନାର ମୂଲ୍ୟ ୧୩% ବୃଦ୍ଧି ପାଇଛି। ସୋଲାର ଓ ଟେକ୍ନୋଲୋଜି ସେକ୍ଟରରୁ ବଢୁଥିବା ଚାହିଦା ଏବଂ ବିଶ୍ୱବ୍ୟାପୀ ଯୋଗାଣରେ ଅଭାବ ହେତୁ ରୁପାର ମୂଲ୍ୟ ବୃଦ୍ଧି ପାଇଛି। ସେପ୍ଟେମ୍ବର ପହିଲାରେ ରୁପାର ମୂଲ୍ୟ କିଲୋଗ୍ରାମ ପ୍ରତି ୧,୨୬,୦୦୦ ଟଙ୍କା ଥିବାବେଳେ ସେପ୍ଟେମ୍ବର ୩୦ ସୁଦ୍ଧା ଏହି ମୂଲ୍ୟ ୨୪, ୫୦୦ ବୃଦ୍ଧି ପାଇ ୧,୫୦, ୫୦୦ ଟଙ୍କାରେ ପହଞ୍ଚିଛି। ଏହା ବିଗତ କିଛି ବର୍ଷ ମଧ୍ୟରେ ଏକ ମାସରେ ରୁପାର ମୂଲ୍ୟରେ ଆସିଥିବା ସବୁଠାରୁ ବଡ଼ ପରିବର୍ତ୍ତନ ମଧ୍ୟରୁ ଗୋଟିଏ। ଅନ୍ୟପକ୍ଷରେ, ସେପ୍ଟେମ୍ବର ମାସରେ ସୁନାର ମୂଲ୍ୟ ପ୍ରତି ୧୦ ଗ୍ରାମରେ ୧୪,୩୩୦ ଟଙ୍କା ବା ୧୩.୫୬% ବୃଦ୍ଧି ପାଇଛି। ସେପ୍ଟେମ୍ବର ପହିଲାରେ ସୁନାର ମୂଲ୍ୟ ୧୦ ଗ୍ରାମ ପ୍ରତି ୧,୦୫,୬୭୦ ଟଙ୍କା ଥିବା ବେଳେ ସେପ୍ଟେମ୍ବର ସୁଦ୍ଧା ଏହା ୧,୨୦,୦୦୦ ଟଙ୍କାରେ ପହଞ୍ଚିଛି।

# ହିରୋ ମୋଟୋକର୍ପରେ ଦୁଇ ଚକିଆ ଯାନର ଚାହିଦା



ଭୁବନେଶ୍ୱର,୪।୧୦(ଅନୁରାଧା ମହାରଣା)

ପର୍ବପର୍ବାଣି ସମୟରେ ଭାରତୀୟ ଅଟୋ ବଜାରରେ ଦୁଇ-ଚକିଆ ଯାନର ଚାହିଦା ଉଲ୍ଲେଖନୀୟ ଭାବେ ବୃଦ୍ଧି ପାଇଛି। ହିରୋ ମୋଟୋକର୍ପ ଏହି ଉତ୍ସବ ସମୟରେ ଗ୍ରାହକଙ୍କ ଉତ୍ସାହ ଓ ବିକ୍ରୟରେ ବଡ଼ ବୃଦ୍ଧି ଦେଖିଛି। ନୂତନ ଜିଏସ୍‌ଟି ହ୍ରାସ ଯୋଗୁଁ ୧୦୦ ସିସି ଓ ୧୨୫ ସିସି କମ୍ୟୁଟର ସେଗମେଣ୍ଟରେ ଦୁଇ ଚକିଆ ଯାନ କିଣିବା ସହଜ ହୋଇଛି, ଯାହା ଗ୍ରାହକଙ୍କ ମନରେ ଅଧିକ ଆଗ୍ରହ ସୃଷ୍ଟି କରିଛି। କମ୍ପାନୀର ଶୋ'ରୁମଗୁଡ଼ିକ ଗତବର୍ଷ ତୁଳନାରେ ୫୦%ରୁ ଅଧିକ ଗ୍ରାହକଙ୍କ ଭିଡ଼ ଦେଖାଦେଇଛି। ହିରୋ ମୋଟୋକର୍ପର ଚିଫ୍ ବିଜ୍‌ନେସ୍ ଅଫିସର (ଇଣ୍ଡିଆ ବିଜ୍‌ନେସ୍ ୟୁନିଟ୍) ଆଶୁତୋଷ ବର୍ମା କହିଛନ୍ତି, ନବରାତ୍ରିର ପ୍ରଥମ ଦିନରୁ ଗ୍ରାହକଙ୍କ ଶୋ'ରୁମ ଆଗମନ ଓ ଯାନ କ୍ରୟ ଗତବର୍ଷ ତୁଳନାରେ ଦ୍ୱିଗୁଣିତ ହୋଇଛି। ଇଏମ୍‌ଆଇ ସୁବିଧା ଓ ନୂତନ ମଡେଲଗୁଡ଼ିକ ଏହି ଚାହିଦାକୁ ଆହୁରି ବଢ଼ାଇଛି। ହିରୋ ମୋଟୋକର୍ପ ଡେଷ୍ଟିନି ୧୧୦, ଜୁମ ୧୬୦, ଗ୍ଲାମର ଏକ୍ସ ୧୨୫ ଓ ଏଚ୍‌ଏଫ୍ ଡିଲକ୍ସ ପ୍ରୋ ଭଳି ନୂତନ ମଡେଲ ସହିତ ଗ୍ରାହକଙ୍କ ପାଇଁ ଆକର୍ଷଣୀୟ ଅଫର ଆଣିଛି। କମ୍ପାନୀର 'ଆୟା ତ୍ୟୋହାର, ହିରୋ ପେ ସୱାର' ଅଭିଯାନ ଗ୍ରାହକଙ୍କୁ ରିହାତି, ପୁରସ୍କାର ଓ ସୁନା ମୁଦ୍ରା ଭଳି ଉପହାର ପ୍ରଦାନ କରୁଛି। ଏହା ସହିତ ଅନ୍‌ଲାଇନ ପ୍ଲାଟଫର୍ମରେ ଗ୍ରାହକଙ୍କ ଅନୁସନ୍ଧାନ ୩ ଗୁଣରୁ ଅଧିକ ବଢ଼ିଛି। ଏହି ଉତ୍ସବ ସମୟର ଚାହିଦା ପୂରଣ ପାଇଁ ହିରୋ ମୋଟୋକର୍ପ ନିଜର ଯୋଗାଣ ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରୁଛି ଏବଂ ଲୋକପ୍ରିୟ ମଡେଲ ଓ ନୂତନ ରଙ୍ଗ ବିକଳ୍ପ ଉପଲବ୍ଧ କରାଉଛି।

# ଆଜି ଆଲେନ୍ ଟାଲେଣ୍ଟେକ୍ସ ପଞ୍ଜୀକରଣ ଶେଷ ତାରିଖ



ଭୁବନେଶ୍ୱର,୪।୧୦

ଆଲେନ୍‌ଟାଲେଣ୍ଟେକ୍ସ ପରୀକ୍ଷା ପଞ୍ଜୀକରଣ ପାଇଁ ଅକ୍ଟୋବର ୫ ଶେଷ ତାରିଖ ରହିଛି। ଆଲେନ୍ ଫିଁରେ ୯୦ ପ୍ରତିଶତ ପର୍ଯ୍ୟନ୍ତ ସ୍କଲାରଶିପ ଏବଂ ନଗଦ ପୁରସ୍କାର ଜିତିବାର ସୁଯୋଗ ପାଇଁ ଆସନ୍ତା ୧୨ ଅକ୍ଟୋବରରେ ଅନୁଷ୍ଠିତ ହେବ। ଆଲେନ୍ କ୍ୟାରିୟର ଇନ୍‌ଷ୍ଟିଚ୍ୟୁଟ୍‌ର ଭାଇସ୍ ପ୍ରେସିଡେଣ୍ଟ ତଥା ଟାଲେଣ୍ଟେକ୍ସର ନ୍ୟାଶନାଲ ହେଡ୍ ପଙ୍କଜ ଅଗ୍ରୱାଲ କହିଛନ୍ତି, ଏହି ପରୀକ୍ଷା ଓଡ଼ିଶା, ଆନ୍ଧ୍ରପ୍ରଦେଶ, ଅରୁଣାଚଳ ପ୍ରଦେଶ, ଆସାମ, ବିହାର, ଛତିଶଗଡ଼, ଝାଡ଼ଖଣ୍ଡ, କର୍ଣ୍ଣାଟକ, କେରଳ, ମଧ୍ୟପ୍ରଦେଶ, ମଣିପୁର, ମେଘାଳୟ, ମିଜୋରାମ, ନାଗାଲାଣ୍ଡ, ପୁଡୁଚେରୀ, ସିକ୍କିମ, ତାମିଲନାଡୁ, ତେଲଙ୍ଗାନା, ତ୍ରିପୁରା, ଉତ୍ତରପ୍ରଦେଶ ଏବଂ ପଶ୍ଚିମବଙ୍ଗରେ ଅନୁଷ୍ଠିତ ହେବ। ଛାତ୍ରୀଛାତ୍ରମାନଙ୍କୁ ଅଭ୍ୟାସ ପାଇଁ ଟେଷ୍ଟ ପେପର ଆଲେନ୍‌ର ୱେବ୍‌ସାଇଟ୍‌ରେ ଉପଲବ୍ଧ କରାଯିବ। ପରୀକ୍ଷାର ସିଲାବସ୍ ଏନ୍‌ସିଇଆର୍‌ଟି ଆଧାରିତ ହେବ। ପରୀକ୍ଷାରେ ବର୍ତ୍ତମାନ ଯାଏଁ ୧୮.୨୫ ଲକ୍ଷ ଛାତ୍ରୀଛାତ୍ର ଅଂଶଗ୍ରହଣ କରିସାରିଛନ୍ତି। ୫ମରୁ ୧୦ମ ଛାତ୍ରୀଛାତ୍ର ଅନ୍‌ଲାଇନ ଓ ଅଫ୍‌ଲାଇନ ମୋଡ୍‌ରେ ପରୀକ୍ଷା ଦେଇପାରିବେ। ଜାତୀୟ ଓ ରାଜ୍ୟସ୍ତରୀୟ ର୍‍ୟାଙ୍କ୍ ସହ ୨.୫୦ କୋଟି ଟଙ୍କାର ନଗଦ ପୁରସ୍କାର ଏବଂ ୨୫୦ କୋଟି ଟଙ୍କାର ସ୍କଲାରଶିପ ପାଇବେ। ପ୍ରତ୍ୟେକ ଛାତ୍ରୀଛାତ୍ରଙ୍କୁ ଏକ ପୃଥକ୍ କମ୍ପିଟିଭ ସକ୍ସେସ୍ ଇଣ୍ଡେକ୍ସ (ସିଏସ୍‌ଆଇ) ମଧ ପ୍ରଦାନ କରାଯିବ।

# ମାଲାବାରର ସୋଲିଟେୟାର ଜୁଏଲେରି ପ୍ରଦର୍ଶନୀ




ଭୁବନେଶ୍ୱର,୪।୧୦(ଅନୁରାଧା ମହାରଣା)

ସୁନା ଓ ହୀରା ଜୁଏଲେରି ରିଟେଲର ମାଲାବାର ଗୋଲ୍ଡ ଆଣ୍ଡ ଡାଏମଣ୍ଡସ୍ ପକ୍ଷରୁ ଭୁବନେଶ୍ୱର ଶହୀଦନଗର ଷ୍ଟୋରରେ ସୋଲିଟେୟାର ଜୁଏଲେରି ପ୍ରଦର୍ଶନୀ କରାଯାଇଛି। ଏଥିରେ ଦୁର୍ଲଭ ଓ ମୂଲ୍ୟବାନ୍ ସୋଲିଟେୟାର ଜୁଏଲେରିର ଅପୂର୍ବ ସଂଗ୍ରହ ପ୍ରଦର୍ଶିତ ହେଉଛି। ଏହା ଗ୍ରାହକଙ୍କ ପାଇଁ ଏକ ସ୍ୱତନ୍ତ୍ର ଅନୁଭବ ଆଣିବ ବୋଲି ଷ୍ଟୋର ପକ୍ଷରୁ ଆଶା କରାଯାଉଛି। ଶନିବାର ଆଣ୍ଡ ଡାଏମଣ୍ଡସର ଗ୍ରାହକ ଏବଂ ମ୍ୟାନେଜମେଣ୍ଟ ଷ୍ଟାଫ୍‌ଙ୍କ ଦ୍ୱାରା ଉଦ୍‌ଘାଟିତ ଏହି ପ୍ରଦର୍ଶନୀ ଅକ୍ଟୋବର ୧୨ ପର୍ଯ୍ୟନ୍ତ ଚାଲିବ। ଉକ୍ତ ପ୍ରଦର୍ଶନୀରେ ଅନନ୍ୟ ଡିଜାଇନ ସହ ମନମୁଗ୍ଧକର ହୀରା ସୋଲିଟେୟାରର କଲେକ୍ସନ ରହିଛି। ଏହା ସୌନ୍ଦର୍ଯ୍ୟ, ଦୁର୍ଲଭତା ଏବଂ ଦାୟିତ୍ୱପୂର୍ଣ୍ଣ ସୋର୍ସିଂରେ ନିଶ୍ଚିତତା ପ୍ରଦାନ କରୁଛି। ମାଲାବାର ଗ୍ରୁପ୍‌ର ଚେୟାରମ୍ୟାନ ଏମ୍.ପି. ଅହମ୍ମଦୀ କହିଛନ୍ତି, ଆମେ ଆମ ଗ୍ରାହକଙ୍କୁ କେବଳ ଉଚ୍ଚମାନର ହୀରା ଜୁଏଲେରି ପ୍ରଦାନ କରୁଛୁ, ଯାହା ଆମ ବ୍ରାଣ୍ଡର ବିଶ୍ୱାସ ଓ ନିର୍ଭରଯୋଗ୍ୟତାର ପ୍ରମାଣ। ଏହି ସ୍ୱତନ୍ତ୍ର ଶୋ' ମାଧ୍ୟମରେ ଆମେ ସମସ୍ତ ଗ୍ରାହକଙ୍କୁ ଏକ ଅସାଧାରଣ ଜୁଏଲେରି କିଣାକିଣି ଅନୁଭବ ପ୍ରଦାନ କରିବାକୁ ଆଶା ରଖୁଛୁ। ସୋଲିଟେୟାର ଶୋ'ରେ ଗ୍ରାହକମାନେ ବିଭିନ୍ନ ଆକୃତି, ଆକାର ଓ ରଙ୍ଗରେ ଶତାଧିକ ହୀରା ଦେଖିପାରିବେ ଏବଂ ନିଜର ସ୍ୱତନ୍ତ୍ର ସ୍ଥିତିକୁ ପ୍ରତିଫଳିତ କରୁଥିବା ଜୁଏଲେରି ବାଛିପାରିବେ।

# ରେଳ ଯୋଗେ କଶ୍ମୀର ଉପତ୍ୟକାରେ ପହଞ୍ଚିଲା ଅଟୋମୋବାଇଲର ପ୍ରଥମ ବ୍ୟାଚ୍

ଭୁବନେଶ୍ୱର,୪।୧୦

କଶ୍ମୀର ଉପତ୍ୟକାରେ ରେଳ ଯୋଗେ ଅଟୋମୋବାଇଲର ପ୍ରଥମ ବ୍ୟାଚ୍ ପହଞ୍ଚିଛି। ଶୁକ୍ରବାର ୧୦୦ରୁ ଅଧିକ ଯାନବାହନ ନେଇ ଟ୍ରେନ୍ ଉପତ୍ୟକାର ଅନନ୍ତନାଗ ଗୁଡସ୍ ଟର୍ମିନାଲରେ ପହଞ୍ଚିଥିଲା। ଏହି ରେକ୍ ହରିୟାଣାର ମାନେସରରୁ ଆରମ୍ଭ ହୋଇଥିଲା ଏବଂ ଗନ୍ତବ୍ୟସ୍ଥଳରେ ପହଞ୍ଚିବା ପୂର୍ବରୁ ବିଶ୍ୱର ସର୍ବୋଚ୍ଚ ରେଳ ସେତୁ - ପ୍ରତୀକାତ୍ମକ ଚେନାବ ଆର୍ଚ ବ୍ରିଜ୍ ପାରକରିଥିଲା। ଚଳିତବର୍ଷ ପ୍ରାରମ୍ଭରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଥିବା ଉଧମପୁର-ଶ୍ରୀନଗର-ବାରମୂଲା ରେଳ ସଂଯୋଗ (ୟୁଏସ୍‌ବିଆର୍‌ଏଲ୍) ପ୍ରକଳ୍ପ ଦ୍ୱାରା ଏହି ସଫଳତା ମିଳିଥିବା ଭାରତୀୟ ରେଳପଥ ପକ୍ଷରୁ କୁହାଯାଇଛି । ଏହି ପ୍ରକଳ୍ପ କଶ୍ମୀର ଉପତ୍ୟକାକୁ ଦେଶର ଅନ୍ୟାନ୍ୟ ଅଂଶ ସହ ରେଳ ଦ୍ୱାରା ସଂଯୋଗ କରିଛି। ଦଶନ୍ଧି ଧରି ବିଚ୍ଛିନ୍ନତାକୁ ଶେଷକରି ଏହାକୁ ପ୍ରକୃତ ଅର୍ଥରେ ଜାତୀୟ ରେଳ ଗ୍ରୀଡ୍‌ର ଅଂଶ କରିଛି। ୟୁଏସ୍‌ବିଆର୍‌ଏଲ ଲିଙ୍କ୍ କାର୍ଯ୍ୟକାରୀ ହେବା ସହ ବନ୍ଦେ ଭାରତ ଏକ୍ସପ୍ରେସ୍ ପ୍ରଥମ ଥର ପାଇଁ ଉପତ୍ୟକାରେ ପହଞ୍ଚିଥିଲା, ଯାହା ଲୋକଙ୍କୁ ଏକ ଆଧୁନିକ ଏବଂ ଦ୍ରୁତ ଯାତ୍ରା ଅନୁଭୂତି ପ୍ରଦାନ କରିଥିଲା। ଏହାପରେ ସେପ୍ଟେମ୍ବର ୧୫ରେ ଭାରତୀୟ ରେଳପଥ ଉପତ୍ୟକାରେ ସେଓ ଚାଷୀମାନଙ୍କ ପାଇଁ ଉତ୍ସର୍ଗୀକୃତ ପାର୍ସଲ ଟ୍ରେନ୍ ସେବା ପରିଚାଳନା କରିଥିଲା। ବଡଗାମ୍ ଏବଂ ଦିଲ୍ଲୀ ମଧ୍ୟରେ ଦୈନିକ ସମୟସାରଣୀ ସହ ଟ୍ରେନ୍ ସେବା ଆରମ୍ଭ କରାଯାଇଥିଲା। ଏହାଦ୍ୱାରା କଶ୍ମୀରରୁ ସେଓ ସବୁଠାରୁ ଅନୁକୂଳ ବାଣିଜ୍ୟ ସମୟରେ ରାଜଧାନୀର ପାଇକାରୀ ବଜାରରେ ପହଞ୍ଚିବା ସମ୍ଭବ ହୋଇପାରିଛି। ଏହାସହ କୃଷକମାନଙ୍କ ଆୟ ବୃଦ୍ଧି ପାଇଛି, ସଡ଼କ ପରିବହନ ଉପରେ ନିର୍ଭରଶୀଳତା ଏବଂ ଲଜିଷ୍ଟିକ୍ସ ଖର୍ଚ୍ଚ ହ୍ରାସ ପାଇଛି। ବର୍ତ୍ତମାନ ପ୍ରଥମ ଥର ପାଇଁ ନୂତନ ଯାନଗୁଡ଼ିକୁ ରେଳ ଦ୍ୱାରା ଉପତ୍ୟକାକୁ ପରିବହନ କରାଯାଇଛି; ଯାହା ବାଣିଜ୍ୟ, ଖୁଚୁରା ଏବଂ ଆନୁଷଙ୍ଗିକ ସେବା ପାଇଁ ନୂତନ ରାସ୍ତା ଖୋଲିଛି।

# ମହିଳା ବିଶ୍ୱକପ୍‌ରେ ଆଜି ଭାରତ-ପାକିସ୍ତାନ

## ନୋ-ହ୍ୟାଣ୍ଡସେକ୍ ନୀତିକୁ ନେଇ ଚର୍ଚ୍ଚା

**କଲମ୍ବୋ,୪।୧୦**

ଚଳିତ ମହିଳା ଦିନିକିଆ କ୍ରିକେଟ ବିଶ୍ୱକପ୍‌ରେ ରବିବାର ଖେଳାଯିବାକୁ ଥିବା ମ୍ୟାଚ୍‌ରେ ଦୁଇ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ଭାରତ ଓ ପାକିସ୍ତାନ ପରସ୍ପରକୁ ଭେଟିବେ। ନିକଟରେ ଶେଷ ହୋଇଥିବା ଏସିଆ କପ୍‌ରେ ପାକିସ୍ତାନ ବିପକ୍ଷରେ ଖେଳାଯାଇଥିବା ୩ ମ୍ୟାଚ୍‌ରେ ଭାରତୀୟ ପୁରୁଷ ଖେଳାଳିମାନେ ହାତ ନ ମିଳାଇବାକୁ ନେଇ ବିବାଦ ହୋଇଥିବାରୁ ଏହି ମ୍ୟାଚ୍‌କୁ ନେଇ ପ୍ରଶଂସକଙ୍କ ମଧ୍ୟରେ ଉତ୍ସାହ ବୃଦ୍ଧି ପାଇଛି। ଭାରତୀୟ ପୁରୁଷ ଖେଳାଳିଙ୍କ ଭଳି ମହିଳା ଖେଳାଳିମାନେ ମଧ୍ୟ ପ୍ରତିପକ୍ଷ ଖେଳାଳିଙ୍କ ସହ ହାତ ମିଳାଇବେ ନାହିଁ ବୋଲି ଆଶା କରାଯାଉଛି। ତେବେ ଦୁର୍ବଳ ପାକିସ୍ତାନ ବିପକ୍ଷରେ ଭାରତକୁ ଫେଭରାଇଟ୍ ବିବେଚନା କରାଯାଉଛି। କାରଣ ମହିଳା କ୍ରିକେଟରେ ଦୁଇ ଦଳ ମଧ୍ୟରେ ଏପର୍ଯ୍ୟନ୍ତ ୨୭ଟି ଅନ୍ତର୍ଜାତୀୟ ମ୍ୟାଚ୍ ଖେଳାଯାଇଥିବା ବେଳେ ଭାରତ ୨୪-୩ ବ୍ୟବଧାନରେ ଆଗରେ ରହିଛି। ପାକିସ୍ତାନ ଟି୨୦ ଫର୍ମାଟରେ ୩ ମ୍ୟାଚ୍ ଜିତିଥିବା ବେଳେ ଦିନିକିଆ ଫର୍ମାଟରେ କଦାପି ଭାରତକୁ ହରାଇ ପାରି ନାହିଁ। ପାକିସ୍ତାନ ବିପକ୍ଷରେ ଏପର୍ଯ୍ୟନ୍ତ ଖେଳାଯାଇଥିବା ୧୧ ଦିନିକିଆ ମ୍ୟାଚ୍‌ରେ ଭାରତୀୟ ଦଳର ୧୦୦ ପ୍ରତିଶତ ରେକର୍ଡ ରହିଛି।

ଟୁର୍ନାମେଣ୍ଟର ପ୍ରଥମ ମ୍ୟାଚ୍‌ରେ ଉଭୟ ଦଳର ପ୍ରଦର୍ଶନ ସମ୍ପୂର୍ଣ୍ଣ ଭିନ୍ନ ରହିଥିଲା। ଭାରତ ପ୍ରଥମ ମ୍ୟାଚ୍‌ରେ ଶ୍ରୀଲଙ୍କାକୁ ୫୯ ରନରେ ପରାସ୍ତ କରିଥିବା ବେଳେ ପାକିସ୍ତାନ ୭ ଉଇକେଟରେ ବାଂଲାଦେଶଠାରୁ ପରାସ୍ତ ହୋଇଛି। ଟୁର୍ନାମେଣ୍ଟରେ ପ୍ରତ୍ୟେକ ଦଳ ଗୋଟିଏ ଲେଖାଏ ମ୍ୟାଚ୍ ଖେଳିସାରିଥିବା ବେଳେ ଭାରତ ଚତୁର୍ଥ ସ୍ଥାନରେ ରହିଛି। ଶ୍ରୀଲଙ୍କା ବିପକ୍ଷ ମ୍ୟାଚ୍‌ରେ ଭାରତ ୧୨୪ ରନରେ ପ୍ରମୁଖ ୬ ଉଇକେଟ ହରାଇବା ସତ୍ତ୍ୱେ ୪୭ ଓଭରରେ ୨୫୦ରୁ ଊର୍ଦ୍ଧ୍ୱ ସ୍କୋର କରିଥିଲା। ଏଣୁ ହରମନପ୍ରୀତ କୌରଙ୍କ ନେତୃତ୍ୱାଧୀନ ଭାରତୀୟ ସମ୍ପୂର୍ଣ୍ଣ ଆତ୍ମବିଶ୍ୱାସ ସହ ମ୍ୟାଚ୍‌କୁ ଓହ୍ଲାଇବ। କଲମ୍ବୋର ସର୍ଫେସରେ ଖେଳାଯାଇଥିବା ବାଂଲାଦେଶ ଓ ପାକିସ୍ତାନ ମ୍ୟାଚ୍‌ରେ ଅତ୍ୟଧିକ ସିମ୍ ମୁଭମେଣ୍ଟ ଦେଖିବାକୁ ମିଳିଥିଲା। ଏହାକୁ ଦୃଷ୍ଟିରେ ରଖି ଭାରତ ରେଣୁକା ସିଂ ଠାକୁରଙ୍କ ଭଳି ଆଗଧାଡ଼ିର ପେସରଙ୍କୁ ଖେଳାଇପାରେ। ଭାରତୀୟ ଦଳର ବ୍ୟାଟିଂ ଶକ୍ତିଶାଳୀ ଥିବାବେଳେ ପାକିସ୍ତାନର ମୁଖ୍ୟ ଚିନ୍ତା ହେଉଛି ବ୍ୟାଟିଂ। ପାକିସ୍ତାନ ଦଳକୁ ଗୋଟିଏ ଭେନ୍ୟୁରେ ସମସ୍ତ ମ୍ୟାଚ୍ ଖେଳିବାର ଫାଇଦା ମିଳିପାରେ। କିନ୍ତୁ ଭାରତ ଭଳି ଶକ୍ତିଶାଳୀ ଦଳକୁ ହରାଇବାକୁ ହେଲେ ପାକିସ୍ତାନ ଦଳକୁ ଅସାଧାରଣ ପ୍ରଦର୍ଶନ କରିବାକୁ ପଡ଼ିବ।

**ଭାରତୀୟ ମହିଳା ଦଳ:** ହରମନପ୍ରୀତ କୌର (ଅଧିନାୟିକା), ସ୍ମୃତି ମନ୍ଧାନା(ଉପ ଅଧିନାୟିକା), ପ୍ରତିକା ରାୱଲ, ହର୍ଲିନ ଦେଓଲ, ଜେମିମା ରୋଡ୍ରିଗୁଏଜ, ରିଚା ଘୋଷ, ଉମା ଛେତ୍ରୀ, ରେଣୁକା ସିଂ ଠାକୁର, ଦୀପ୍ତି ଶର୍ମା, ସ୍ନେହ ରଣା, ଶ୍ରୀ ଚରନି, ରାଧା ଯାଦବ, ଅମନଜୋତ କୌର, ଅରୁନ୍ଧତି ରେଡ୍ଡୀ, କ୍ରାନ୍ତି ଗୌଡ଼।

**ପାକିସ୍ତାନୀ ମହିଳା ଦଳ:** ଫାତିମା ସାନା (ଅଧିନାୟିକା), ମୁନିବା ଅଲୀ ସିଦ୍ଦିକି (ଉପ ଅଧିନାୟିକା), ଆଲିୟା ରିଆଜ, ଡାଏନା ବେଗ, ଇମାନ ଫାତିମା, ନଶ୍ରା ସନ୍ଧୁ, ନାତାଲିଆ ପରଭେଜ, ଓମାଇମା ସୋହେଲ, ରମିନ ଶମିମ, ସଦାଫ ଶାମ୍ସ, ସାଦିଆ ଇକବାଲ, ଶାୱାଲ ଜୁଲଫିକର, ସିଦ୍ରା ଆମିନ, ସିଦ୍ରା ନୱାଜ, ସୟେଦା ଆରୁବ ଶାହ।



ଭାରତୀୟ ମହିଳା କ୍ରିକେଟ ଦଳର ଅଭ୍ୟାସ।

# ଗମ୍ଭୀର-ଅଗରକରଙ୍କ ପ୍ରଭାବ

**ନୂଆଦିଲ୍ଲୀ, ୪।୧୦ (ପି.ଟି.)**

ଭାରତୀୟ କ୍ରିକେଟରେ ଏବେ ଦୃଢ଼ ନିଷ୍ପତ୍ତି ନେବାରେ ଗୌତମ ଗମ୍ଭୀର ଓ ଅଜିତ ଅଗରକର ବିଶେଷ ଜଣାଶୁଣା। ଦୁଇ ଦୃଢ଼ ଇଚ୍ଛା ସମ୍ପନ୍ନ ବ୍ୟକ୍ତି ଏକାଠି ହେଲେ ପରିଣାମ ସବୁବେଳେ ସମସ୍ତଙ୍କୁ ସୁହାଇବାଭଳି ହୋଇ ନ ଥାଏ। ତେବେ ମୁଖ୍ୟ କୋଚ୍ ଏବଂ ଚୟନ କମିଟି ଅଧ୍ୟକ୍ଷଭାବେ ତାଙ୍କ କମ୍ବିନେଶନ 'ଅଷ୍ଟ୍ରେଲିଆ ସଂସ୍କୃତି'କୁ ମନେ ପକାଇ ଦେଇଥାଏ। ଯେଉଁଠାରେ ଫଳାଫଳକୁ ଦୃଷ୍ଟିରେ ରଖି ନିଷ୍ପତ୍ତି ନିଆ ଯାଇଥାଏ। ନ୍ୟୁଜିଲାଣ୍ଡ ଓ ଅଷ୍ଟ୍ରେଲିଆଠାରୁ ୬ ଟେଷ୍ଟରେ ପରାଜୟର କାର୍ଯ୍ୟାନୁଷ୍ଠାନ ସ୍ୱରୂପ ରୋହିତ ଶର୍ମାଙ୍କୁ ଦିନିକିଆ ଅଧିନାୟକ ପଦରୁ ବହିଷ୍କାର କରାଯାଇଥିବା ଅନୁମାନ ହେଉଛି। ଏହାକୁ 'ଜିଏ-ଏଜି ଅର୍ଡର' ବୋଲି ବିସିସିଆଇର ଜଣେ ପୂର୍ବତନ କର୍ମକର୍ତ୍ତା ପ୍ରକାଶ କରିଛନ୍ତି। ଭାରତୀୟ କ୍ରିକେଟ ଇକୋସିଷ୍ଟମର ଜଣେ ପ୍ରଭାବଶାଳୀ ବ୍ୟକ୍ତିଙ୍କ ଆଶୀର୍ବାଦ କ୍ରମେ ଗମ୍ଭୀର-ଅଗରକର ୩ଟି ଦୃଷ୍ଟିକୋଣରୁ ଏପରି ନିଷ୍ପତ୍ତି ନେଇଥାଇ ପାରନ୍ତି। ପ୍ରଥମତଃ ରୋହିତ ଶର୍ମା ଓ ବିରାଟ କୋହଲି ସେମାନଙ୍କ ୨୦୨୭ ବିଶ୍ୱକପ ସ୍କିମ୍‌ରେ ନାହାନ୍ତି। ଦ୍ୱିତୀୟତଃ ଗମ୍ଭୀର-ଅଗରକାର ବିଶ୍ୱାସ କରୁନାହାନ୍ତି ଯେ କେବଳ ଦିନିକିଆ ଅନ୍ତର୍ଜାତୀୟ ଓ ଆଇପିଏଲ୍ ଖେଳି ରୋହିତ ଓ କୋହଲି ଦୀର୍ଘଦିନ ପର୍ଯ୍ୟନ୍ତ ଫର୍ମ ବଜାୟ ରଖିପାରିବେ। ତୃତୀୟତଃ ଆଗାମୀ ଦଶନ୍ଧିକୁ ଦୃଷ୍ଟିରେ ରଖି ସେମାନେ ସମସ୍ତ ଫର୍ମାଟ ପାଇଁ ଜଣେ ଯୁବ ଅଧିନାୟକଙ୍କୁ ନିଯୁକ୍ତ କରିବାକୁ ଚାହାନ୍ତି।

ଭାରତରେ ହେବାକୁଥିବା ଟି୨୦ ବିଶ୍ୱକପ ପରେ ସୂର୍ଯ୍ୟକୁମାର ଯାଦବଙ୍କ ସ୍ଥାନରେ ଶୁବମନ ଗିଲ୍ ଟି୨୦ ଦଳର ମଧ୍ୟ ଅଧିନାୟକ ହୋଇପାରନ୍ତି। ଅଧିନାୟକ ଭାବେ ରୋହିତ ଶର୍ମା ଚାମ୍ପିୟନ୍ସ ଟ୍ରଫି ଜିତାଇବାପରି ଆଗାମୀ ଟି୨୦ ବିଶ୍ୱକପର ଫଳାଫଳ ଗିଲ୍‌ଙ୍କୁ ଅଧିନାୟକ କରିବା ଉପରେ କୌଣସି ପ୍ରଭାବ ପକାଇ ନ ପାରେ। ଉପରୋକ୍ତ ୩ଟି ଯାକ ଦୃଷ୍ଟିକୋଣକୁ ବିଚାରକୁ ନେଲେ ରୋହିତ ଶର୍ମାଙ୍କ ଅନ୍ତର୍ଜାତୀୟ କ୍ୟାରିୟର ଶେଷ ପର୍ଯ୍ୟାୟରେ ପହଞ୍ଚିଥିବା ଅନୁମେୟ। କୋହଲିଙ୍କ ଫିଟ୍‌ନେସକୁ ନେଇ କେବେ ପ୍ରଶ୍ନ ଉଠାଯାଇ ନ ପାରେ। ମାତ୍ର ତାଙ୍କ କ୍ଷେତ୍ରରେ ମଧ୍ୟ ରୋହିତଙ୍କ ପରି ନିଷ୍ପତ୍ତି ଆପଣା ଯାଇପାରେ। ତେଣୁ କୋହଲି ମଧ୍ୟ ୨୦୨୭ ପର୍ଯ୍ୟନ୍ତ ତିଷ୍ଠିବା ସମ୍ଭବ ନୁହେଁ। ମାତ୍ର ରୋହିତଙ୍କ ସହ ତୁଳନା କରାଗଲେ ଅଗରକରଙ୍କ ନେତୃତ୍ୱାଧୀନ ଚୟନ କମିଟି ଅନୁଭବ କରୁଛି ଯେ କୋହଲିଙ୍କ ପାଇଁ ଆଉଟସାଇଡ୍ ସୁଯୋଗ ରହିପାରେ। ଗମ୍ଭୀର-ଅଗରକରଙ୍କ ନୀତି ହେଲା 'ତାରକା ଭଲ ଦଳ ଗଠନ କରିପାରିବେ ନାହିଁ, ମାତ୍ର ଭଲ ଦଳ ତାରକା ସୃଷ୍ଟି କରିପାରିବେ'।


ଗୌତମ ଗମ୍ଭୀର ଓ ଅଜିତ ଅଗରକର।

# ବିଦର୍ଭ ନିୟନ୍ତ୍ରଣରେ ଅବଶିଷ୍ଟ ଭାରତ ଏକାଦଶ

**ନାଗପୁର, ୪।୧୦ (ପି.ଟି.)**

ଇରାନୀ କପ୍ ଫାଇନାଲରେ ଅବଶିଷ୍ଟ ଭାରତ ଏକାଦଶକୁ ନିଜ ନିୟନ୍ତ୍ରଣରେ ରଖିବାରେ ସମର୍ଥ ହୋଇଛି ବିଦର୍ଭ। ମ୍ୟାଚରେ ବିଦର୍ଭ ୩୬୧ ରନର କଷ୍ଟସାଧ୍ୟ ବିଜୟ ଲକ୍ଷ୍ୟ ଧାର୍ଯ୍ୟ କରିଥିବାବେଳେ ଅବଶିଷ୍ଟ ଭାରତ ଏକାଦଶ ଚତୁର୍ଥ ଦିବସ ଖେଳ ଶେଷ ସୁଦ୍ଧା ୧୨ ଓଭରରେ ଦୁଇ ଉଇକେଟ ହରାଇ ମାତ୍ର ୩୦ ରନ କରିଛି। ସକାଳେ ରଣଜୀ ଟ୍ରଫି ଚାମ୍ପିୟନ ଦଳ ପୂର୍ବଦିନର ଅସମାପ୍ତ ସ୍କୋର ୯୬/୨ରୁ ଏହାର ବ୍ୟାଟିଂ କରିବାକୁ ଯାଇ ୯୪.୧ ଓଭରରେ ୨୩୨ ରନରେ ଅଲଆଉଟ ହୋଇଯାଇଥିଲା। କିନ୍ତୁ ପ୍ରଥମ ଇନିଂସରେ ୧୨୮ ରନର ଅଗ୍ରଣୀ ଦ୍ୱାରା ଘରୋଇ ଦଳ ଅବଶିଷ୍ଟ ଭାରତ ଏକାଦଶକୁ ବ୍ୟାକ୍‌ଫୁଟ୍‌କୁ ଠେଲିଦେବା ପାଇଁ ଯଥେଷ୍ଟ ଥିଲା।

**ସଂକ୍ଷିପ୍ତ ସ୍କୋର**

**ବିଦର୍ଭ :** ୩୪୨ ଓ ୯୪.୧ ଓଭରରେ ୨୩୨ (ଅମନ ମୋଖାଡେ-୩୭, ଅକ୍ଷୟ ୱାଡ୍‌କର-୩୬; ଦର୍ଶନ ନାଲକାଣ୍ଡେ-୩୫; ଅଂଶୁଲ କାମ୍ବୋଜ-୪/୩୪, ଗୁରନୁର୍ ବ୍ରାର୍- ୨/୪୧, ସାରାଂଶ ଜୈନ: ୨/୫୨ ଓ ମାନବ ସୂତାର-୨/୮୨)। **ଅବଶିଷ୍ଟ ଭାରତ ଏକାଦଶ:** ୨୧୪ ଓ ୧୨ ଓଭରରେ ୩୦/୨ ।

# 'ଆର୍ଥିକ ସଙ୍କଟ ଯୋଗୁ କାରିବିୟନ କ୍ରିକେଟ ପ୍ରଭାବିତ'

**ଅହମଦାବାଦ, ୪।୧୦ (ପି.ଟି.)**

ୱେଷ୍ଟଇଣ୍ଡିଜ କ୍ରିକେଟରମାନେ ନାଁ କମାଇବାକୁ ଚାହାନ୍ତି, ମାତ୍ର କାରିବିୟନ କ୍ରିକେଟ ଆର୍ଥିକ ସଙ୍କଟ ଦେଇ ଗତି କରୁଥିବାରୁ ସେମାନଙ୍କ ପ୍ରଗତିରେ ବାଧା ସୃଷ୍ଟି ହେଉଛି। ଭାରତ ନିକଟରୁ ପ୍ରଥମ କ୍ରିକେଟ ଟେଷ୍ଟରେ ଏକ ଇନିଂସ ୧୪୦ ରନରେ ପରାଜିତ ହେବାପରେ ୱେଷ୍ଟଇଣ୍ଡିଜ ଅଧିନାୟକ ରଷ୍ଟନ ଚେଜ୍ ଏହା ପ୍ରକାଶ କରିଛନ୍ତି। ଉଭୟ ଇନିଂସରେ ୱେଷ୍ଟଇଣ୍ଡିଜ ମାତ୍ର ୧୬୨ ଓ ୧୪୬ ରନ କରିବାକୁ ସକ୍ଷମ ହୋଇଥିଲା।

ଏକଦା ବିଶ୍ୱ କ୍ରିକେଟର ପାୱାରହାଉସ ଭାବେ ପରିଚିତ ହେଉଥିବା ୱେଷ୍ଟଇଣ୍ଡିଜ ଅଷ୍ଟ୍ରେଲିଆ ବିପକ୍ଷ ଗତ ଘରୋଇ ଟେଷ୍ଟରେ ସର୍ବନିମ୍ନ ୨୭ ରନରେ ଅଲ୍‌ଆଉଟ ହୋଇ ଲଜ୍ଜାଜନକ ପରିସ୍ଥିତିର ସମ୍ମୁଖୀନ ହୋଇଥିଲା। ଏଥିପାଇଁ କ୍ରିକେଟ ୱେଷ୍ଟଇଣ୍ଡିଜ ପକ୍ଷରୁ ଏକ ଜରୁରିକାଳୀନ ବୈଠକ ଡକା ଯାଇଥିଲା। ଯେଉଁଥିରେ କିମ୍ବଦନ୍ତୀ ଖେଳାଳି କ୍ଲାଇଭ ଲୟଡ୍, ବ୍ରାଏନ ଲାରା ଓ ଅନ୍ୟ ମୁଖ୍ୟ ଅଂଶୀଦାରମାନେ ସାମିଲ ଥିଲେ। ''ମୁଁ ସେ ସମ୍ପର୍କରେ ଅଧିକ କିଛି କହିବାକୁ ଚାହୁଁନି, ମାତ୍ର ଏତିକି କହିବି ଯେ କାରିବିୟନ କ୍ରିକେଟ ଆର୍ଥିକ ସଂଘର୍ଷ ମଧ୍ୟଦେଇ ଗତି କରୁଛି। କ୍ରିକେଟ ଭିତ୍ତିଭୂମିକୁ ସୁଦୃଢ଼ କରିବା ଆବଶ୍ୟକ ରହିଛି। ଟ୍ରେନିଂ ସୁବିଧା ସୁଯୋଗ ଏବଂ ଉପଲବ୍ଧ ଉପକରଣ ଦୃଷ୍ଟିରୁ କାରିବିୟନ କ୍ରିକେଟର ସିଷ୍ଟମ ଅତି ଦୁର୍ବଳ'' ବୋଲି ଚେଜ୍ ପ୍ରକାଶ କରିଛନ୍ତି। କ୍ରିକେଟ ୱେଷ୍ଟଇଣ୍ଡିଜ ପକ୍ଷରୁ ଗଠିତ କ୍ରିକେଟ ରଣନୀତି ଏବଂ ପରିଚାଳନା କମିଟିର ଅନ୍ୟତମ ସଦସ୍ୟ ରହିଛନ୍ତି ଚେଜ୍। ଏହି କମିଟିରେ ଲୟଡ, ଲାରା, ପୂର୍ବତନ ବ୍ୟାଟର ରାମନରେଶ ସରୱନ ଏବଂ ବର୍ତ୍ତମାନର ଖେଳାଳି ସାଇ ହୋପ୍ ସ୍ଥାନ ପାଇଛନ୍ତି।



## ମହିଳା କ୍ରିକେଟ ବିଶ୍ୱକପ୍ | ଅଷ୍ଟ୍ରେଲିଆ-ଶ୍ରୀଲଙ୍କା ମ୍ୟାଚ ବାତିଲ

**କଲମ୍ବୋ, ୪।୧୦ (ପି.ଟି.):** ଲଗାଣ ବର୍ଷା ଯୋଗୁ ଶନିବାର ଶ୍ରୀଲଙ୍କା ଓ ଅଷ୍ଟ୍ରେଲିଆ ମଧ୍ୟରେ ଖେଳାଯିବାକୁ ଥିବା ମହିଳା କ୍ରିକେଟ ବିଶ୍ୱକପ୍ ମ୍ୟାଚ୍‌କୁ ବାତିଲ କରିଦିଆଯାଇଛି। ଏପରି କି ମ୍ୟାଚର ଟସ୍ ପଡ଼ି ନ ଥିଲା। ଟୁର୍ନାମେଣ୍ଟର ନିୟମାନୁସାରେ ଉଭୟ ଶ୍ରୀଲଙ୍କା ଓ ଅଷ୍ଟ୍ରେଲିଆ ଗୋଟିଏ ଲେଖାଏ ପଏଣ୍ଟ ବାଣ୍ଟି ନେଇଛନ୍ତି। ଅଷ୍ଟ୍ରେଲିଆ ବର୍ତ୍ତମାନ ଦୁଇଟି ଗେମ୍‌ରୁ ୩ ପଏଣ୍ଟ ସହ ଟେବୁଲ ଶୀର୍ଷରେ ରହିଛି। ଅନ୍ୟପକ୍ଷରେ ଘରୋଇ ଦଳ ସମାନ ସଂଖ୍ୟକ ମ୍ୟାଚରୁ ଗୋଟିଏ ପଏଣ୍ଟ ପାଇ ୪ର୍ଥ ସ୍ଥାନରେ ଅଛି। ଅଷ୍ଟ୍ରେଲିଆ ଏଠାରେ ଅକ୍ଟୋବର ୮ରେ ଏହାର ପରବର୍ତ୍ତୀ ମ୍ୟାଚ ପାକିସ୍ତାନ ବିପକ୍ଷରେ ଖେଳିବ।

# ଅଷ୍ଟ୍ରେଲିଆ ଜିତିଲା ଚାପେଲ-ହାଡ୍‌ଲୀ ସିରିଜ

**ମାଉଣ୍ଟ ମଙ୍ଗାନୁଇ (ନ୍ୟୁଜିଲାଣ୍ଡ), ୪।୧୦ (ଏପି)**

ମିଚେଲ ମାର୍ଶଙ୍କ ପ୍ରଥମ ଟି୨୦ ଶତକ ସହାୟତାରେ ଅଷ୍ଟ୍ରେଲିଆ ୩ ଉଇକେଟରେ ନ୍ୟୁଜିଲାଣ୍ଡକୁ ପରାସ୍ତ କରି ଚାପେଲ-ହାଡ୍‌ଲୀ ସିରିଜକୁ ୨-୦ରେ ଜିତି ନେଇଛି।

**ମାର୍ଶଙ୍କ ପ୍ରଥମ ଟି୨୦ ଶତକ**

ଶନିବାର ଖେଳାଯାଇଥିବା ଏହି ମ୍ୟାଚରେ ଅଷ୍ଟ୍ରେଲୀୟ ଅଧିନାୟକ ମାତ୍ର ୫୦ ବଲ୍‌ରୁ ତାଙ୍କର ଶତକ ହାସଲ କରିଥିଲେ। ମିଡଲ ଓଭରରେ ଅଷ୍ଟ୍ରେଲିଆ ଦଳର ବିପର୍ଯ୍ୟୟ ଘଟିବା ସମୟରେ ସେ ଦଳର ଇନିଂସରେ ସୁଧାର ଆଣିଥିଲେ। ଅଷ୍ଟ୍ରେଲିଆ ଦୁଇ ଓଭର ବାକି ଥାଇ ନ୍ୟୁଜିଲାଣ୍ଡର ୧୫୬/୯ ସ୍କୋରକୁ ଅତିକ୍ରମ କରି ଯାଇଥିଲା। ମାର୍ଶ ଅଷ୍ଟ୍ରେଲିଆ ଇନିଂସର ଶେଷ ପର୍ଯ୍ୟନ୍ତ ବ୍ୟାଟିଂ ଜାରି ରଖିବା ସହ ୧୦୩ ରନ କରି ଅପରାଜିତ ରହିଥିଲେ। ଭ୍ରମଣକାରୀ ଦଳ ୭ଉଇକେଟ ବିନିମୟରେ ୧୬୦ ରନ କରିଥିଲା।

**ସଂକ୍ଷିପ୍ତ ସ୍କୋର**

ନ୍ୟୁଜିଲାଣ୍ଡ ଇନିଂସ: ୨୦ ଓଭରରେ ୧୫୬/୯ (ଟିମ୍ ସିଫର୍ଟ-୪୮, ମାଇକେଲ ବ୍ରେସ୍‌ୱେଲ-୨୬, ଜେମ୍ସ ନିଶାମ-୨୫, ଟିମ୍ ରବିନସନ-୧୩; ସିନ୍ ଆବଟ-୩/୨୫, ଜାବିଅର ବାର୍ଟଲେଟ୍-୨/୨୫, ଜୋସ ହାଜେଲଉଡ୍-୨/୨୬)। ଅଷ୍ଟ୍ରେଲିଆ ଇନିଂସ: ୧୮ ଓଭରରେ ୧୬୦/୭ (ମିଚେଲ ମାର୍ଶ-୧୦୩*, ମିଚେଲ ଓଏନ-୧୪, ସିନ ଆବଟ-୧୩*; ଜେମ୍ସ ନିଶାମ-୪/୨୬, ଜାକବ ଡୁଫି-୨/୨୯)।

## NOTICE INVITING TENDER
OFFICE OF CSO-CUM-DISTRICT MANAGER
ODISHA STATE CIVIL SUPPLIES CORPORATION LTD., DISTRICT-NUAPADA
No.CAD-1914
TENDER NO.2882, DATED: 26.09.2025
**Cost of Tender Document is Rs.1000/- inclusive of GST for each BLOCK/ULB (through online mode).**
Online Tenders are invited from eligible bidders for selection and appointment of Transport Contractors for transportation of (i) Paddy from Paddy Purchase Centres (PPCs)/ Mandis to Rice Mill points (Within or outside district) & (ii) Custom Milled Rice (CMR) from Rice Mill points to Rice Receiving Centres (RRCs)/ Depots (within or outside district).

| | | |
|---|---|---|
| 1 | Availability of tender documents | From date 30.09.2025 Downloadable from website: www.oscsc.in, www.foododisha.in & www.tendersodisha.gov.in |
| 2 | Date, Time and Venue for pre-bid conference | Dt.03.10.2025 at 11.30 A.M. Office Chamber of CSO-cum-DM, OSCSC Ltd., Nuapada |
| 3 | Last date and time for **online** submission of complete Tender documents with enclosures | Through e-Procurement Portal: www.tendersodisha.gov.in Upto 05.30 PM dt.15.10.2025 |
| 4 | Date, Time and Venue for opening of Technical bid by the Tender Committee | On dt.17.10.2025 at 10.00 A.M. in the conference hall Collectorate, Nuapada |
| 5 | Date, Time and Venue of submission of original documents in support of scanned copies uploaded in the portal for verification | On dt.17.10.2025 At 10.00 AM in the conference hall Collectorate, Nuapada |
| 6 | Date, time and venue of Financial Bid opening by the Tender Committee (Only of Technically Qualified Bidders) | To be announced after technical bid evaluation |
| 7 | Validity Period | Tender are to remain open for acceptance for 45 days from the date of issue of tender. |
| 8 | Language of the Tender | The tender should be prepared by the bidder in English language only. |
| 9 | Helpdesk Telephone Number | CCSO/CSO-cum-DM's Contact Number: CSO-cum-DM-9937484002, Accounts Head-6370112636 |

N.B.: 1. If the office happens to be closed on the date of opening of tenders, tenders will be opened on the next working day in the same time.
2. District Level Tender Committee (DLTC) reserves the right to cancel any/ all of the tenders at anytime without assigning any reason thereof.
3. Further details can be obtained in the website www.tendersodisha.gov.in
4. The bidder must deposit Tender Document Fee and EMD at the time of submission of tender through online payment gate way service.
5. Any amendment/cancellation/re-tender/corrigendum please refer to the website www.tendersodisha.gov.in & www.foododisha.in.
Sd./- CSO-cum-District Manager
OSCSC Ltd., Nuapada
OIPR-07058/11/0010/2526

ଓଡ଼ିଶା ସରକାର
ମୁଖ୍ୟ ନିର୍ମାଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ, ଗ୍ରାମ୍ୟ ନିର୍ମାଣ ମଣ୍ଡଳ, ସମ୍ବଲପୁର
E-Mail: serwcirclesbp@yahoo.com
Office Order No. 3556 Dated: 26.09.2025
**1st Corrigendum Bid Identification No. Building Tender Online RWCSBP-16/2025-26**
No. O-924: Following modifications are hereby made to the notice inviting tender vide this office Bid ID No. Building tender Online RWCSBP-16/2025-26 for the work (1) Construction of 08 Nos. New Residential Staff Qtr. (E Type) at Tahasil Office, Bheden in the district of Bargarh for the year 2025-26, (2) Construction of 08 Nos. New Residential Staff Qtr. (E Type) at Tahasil Office, Bhatli in the district of Bargarh for the year 2025-26, (3) Construction of PHC Building at Tulandi (Day Care) of Barpali Block in the district of Bargarh for the year 2025-26.
1. The availability of tender online for bidding may be read as 10.10.2025 from 11.00 A.M. to 24.10.2025 upto 5.00 P.M. instead of from 24.09.2025 from 11.00 A.M. to 08.10.2025 upto 5.00 P.M.
2. The last date & time for seeking clarification may be read as 22.10.2025 upto 5.00 P.M. instead of 06.10.2025 upto 5.00 P.M.
3. The date & time of technical opening bid may be read as 27.10.2025 at 11.00 A.M. instead of 09.10.2025 at 11.00 A.M.
All other terms and condition remain unchanged.
Sd./- Chief Construction Engineer
R.W. Circle, Sambalpur
OIPR-25091/11/0087/2526

ଓଡ଼ିଶା ଉର୍ଦ୍ଦୁ ଏକାଡେମୀ, ଭୁବନେଶ୍ୱର
ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ସରକାର
ବିଜ୍ଞାପନ
No.RR-20: ଉର୍ଦ୍ଦୁ ଲେଖି ପଢି ଜାଣି ନ ଥିବା ୧୬ ବର୍ଷରୁ ଊର୍ଦ୍ଧ୍ୱ ବୟସ୍କମାନଙ୍କୁ ଉର୍ଦ୍ଦୁ ଶିକ୍ଷା ଦେବା ନିମନ୍ତେ ଓଡ଼ିଶା ଉର୍ଦ୍ଦୁ ଏକାଡେମୀ ପକ୍ଷରୁ ୬ ମାସିଆ ଉର୍ଦ୍ଦୁ ଶିକ୍ଷା କେନ୍ଦ୍ର ଭୁବନେଶ୍ୱରସ୍ଥିତ ଓଡ଼ିଶା ଉର୍ଦ୍ଦୁ ଏକାଡେମୀ କାର୍ଯ୍ୟାଳୟରେ ଖୋଲାଯାଇଅଛି । ଏହି ଶିକ୍ଷା କେନ୍ଦ୍ର ସନ୍ଧ୍ୟା ୬ରୁ ୭ ଘଟିକା ପର୍ଯ୍ୟନ୍ତ ଖୋଲାରହି ଶିକ୍ଷା ପ୍ରଦାନ କରାଯିବ । ଏହି ଶିକ୍ଷା କେନ୍ଦ୍ର ତା.୦୮.୧୦.୨୦୨୫ରୁ ଆରମ୍ଭ ହେବାକୁ ଯାଉଅଛି । ଉକ୍ତ ଶିକ୍ଷା କେନ୍ଦ୍ରରେ ନାମ ଲେଖିବା ପାଇଁ ଇଚ୍ଛୁକ ଛାତ୍ରଛାତ୍ରୀମାନେ ନିଜର ସମ୍ପୂର୍ଣ୍ଣ ଡାକ ଠିକଣା ସହ ତା.୧୫.୧୦.୨୦୨୫ ରିଖ ସୁଦ୍ଧା ସଚିବ, ଓଡ଼ିଶା ଉର୍ଦ୍ଦୁ ଏକାଡେମୀ, ସଂସ୍କୃତି ଭବନ, ବି.ଜେ.ବି. ନଗର, ଭୁବନେଶ୍ୱର-୧୪ଙ୍କୁ ଦରଖାସ୍ତ କରିପାରିବେ ।
ଦରଖାସ୍ତ ଫର୍ମ
1. Student's Name ..............................
2. Guardian's Name ..............................
3. Date of Birth ..............................
4. Adhaar Card No ..............................
5. Examination Passed ..............................
6. Complete Postal Address with Pin Code ..............................
7. Contact Phone No. ..............................
8. Two Passport Size Photo ..............................
ଗୋଟିଏ ଦରଖାସ୍ତ ଫର୍ମରେ ଲଗାଇବେ ଓ ସମସ୍ତ ପ୍ରମାଣ ପତ୍ରର ଜେରକ୍ସ କପି ସହ ତା.୧୫.୧୦.୨୦୨୫ ରିଖ ମଧ୍ୟରେ ଏକାଡେମୀ କାର୍ଯ୍ୟାଳୟରେ ପଠାଇ କରିବେ ।
ସ୍ୱା./- ସଚିବ
ଓଡ଼ିଶା ଉର୍ଦ୍ଦୁ ଏକାଡେମୀ
ଭୁବନେଶ୍ୱର-୧୪
OIPR-03008/11/0005/2526

## STATE MEDICINAL PLANTS BOARD, ODISHA
(Forest, Environment & Climate Change Department, Govt. of Odisha)
Aranya Bhawan, Chandrasekharpur, Bhubaneswar-7510023
E-mail: smpborissa@gmail.com, Web: smpbodisha.in, Tel: +91674-2954911
**NOTICE**
**No.CAD-1910:**State Medicinal Plants Board, Odisha is going to organise the **18th State Level Kalinga Herbal Fair, Bhubaneswar** from **10-12-2025 to 16-12-2025.** Interested Event Management Agencies having adequate eligibility are requested to apply latest by **16.00 Hrs of 17.10.2025.**
For details & Tender documents, please visit the following website: www.odisha.gov.in (tenders.gov.in) or odishaforest.in & smpbodisha.in
OIPR-10122/11/0002/2526 CHIEF EXECUTIVE, SMPB, ODISHA

## ODISHA PUBLIC SERVICE COMMISSION, CUTTACK
**NOTICE**
No.6998/PSC Dt.03.10.25
(DR-IV) (2PC-01-2025-26)
**Programme Notice for rect. to the Post of Assistant Director of OPS Cadre (Advt. No. 07 of 2022-23)**
No. D-: It is for information of all provisionally qualified candidates that, the **Document Verification and Personality Test** for recruitment to the Post of **Assistant Director in Group-B Service of Odisha Planning Service Cadre,** pursuant to Advertisement No. 07 of 2022-23 will be held on **13.10.2025 (Monday)** in the office of OPSC, at 19, Dr. P.K. Parija Road, Cuttack - 753001 as per the programme detailed below:

| Date | Time of Document Verification | Time of Personality Test | Roll No. of Candidates to be Verified |
|---|---|---|---|
| 13.10.2025 | 08.30 A.M. | 10.45 A.M. | 100115, 100229, 100421, 100448, 100907, 100909, 100914, 100924, 100947, 101053 = **10 Candidates** |
| | 12.30 P.M. | 02.45 P.M. | 101190, 101191, 101221, 101242, 101249, 101276, 101300, 101338 = **08 Candidates** |

**N.B.:** The candidates are required to report **30 minutes before** the commencement of Document Verificiation in each time slot allotted in the scheduled programme.
It is also made clear that the candidature of these candidates for the above recruitment is **purely provisional**. The candidature is liable to rejection in the event of inadequacy/deficiency found at any stage before or after the verification of original Certificates/Documents and is subject to fulfilment of terms & conditions laid down in the Advertisement.
**THE CANDIDATES ARE REQUIRED TO SUBMIT THE FOLLOWING ORIGINAL CERTIFICATES ALONG WITH A SET OF SELF ATTESTED PHOTOCOPIES OF THE FOLLOWING DOCUMENTS AT THE TIME OF DOCUMENT VERIFICATION**
1. **Hard copy of 'Online Application Form' mentioning Roll No. at the Top Right-Hand Corner**. Application Forms are available in the website of the Commission. The candidates are required to download the same using their respective e-mail ID/Phone Number and Password/OTP etc. through OPSC e-Chayan Portal via **www.opscechayan.in**.
2. **five (05) 'Passport Size Photographs' tagged** with the Application Form.
3. **H.S.C. or Equivalent Certificate** in support of declaration of age.
4. **Certificate of Bachelor's Degree with Honours and Post-Graduate Degree** in Economics/Applied Economics/Agricultural Economics/Commerce/Mathematics/Sociology with Statistics as one of the Papers/Anthropology/Demography/Geography with Cartography or Regional Planning as one of the Papers/Statistics/Econometrics/Regional Planning.
5. **Mark-Sheets** in support of all the aforesaid Examination **(H.S.C., Bachelor's Degree & Master's Degree)** passed including fail marks, if any, issued by the concerned Board/Council/Unviersity.
6. **Conversion Certificate/Conversion Formula** in case of award of grades/credits/hours in Bachelor's Degree/Master's Degree.
7. Required **Odia Test Pass Certificate** issued within 12.10.2022.
8. **Caste Certificate by Birth** in support of claim as SCs/STs/S.E.B.Cs (Please see and refer Note - 2 of the Advertisement) issued within 12.10.2022.
9. **Recent SEBC Certificate** must be issued within 3 years prior to the last date of submission of online application form, whereever applicable.
10. **discharge Certificate** issued **within 12.10.2022** by the Commanding Officer of the Unit last served along with affidavit to the effect not being appointed against any civil post after retirement from military service, in case of Ex-Servicemen candidate.
11. **Govt. Departmental Candidate whether Temporary or Permanent** or working on probation must submit service certificate issued by Competent Authority.
12. **No Objection Certificate** issued by the Competent Authority in-case of Government Servants.
13. **Permanent Disability Certificate** indicating percentage of disability (i.e., **40% and more**) issued **within 12.10.2022**.
14. A **declaration** regarding the number of attempts appeared by the candidates in the Written Examination in the format annexed at **Annexure - I**.
15. **any proof of photo Identity**.
16. **Attestation Form** duly filled-in by the candidate and signed by a Gazetted Officer (to be downloaded from the website of the Commission).
17. **Bio-data Form (CIF)** (to be downloaded and pasted/affixed duly filled in with passport size photograph.)
18. Any other documents as per Para - 10 of the Advertisement.
The candidates are required to mention **"submitted by me and Certified as genuine and has not been cancelled"** and put their **full signature and date on the same**.
OIPR-12002/11/0322/2526 Sd./- Secretary

**ଜନ୍ମଦିନର ଶୁଭେଚ୍ଛା**

ନାମ: ..................................

ବୟସ:..................................

ଜନ୍ମ ତାରିଖ: ..............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

## ୟୁପିଆଇ ପେମେଣ୍ଟରେ ଲାଗିବ ୧.୨୫ ଗୁଣା

### ନଭେମ୍ବର ୧୫ରୁ ନୂଆ ଫାସ୍‌ଟାଗ୍ ନିୟମ

ନୂଆଦିଲ୍ଲୀ,୪।୧୦

ଗାଡ଼ିଗୁଡ଼ିକରୁ ଟୋଲ୍ ଫି ଆଦାୟ କ୍ଷେତ୍ରରେ ନଭେମ୍ବର ୧୫ରୁ ନୂଆ ନିୟମ ଲାଗୁ ହେବାକୁ ଯାଉଛି। ବୈଧ ଫାସ୍‌ଟାଗ୍ ନ ଥିବା ଗାଡ଼ି ପାଇଁ ନଗଦ କାରବାର କରୁଥିବା ଚାଳକଙ୍କୁ ୨ ଗୁଣା ଶୁଳ୍କ ଦେବାକୁ ପଡୁଥିବାବେଳେ ୟୁପିଆଇ ଜରିଆରେ ପେମେଣ୍ଟ କଲେ ନିୟମିତ ଦେୟର ୧.୨୫ ଗୁଣା ଦେବାକୁ ହେବ। ଫାସ୍‌ଟାଗ୍ ନଥିବା ୟୁଜରମାନଙ୍କ ପାଇଁ ସଡ଼କ ପରିବହନ ଓ ଜାତୀୟ ରାଜପଥ ମନ୍ତ୍ରଣାଳୟ ପକ୍ଷରୁ ନ୍ୟାଶନାଲ ହାଇୱେଜ୍ ଫି ନିୟମାବଳୀ, ୨୦୦୮ରେ ପରିବର୍ତ୍ତନ କରାଯାଇ ସେମାନଙ୍କ ଦେୟ ପୈଠ ମାଧ୍ୟମ ଆଧାରରେ ଭିନ୍ନ ଶୁଳ୍କ ଧାର୍ଯ୍ୟ କରାଯାଇଛି। ଡିଜିଟାଲ କାରବାରକୁ ପ୍ରୋତ୍ସାହିତ କରିବା ଏବଂ ଟୋଲ୍ ପ୍ଲାଜାରେ ଭିଡ଼ ହ୍ରାସ କରିବା ଏହାର ଲକ୍ଷ୍ୟ। ଉଦାହରଣ ସ୍ୱରୂପ ଯଦି ବୈଧ ଫାସ୍‌ଟାଗ୍ ଥିବା ଗାଡ଼ି ପାଇଁ ୟୁଜର ଦେୟ ୧୦୦ ଟଙ୍କା ହୋଇଥାଏ, ତେବେ ଫାଷ୍ଟାଗ୍ ନ ଥିବା ଗାଡ଼ି ପାଇଁ ନଗଦ ଆକାରରେ ୨୦୦ ଟଙ୍କା ଏବଂ ୟୁପିଆଇରେ ପୈଠ କଲେ ୧୨୫ ଟଙ୍କା ଦେବାକୁ ପଡ଼ିବ। ଏହା ଶୁଳ୍କ ସଂଗ୍ରହ ପ୍ରକ୍ରିୟାକୁ ସୁଦୃଢ଼ କରିବା ସହ ଟୋଲ୍ ଆଦାୟରେ ସ୍ୱଚ୍ଛତା ବଢ଼ାଇବ ବୋଲି ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି।

### ଦିଲ୍ଲୀରେ ଆଜି



ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା ଓ ଉପମୁଖ୍ୟମନ୍ତ୍ରୀ ପରଭେଶ୍ ବର୍ମା ଶନିବାର ବୋଟ୍ ଯୋଗେ ଯମୁନା ନଦୀ ପରିଦର୍ଶନ କରିଛନ୍ତି। ଏହି ଅବସରରେ ଉଭୟେ ଯମୁନା ଘାଟର ସଫେଇ ଏବଂ ବିଭିନ୍ନ ବିକାଶମୂଳକ କାର୍ଯ୍ୟର ଅନୁଧ୍ୟାନ କରିଥିଲେ। (ଫଟୋ-ଚମନ ଗୌତମ)

## ଜାପାନର ପ୍ରଥମ ମହିଳା ପ୍ରଧାନମନ୍ତ୍ରୀ ହୋଇପାରନ୍ତି ସାନେ ତାକାଇଚି

### ଶାସକ ଦଳର ନୂଆ ନେତା ନିର୍ବାଚିତ

ଟୋକିଓ,୪।୧୦



ସାନେ ତାକାଇଚି

ପୂର୍ବତନ ଅର୍ଥନୈତିକ ସୁରକ୍ଷା ମନ୍ତ୍ରୀ ସାନେ ତାକାଇଚିଙ୍କୁ ଜାପାନର ଶାସକ ଦଳ ଶନିବାର ନୂଆ ନେତା ନିର୍ବାଚିତ କରିଛି। ଶାସକ ଦଳର ଅଧ୍ୟକ୍ଷ ହୋଇଥିବାରୁ ସେ ଦେଶର ପ୍ରଥମ ମହିଳା ପ୍ରଧାନମନ୍ତ୍ରୀ ହୋଇପାରନ୍ତି। ଲିବେରାଲ ଡେମୋକ୍ରାଟିକ୍ ପାର୍ଟିର ନେତା ନିର୍ବାଚନରେ ତାକାଇଚି ପୂର୍ବତନ ପ୍ରଧାନମନ୍ତ୍ରୀ ଜୁନିଚିରୋ କୋଇଜୁମିଙ୍କ ପୁଅ ତଥା କୃଷିମନ୍ତ୍ରୀ ଶିଞ୍ଜିରୋ କୁଇଜୁମିଙ୍କୁ ପରାସ୍ତ କରିଛନ୍ତି।

ଲିବେରାଲ ଡେମୋକ୍ରାଟମାନଙ୍କ ନୂଆ ଅଧ୍ୟକ୍ଷ ତାକାଇଚି ପୁରୁଷପ୍ରାଧାନ୍ୟ ଦଳର ଜଣେ ଅତ୍ୟନ୍ତ ରକ୍ଷଣଶୀଳ ନେତ୍ରୀ। ମହିଳାମାନଙ୍କ ଅଗ୍ରଗତିରେ ଏହା ବାଧକ ହୋଇପାରେ ବୋଲି ସମାଲୋଚକମାନେ କହିଛନ୍ତି। ୬୪ ବର୍ଷୀୟା ତାକାଇଚି ପୂର୍ବତନ ବ୍ରିଟିଶ ପ୍ରଧାନମନ୍ତ୍ରୀ ମାର୍ଗାରେଟ୍ ଥାଚରଙ୍କ ଜଣେ ପ୍ରଶଂସକ ଏବଂ ଜାପାନ ପାଇଁ ପୂର୍ବତନ ପ୍ରଧାନମନ୍ତ୍ରୀ ସିଞ୍ଜୋ ଆବେଙ୍କ ରକ୍ଷଣଶୀଳ ଦୃଷ୍ଟିଭଙ୍ଗୀର ସମର୍ଥକ। ୧୯୯୩ରେ ପ୍ରଥମେ ପାର୍ଲାମେଣ୍ଟକୁ ନିର୍ବାଚିତ ହୋଇଥିବା ତାକାଇଚି ଦଳ ଓ ସରକାରରେ ବହୁ ଗୁରୁତ୍ୱପୂର୍ଣ୍ଣ ପଦବୀରେ କାର୍ଯ୍ୟ କରିଛନ୍ତି।

# ଜୁବିନ୍ ଗର୍ଗଙ୍କୁ ବିଷ ଦିଆଯାଇଥିଲା

- ବ୍ୟାଣ୍ଡମେଟ୍‌ଙ୍କ ଚାଞ୍ଚଲ୍ୟକର ଅଭିଯୋଗ
- ତଦନ୍ତ ପାଇଁ ନ୍ୟାୟିକ କମିଶନ ଗଢ଼ିଲେ ଆସାମ ସରକାର
- ବ୍ୟବଚ୍ଛେଦ ରିପୋର୍ଟ ଫେରାଇଦେଲେ ଜୁବିନ୍‌ଙ୍କ ସ୍ତ୍ରୀ

ଗୁଆହାଟୀ,୪।୧୦

ଖ୍ୟାତନାମା ଗାୟକ ଜୁବିନ୍ ଗର୍ଗଙ୍କୁ ସିଙ୍ଗାପୁରରେ ବିଷ ଦିଆଯାଇଥିଲା ବୋଲି ତାଙ୍କ ବ୍ୟାଣ୍ଡମେଟ୍ ଶେଖରଜ୍ୟୋତି ଗୋସ୍ୱାମୀ ଚାଞ୍ଚଲ୍ୟକର ଅଭିଯୋଗ କରିଛନ୍ତି। ଜୁବିନ୍‌ଙ୍କ ମ୍ୟାନେଜର ସିଦ୍ଧାର୍ଥ ଶର୍ମା ଏବଂ ଇଭେଣ୍ଟ ମ୍ୟାନେଜର ଶ୍ୟାମକାନୁ ମହାନ୍ତ ତାଙ୍କୁ ବିଷ ଦେଇଥିଲେ, ଯେଉଁଥିପାଇଁ ତାଙ୍କର ମୃତ୍ୟୁ ଘଟିଲା ବୋଲି ଗୋସ୍ୱାମୀ ତଦନ୍ତକାରୀ ଅଫିସରଙ୍କୁ କହିଥିବା ଜଣାପଡ଼ିଛି। ଜୁବିନ୍ ମୃତ୍ୟୁ ମାମଲାର ତଦନ୍ତ ପାଇଁ ଆସାମ ସରକାର ଜଣିକିଆ ନ୍ୟାୟିକ କମିଶନ ଗଠନ କରିଛନ୍ତି। ଗୌହାଟୀ ହାଇକୋର୍ଟର ବିଚାରପତି ଜଷ୍ଟିସ୍ ସୌମିତ୍ର ସାଇକିଆଙ୍କ ନେତୃତ୍ୱରେ ଗଠିତ କମିଶନ ୬ ମାସ ମଧ୍ୟରେ ତଦନ୍ତ ରିପୋର୍ଟ ଦାଖଲ କରିବେ। ଜୁବିନ୍‌ଙ୍କ ବ୍ୟବଚ୍ଛେଦ ରିପୋର୍ଟ ପୋଲିସ ଶନିବାର ତାଙ୍କ ସ୍ତ୍ରୀ ଗାରିମାଙ୍କୁ ହସ୍ତାନ୍ତର କରିଥିବାବେଳେ ସେ ଏହାକୁ ଫେରାଇ ଦେଇଛନ୍ତି। ସେ କହିଛନ୍ତି, ଏହା ତାଙ୍କର ବ୍ୟକ୍ତିଗତ ଦସ୍ତାବିଜ୍ ନୁହେଁ। ଏହାକୁ ସର୍ବସାଧାରଣରେ ପ୍ରକାଶ କରାଯିବ କି ନାହିଁ, ତାହାର ଉପଯୁକ୍ତ ନିଷ୍ପତ୍ତି ତଦନ୍ତକାରୀ ଅଧିକାରୀମାନେ ନେବେ ବୋଲି ଗାରିମା କହିଛନ୍ତି।



ଜୁବିନ୍ ଗର୍ଗ

ବଲିଉଡ୍ ଏବଂ ଅସମୀୟା ଗୀତ ପାଇଁ ଖ୍ୟାତି ଅର୍ଜନ କରିଥିବା ଜୁବିନ୍ ସେପ୍ଟେମ୍ବର ୧୯ରେ ସିଙ୍ଗାପୁରର ଏକ ଦ୍ୱୀପ ନିକଟରେ ସନ୍ତରଣ କରୁଥିବାବେଳେ ରହସ୍ୟଜନକ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ସେ ଗୋସ୍ୱାମୀ ଏବଂ ମହାନ୍ତଙ୍କ ସହ ନୌକା ଭ୍ରମଣରେ ଯାଇଥିଲେ। ନର୍ଥଇଷ୍ଟ ଇଣ୍ଡିଆ ଫେଷ୍ଟିଭାଲରେ ସଙ୍ଗୀତ ପରିବେଷଣ ପାଇଁ ଜୁବିନ୍ ସିଙ୍ଗାପୁର ଯାଇଥିଲେ। ମହାନ୍ତ ଓ ତାଙ୍କ କମ୍ପାନୀ ଉକ୍ତ କାର୍ଯ୍ୟକ୍ରମର ଆୟୋଜନ କରିଥିଲେ। ଏହି ମାମଲାରେ ଜୁବିନ୍‌ଙ୍କ ମ୍ୟାନେଜର, ବ୍ୟାଣ୍ଡର ୨ ସଦସ୍ୟ ଗୋସ୍ୱାମୀ ଏବଂ ଅମ୍ରିତପ୍ରଭା ମହାନ୍ତଙ୍କ ସମେତ ୪ ଜଣଙ୍କୁ ପୋଲିସ ଗିରଫ କରିବା ପରେ ସେମାନଙ୍କୁ ୧୪ ଦିନ ପାଇଁ ରିମାଣ୍ଡରେ ନେଇଥିଲା।

ସନ୍ତରଣ ବେଳେ ଜୁବିନ୍ ନିଃଶ୍ୱାସ ନେବାରେ କଷ୍ଟ ଅନୁଭବ କରିବା ସହ ବୁଡ଼ିଯିବା ଅବସ୍ଥାକୁ ଆସିଯାଇଥିଲେ। ଏଭଳି ସମୟରେ ତାଙ୍କ ମ୍ୟାନେଜର ସିଦ୍ଧାର୍ଥ 'ଜାବୋ ଦେ, ଜାବୋ ଦେ' (ତାଙ୍କୁ ଯିବାକୁ ଦିଅ) ବୋଲି କହୁଥିବା ଶୁଣାଯାଇଥିଲା। ଜୁବିନ୍ ଜଣେ ଦକ୍ଷ ସନ୍ତରଣକାରୀ ହୋଇଥିବାରୁ ବୁଡ଼ିଯାଇ ମୃତ୍ୟୁ ହୋଇ ନ ଥାଇପାରେ ବୋଲି ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି। ଗୋସ୍ୱାମୀଙ୍କ ଅଭିଯୋଗ ଅନୁଯାୟୀ, ସିଦ୍ଧାର୍ଥ ଏବଂ ଶ୍ୟାମକାନୁ ମହାନ୍ତ ଗାୟକଙ୍କୁ ବିଷ ଦେଇଥିଲେ ଓ ଷଡ଼ଯନ୍ତ୍ରକୁ ଲୁଚାଇବା ପାଇଁ ଜାଣିଶୁଣି ବିଦେଶୀ ସ୍ଥାନକୁ ଚୟନ କରିଥିଲେ। ନୌକାଭ୍ରମଣ ବେଳର ଭିଡିଓ କାହା ସହ ଶେୟାର ନ କରିବାକୁ ସିଦ୍ଧାର୍ଥ ତାଙ୍କୁ ନିର୍ଦ୍ଦେଶ ଦେଇଥିଲେ ବୋଲି ଗୋସ୍ୱାମୀ କହିଛନ୍ତି। ନୌକା ଚାଳକଙ୍କଠାରୁ ସିଦ୍ଧାର୍ଥ ଜବରଦସ୍ତ ଏହାର ନିୟନ୍ତ୍ରଣ ନିଜ ହାତକୁ ନେବାରୁ ସମୁଦ୍ର ମଝିରେ ସମସ୍ତ ଯାତ୍ରୀ ବିପଦରେ ପଡିଥିଲେ। ସିଆଇଡିର ୯ ଜଣିଆ ଟିମ୍ ଜୁବିନ୍‌ଙ୍କ ମୃତ୍ୟୁର ତଦନ୍ତ ଚଳାଇଛି।

**Classified Everyday**
**0674-2580101, 9692975378**



**MATRIMONIAL**
**GROOM WANTED**

Brahmin bride B.Tech (CET), Age-27 years, 5'7", Asst. Manager (SBI PO), father Sr. Class-1 Officer (Retd.) groom required Bank Officers, Engineers, Doctors (State/Central Govt. and PSU). Contact: 8280857693. D-2145

ବୟସ 28, Primary School Teacher ଭାବେ କାର୍ଯ୍ୟ କରୁଥିବା ସୁନ୍ଦରୀ ସୁଶୀଳ ବ୍ରାହ୍ମଣ ଝିଅଙ୍କ ପାଇଁ ବରପାତ୍ର ଆବଶ୍ୟକ। 9827160964. D-2179

Govt, ଚାକିରିଆ 58 ବୟସ୍କା, ଜାତିରେ Brahmin Unmrd ଏକାକୀ ରହୁଥିବା ଝିଅଙ୍କୁ Anycasteର ବରପାତ୍ର ଆବଶ୍ୟକ। 7873141286. D-2178

Beautiful Khandayat girl 24+ 5'5" MBA (Hyderabad) serving Tech Mahindra Hyderabad"Sunasansar" 9937512659. D-2188

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com



**REAL ESTATE**
**SALE**

ଭୁବନେଶ୍ୱର **NISER, IIT** କଟଣୀ ପାଖରେ ପ୍ରସ୍ତାବିତ **BDA 200ft** ରୋଡକୁ ଲାଗି **investment** ପ୍ଲଟ୍ ପୋଜେସନ ଥାଇ **Sqft.- 650/-, 850/-** ବିକ୍ରି ହେଉଛି- **9337166296.** D-1942

**Ready to move 1/2BHK flat for sale @ 18/24lakh at Gudiapokhari Bhubaneswar, Call- 9861642492.** D-2018

Gharabari bounded plot 10000sqft and 2400sqft for sale Adjecent to Meera's courtyard at kurunti, near kuranga footballfield, 200mtrs from Niali- Nakhara SH, Cuttack Sadar. Contact: 7008815552. D-76858

ପିତାପଲ୍ଲୀ ଛକ NH Side 60ft ରାସ୍ତାକୁ ଲାଗି ସଙ୍ଗେ ସଙ୍ଗେ ଘରକଲା ଭଳି ପ୍ଲଟ ପାଚେରି, ଇଲେକ୍ଟ୍ରିସିଟି ଥାଇ ମିଳୁଛି। **(owner)- 9090963952.** D-02

**3BHK Flats sale at Kalinganagar, Ghatikia, Bhubaneswar. Close to school, College and Hospital. Near to possession. For inquiry Call: 8260261992.** D-76860

Car washing Centre available on lease, Maruti Gypsy King, steel body for sale. Nayapali, Bhubaneswar. Contact No.- 9437637168. D-2184




The massage felt totally professional & comfortable at all times-7978109255. D-76495

**LOST**

ମୁଁ କ୍ଷମା ତରଙ୍ଗିନୀ ପୁହାଣ, ରେଭେନ୍ସା ବିଶ୍ୱବିଦ୍ୟାଳୟର ଛାତ୍ରୀ ଅଟେ। ମୋର ରୋଲ ନଂ- 11 D IS074 ବର୍ଷ 2014 ର ଛାତ୍ରୀ ଅଟେ। ମୋର ମୂଳ ଟିସି ଓ ଆଚରଣ ପ୍ରମାଣ ପତ୍ର ଯାହା ଉଇ ଦ୍ୱାରା ନଷ୍ଟ ହୋଇଯାଇଅଛି। ଧ-2187

**AFFIDAVIT**

I, Mitali Adhaikalam, W/o- Issac Selvom Adhaikalam, resident of Ainthapali, P.O./P.S.- Ainthapali, Dist.- Sambalpur- 768004, Odisha declare by this affidavit No.- 1344 date 25.08.2025 that now onwards I shall be known as Mitali Adaikalam, W/o- Issac Selvom Adaikalam for all future purposes. D-2181

By virtue of an affidavit sworn before the Executive Magistrate, Balangir, No.- 2185 date- 22.9.25, I, Hemraj Agrawal, R/o. At- Nirmala Sharee Centre, In front of Samaleswari Temple, Balangir, P.O./P.S./ Dist.- Balangir- 767001 (Odisha) declare that, I have changed my name from Hemaraj Agrawal to Hemraj Agrawal. Henceforth I shall be known as Hemraj Agrawal for all purposes.
Hemraj Agrawal
D-2182

By virtue of an affidavit sworn before the Executive Magistrate, Boudh, No.- 1384, date- 03/10/25. I, Susanta Naik, R/o- Village/P.O.- Butupali, P.S./Dist.- Boudh, Odisha, PIN- 762014, declare that I have changed my son's name from ADARSHA NAIK to ADARSH NAIK. Henceforth he shall be known as ADARSH NAIK for all purposes.
Susanta Naik
D-2183

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ପାକ୍ ସୀମାରେ ମୁତୟନ ହେବ ଏକେ-୬୩୦ ଏୟାର ଡିଫେନ୍ସ ଗନ୍

### ମିଶନ ସୁଦର୍ଶନ ଚକ୍ର

ନୂଆଦିଲ୍ଲୀ,୪।୧୦

ମିଶନ ସୁଦର୍ଶନ ଚକ୍ର ଅଧୀନରେ ଭାରତୀୟ ସେନା ରାଷ୍ଟ୍ରାୟତ୍ତ ଆଡଭାନ୍ସଡ ୱେପନ୍ ଆଣ୍ଡ ଇକ୍ୟୁପ୍‌ମେଣ୍ଟ ଇଣ୍ଡିଆ ଲିଃ(ଏଡବ୍ଲ୍ୟୁଇଆଇଏଲ୍) ଏକେ-୬୩୦ ଏୟାର ଡିଫେନ୍ସ ଗନ୍ କିଣିବା ପାଇଁ ଟେଣ୍ଡର ଜାରି କରିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସ୍ୱାଧୀନତା ଦିବସ ଭାଷଣରେ ମହତ୍ତ୍ୱାକାଂକ୍ଷୀ ଜାତୀୟ ସୁରକ୍ଷା ବ୍ୟବସ୍ଥା ସମ୍ପର୍କରେ ଘୋଷଣା କରିଥିଲେ। ୬ଟି ଏୟାର ଡିଫେନ୍ସ ଗନ୍ କିଣିବା ପାଇଁ ଏଡବ୍ଲ୍ୟୁଇଆଇଏଲ୍‌କୁ ପ୍ରସ୍ତାବ ଦିଆଯାଇଛି। ଏଥିରେ ୩୦ଏମ୍‌ଏମ୍ ମଲ୍ଟିବ୍ୟାରେଲ୍ ମୋବାଇଲ୍ ଏୟାର ଡିଫେନ୍ସ ଗନ୍ ସିଷ୍ଟମ୍ ରହିଛି, ଯାହାର ଫାୟାରିଂ ହାର ବହୁ ଅଧିକ। ଏହା ଶତ୍ରୁପକ୍ଷରୁ ମାନବବିହୀନ ବାୟୁଯାନ, ରକେଟ, କମାଣ ଓ ମୋର୍ଟାରକୁ ପ୍ରତିହତ କରିବାରେ ବ୍ୟବହାର କରାଯିବ। ପାକିସ୍ତାନ ସହ ରହିଥିବା ଅନ୍ତର୍ଜାତୀୟ ସୀମା ଏବଂ ନିୟନ୍ତ୍ରଣ ରେଖାରେ ମୁଖ୍ୟ ଜନବସତି ଅଞ୍ଚଳ ଓ ଧାର୍ମିକ କେନ୍ଦ୍ରଗୁଡ଼ିକର ସୁରକ୍ଷା ପାଇଁ ଏହାକୁ ବ୍ୟବହାର କରାଯିବ ବୋଲି ଜଣେ ପ୍ରତିରକ୍ଷା ଅଧିକାରୀ କହିଛନ୍ତି। ଏକ ଟ୍ରେଲରରେ ସ୍ଥାପନ ହେବାକୁ ଥିବା ଏହି ଗନ୍ ସିଷ୍ଟମ୍ ୪ କିଲୋମିଟର ରେଞ୍ଜ୍ ପର୍ଯ୍ୟନ୍ତ ଟାର୍ଗେଟ କରିପାରିବ ଏବଂ ମିନିଟ୍ ପ୍ରତି ୩,୦୦୦ ରାଉଣ୍ଡ ଫାୟାରିଂ କରିବ। ଇଲେକ୍ଟ୍ରୋ-ଅପ୍ଟିକାଲ ଫାୟାର କଣ୍ଟ୍ରୋଲ ସିଷ୍ଟମ୍ ଜରିଆରେ ଏହା ଶତ୍ରୁପକ୍ଷର ଡ୍ରୋନ୍ ଓ ମିଶାଇଲ୍‌କୁ ଚିହ୍ନଟ କରି ଏହାକୁ ପ୍ରତିହତ କରିବ।



**ମନେ ପଡ଼ନ୍ତି**

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ସ୍ୱ କୁନ୍ତଳା ବେହେରା**
ସ୍ୱାମୀ - ସ୍ୱ ଦୈତ୍ୟାରୀ ବେହେରା
୨୧୨୦, କଳ୍ପନା ଏରିଆ, ସବରସାହି ଲେନ୍, ଭୁବନେଶ୍ୱର
ଆଜି ଆପଣଙ୍କର ତ୍ରୟୋଦଶତମ ଶ୍ରାଦ୍ଧବାର୍ଷିକୀ ଅବସରରେ ଅମ୍ଳାନ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ବନ୍ଧୁ ଓ ପରିବାରବର୍ଗ
ଧ-୨୧୮୫

**ଚତୁର୍ଦ୍ଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତା ରୀତା ମହାନ୍ତି**
ମଙ୍ଗଳପୁର, ଜଗତ୍‌ସିଂହପୁର
ଆବିର୍ଭାବ: ୧୪।୦୪।୧୯୫୮
ତିରୋଧାନ: ୨୨।୦୯।୨୦୨୫
ମା' ତୋର ଅନାବିଳ ସ୍ନେହ, ଶ୍ରଦ୍ଧା, ତ୍ୟାଗ, ନିଷ୍ଠା ଓ ଆଦର୍ଶ ଆମ୍ଭମାନଙ୍କ ଜୀବନରେ ପାଥେୟ ହେଉ। ତୋ ପବିତ୍ର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ: ପୁତ୍ର- ମୁନୁ, ବାପି, ସୋନୁ, ପୁତ୍ରବଧୂ- ଲିଟିଲ, ମଧୁ, ଝିଅ- ରୋଜି, ଲିମା, ରିମା, ସୀମା, ନାତି ଓ ନାତୁଣୀ ଯଥା କ୍ରିଷ୍ଣାଷୀ, କ୍ରିଷାଙ୍ଗ, କାବ୍ୟା ଓ କାମ୍ୟା।
ଧ-୨୧୮୬

## ୟୁକ୍ରେନ୍ ରେଲଷ୍ଟେଶନରେ ରୁଷିଆର ଆକ୍ରମଣ: ୩୦ ମୃତ

କିଭ୍,୪।୧୦

ୟୁକ୍ରେନ୍‌ର ସୁମି ଅଞ୍ଚଳରେ ଥିବା ଏକ ରେଲଷ୍ଟେଶନ ଉପରେ ଶନିବାର ରୁଷିଆ ଡ୍ରୋନ୍ ଆକ୍ରମଣ କରିବାରୁ ଅନ୍ୟୂନ ୩୦ ଜଣଙ୍କ ମୃତ୍ୟୁ ଘଟିଛି। ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କି ଏଭଳି ଏୟାରଷ୍ଟ୍ରାଇକ୍‌କୁ ବର୍ବରତା ବୋଲି କହିଛନ୍ତି। ରେଲଷ୍ଟେଶନ ଏବଂ ଶୋସ୍ତକାରୁ କିଭ୍ ଯାଉଥିବା ଟ୍ରେନ୍‌କୁ ଟାର୍ଗେଟ କରି ରୁଷିଆ ଆକ୍ରମଣ କରିଥିଲା। ଏଥିରେ ଯାତ୍ରୀବାହୀ ଟ୍ରେନ୍‌ର କେତେକ ବଗି ଜଳିଯାଇଛି। ଶୁକ୍ରବାର ରାତିରୁ ୟୁକ୍ରେନ୍‌ର ପାୱାର ଗ୍ରୀଡ୍ ଉପରେ ରୁଷିଆ ଡ୍ରୋନ୍ ଓ ମିଶାଇଲ୍ ଆକ୍ରମଣ ଜାରି ରଖିଛି। ଏହାର ଦିନକ ପୂର୍ବରୁ ୟୁକ୍ରେନ୍‌ର ସର୍ବବୃହତ୍ ପ୍ରାକୃତିକ ଗ୍ୟାସ୍ ଫାସିଲିଟି ଉପରେ ମସ୍କୋ ସର୍ବବୃହତ୍ ଆକ୍ରମଣ କରିଥିଲା। ଚେର୍ନିହିଭ୍ ନିକଟ ବିଦ୍ୟୁତ୍ ଉତ୍ପାଦନ କେନ୍ଦ୍ର ଆକ୍ରମଣରେ କ୍ଷତିଗ୍ରସ୍ତ ହେବା ସହ ପ୍ରାୟ ୫୦ ହଜାର ପରିବାର ଅନ୍ଧାରରେ ରହିଛନ୍ତି।

## ଆମେରିକାରେ ଭାରତୀୟ ଛାତ୍ରଙ୍କୁ ଗୁଳିକରି ହତ୍ୟା

ଡଲାସ, ୪।୧୦

ଆମେରିକାର ଟେକ୍ସାସ୍ ରାଜ୍ୟ ଡଲାସ ସହରର ଏକ ଗ୍ୟାସ୍ ଷ୍ଟେଶନରେ କାର୍ଯ୍ୟରତ ଭାରତୀୟ ଛାତ୍ର ଚନ୍ଦ୍ରଶେଖର ପୋଲ (୨୮)ଙ୍କୁ ଶୁକ୍ରବାର ରାତିରେ ଜଣେ ଆତତାୟୀ ଗୁଳିକରି ହତ୍ୟା କରିଛନ୍ତି। ହାଇଦ୍ରାବାଦର ଚନ୍ଦ୍ରଶେଖର ଭାରତରେ ଡେଣ୍ଟାଲ ସର୍ଜରିରେ ଗ୍ରାଜୁଏଶନ କରିବା ପରେ ୨୦୨୩ରେ ଉଚ୍ଚଶିକ୍ଷା ପାଇଁ ଆମେରିକା ଯାଇଥିଲେ। ନିକଟରେ ସେ ଆମେରିକାରେ ନିଜ ମାଷ୍ଟର ଡିଗ୍ରୀ ପୂରା କରି ଏକ ପେଟ୍ରୋଲ ପମ୍ପରେ ପାର୍ଟଟାଇମ୍ କର୍ମଚାରୀ ଭାବେ କାର୍ଯ୍ୟ କରୁଥିଲେ। ଚନ୍ଦ୍ରଶେଖରଙ୍କ ମୃତଦେହକୁ ଆମେରିକାରୁ ହାଇଦ୍ରାବାଦ ଆଣିବା ପାଇଁ ତାଙ୍କ ପରିବାର ପକ୍ଷରୁ କେନ୍ଦ୍ର ସରକାରଙ୍କୁ ନିବେଦନ କରାଯାଇଛି। ସ୍ଥାନୀୟ ବିଧାୟକ ତଥା ତେଲଙ୍ଗାନାର ପୂର୍ବତନ ମନ୍ତ୍ରୀ ସୁଧୀର ରେଡ୍ଡୀ ଶନିବାର ଚନ୍ଦ୍ରଶେଖରଙ୍କ ଘରକୁ ଯାଇ ତାଙ୍କ ପରିବାର ସଦସ୍ୟଙ୍କୁ ଭେଟିଛନ୍ତି।

# ଇମୋଶନାଲ ଇଟିଂ

**ସାଧାରଣତଃ ମଣିଷ ଭୋକ ହେଲେ ଖାଦ୍ୟ ଖାଇଥାଏ। ହେଲେ ଯେବେ ମଣିଷର ମନ କୌଣସି କାରଣରୁ ଭାରାକ୍ରାନ୍ତ ଥାଏ ଅବା ଅବସାଦଗ୍ରସ୍ତ ଥାଏ, ତେବେ ଏହାକୁ ଶାନ୍ତ କରିବା ଲାଗି କେବେକେବେ ମନ ହାଇ କ୍ୟାଲୋରିଯୁକ୍ତ ଖାଦ୍ୟ ଖାଇବାକୁ ଇଚ୍ଛା ପ୍ରକାଶ କରିଥାଏ। ଡାକ୍ତରୀ ଭାଷାରେ ଏହାକୁ ଇମୋଶନାଲ ଇଟିଂ ବା ଷ୍ଟ୍ରେସ୍ ଇଟିଂ ବୋଲି କୁହାଯାଏ। ଯଥା ସମୟରେ ଏହି ଇଚ୍ଛାକୁ ନିୟନ୍ତ୍ରଣ କରା ନ ଗଲେ ଏହା ଅନ୍ୟ ଶାରୀରିକ ସମସ୍ୟାର କାରଣ ସାଜିପାରେ...**



କେବେ ପାଠପଢ଼ା ତ ଆଉ କେବେ ଚାକିରି, ପରିବାର କିମ୍ବା ପ୍ରେମ ବ୍ୟାପାରକୁ ନେଇ ଅନେକ ଯୁବତୀଯୁବକଙ୍କଠାରେ ଟେନ୍ସନ୍, ଷ୍ଟ୍ରେସ୍, ଡିପ୍ରେଶନ୍ ଭଳି ମାନସିକ ସ୍ଥିତି ଦେଖିବାକୁ ମିଳିଥାଏ। ଯେଉଁଥିରୁ ମୁକୁଳିବା ଲାଗି ଅନେକେ ଗୀତ ଶୁଣିବା, ମୁଭି ଦେଖିବା, ବୁଲିବାକୁ ଯିବା, ଗଛ ଲଗାଇବା, ଗପ କିମ୍ବା ଆଧ୍ୟାତ୍ମିକ ବହି ପଢ଼ିବା ଭଳି ବିଭିନ୍ନ ଷ୍ଟ୍ରେସ୍ ଫ୍ରି ଥେରାପି ଆପଣାଇଥା'ନ୍ତି। ହେଲେ ଏମିତିବି ଅନେକେ ଅଛନ୍ତି, ଯେଉଁମାନଙ୍କ ମସ୍ତିଷ୍କ ଏଭଳି ସ୍ଥିତି ବା ନକାରାତ୍ମକ ଭାବନା ଦୂରେଇବା ଲାଗି ବିଭିନ୍ନ ପ୍ରକାରର ହାଇ କ୍ୟାଲୋରିଯୁକ୍ତ ଖାଦ୍ୟ ଯଥା- ପେଷ୍ଟ୍ରୀ, ଆଇସ୍‌କ୍ରିମ୍, ମିଠା, ଚକୋଲେଟ୍, ଚିପ୍ସ କିମ୍ବା ଅନ୍ୟ ଜଙ୍କ୍ ଫୁଡ୍ ଖାଇବାର ଇଚ୍ଛା ପ୍ରକାଶ କରିଥାଏ। କେବେକେବେ ବହୁବାର ଚା କିମ୍ବା କଫି ପିଇବା ଦ୍ୱାରା ବି ସେମାନେ ରିଲାକ୍ସ ଫିଲ୍ କରିଥା'ନ୍ତି। ହେଲେ ଏଭଳି ହାଇ କ୍ୟାଲୋରିଯୁକ୍ତ ଖାଦ୍ୟପେୟ ଭୋକ ମେଣ୍ଟାଇବା ପାଇଁ ନୁହେଁ, ବରଂ ମାନସିକ ଆବଶ୍ୟକତାକୁ ପୂରଣ କରିବାରେ ସାହାଯ୍ୟ କରିଥାଏ, ଯାହାକୁ ଇମୋଶନାଲ୍ ଇଟିଂ ବା ଷ୍ଟ୍ରେସ୍ ଇଟିଂ ବୋଲି କୁହାଯାଇଥାଏ।

**ଉପୁଜାଏ ସ୍ୱାସ୍ଥ୍ୟ ସମସ୍ୟା:** ଷ୍ଟ୍ରେସ୍ ଥିବା ବେଳେ ମନକୁ ହାଲୁକା କରିବା ଲାଗି ଖାଉଥିବା ହାଇ କ୍ୟାଲୋରିଯୁକ୍ତ ଖାଦ୍ୟ ପରବର୍ତ୍ତୀ ସମୟରେ ମେଦବହୁଳତାର କାରଣ ସାଜିଥାଏ। ଏଭଳି ଖାଦ୍ୟରେ ଥିବା ଅଧିକ ଲୁଣ, ତେଲ, ମସଲା ଏବଂ ଫ୍ୟାଟ୍ ଶରୀରରେ ସୁଗାର୍, କୋଲେଷ୍ଟରଲ୍ ଏବଂ ବ୍ଲଡ୍‌ପ୍ରେସର ବଢ଼ାଇଥାଏ, ଯାହାକି ଧୀରେ ଧୀରେ ଅନ୍ୟାନ୍ୟ ଶାରୀରକ ସମସ୍ୟାର କାରଣ ସାଜିଥାଏ।



**ହର୍ମୋନାଲ୍ ପ୍ରଭାବ:** ଷ୍ଟ୍ରେସ୍ ଏବଂ କ୍ରେଭିଙ୍ଗ୍ ବା ଚିନ୍ତାରେ ଥିବା ବେଳେ ଏଭଳି ଖାଦ୍ୟ ପ୍ରତି ଆଗ୍ରହ ବଢ଼ିବା ମଧ୍ୟ ହର୍‌ମୋନ୍ ଅସନ୍ତୁଳନ କାରଣରୁ ହୋଇଥାଏ। କାରଣ ମଣିଷ ଯେତେବେଳେ ମାନସିକ ଚାପରେ ଥାଏ, ଶରୀରରେ କର୍ଟିସୋଲ୍ ନାମକ ଷ୍ଟ୍ରେସ୍ ହର୍‌ମୋନ ସ୍ତର ବୃଦ୍ଧି ପାଇଥାଏ। ଏହି ହର୍‌ମୋନ ଶରୀରରେ ଫାଇଟ୍ ମୋଡ୍ ସକ୍ରିୟ କରିଦିଏ। ମସ୍ତିଷ୍କ ଏହି ବିପଦର ସଂକେତ ପଠାଇବା ମାତ୍ରେ ଶରୀରକୁ ଏହା ସହ ଲଢ଼ିବାର କ୍ଷମତାକୁ ସକ୍ରିୟ କରିବା ଲାଗି ତତ୍‌କ୍ଷଣାତ୍ ଊର୍ଜା ଆବଶ୍ୟକ କରିଥାଏ। ତୁରନ୍ତ ଏହି ଊର୍ଜା ପାଇବା ଲାଗି ମସ୍ତିଷ୍କ ଏଭଳି ହାଇ କ୍ୟାଲୋରିଯୁକ୍ତ ଖାଦ୍ୟର ଡିମାଣ୍ଡ କରିଥାଏ, ଯାହାକୁ ଖାଇବା ପରେ ମସ୍ତିଷ୍କରେ ସେରୋଟୋନିନ୍ ନାମକ ହର୍‌ମୋନ୍‌ର ସ୍ତର ଅସ୍ଥାୟୀ ରୂପେ ବୃଦ୍ଧି ପାଇଥାଏ ; ଯାହାକୁ ଫିଲ୍ ଗୁଡ୍ ହର୍‌ମୋନ୍ ବୋଲି କୁହାଯାଇଥାଏ। ଏହାଦ୍ୱାରା ମନ ତୁରନ୍ତ ଷ୍ଟ୍ରେସ୍ ଫ୍ରି ଅନୁଭବ କରିଥାଏ। ଆଉ ଏହିସବୁ ମସ୍ତିଷ୍କ ମନେରଖିଦିଏ ଏବଂ ପରବର୍ତ୍ତୀ ସମୟରେ ପୁନର୍ବାର ଷ୍ଟ୍ରେସ୍ ଆସିଲେ ଫିଲ୍-ଗୁଡ୍ ବା ରିଲାକ୍ସ ଫିଲ୍ କରିବା ଲାଗି ଏଭଳି ଖାଦ୍ୟର ଡିମାଣ୍ଡ କରିଥାଏ।



**କିପରି ଚିହ୍ନିବେ:** ଭୋକ ଲାଗିବାବେଳେ ପାଟିକୁ ସ୍ୱାଦିଷ୍ଟ ଲାଗୁଥିବାରୁ ଏଭଳି ଖାଦ୍ୟ ଖାଇବାକୁ ଇଚ୍ଛା ହେଉଛି ନା ଭାରାକ୍ରାନ୍ତ ମନକୁ ରିଲାକ୍ସ କରିବା ଲାଗି ମସ୍ତିଷ୍କ ଏଭଳି ଖାଦ୍ୟର ଡିମାଣ୍ଡ କରୁଛି, ଏହା ମଧ୍ୟରେ ଥିବା ପାର୍ଥକ୍ୟ ଚିହ୍ନିବାକୁ ଚେଷ୍ଟା କରନ୍ତୁ।

- ପେଟର ଭୋକ ବା ଶାରୀରିକ ଭୋକ ଧୀରେ ଧୀରେ ବଢ଼ିଥାଏ ଏବଂ ଯେକୌଣସି ପୌଷ୍ଟିକ ଖାଦ୍ୟ ଖାଇବା ଦ୍ୱାରା ଏହା ଶାନ୍ତ ହୋଇଯାଏ। ଥରେ ପେଟ ଭରିଗଲେ ଆଉ ଖାଇବାକୁ ଇଚ୍ଛା ହୁଏ ନାହିଁ କିମ୍ବା ଖାଇବା ପରେ ଏହା କାହିଁକି ଖାଇଲି ଭଳି ଅପରାଧ ବୋଧ ଅନୁଭବ ହୁଏ ନାହିଁ।

- ହେଲେ ଅପରପକ୍ଷେ ଭାବନାତ୍ମକ ଭୋକ ବା ଇମୋଶନାଲ୍ ଇଟିଂ କ୍ରେଭିଙ୍ଗ୍ ହଠାତ୍ ଖୁବ୍ ଜୋର୍‌ରେ ବଢ଼ିଥାଏ ଏବଂ କୌଣସି ନିର୍ଦ୍ଦିଷ୍ଟ ଖାଦ୍ୟ ଖାଇବାର ଇଚ୍ଛାକୁ ତୀବ୍ର କରିଥାଏ, ଯାହାକି ପେଟ ଭରିଯିବା ପରେ ମଧ୍ୟ ଶାନ୍ତ ହୋଇ ନ ଥାଏ ଏବଂ ଅଜାଣତରେ ଅଧିକରୁ ଅଧିକ ଖାଇ ହୋଇଯାଏ। ପରେ ଯେବେ ଜାଣିହୁଏ ଏତେ କାହିଁକି ଖାଇଲି, ଏଭଳି ଖାଦ୍ୟ ଅଧିକ ଖାଇବାର ନ ଥିଲା ଭଳି ଭାବନା ଯୋଗୁ ନିଜକୁ ଖରାପ ଲାଗିଥାଏ।

**କିପରି ଦୂରାଇବେ:** କେଉଁ ଭାବନା ନିଜକୁ ଏଭଳି ଖାଦ୍ୟ ପ୍ରତି ପ୍ରେରିତ କରୁଛି, ତାହା ପ୍ରଥମେ ନିଜେ ଜାଣିବାକୁ ଚେଷ୍ଟା କରନ୍ତୁ। ଯେବେ କୌଣସି କାରଣ ପାଇଁ ଚିନ୍ତିତ ଅଛନ୍ତି ଅବା ମନ ଅବସାଦଗ୍ରସ୍ତ ଅଛନ୍ତି ଏବଂ ସେ ସମୟରେ କିଛି ଖାଇବାକୁ ଇଚ୍ଛା ହେଉଛି, ତେବେ ନ ଖାଇ କିଛି ସମୟ ବୁଲାବୁଲି କରନ୍ତୁ, ମ୍ୟୁଜିକ୍ ଶୁଣନ୍ତୁ, ସାଙ୍ଗସାଥୀଙ୍କ ସହ କଥା ହୁଅନ୍ତୁ। ଘରେ ହାଇ କ୍ୟାଲୋରିଯୁକ୍ତ ଖାଦ୍ୟ ରଖନ୍ତୁ ନାହିଁ। ରାତିରେ ଅଧିକ ସମୟ ଚେଇଁ ରହିବା ଏବଂ ଷ୍ଟ୍ରେସ୍ ଫ୍ରି ଫିଲ୍ କରିବା ଲାଗି ଚିପ୍ସ ଆଦି ଖାଇବାଠାରୁ ନିଜକୁ ନିବୃତ୍ତ ରଖନ୍ତୁ। କେଉଁ କଥା ପାଇଁ ଆପଣ ଚିନ୍ତିତ ରହୁଛନ୍ତି ତା'କୁ ଜାଣନ୍ତୁ ଏବଂ ଖାଦ୍ୟ ଦ୍ୱାରା କିଛି ସମୟ ପାଇଁ ଅସ୍ଥାୟୀ ଭାବେ ଏହି ଭାବନା ଦୂରେଇବା ବଦଳରେ ତାହାର ସ୍ଥାୟୀ ସମାଧାନ କରିବାକୁ ଚେଷ୍ଟା କରନ୍ତୁ। ଅତି କମ୍‌ରେ ୭-୮ ଘଣ୍ଟା ଶୁଅନ୍ତୁ। ମାନସିକ ଚିନ୍ତା, ଅବସାଦ ଆଦି ଠାରୁ ଦୂରେଇ ରହିବା ଲାଗି ଯୋଗ, ପ୍ରାଣାୟାମ, ଧ୍ୟାନ ଆଦି ସବୁଠୁ ଭଲ ମାଧ୍ୟମ। ତେଣୁ ପ୍ରତିଦିନ ଯୋଗ ବ୍ୟାୟାମ କରନ୍ତୁ, ଯାହାକି ଆପଣଙ୍କ ଷ୍ଟ୍ରେସ୍ ହର୍‌ମୋନ ନିୟନ୍ତ୍ରଣ କରିବା ସହ ଇମୋଶନାଲ୍ ଇଟିଂ ଇଚ୍ଛାକୁ କମ୍ କରିବ।



## ଜାଣନ୍ତୁ ଦୁନିଆ

# କରଣୀ ମାତା ମନ୍ଦିର



**ଭାରତରେ ଥିବା ବିଭିନ୍ନ ମନ୍ଦିର ଓ ଧାର୍ମିକସ୍ଥଳ ପଛରେ ଅନେକ ଚମତ୍କାରୀ କଥା ଏବଂ ପରମ୍ପରା ଲୁଚି ରହିଛି। ରାଜସ୍ଥାନର ବିକାନେର୍ ଜିଲାରେ ଥିବା କରଣୀ ମାତା ମନ୍ଦିର ମଧ୍ୟ ଏଭଳି କିଛି ନିଆରା ମାନ୍ୟତାକୁ ନେଇ ପୃଥିବୀ ପ୍ରସିଦ୍ଧ। ଜାଣିବା ଏହି ମନ୍ଦିର ସମ୍ପର୍କରେ କିଛି ରୋଚକ ତଥ୍ୟ...**

❖ଏହି ମନ୍ଦିର କରଣୀ ମାତାଙ୍କୁ ସମର୍ପିତ। କୁହାଯାଏ, ଚତୁର୍ଦ୍ଦଶ ଶତାବ୍ଦୀ ବେଳକୁ କରଣୀ ମାତା ନାମକ ଜଣେ ସନ୍ଥ ଥିଲେ ; ଯାହାଙ୍କୁ ମା' ଦୁର୍ଗାଙ୍କ ଅବତାର ବୋଲି ବିଶ୍ୱାସ କରାଯାଏ। ସେ ଜଣେ ତପସ୍ୱିନୀ ଭାବେ ଜୀବନ ବିତାଉଥିଲେ ଏବଂ ତାଙ୍କ ପାଖରେ ଅନେକ ଚମତ୍କାରୀ ଶକ୍ତି ଥିଲା। ତେଣୁ ସେବେଠୁ ତାଙ୍କୁ ମା'ଙ୍କ ଅବତାର ଭାବେ ପୂଜା କରାଯାଉଛି।

❖ଏହି ମନ୍ଦିରରେ ପ୍ରାୟ ୨୫ ହଜାରରୁ ଊର୍ଦ୍ଧ୍ୱ ମୂଷା ଅଛନ୍ତି, ଯାହାଙ୍କୁ ସ୍ଥାନୀୟ ଭାଷାରେ କାବା କୁହାଯାଏ। ମନ୍ଦିର ପରିସରରେ ଏମାନେ ସ୍ୱତନ୍ତ୍ର ଭାବେ ବୁଲିଥାନ୍ତି। ଶ୍ରଦ୍ଧାଳୁମାନେ ମା'ଙ୍କ ଦର୍ଶନ ପାଇଁ ଆସିଲେ ମୂଷାମାନଙ୍କୁ କ୍ଷୀର ଏବଂ ମିଠା ପ୍ରସାଦ ଖାଇବାକୁ ଦେଇଥାନ୍ତି, ଆଉ ସେହି ପ୍ରସାଦକୁ ଖୁବ୍ ପବିତ୍ର ବୋଲି ବିଶ୍ୱାସ କରାଯାଏ।

❖କିମ୍ବଦନ୍ତୀ ଅନୁସାରେ, ସେଠାରେ ଦେଖିବାକୁ ମିଳୁଥିବା ମୂଷାଙ୍କ ଭିତରେ ଥିବା ଧଳା ମୂଷାମାନେ ଅଧିକ ପବିତ୍ର, କାରଣ ଏହାଙ୍କୁ କରଣୀ ମାତାଙ୍କ ଅବତାର ବୋଲି ବିଶ୍ୱାସ କରାଯାଏ। ଯଦି କୌଣସି ଶ୍ରଦ୍ଧାଳୁଙ୍କୁ ଧଳା ମୂଷା ଦେଖିବାକୁ ମିଳିଯାଏ, ତେବେ ତାହା ସୌଭାଗ୍ୟର କଥା ହୋଇଥାଏ।

❖ସେଠାରେ ଥିବା ମୂଷାଙ୍କୁ ଜାଣିଶୁଣି କ୍ଷତି ପହଞ୍ଚାଇବା ତ ଦୂରର କଥା ଭୁଲ୍‌ବଶତଃ ଆଘାତ କଲେ ଗମ୍ଭୀର ପାପ ଲାଗେ ବୋଲି ଗ୍ରହଣ କରାଯାଇଥାଏ। ଭୁଲ୍‌ରେ ସୁଦ୍ଧା କୌଣସି ମୂଷାର ମୃତ୍ୟୁ ଯଦି ଭକ୍ତଙ୍କ ଦ୍ୱାରା ହୋଇଯାଏ, ତେବେ ଏହାର ପ୍ରାୟଶ୍ଚିତ୍ତ ନିମନ୍ତେ ମନ୍ଦିରରେ ଏକ ସୁନା ମୂଷା ଦାନ କରିବାକୁ ପଡ଼ିଥାଏ।



❖କୁହାଯାଏ, କରଣୀ ମାତାଙ୍କର ସବା ସାନ ପୁଅ ଲକ୍ଷ୍ମଣଙ୍କର ପାଣିରେ ବୁଡ଼ି ମୃତ୍ୟୁ ହୋଇଥିଲା। ତେଣୁ ସେ ଲକ୍ଷ୍ମଣ ସହିତ ତାଙ୍କ ବଂଶରେ ପୂର୍ବରୁ ମୃତ୍ୟୁବରଣ କରିଥିବା ଅନେକ ପୁତ୍ରଙ୍କୁ ଜୀବିତ କରିବା ପାଇଁ ଯମରାଜଙ୍କୁ ପ୍ରାଥନା କଲେ। ପ୍ରଥମେ ଯମ ଏକଥାରେ ରାଜି ହୋଇ ନ ଥିଲେ, ହେଲେ ପରବର୍ତ୍ତୀ ସମୟରେ ସେ କରଣୀମାତାଙ୍କୁ ଲକ୍ଷ୍ମଣ ସହ ଅନ୍ୟ ପୁଅମାନଙ୍କୁ ମୂଷା ରୂପରେ ପୁନର୍ଜନ୍ମ ଦେଇଥିଲେ। ସେବେଠୁ ସେହି ମନ୍ଦିରରେ ମୂଷା ରହିଆସୁଛନ୍ତି ଏବଂ ସେମାନଙ୍କର ଖାସ୍ ମହତ୍ତ୍ୱ ବି ରହିଛି।

❖ ୨୦ ଶତାବ୍ଦୀ ଆରମ୍ଭରେ ବିକାନେରର ମହାରାଜା ଗଙ୍ଗା ସିଂହ ଏହି ମନ୍ଦିର ନିର୍ମାଣ କରାଇଥିଲେ। ଏହାର ଦ୍ୱାରରେ ଚାନ୍ଦିର କବାଟ ଲଗାଯାଇଛି, ଯେଉଁଥିରେ ଦେବୀଙ୍କ ବିଷୟରେ ବିଭିନ୍ନ କଥା ଖୋଦିତ ରହିଛି। ଏହି ମନ୍ଦିରକୁ ଧଳା ମାର୍ବଲରେ ମୋଗଲ୍ ଶୈଳୀରେ ପ୍ରସ୍ତୁତ କରାଯାଇଛି।

## ଏ ସପ୍ତାହର ପ୍ରଶ୍ନ ?

୧- ନିକଟରେ ଆଗ୍ନେୟ ଉଦ୍‌ଗିରଣ ପାଇଁ ଚର୍ଚ୍ଚାରେ ଥିବା ବ୍ୟାରେନ୍ ଆଇସ୍‌ଲାଣ୍ଡ .......... ସମୁଦ୍ରରେ ଅବସ୍ଥିତ ?
୨- ଆଦି ଯୁବ ଫେଲୋଶିପ୍ ଏବଂ ଆଦି କର୍ମଜୀବୀ ଭଲ୍ୟୁଣ୍ଟିଅର୍ସ ପ୍ରୋଗ୍ରାମ୍ ............ ପକ୍ଷରୁ ଆରମ୍ଭ କରାଯାଇଛି ?
୩- ପୃଥିବୀର ସବୁଠୁ ବଡ଼ ସରକାରଙ୍କ ଦ୍ୱାରା ପାଣ୍ଠି ପ୍ରଦାନ କରାଯାଉଥିବା ହେଲ୍‌ଥ ଇନସ୍ୟୁରାନ୍ସ ସ୍କିମ୍ .............. ?
୪- ବିଦେଶରୁ ସାଇନ୍ସ ଆଣ୍ଡ ଟେକ୍ନୋଲୋଜି ଟ୍ୟାଲେଣ୍ଟଙ୍କୁ ଆକୃଷ୍ଟ କରିବା ଲାଗି ........... ଦେଶ 'କେ ଭିଜା' ନାମକ ଏକ ସ୍ୱତନ୍ତ୍ର ଭିଜା ଆରମ୍ଭ କରିଛି ?
୫- .......... ଖେଳରେ ଡିସିଜନ୍ ରେଫରାଲ୍ ସିଷ୍ଟମ୍ ବ୍ୟବହାର କରାଯାଏ ?

## ଗତ ଥରର ଉତ୍ତର

୧ ନ୍ୟାଶନାଲ୍ ମେରିଟାଇମ୍ ହେରିଟେଜ୍ କମ୍ପ୍ଲେକ୍ସ।
୨ ଇଣ୍ଡିଆନ୍ ନାଭାଲ୍ ଏୟାର ଷ୍ଟେଶନ୍
୩ ଇଣ୍ଡୋନେସିଆ
୪ ବାଲ୍‌ଟିକ୍ ସି
୫ ଚାଇନା

## ଉତ୍ତର ଦାତା


ପ୍ରଦୀପ କୁମାର ନାଏକ, ବଲାଙ୍ଗୀର


ନିର୍ବିକଳ୍ପ ନାଥ ଘଣ୍ଟେଶ୍ୱର


ମାନସ ପଟ୍ଟନାୟକ, ଭୁବନେଶ୍ୱର

## ଟପ୍ ଟେନ୍ ୧୦

### ପୃଥିବୀର ଦାମୀ ପାଣି ବୋତଲ



୧ .......... ଆକ୍ୱା ଡି କ୍ରିଷ୍ଟାଲୋ ଟ୍ରିବ୍ୟୁଟୋ ଏ ମୋଡିଗ୍ଲିଆନି
୨ .......... ଫିଲିକୋ ଜୁଏଲେରି ୱାଟର
୩ .......... ବେଭର୍ଲୀ ହିଲ୍ସ 90H2O ଡାଇମଣ୍ଡ ଏଡିଶନ୍
୪ .......... ବ୍ଲିଙ୍ଗ୍ H2O
୫ .......... ସାଲ୍‌ବାରୋଇ ପୋଲାର ଆଇସ୍‌ବର୍ଗ ୱାଟର
୬ .......... ଓ ଆମାଜନ୍
୭ .......... ଉସ୍‌ଜେ ସୋର୍ସ
୮ .......... ମାଇନସ୍ ୧୮୧
୯ .......... ବର୍ଗ
୧୦ .......... ବିଏଲ୍‌ଭିଡି

## ଯୁବ ପ୍ରତିଭା
# ପାଠ ସହିତ ଖେଳ ଓ ଗୀତରେ ମାହିର ବିଷ୍ଣୁପ୍ରିୟା

ବେଶଭୂଷା ପରିପାଟୀରେ ପୁଅଙ୍କ ପରି ଦିଶୁଥିଲେ ହେଁ କଣ୍ଠରୁ ଶୁଭେ ସୁଲଳିତ ସ୍ୱର । କେବଳ ସଙ୍ଗୀତ ନୁହେଁ, ଖେଳ ସହିତ ପାଠରେ ମଧ୍ୟ ସେ ବେଶ୍ ଆଗୁଆ । ଝିଅମାନେ ସମସ୍ତେ ସ୍କୁଟି ଚଳାଇ ପାରିବେ, କିନ୍ତୁ ବାଇକ୍ ଚଳାଇବାର ମଜା କିଛି ନିଆରା ବୋଲି କହୁଥିବା ଯୁବତୀ ହେଉଛନ୍ତି ବାଲେଶ୍ୱର ଜିଲା ସିମୁଳିଆ ବ୍ଲକ ମାର୍କୋଣା ପଞ୍ଚାୟତ ରିଆ ଅଞ୍ଚଳର ଗୀତାରାଣୀ ଓ ଗୋପାଳ ପ୍ରସାଦ ସାହୁଙ୍କ ବଡ଼ଝିଅ ବିଷ୍ଣୁପ୍ରିୟା।

ଉଭୟ ମା' ଓ ବାପା ପେସାରେ ଶିକ୍ଷକ। ପିଲାବେଳୁ ବିଷ୍ଣୁପ୍ରିୟାଙ୍କ ଗୀତ ଗାଇବା ପ୍ରତି ଆଗ୍ରହ ଦେଖି ସେମାନେ ସମସ୍ତ ପ୍ରୋତ୍ସାହନ ଯୋଗାଇ ଦେଇଥିଲେ। ପଞ୍ଚମ ଶ୍ରେଣୀରୁ ବିଷ୍ଣୁପ୍ରିୟା ବିଭିନ୍ନ ମଞ୍ଚରେ ଗୀତ ଗାଇବା ଆରମ୍ଭ କରିଥିଲେ । ନିଜ ଆଖପାଖରେ ଅନୁଷ୍ଠିତ ଉତ୍ସବରେ ଗୀତ ଗାଇବା ପାଇଁ ମା' ତାଙ୍କୁ ସାଙ୍ଗରେ ନେଇଯାଉଥିଲେ । ପରେ ଲୋକମାନଙ୍କ ପ୍ରଶଂସା ତାଙ୍କୁ ଗାଇବାର ପ୍ରେରଣା ଯୋଗାଇଥିଲା। ୨୦୨୪ରେ ସିମୁଳିଆ କଲେଜରୁ ଯୁକ୍ତତିନି ପାସ୍ କରିବା ପରେ ସେ ଏବେ ଶିକ୍ଷକତା କରିବା ପାଇଁ ତୁଡିଗଡିଆ ସିଟି ସ୍କୁଲରେ ପାଠ ପଢୁଛନ୍ତି। ଶିକ୍ଷକତାକୁ ଜୀବନର ବ୍ରତ ରଖିଥିବା ବେଳେ ସିନେମାରେ ପ୍ଲେ ବ୍ୟାକ୍ ସିଙ୍ଗର ହେବା ଲକ୍ଷ୍ୟ ବୋଲି ସେ ପ୍ରକାଶ କରନ୍ତି। ମା' ତାଙ୍କର ପ୍ରଥମ ସଙ୍ଗୀତ ଗୁରୁ ହୋଇଥିବା ବେଳେ କଣ୍ଠଶିଳ୍ପୀ ସ୍ନେହଲତା ବେହେରାଙ୍କଠାରୁ ସେ ସଙ୍ଗୀତ ଶିକ୍ଷା କରୁଛନ୍ତି। ରକ୍ ପ୍ୟାଟର୍ନ ସଙ୍ଗକୁ ଅଧିକ ଭଲ ପାଉଥିବା ବିଷ୍ଣୁପ୍ରିୟା ସିମୁଳିଆ ଓ ସୋର ମହୋତ୍ସବ ସମେତ ଜି-ସାର୍ଥକ ସିଜିନ ଫୋର୍ 'ମୁଁ ବି ନମିତା ଅଗ୍ରୱାଲ ହେବି'ରେ ଦ୍ୱିତୀୟ ବିଜେତା, ତରଙ୍ଗରେ ପ୍ରସାରିତ ଆମ ଗାଁର ସ୍ୱରରେ ବିଜେତା ମଧ୍ୟ ହୋଇ ପାରିଛନ୍ତି। ସେ ଜି-ସାର୍ଥକରେ ପ୍ରସାରିତ ସାରେଗାମାପା ଲିଟିଲ ଚାମ୍ପ୍ସ ଏବଂ ଭଏସ୍ ଅଫ୍ ଓଡ଼ିଶା ଜୁନିୟର ବିଭାଗରେ ନିଜର କଣ୍ଠସ୍ୱରରେ ଦର୍ଶକଙ୍କ ହୃଦୟ ଜିଣି ପାରିଛନ୍ତି। ତେବେ କେବଳ ଏତିକି ନୁହେଁ, ବିଭିନ୍ନ ସ୍ଥାନରେ ସଙ୍ଗୀତ ପରିବେଷଣ କରି ସେ ଶହେରୁ ଊର୍ଦ୍ଧ୍ୱ ସାର୍ଟିଫିକେଟ୍ ଏବଂ ପୁରସ୍କାର ପାଇଛନ୍ତି। ଅଭିନେତା ତଥା କଣ୍ଠଶିଳ୍ପୀ ବାବୁସାନ ମହାନ୍ତି ଏବଂ ନମିତା ଅଗ୍ରୱାଲଙ୍କୁ ସେ ନିଜର ପସନ୍ଦର କଣ୍ଠଶିଳ୍ପୀ ରୂପେ ମାନନ୍ତି। ସେ କେବଳ ସଂଗୀତ କ୍ଷେତ୍ରରେ ନୁହେଁ, କ୍ରୀଡ଼ା କ୍ଷେତ୍ରରେ ମଧ୍ୟ ସେ ନିଜର ପାରଦର୍ଶିତା ପ୍ରଦର୍ଶନ କରିସାରିଛନ୍ତି ଏବଂ ଜଣେ ମେଧାବୀ ଛାତ୍ରୀ ମଧ୍ୟ। ସେ ଜିଲା ଓ ରାଜ୍ୟସ୍ତରୀୟ କବାଡ଼ି ପ୍ରତିଯୋଗିତାରେ ମଧ୍ୟ ଅଂଶ ଗ୍ରହଣ କରି ପୁରସ୍କୃତ ହୋଇଛନ୍ତି। ତେବେ ଅନ୍ୟମାନଙ୍କଠାରୁ ଡିଫରେଣ୍ଟ ଦେଖାଯିବା ଆଳରେ ସର୍ବଦା ପୁଅ ପିଲାଙ୍କ ପରି ହେୟାର ଷ୍ଟାଇଲ ଓ ପୋଷାକ ପିନ୍ଧିବାକୁ ସେ ପସନ୍ଦ କରନ୍ତି। ବର୍ତ୍ତମାନ ସମୟରେ ଯୁବପିଢ଼ିଙ୍କ ପସନ୍ଦକୁ ଦୃଷ୍ଟିରେ ରଖି ଗୀତ ସୃଷ୍ଟି ହେବା ଆବଶ୍ୟକ ଓ ସଂଗୀତ କ୍ଷେତ୍ରରେ କ୍ୟାରିୟର ଗଢ଼ିବା ଲାଗି ଅନେକ ସୁଯୋଗ ରହିଥିବାରୁ ଏଥିପ୍ରତି ଆଗ୍ରହୀ ପିଲାମାନେ ଛୋଟବେଳୁ ସଙ୍ଗୀତ ସାଧନା କଲେ ଏ କ୍ଷେତ୍ରରେ ବହୁତ ଆଗକୁ ଯାଇପାରିବେ ବୋଲି ସେ ମତବ୍ୟକ୍ତ କରନ୍ତି।



**- ସନ୍ତୋଷ ନାୟକ**

ଧରିତ୍ରୀ 51 Years
ଧରିତ୍ରୀ DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୨ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ରବିବାର, ୫ ଅକ୍ଟୋବର, ୨୦୨୫ Bhubaneswar, Sunday, 5 October, 2025


# ଭାରତର ଇନିଂସ ବିଜୟ

## ପ୍ରଥମ ଟେଷ୍ଟ: ୩ ଦିନରେ ୱେଷ୍ଟଇଣ୍ଡିଜ ପରାସ୍ତ

## ରବୀନ୍ଦ୍ର ଜାଡେଜା ପ୍ଲେୟର ଅଫ୍ ଦି ମ୍ୟାଚ

**ଅହମଦାବାଦ, ୪।୧୦**

ଭାରତ ଓ ୱେଷ୍ଟଇଣ୍ଡିଜ ମଧ୍ୟରେ ଏଠାରେ ଅନୁଷ୍ଠିତ ପ୍ରଥମ କ୍ରିକେଟ ଟେଷ୍ଟ ୩ ଦିନରେ ଶେଷ ହୋଇଛି। ଉଭୟ ବ୍ୟାଟିଂ ଓ ବୋଲିଂରେ ଫେଲ୍ ମାରିଥିବା ୱେଷ୍ଟଇଣ୍ଡିଜକୁ ଭାରତ ଏକ ଇନିଂସ ଓ ୧୪୦ ରନରେ ପରାସ୍ତ କରିଛି। ଅଲ୍ ରାଉଣ୍ଡ ପ୍ରଦର୍ଶନ ପାଇଁ ରବୀନ୍ଦ୍ର ଜାଡେଜା (୧୦୪* ରନ, ୪/୫୪) ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଛନ୍ତି। ଭାରତ ଏହି ଟେଷ୍ଟରୁ ୱାର୍ଲ୍ଡ ଟେଷ୍ଟ ଚାମ୍ପିୟନଶିପ୍ ଲାଗି ୧୨ ପଏଣ୍ଟ ହାସଲ କରିଥିବାବେଳେ ୨ ମ୍ୟାଚ ବିଶିଷ୍ଟ ସିରିଜରେ ୧-୦ରେ ଅଗ୍ରଣୀଲାଭ କରିଛି।

ତୃତୀୟ ଦିବସ ସକାଳେ ଭାରତ ଦ୍ୱିତୀୟ ଦିବସର ଅସମାପ୍ତ ସ୍କୋର ୪୪୮/୫ରେ ହିଁ ଇନିଂସ ଘୋଷଣା କରିଥିଲା। ତେବେ ପ୍ରଥମ ଇନିଂସ ପରି ଦ୍ୱିତୀୟ ଇନିଂସରେ ମଧ୍ୟ ୱେଷ୍ଟଇଣ୍ଡିଜ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ୧୪୬ ରନରେ ଅଲ୍ଆଉଟ ହୋଇଯାଇଥିଲା। ଭ୍ରମଣକାରୀ ଦଳର ଇନିଂସ ମାତ୍ର ୪୫.୧ ଓଭର ତିଷ୍ଠି ଥିବାବେଳେ ଆଲିକ ଆଥାନାଜେ ସର୍ବାଧିକ ୩୮ ରନ କରିବାକୁ ସକ୍ଷମ ହୋଇଥିଲେ। ଭାରତୀୟ ବୋଲରଙ୍କ ମଧ୍ୟରେ ଜାଡେଜା ୪ଟି, ମହମ୍ମଦ ସିରାଜ ୩ଟି, କୁଲଦୀପ ଯାଦବ ୨ଟି ଏବଂ ୱାଶିଂଟନ ସୁନ୍ଦର ଗୋଟିଏ ଉଇକେଟ ନେଇ ୱେଷ୍ଟଇଣ୍ଡିଜର ବ୍ୟାଟିଂ ବିପର୍ଯ୍ୟୟ ଘଟାଇଥିଲେ। ଭାରତ ଓ ୱେଷ୍ଟଇଣ୍ଡିଜ ମଧ୍ୟରେ ଟେଷ୍ଟରେ ମୋଟ ୧୭ଟି ଇନିଂସ ବିଜୟ ଦେଖିବାକୁ ମିଳିଛି। ବିଂଶ ଶତାବ୍ଦୀରେ ୱେଷ୍ଟଇଣ୍ଡିଜ ୯ ଥର ଇନିଂସ ବିଜୟୀ ହୋଇଥିବାବେଳେ ଏକବିଂଶ ଶତାବ୍ଦୀରେ ଭାରତ ଅବଶିଷ୍ଟ ୮ ଥର ଯାକ ଇନିଂସ ବିଜୟ ହାସଲ କରିଛି। ଏଥିରୁ ଟେଷ୍ଟ କ୍ରିକେଟରେ ୱେଷ୍ଟଇଣ୍ଡିଜର ପତନ ସ୍ପଷ୍ଟ ବାରି ହୋଇପଡୁଛି। ଗତ ୧୫ଟି ଇନିଂସରେ ୱେଷ୍ଟଇଣ୍ଡିଜ ମାତ୍ର ୨ ଥର ୨୦୦ ରନ ଅତିକ୍ରମ କରିବାକୁ ସକ୍ଷମ ହୋଇଛି।



ଉଇକେଟ ନେବାପରେ ଉଲ୍ଲସିତ ମହମ୍ମଦ ସିରାଜ।



ରବୀନ୍ଦ୍ର ଜାଡେଜା (ଡାହାଣ)ଙ୍କୁ ଅଧିନାୟକ ଶୁବମନ ଗିଲ୍ଙ୍କ ବଧେଇ।

ଭାରତ ମାଟିରେ ୱେଷ୍ଟଇଣ୍ଡିଜ ଗତ ୫ଟି ଯାକ ଟେଷ୍ଟରେ ପରାଜିତ ହୋଇଛି। ସବୁଯାକ ମ୍ୟାଚ ତୃତୀୟ ଦିବସରେ ହିଁ ଶେଷ ହୋଇଛି। ଏଥିରୁ ଭାରତ ୪ଟିରେ ଇନିଂସ ବିଜୟ ଏବଂ ଗୋଟିଏରେ ୧୦ ଉଇକେଟରେ ବିଜୟ ହାସଲ କରିଛି।

ଏହାକୁ ମିଶାଇ ଘରୋଇ ମାଟିରେ ଜାଡେଜା ସର୍ବାଧିକ ୧୦ ଥର ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ଜିତିବାର ସୌଭାଗ୍ୟ ଅର୍ଜନ କରିଛନ୍ତି। ଅନିଲ କୁମ୍ବଲେ ୯ ଏବଂ ବିରାଟ କୋହଲି ଓ ସଚିନ ତେନ୍ଦୁଲକର ୮ ଥର ଲେଖାଏ ଏହି ସଫଳତା ପାଇଛନ୍ତି। ଓଭରଅଲ୍ ସଚିନ ସର୍ବାଧିକ ୧୪ଥର ପ୍ଲେୟର ଅଫ୍ ଦି ମ୍ୟାଚ ହୋଇଛନ୍ତି। ରାହୁଲ ଦ୍ରାବିଡ ଓ ଜାଡେଜା ୧୧ଥର ଏବଂ ରବିଚନ୍ଦ୍ରନ ଅଶ୍ୱିନ ଓ କୋହଲି ୧୦ ଥର ଲେଖାଏ ଏହି ସଫଳତା ପାଇଛନ୍ତି।

### ସଂକ୍ଷିପ୍ତ ସ୍କୋର

ୱେଷ୍ଟଇଣ୍ଡିଜ ପ୍ରଥମ ଇନିଂସ: ୧୬୨/ଅଲ୍ଆଉଟ। ଭାରତ ପ୍ରଥମ ଇନିଂସ: ୪୪୮/୫ (ଘୋଷଣା)। ୱେଷ୍ଟଇଣ୍ଡିଜ ଦ୍ୱିତୀୟ ଇନିଂସ: ୧୪୬/ଅଲ୍ଆଉଟ (ଆଲିକ ଆଥାନାଜେ-୩୮, ରବୀନ୍ଦ୍ର ଜାଡେଜା-୪/୫୪, ମହମ୍ମଦ ସିରାଜ-୩/୩୧, କୁଲଦୀପ ଯାଦବ-୨/୨୩, ୱାଶିଂଟନ ସୁନ୍ଦର-୧/୧୮)।

# ଭାରତୀୟ ଦିନିକିଆ ଦଳରେ ବଡ଼ ପରିବର୍ତ୍ତନ

## ଜାଡେଜା ବାଦ୍, ନଜରରେ ରୋହିତ-କୋହଲି

**ଅହମଦାବାଦ,୪।୧୦(ପି.ଟି.)**

ଯୁବ ବ୍ୟାଟର ଶୁବମନ ଗିଲ୍ ଭାରତୀୟ ଦିନିକିଆ କ୍ରିକେଟ ଦଳର ଅଧିନାୟକ ରୋହିତ ଶର୍ମାଙ୍କ ସ୍ଥାନ ନେଇଛନ୍ତି। ଆସନ୍ତା ୧୯ ତାରିଖରୁ ଅଷ୍ଟ୍ରେଲିଆରେ ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ୍ ଓ ପରେ ୫ ମ୍ୟାଚ୍ ବିଶିଷ୍ଟ ଟି୨୦ ସିରିଜ୍ ଖେଳାଯିବ। ଉଭୟ ସିରିଜ୍ ଲାଗି ଶନିବାର ଭାରତୀୟ ଦଳ ଘୋଷଣା କରାଯାଇଛି। ଶ୍ରେୟସ ଆୟରଙ୍କୁ ଦିନିକିଆ ଦଳର ଉପ ଅଧିନାୟକ ଦାୟିତ୍ୱ ଦିଆଯାଇଥିବା ବେଳେ ରୋହିତ ଓ ବିରାଟ କୋହଲି ଦଳରେ ସ୍ଥାନ ବଜାୟ ରଖିଛନ୍ତି। ଦୁଇ ଷ୍ଟାର ବ୍ୟାଟର ଟେଷ୍ଟ ଓ ଟି୨୦ ଫର୍ମାଟରୁ ଅବସର ନେଇସାରିଛନ୍ତି। ପ୍ରିମିୟର ପେସର ଯଶପ୍ରୀତ ବୁମରାଙ୍କୁ ଦିନିକିଆ ସିରିଜରୁ ବିଶ୍ରାମ ଦିଆଯାଇଥିବା ବେଳେ ଯୁବ ଓପନର ଯଶସ୍ୱୀ ଜୟସ୍ୱାଲ ଦିନିକିଆ ଦଳରେ ସ୍ଥାନ ପାଇଛନ୍ତି। ଅନ୍ୟପକ୍ଷରେ ଭେଟେରାନ ଅଲରାଉଣ୍ଡର ରବୀନ୍ଦ୍ର ଜାଡେଜା ଦିନିକିଆ ଦଳରୁ ବାଦ୍ ପଡ଼ିଛନ୍ତି। ନିକଟରେ ଶେଷ ହୋଇଥିବା ଏସିଆ କପ୍ରେ ଆହତ ସମସ୍ୟାର ସମ୍ମୁଖୀନ ହୋଇଥିବା ହାର୍ଦ୍ଦିକ ପାଣ୍ଡ୍ୟାଙ୍କୁ ଉଭୟ ଦିନିକିଆ ଓ ଟି୨୦ ଦଳରୁ ବାଦ୍ ଦିଆଯାଇଛି। ତାଙ୍କ ଅନୁପସ୍ଥିତିରେ ନୀତୀଶ କୁମାର ରେଡ୍ଡୀଙ୍କୁ ଦଳରେ ସାମିଲ କରାଯାଇଛି। ଏହା ବ୍ୟତୀତ ଏସିଆ କପ୍ ଜିତିଥିବା ଟି୨୦ ଦଳରେ ବିଶେଷ କୌଣସି ପରିବର୍ତ୍ତନ କରାଯାଇ ନାହିଁ। ଦିନିକିଆ ସିରିଜ୍ର ୩ ମ୍ୟାଚ୍ ଯଥାକ୍ରମେ ସିଡ୍ନୀ, ଆଡିଲେଡ୍ ଓ ମେଲବୋର୍ନରେ ଖେଳାଯିବ।

### ଭାରତୀୟ ଦିନିକିଆ ଦଳ

ଶୁବମନ ଗିଲ (ଅଧିନାୟକ), ରୋହିତ ଶର୍ମା, ବିରାଟ କୋହଲି, ଶ୍ରେୟସ ଆୟର (ଉପ ଅଧିନାୟକ), ଅକ୍ଷର ପଟେଲ, ଲୋକେଶ ରାହୁଲ (ଉଇକେଟ କିପର), ନୀତୀଶ କୁମାର ରେଡ୍ଡୀ, ୱାଶିଂଟନ ସୁନ୍ଦର, କୁଲଦୀପ ଯାଦବ, ହର୍ଷିତ ରାଣା, ମହମ୍ମଦ ସିରାଜ, ଅର୍ଶଦୀପ ସିଂ, ପ୍ରସିଦ୍ଧ କ୍ରିଷ୍ଣା, ଧ୍ରୁବ ଜୁରେଲ (ଉଇକେଟ କିପର), ଯଶସ୍ୱୀ ଜୟସ୍ୱାଲ।



ରୋହିତ ଶର୍ମା ବିରାଟ କୋହଲି

## 'ଜାଡେଜା ଦିନିକିଆ ଯୋଜନାରେ ଅଛନ୍ତି'

ସ୍ପିନ ବୋଲିଂ ଅଲରାଉଣ୍ଡର ରବୀନ୍ଦ୍ର ଜାଡେଜା ଅଷ୍ଟ୍ରେଲିଆ ବିପକ୍ଷ ଦିନିକିଆ ସିରିଜ୍ ଲାଗି ଘୋଷିତ ଭାରତୀୟ ଦଳରୁ ବାଦ୍ ପଡ଼ିଛନ୍ତି। ହେଲେ ସେ ଏବେ ଭାରତୀୟ ଦିନିକିଆ ଦଳର ଯୋଜନାରେ ରହିଥିବା ଏବଂ ତାଙ୍କୁ ଅଷ୍ଟ୍ରେଲିଆର କଣ୍ଡିଶନକୁ ଦୃଷ୍ଟିରେ ରଖି ଦଳରୁ ବାଦ୍ ଦିଆଯାଇଥିବା ମୁଖ୍ୟ ଚୟନକର୍ତ୍ତା ଅଜିତ ଅଗରକର ଶନିବାର କହିଛନ୍ତି।

ଅଷ୍ଟ୍ରେଲିଆରେ ଚୂଡ଼ାନ୍ତ ଏକାଦଶରେ ଦୁଇ ବାମହାତୀ ସ୍ପିନରଙ୍କୁ ଖେଳାଇବା ଅସମ୍ଭବ। କିନ୍ତୁ ଜାଡେଜା ସମ୍ପୂର୍ଣ୍ଣ ଭାବେ ଦିନିକିଆ ଦଳର ଯୋଜନାରେ ଅଛନ୍ତି। ତାଙ୍କୁ ଦଳରେ ସ୍ଥାନ ପାଇବା ପାଇଁ ପ୍ରତିଦ୍ୱନ୍ଦ୍ୱିତାର ସମ୍ମୁଖୀନ ହେବାକୁ ପଡ଼ିବ। ସେ ଚାମ୍ପିୟନ୍ସ ଟ୍ରଫି ଦଳରେ ଥିଲେ। କାରଣ ସେଠାକାର କଣ୍ଡିଶନକୁ ଦେଖି ଆମେ ଅତିରିକ୍ତ ସ୍ପିନରଙ୍କୁ ଦଳରେ ସାମିଲ କରିଥିଲୁ। କିନ୍ତୁ ଅଷ୍ଟ୍ରେଲିଆ ଟୁର ଲାଗି ଦଳରେ ସନ୍ତୁଳନ ରକ୍ଷା କରିବା ପାଇଁ ଆମେ ଦଳରେ କେବଳ ଜଣେ ବାମହାତୀ ସ୍ପିନରଙ୍କୁ ସାମିଲ କରିପାରିବୁ। ଦଳରେ ୱାଶିଂଟନ ସୁନ୍ଦର ଓ କୁଲଦୀପ ଯାଦବ ସ୍ଥାନ ପାଇଛନ୍ତି। ମୋ ମତରେ ଭାରତୀୟ ଦଳକୁ ଆଉ ସ୍ପିନରର ଆବଶ୍ୟକତା ନାହିଁ। କିନ୍ତୁ ଜାଡେଜା ଆମ ପାଇଁ ଗୁରୁତ୍ୱପୂର୍ଣ୍ଣ; କାରଣ ସେ ଦଳ ପାଇଁ ପ୍ରତ୍ୟେକ ବିଭାଗରେ ବ୍ୟାଟ, ବଲ ଓ ଫିଲ୍ଡିଂରେ ଭଲ ପ୍ରଦର୍ଶନ କରିଛନ୍ତି ବୋଲି ଅଗରକର ଦଳ ଘୋଷଣା ଲାଗି ଆୟୋଜିତ ଖବରଦାତା ସମ୍ମିଳନୀରେ କହିଛନ୍ତି।

### ଭାରତୀୟ ଟି୨୦ ଦଳ

ସୂର୍ଯ୍ୟକୁମାର ଯାଦବ (ଅଧିନାୟକ), ଅଭିଷେକ ଶର୍ମା, ଶୁବମନ ଗିଲ୍ (ଉପ ଅଧିନାୟକ), ତିଲକ ବର୍ମା, ନୀତୀଶ କୁମାର ରେଡ୍ଡୀ, ଶିବମ ଦୁବେ, ଅକ୍ଷର ପଟେଲ, ଜିତେଶ ଶର୍ମା, ବରୁଣ ଚକ୍ରବର୍ତ୍ତୀ, ଯଶପ୍ରୀତ ବୁମରା, ଅର୍ଶଦୀପ ସିଂ, ହର୍ଷିତ ରାଣା, କୁଲଦୀପ ଯାଦବ, ସଞ୍ଜୁ ସାମସନ (ଉଇକେଟ କିପର), ରିଙ୍କୁ ସିଂ ଓ ୱାଶିଂଟନ ସୁନ୍ଦର।







Printed and Published by Adyasha Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ